# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଡିସେମ୍ବର ୬/୨୦୧୮ (୧୬ ପୃଷ୍ଠା ) Sambalpur, Thursday, December 6/ 2018 ★★

୧୪ଶ ଭାଗ ୩୪୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ପ୍ରିୟଙ୍କା**
ନବବିବାହିତ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ତାଙ୍କ ୱେଡିଂ ରିସେପ୍‌ଶନ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି।

୦୯ ୧୩

**ଏନ୍‌ବିଏଫ୍‌ସିଙ୍କ ଲାଗି ଆର୍‌ବିଆଇ ପଦକ୍ଷେପ ନେଇଛି**
ଏନ୍‌ବିଏଫସିଙ୍କ ଲାଗି ଆର୍‌ବିଆଇ ପଦକ୍ଷେପ ନେଇଛି। ଆଉ ଅଧିକ ପଦକ୍ଷେପ ନେବାର ଆବଶ୍ୟକତା ନାହିଁ ବୋଲି ଡେପୁଟି ଗଭର୍ନର ବିରଲ ଆଚାର୍ଯ୍ୟ କହିଛନ୍ତି।



ଆପଣଙ୍କ ଏହି କପି ସହିତ ପାଇବେ ମନ ମିଜାଜ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ହକି ବିଶ୍ୱକପ୍ — ଫଳାଫଳ**




**ବୁଧବାର**
ପ୍ରଥମ ମ୍ୟାଚ
ଜର୍ମାନୀ -୪
ନେଦରଲାଣ୍ଡ-୧
ଦ୍ୱିତୀୟ ମ୍ୟାଚ
ପାକିସ୍ତାନ-୧
ମାଲେସିଆ-୧

**ଆଜିର ସମ୍ପାଦକୀୟ**
ଜୀବହତ୍ୟା ଓ ଭୂମିକମ୍ପ

**ଆଜିର ମନ୍ତବ୍ୟ**
"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜକୁ ମହାନ୍ ପ୍ରମାଣିତ କରିବା ପାଇଁ ପଟେଲ ଓ ଗାନ୍ଧିଜୀଙ୍କୁ ନ୍ୟୁନ ଦେଖାଇପାରନ୍ତି।
- ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

■ମହିଳାଙ୍କୁ ୩୩% ସଂରକ୍ଷଣ ପ୍ରସଙ୍ଗ

# ସହଯୋଗ ଲୋଡ଼ିବ ବିଜେଡି

**୨୨ ଦଳକୁ ଭେଟିବେ ଦଳୀୟ ପ୍ରତିନିଧି**

ଭୁବନେଶ୍ୱର,୫।୧୨(ବ୍ୟୁରୋ)

ଦେଶର ସର୍ବୋଚ୍ଚ ଆଇନ ପ୍ରଣୟନ ସଂସ୍ଥା ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭା ଗୁଡ଼ିକରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରାଯାଉ। ଏହି ମର୍ମରେ ସରକାର ବିଧାନସଭାରେ ସର୍ବସମ୍ମତ କ୍ରମେ ସଂକଳ୍ପ ପ୍ରସ୍ତାବ ଗୃହୀତ କରିଛନ୍ତି। ଏହାକୁ ଖୁବ୍‌ଶୀଘ୍ର ଆଇନରେ ପରିଣତ କରିବାର ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଥିଲେ। ଏହାର ଗୋଟିଏ ଦିନ ପରେ ମୁଖ୍ୟମନ୍ତ୍ରୀ ଉକ୍ତ ପ୍ରସଙ୍ଗରେ ଦେଶର ସମସ୍ତ ରାଜନୈତିକ ଦଳର ସହଯୋଗ ଲୋଡ଼ିଛନ୍ତି। ପାର୍ଲାମେଣ୍ଟରେ ଏସଂକ୍ରାନ୍ତ ପ୍ରସ୍ତାବକୁ ସମର୍ଥନ ପାଇଁ ବିଜେଡି ପକ୍ଷରୁ ୭ ଜାତୀୟ ଏବଂ ୧୫ ଆଞ୍ଚଳିକ ଦଳକୁ ଭେଟାଯିବା ନେଇ ନିଷ୍ପତ୍ତି ହୋଇଛି। ବିଜେଡିର କେଉଁ ପ୍ରତିନିଧି କେଉଁ ଦଳକୁ ଭେଟିବେ, ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ସେ ସମ୍ପର୍କିତ ଏକ ତାଲିକା ପ୍ରକାଶ କରିଛନ୍ତି। ତାଲିକା ଘୋଷଣା ପୂର୍ବରୁ ଦଳର ସଭାପତିଙ୍କ ଅଧ୍ୟକ୍ଷତାରେ ବିଜେଡି ଉପସଭାପତି ଏବଂ ସାଧାରଣ ସମ୍ପାଦକମଣ୍ଡଳୀର ବୈଠକ ବୁଧବାର ନବୀନ ନିବାସରେ ଅନୁଷ୍ଠିତ ହୋଇଯାଇଛି।

ଗଣମାଧ୍ୟମ ପ୍ରତିନିଧିଙ୍କୁ ଏ ସମ୍ପର୍କରେ ସୂଚନା ଦେଇ ବିଜେଡି ନେତା ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ, ବିଜୁ ବାବୁ ହିଁ ତୃଣମୂଳସ୍ତରୀୟ ନିର୍ବାଚନରେ ୩୩ ପ୍ରତିଶତ ମହିଳା ସଂରକ୍ଷଣ କରିଥିଲେ। ପରେ ରାଜ୍ୟ ସରକାର ଏହାକୁ ୫୦ ପ୍ରତିଶତକୁ ବୃଦ୍ଧି କରିଛନ୍ତି। ନାରୀ ସଶକ୍ତୀକରଣ ହିଁ ରାଷ୍ଟ୍ର ଉନ୍ନତିର ମୂଳଭିତ୍ତି। ତେଣୁ ନୀତି ପ୍ରଣୟନରେ ସେମାନଙ୍କ ସହଭାଗିତା ପାଇଁ ସଂରକ୍ଷଣ ଦାବି ଯଥାର୍ଥ। ଆଗାମୀ ଦିନରେ ଯୋଗ୍ୟ ଏବଂ ଜିତିବା ସମ୍ଭାବନା ଥିବା ମହିଳାଙ୍କୁ ଦଳ ନିର୍ବାଚନ ଲଢିବାକୁ ସୁଯୋଗ ଦେବ ବୋଲି ଦେବୀ କହିଛନ୍ତି।

କେନ୍ଦ୍ରରେ କ୍ଷମତାରେ ଥିବା ଭାଜପାକୁ ଭେଟିବା ପାଇଁ ପ୍ରସନ୍ନ ଆଚାର୍ଯ୍ୟ, ବେଦ ପ୍ରକାଶ ଅଗ୍ରୱାଲ, ଭର୍ତ୍ତୃହରି ମହତାବ ଏବଂ ସରୋଜିନୀ ହେମ୍ବ୍ରମଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ମୁଖ୍ୟ ବିରୋଧୀ କଂଗ୍ରେସକୁ ତଥାଗତ ସତପଥୀ, ବେଦପ୍ରକାଶ ଅଗ୍ରୱାଲ,ପିନାକୀ ମିଶ୍ର ଏବଂ ପ୍ରସନ୍ନ ପାଟ୍ଟଶାଣୀ ଭେଟିବେ।

☞ପୃଷ୍ଠା-୪

# ଦାଶରଥିଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

ଭୁବନେଶ୍ୱର,୫।୧୨(ବ୍ୟୁରୋ)


ଦାଶରଥି ଦାସ

■ ଗଗନେନ୍ଦ୍ର ନାଥ ଦାଶ ପାଇବେ ଭାଷା ପୁରସ୍କାର
■ ସମ୍ବଲପୁରୀ ଭାଷା ସମ୍ମାନ ପାଇବେ ପ୍ରଫୁଲ୍ଲ ତ୍ରିପାଠୀ, ହଳଧର ନାଗ

୨୦୧୮ ମସିହା ଲାଗି ଓଡ଼ିଶାରୁ ୪ ବିଶିଷ୍ଟ ସାହିତ୍ୟିକ ପାଇବେ ସମ୍ମାନଜନକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର। ପ୍ରଖ୍ୟାତ ସାହିତ୍ୟ ସମାଲୋଚକ ଡ. ଦାଶରଥି ଦାସ ତାଙ୍କ ନିବନ୍ଧ ଗ୍ରନ୍ଥ 'ପ୍ରସଙ୍ଗ ପୁରୁଣା ଭାବନା ନୂଆ' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବେ। ଡ. ଗଗନେନ୍ଦ୍ର ନାଥ ଦାଶ ସାହିତ୍ୟ ଏକାଡେମୀର ମର୍ଯ୍ୟାଦାଜନକ ଭାଷା ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି। ପୂର୍ବ ଭାରତର ୮ଟି ରାଜ୍ୟର ଭାଷାବିତ୍‌ଙ୍କ

☞ପୃଷ୍ଠା-୪


ଧରିତ୍ରୀ DHARITRI *Initiative*

**GOOD NEWS FOR CBSE STUDENTS**

**Mock Test Papers for students of Std X and XII CBSE Board and IIT-JEE aspirants.**



The most effective and career building test paper for students of **Std 10 and 12 of CBSE syllabus** aiming to score top marks in Board Exams and wishing to crack the competitive exams of **JEE** Mains & Advanced.

*powered by* Vidyamandir Classes GURUKUL FOR IITJEE AND MEDICAL PREPARATION






*Offer Valid Only At: 309, District Centre, Chandrasekharpur, Bhubaneswar, Ph: 0674-2747677

# ବାବାସାହେବଙ୍କ ସ୍ୱପ୍ନ, ଆମର ସଂକଳ୍ପ




ପଞ୍ଚତୀର୍ଥ - ବାବାସାହେବ ଆମ୍ବେଦକରଙ୍କ ଜୀବନ ସହ ଜଡ଼ିତ ସ୍ଥାନଗୁଡ଼ିକର ବିକାଶ କରିବା ମାଧ୍ୟମରେ ତାଙ୍କୁ ଶ୍ରଦ୍ଧାଞ୍ଜଳି



“ବାବାସାହେବ ଦୁର୍ବଳ, ଉପେକ୍ଷିତ ଏବଂ ବହିଷ୍କୃତ ବର୍ଗଙ୍କ ଉତ୍ଥାନ ପାଇଁ ସର୍ବଦା ସମର୍ପିତ ରହିଥିଲେ। ସେ ମାନବତାର ସେବା ଓ ସଭିଙ୍କ ପାଇଁ ନ୍ୟାୟ, ସମାନତା, ସୁଯୋଗ, ଗରିମା ଏବଂ ପାରସ୍ପରିକ ସୌହାର୍ଦ୍ଦ୍ୟରେ ପରିପୂର୍ଣ୍ଣ ଭବିଷ୍ୟତ ଗଢ଼ିବା ପାଇଁ ଆମ ସମସ୍ତଙ୍କୁ ପ୍ରେରଣା ଦେଇଛନ୍ତି।”

ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀ

## ସାମାଜିକ ନ୍ୟାୟ ଏବଂ ସାମାଜିକ-ଆର୍ଥିକ ସଶକ୍ତୀକରଣ ପାଇଁ ପ୍ରତିବଦ୍ଧ

- **ମୁଦ୍ରା** – ୧୪.୬୫ କୋଟିରୁ ଉର୍ଦ୍ଧ୍ୱ ଉଦ୍ୟୋଗୀଙ୍କୁ ପାଣ୍ଠିଯୋଗାଣ
- **ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ** – ଏନ୍ଏସ୍ଏପିର ଡିବିଟି ଲାଭାର୍ଥୀଙ୍କ ସଂଖ୍ୟା ଛଅ ଗୁଣ ବୃଦ୍ଧି – ୨୦୧୩–୧୪ରେ ୦.୫ କୋଟିରୁ ୨୦୧୮–୧୯ରେ ୩.୦୧ କୋଟି
- **ଉଜ୍ଜ୍ୱଳା** – ଉଜ୍ଜ୍ୱଳା କାରଣରୁ ୫.୮୩ କୋଟିରୁ ଅଧିକ ନିର୍ଧନ ମହିଳା ଧୂମ-ମୁକ୍ତ ଜୀବନ ଯାପନ କରୁଛନ୍ତି।
- **ଉଦ୍ୟମ ପୁଞ୍ଜି** – ଅନୁସୂଚିତ ଜାତିଙ୍କ ପାଇଁ ଉଦ୍ୟମ ପୁଞ୍ଜି ନିଧି ଦ୍ୱାରା ୮୧ କମ୍ପାନୀକୁ ସହାୟତା
- **ଷ୍ଟାଣ୍ଡ ଅପ୍ ଇଣ୍ଡିଆ** – ଏସ୍‌ସି/ଏସ୍‌ଟି ଓ ମହିଳାଙ୍କ ପାଇଁ ପ୍ରତ୍ୟେକ ଟ.୧୦ ଲକ୍ଷରୁ ଟ.୧ କୋଟି ପର୍ଯ୍ୟନ୍ତ ଉଦ୍ୟମିତା ଋଣ
- **ସୁରକ୍ଷିତ ଭବିଷ୍ୟତ**
  - ୧.୩ କୋଟିରୁ ଅଧିକ ସୁକନ୍ୟା ସମୃଦ୍ଧି ଖାତା
  - ବିଗତ ୪ ବର୍ଷରେ ୫.୭ କୋଟି ବଞ୍ଚିତ ଛାତ୍ରଙ୍କୁ ୧୫,୯୧୮ କୋଟି ଟଙ୍କାର ଛାତ୍ରବୃତ୍ତି ସହାୟତା ପ୍ରଦାନ କରାଯାଇଛି।

## ଏକ ସୁଦୃଢ଼, ସମୃଦ୍ଧ ଭାରତ ପାଇଁ ବାବାସାହେବଙ୍କ ସ୍ୱପ୍ନ: ଆମର ସଂକଳ୍ପ

ଭାରତ ଏବେ ବିଶ୍ୱର*:
ଦ୍ୱିତୀୟ ସର୍ବବୃହତ୍ ଇସ୍ପାତ ଉତ୍ପାଦକ
ତୃତୀୟ ସର୍ବବୃହତ୍ ବିଦ୍ୟୁତ୍ ଉତ୍ପାଦକ
ଚତୁର୍ଥ ସର୍ବବୃହତ୍ ଅଟୋମୋବାଇଲ୍ ବଜାର

- ୯୯ଟି ସହର ସ୍ମାର୍ଟ ସହରରେ ପରିଣତ ହେବାକୁ ଯାଉଛି
- ୫୦୦ ସହରରେ ଅମୃତ ଭିତ୍ତିଭୂମି ପଦକ୍ଷେପର ସକାରାତ୍ମକ ପ୍ରଭାବ ପଡ଼ିଛି
- ଜାତୀୟ ଜଳମାର୍ଗ ୧ ପାଇଁ ରୂପାନ୍ତରଣକାରୀ ଜଳ ମାର୍ଗ ବିକାଶ ପ୍ରକଳ୍ପର ଶୁଭାରମ୍ଭ
- ୨୪ଟି ରାଜ୍ୟରେ ୧୧୧ଟି ଅନ୍ତର୍ଦ୍ଦେଶୀୟ ଜଳମାର୍ଗ ଜାତୀୟ ଜଳମାର୍ଗ ଭାବେ ଘୋଷିତ
- ୨୦୧୯ ସୁଦ୍ଧା ୯୯ଟି ବଡ଼ ଜଳସେଚନ ପ୍ରକଳ୍ପର କାର୍ଯ୍ୟ ସମାପ୍ତ ହେବ।

davp 38101/13/0047/1819

## ଡା.ବି.ଆର୍. ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସରେ ପୁଷ୍ପ ଶ୍ରଦ୍ଧାଞ୍ଜଳି

**ତାରିଖ:** ୬ ଡିସେମ୍ବର, ୨୦୧୮ । **ସମୟ:** ପୂର୍ବାହ୍ନ ୯.୩୦ରୁ ୧୧.୦୦ ଘଟିକା । **ସ୍ଥାନ:** ସଂସଦ ଭବନ ପ୍ରାଙ୍ଗଣ

*(ଦୟାକରି ସାଙ୍ଗରେ ବ୍ୟାଗ୍, ବ୍ରିଫ୍‌କେସ୍, ପ୍ୟାକେଟ୍, ସେଲ୍ ଫୋନ୍, ପେନ୍, କ୍ୟାମେରା, ପତାକା, ଲାଠି, ପ୍ଲାକାର୍ଡ, ମଶାଲ, ବ୍ୟାନର୍, ଆଗ୍ନେୟାସ୍ତ୍ର, ଖଣ୍ଡା, ହେଲର୍ ଭଳି ନିଷିଦ୍ଧ ସାମଗ୍ରୀ ତଥା ଅନ୍ୟାନ୍ୟ ଆପତ୍ତିଜନକ ବସ୍ତୁ ଆଣନ୍ତୁ ନାହିଁ । ବ୍ୟକ୍ତିଗତ ସାମଗ୍ରୀଗୁଡ଼ିକୁ ପିଟିଆଇ ଭବନ ସମ୍ମୁଖରେ ସ୍ଥାପିତ ଫାଉଣ୍ଡେଶନ୍‌ର ଷ୍ଟଲ୍‌ରେ ଜମା କରାଯାଇପାରିବ)*

*ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ

### ସମସ୍ତଙ୍କୁ ସାଦର ନିମନ୍ତ୍ରଣ

(ପ୍ରବେଶ: ପିଟିଆଇ ଭବନ ସମ୍ମୁଖ, ସଂସଦ ମାର୍ଗ, ନୂଆଦିଲ୍ଲୀ)

सत्यमेव जयते

**ଡା. ଆମ୍ବେଦକର ଫାଉଣ୍ଡେଶନ୍**
ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ ଅଧୀନରେ ଏକ ସ୍ୱୟଂଶାସିତ ସଙ୍ଗଠନ
ଭାରତ ସରକାର
www.ambedkarfoundation.nic.in www.socialjustice.nic.in

150 YEARS OF CELEBRATING THE MAHATMA








■ ଅତ୍ୟାଧୁନିକ ବର୍ଜ୍ୟଜଳ ବିଶୋଧନାଗାର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

# 'ବଦଳିବ କଟକ ସହରର ପରିମଳ ରୂପରେଖ'





ଅତ୍ୟାଧୁନିକ 'ବର୍ଜ୍ୟଜଳ ବିଶୋଧନାଗାର'ର ଲୋକାର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

■ଦୈନିକ ସହରବାସୀ ପାଇବେ ୩ କୋଟି ୬୦ ଲକ୍ଷ ଲିଟର ବିଶୁଦ୍ଧ ଜଳ

■୩୦ବର୍ଷ ପର୍ଯ୍ୟନ୍ତ ରହିବନି ପିଇବା ପାଣି ସମସ୍ୟା

**କଟକ ଅଫିସ, ୫।୧୨**

ସ୍ୱଚ୍ଛ କଟକ, ସୁସ୍ଥ କଟକ। ଏଣିକି ବଦଳିଯିବ କଟକ ସହରର ପରିମଳ ରୂପରେଖ। ସହରବାସୀଙ୍କୁ ଦୈନିକ ମିଳିବ ୩ କୋଟି ୬୦ ଲକ୍ଷ ଲିଟର ବିଶୁଦ୍ଧ ପାନୀୟଜଳ। ବୁଧବାର ୧୧୦ କୋଟି ଟଙ୍କା ବ୍ୟୟରେ ସିଡିଏଠାରେ ନିର୍ମିତ ଅତ୍ୟାଧୁନିକ 'ବର୍ଜ୍ୟଜଳ ବିଶୋଧନାଗାର'କୁ ଲୋକାର୍ପଣ କରିବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ଏଥିସହ ଏହି ପ୍ରକଳ୍ପରେ ପୋଲିସ କଲୋନୀଠାରେ ନିର୍ମିତ ଘଣ୍ଟାକୁ ୭୨ ଲକ୍ଷ ଲିଟର ଜଳ ନିଷ୍କାସନ କ୍ଷମତା ସମ୍ପନ୍ନ ଡ୍ରେନେଜ ପମ୍ପିଙ୍ଗ୍ ଷ୍ଟେଶନକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କହିଲେ, ବିଶୋଧନାଗାର ଓ ତତ୍‌ସଂଲଗ୍ନ ଭୂତଳ ସ୍ୱେରେଜ ଲାଇନ୍ ଦ୍ୱାରା ସହରର ଲୋକମାନେ ଉପକୃତ ହେବେ। ବୁଧବାରଠାରୁ ମହାନଦୀ ଓ କାଠଯୋଡି ରିଂରୋଡର ମଧ୍ୟବର୍ତ୍ତୀ ଅଞ୍ଚଳ ବିଡାନାସିଠାରୁ ମଙ୍ଗଳାବାଗ, ଫ୍ରେଣ୍ଡ୍‌ସ କଲୋନୀ, ଝୋଲାସାହି, ବଙ୍ଗାଳିସାହି ଓ ପୁରୀଘାଟ ଅଞ୍ଚଳର ଲୋକେ ଏହି ପ୍ରକଳ୍ପର ସେବା ନେଇ ପାରିବେ। ଏଥିସହ ପ୍ରାୟ ୩ ହଜାର କୋଟି ଟଙ୍କା ବ୍ୟୟରେ ମତଗଜପୁରଠାରେ ନିର୍ମାଣାଧୀନ ବିଶୋଧନାଗାର ଆଉ ଅଳ୍ପଦିନ ମଧ୍ୟରେ ଲୋକର୍ପିତ ହେବାପରେ ସହରରେ ସ୍ୱେରେଜ ଓ ଡ୍ରେନେଜ ବ୍ୟବସ୍ଥାର ଆହୁରି ସୁଧାର ଆସିବ। ଆସନ୍ତା ୩୦ ବର୍ଷ ପର୍ଯ୍ୟନ୍ତ ସହରବାସୀଙ୍କର ଜଳକଷ୍ଟ ଦୂର ହୋଇପାରିବ। ଆଜିପର୍ଯ୍ୟନ୍ତ ବର୍ଜ୍ୟଜଳ ଘରୁ ବାହାରିବା ପରେ ତାହା ନାଳଦ୍ୱାରା ଯାଇ ମହାନଦୀ ଏବଂ କାଠଯୋଡି ନଦୀରେ ମିଶି ଜଳ ପ୍ରଦୂଷିତ କରୁଛି। ନଦୀ ପ୍ରଦୂଷଣ ଓ ସହରର ବିଶୁଦ୍ଧ ପାନୀୟ ଜଳ ସମସ୍ୟା ଦୂର ପାଇଁ ଏହି ପ୍ରକଳ୍ପ ସେବା ଯୋଗାଇବ। ଘରୁ ବାହାରୁଥିବା ଦୂଷିତ ଜଳକୁ ଭୂତଳ ସ୍ୱେରେଜ ପାଇପ ମାଧ୍ୟମରେ ସଂଗ୍ରହ କରି ଅତ୍ୟାଧୁନିକ ପଦ୍ଧତିରେ ବିଶୋଧନ କରି ନଦୀରେ ଛଡାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୦ଟି ଓମ୍‌ଫେଡ୍ ଡାଏରି ଏକ୍ସପ୍ରେସ୍‌ର ଶୁଭାରମ୍ଭ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟକ ଦେବାଶିଷ ସାମନ୍ତରାୟ, ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ସିଏମ୍‌ସି ମେୟର ମୀନାକ୍ଷୀ ବେହେରା, କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଅଧୀନ ଅର୍ଥ ବ୍ୟାପାର ବିଭାଗର ଅତିରିକ୍ତ ସଚିବ ସି.ଏସ୍. ମହାପାତ୍ର, ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସଚିବ ଜି. ମଥିଭାଥନନ୍, ଜାଇକା ଇଣ୍ଡିଆର ମୁଖ୍ୟ ପ୍ରତିନିଧି କାଟସୁଅ ମାତସୁମୋଟୋ, ଜାଇକା ପ୍ରକଳ୍ପର ମୁଖ୍ୟଯନ୍ତ୍ରୀ ଟି.ବି.କେ. ସରାଫ ଉପସ୍ଥିତ ଥିଲେ।

■ ଗ୍ୟାସ୍ ପାଇପ ଲାଇନ୍ ପ୍ରକଳ୍ପ

# ବିନିଯୋଗ ହେବ ୭୦ ହଜାର କୋଟି: ଧର୍ମେନ୍ଦ୍ର



■୧୯ତମ ଜାତୀୟ ଅବକ୍ଷୟ ନିୟନ୍ତ୍ରଣ ସମ୍ମିଳନୀ ଉଦ୍‌ଘାଟିତ

■ଡିସେମ୍ବରରୁ ପାରାଦୀପ ରିଫାଇନେରୀରୁ ପଲିପ୍ରୋପିଲିନ୍ ଉତ୍ପାଦନ

**ଭୁବନେଶ୍ୱର,୫।୧୨**

କେନ୍ଦ୍ର ସରକାର ଗ୍ୟାସ ଭିତ୍ତିକ ଅର୍ଥନୀତିକୁ ଅଗ୍ରାଧିକାର ଦେଉଛନ୍ତି। ଏହାକୁ କାର୍ଯ୍ୟକାରୀ କରିବାକୁ ଯାଇ ଦେଶରେ ଗ୍ୟାସ ପାଇପ ଲାଇନ ବିଛାଯିବ। ଏଥିଲାଗି ପ୍ରାୟ ୭୦ ହଜାର କୋଟି ଟଙ୍କା ବିନିଯୋଗ କରାଯିବ। ଉକ୍ତ ଯୋଜନା ଅଧୀନରେ ଓଡ଼ିଶାରେ ପ୍ରାଥମିକ ପର୍ଯ୍ୟାୟରେ ୧୭୦୦ କିମିର ପାଇପ ଲାଇନ ନେଟ୍‌ୱର୍କ ବିଛାଯିବ। ଏଥିପାଇଁ ୪,୫୦୦ କୋଟି ପୁଞ୍ଜି ବିନିଯୋଗ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସେହିଭଳି ଧାମରା-ବାଂଲାଦେଶ, ସିଲିଗୁଡି-ବାଂଲାଦେଶ ଏବଂ ବାଂଲାଦେଶ-ମ୍ୟାନ୍‌ମାରକୁ ଗ୍ୟାସ୍ ନେଟ୍‌ୱର୍କ ଯୋଡିବା ନେଇ ଯୋଜନା ରହିଥିବା କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ସୂଚନା ଦେଇଛନ୍ତି।

ଭୁବନେଶ୍ୱରଠାରେ ଆୟୋଜନ ହେଉଥିବା ୩ ଦିନିଆ ନ୍ୟାଶନାଲ କରୋଜନ କଣ୍ଟ୍ରୋଲ କନ୍‌ଫରେନ୍ସ (ଅବକ୍ଷୟ ନିୟନ୍ତ୍ରଣ ସମ୍ମିଳନୀ)କୁ ଉଦ୍‌ଘାଟନ କରି ପ୍ରଧାନ କହିଛନ୍ତି, ପୂର୍ବ ଭାରତକୁ ବିକାଶ କ୍ଷେତ୍ରରେ ପଶ୍ଚିମ ଭାରତ ସହ ସମକକ୍ଷ କରାଇବାକୁ ହେଲେ ଓଡ଼ିଶା ସମେତ ଅନ୍ୟ ରାଜ୍ୟଗୁଡ଼ିକୁ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାସଲ କରିବାକୁ ପଡ଼ିବ। ଏହି ଅବସରରେ ପାରାଦୀପ, ଧାମରା ଏବଂ ଗୋପାଳପୁରରେ ବନ୍ଦର ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସେ ସୂଚନା ଦେଇଛନ୍ତି।

ସେହିଭଳି ପାରାଦୀପ-ହାଇଦ୍ରାବାଦ ମଧ୍ୟରେ ୧୨୧୨ କିମିର ପାଇପ ଲାଇନ, ପାରାଦୀପ ବନ୍ଦରର ଗ୍ୟାସ୍ ପରିବହନ କ୍ଷମତା ବୃଦ୍ଧି, ତୈଳ ବିଶୋଧନାଗାରର କ୍ଷମତା ସମ୍ପ୍ରସାରଣ ଏବଂ ଚଳିତ ମାସରୁ ପାରାଦୀପ ରିଫାଇନେରୀରେ ପଲିପ୍ରୋପିଲିନ୍ ଉତ୍ପାଦନ ଆରମ୍ଭ ହେବ ବୋଲି ସେ କହିଛନ୍ତି। ଘରୋଇ ବଜାର ଲାଗି ଅବକ୍ଷୟ ନିରୋଧୀ ଜ୍ଞାନକୌଶଳ ଉଦ୍ଭାବନ ତଥା ଏହାର ଉପଯୋଗ ନେଇ ଏକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବାକୁ ଶିଳ୍ପ ବିଶେଷଜ୍ଞଙ୍କୁ ସେ ଆହ୍ୱାନ ଦେଇଛନ୍ତି। ନ୍ୟାଶନାଲ କରୋଜନ କାଉନସିଲ ଅଫ୍ ଇଣ୍ଡିଆ, କରାଇଗୁଡି, ସିଏସ୍‌ଆଇଆର୍ କରାଇଗୁଡ଼ି ଏବଂ ଇଣ୍ଡିଆନ ଅଏଲ୍ କର୍ପୋରେଶନ (ପାଇପଲାଇନ) ଡିଭିଜନର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଉକ୍ତ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହେବ।

■ନିର୍ଦ୍ଦେଶକ-ଡାକ୍ତର ବିବାଦ, ଆଲୋଚନା ବିଫଳ

# ଯନ୍ତ୍ରଣାରେ ଛଟପଟ ଭିମ୍‌ସାର ରୋଗୀ

■୧୭ ଦିନରେ ପହଞ୍ଚିଲା ଭିମ୍‌ସାର କନିଷ୍ଠ ଡାକ୍ତରଙ୍କ ଆନ୍ଦୋଳନ

■ଜିଦ୍‌ରେ ଅଟଳ କନିଷ୍ଠ ଡାକ୍ତର ଓ ନିର୍ଦ୍ଦେଶକ

■ବିଧାୟିକା, ଜିଲାପାଳ ଅନୁରୋଧ ଗ୍ରହଣ କଲେନି

■ରୋଗୀସେବା ପ୍ରତି ଆନ୍ତରିକତା ନାହିଁ

**ସମ୍ବଲପୁର,୫।୧୨(ବ୍ୟୁରୋ)**

ସମ୍ବଲପୁର ବୁର୍ଲା ଭିମ୍‌ସାରର ଜୁନିୟର ଡାକ୍ତରମାନେ ୧୭ ଦିନ ହେଲା ଆନ୍ଦୋଳନରେ ଅଛନ୍ତି। ବିଭିନ୍ନ ଦାବି ଉପସ୍ଥାପନ କରିବା ସହ ମୁଖ୍ୟତଃ ନିର୍ଦ୍ଦେଶକ ଅଶ୍ୱିନୀ ପୂଜାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କନିଷ୍ଠ ଡାକ୍ତରମାନେ ଅଡି ବସିଛନ୍ତି। ଏହି ସମସ୍ୟାର ସମାଧାନ କରିବାକୁ ବୁଧବାର ଜିଲାପାଳ ସମର୍ଥ ବର୍ମା ଓ ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଜୁନିୟର ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ମେଡିକାଲ ସମ୍ମିଳନୀ କକ୍ଷରେ ଅଧକ୍ଷ ପ୍ରଫେସର ବ୍ରଜ ମୋହନ ମିଶ୍ରଙ୍କ ସଭାପତିତ୍ୱରେ ଏକ ବୈଠକ ବସିଥିଲା। ଜିଲାପାଳ ବର୍ମା ଜୁନିୟର ଡାକ୍ତରମାନଙ୍କୁ କାର୍ଯ୍ୟରେ ଯୋଗ ଦେବା ପାଇଁ ଅନୁରୋଧ କରିଥିଲେ। ଯାଞ୍ଚ କମିଟି ରିପୋର୍ଟକୁ ଆଧାର କରି ସରକାର ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବେ । କାର୍ଯ୍ୟାନୁଷ୍ଠାନ ମଧ ହେବ । ତେଣୁ ରୋଗୀ ସେବାକୁ ଗୁରୁତ୍ୱ ଦେଇ କାର୍ଯ୍ୟରେ ଯୋଗ ଦେବାକୁ ଜିଲାପାଳ ଏହି ଆନ୍ଦୋଳନରତ କନିଷ୍ଠ ଡାକ୍ତରମାନଙ୍କୁ କହିଥିଲେ । ହେଲେ ଜୁନିୟର ଡାକ୍ତରମାନେ ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ସେମାନେ ନିର୍ଦ୍ଦେଶକ ପୂଜାହାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଫଳରେ ଏହି ବୈଠକ ବିଫଳ ହୋଇଛି।

ସୂଚନାଯୋଗ୍ୟ,କେତେକ ସଙ୍ଗଠନ ଉଭୟ ପକ୍ଷଙ୍କୁ ସମର୍ଥନ କରୁଥିବା ବେଳେ ଆଉ କେତେକ ସଙ୍ଗଠନ ଡାକ୍ତରଙ୍କ ଏପରି ଆନ୍ଦୋଳନକୁ ବିରୋଧ ମଧ୍ୟ କରୁଛନ୍ତି । ଏ ନେଇ ରାଜ୍ୟ ସରକାର ଓ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକାଧିକ ଦାବିପତ୍ର ପଠାଯାଉଛି। ସ୍ୱାସ୍ଥ୍ୟମନ୍ତ୍ରୀ ଓ ରାଜ୍ୟପାଳ ଭିମ୍‌ସାର ସମସ୍ୟା ଉପରେ ଅବଗତ ରହିଛନ୍ତି । ହେଲେ କୌଣସି ସମାଧାନ ହୋଇ ପାରୁନାହିଁ । ଏବେ ଭିମ୍‌ସାରରେ ରୋଗୀ ସଂଖ୍ୟା ହ୍ରାସ ପାଇବା ସହ ସେବା ବ୍ୟବସ୍ଥା ପ୍ରଭାବିତ ହୋଇଛି । ନିର୍ଦ୍ଦେଶକ ଓ ଡାକ୍ତରଙ୍କ ବିବାଦ ତଥା ଛକାପଞ୍ଝାରେ ବିଚରା ରୋଗୀ ଚିକିତ୍ସା ପାଇ ନ ପାରି ଯନ୍ତ୍ରଣ ଭୋଗୁଛନ୍ତି । ଲାଗୁଛି ରୋଗୀ ସେବା ସ୍ୱାଭାବିକ କରିବାକୁ କାହାର ଆନ୍ତରିକତା ନାହିଁ। ନିକଟରେ ରାଜ୍ୟପାଳଙ୍କୁ ଭେଟିଛନ୍ତି ନିର୍ଦ୍ଦେଶକ। ସେହିଭଳି ଜୁନିୟରଡାକ୍ତରମାନେ ମଧ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଫେରାଦ ହେବାକୁ ଭୁଲି ନାହାନ୍ତି। ତଥାପି ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରିପାରିନାହାନ୍ତି । ତେଣୁ ସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି।


NECC NATIONAL EGG CO-ORDINATION COMMITTEE — 05.12.2018 — Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 74 | 124 | 134 |
| CTC | 74 | 124 | 134 |
| DKL | 76 | 127 | 137 |
| BDK | 76 | 127 | 137 |
| BLS | 78 | 129 | 139 |
| ANG | 77 | 128 | 138 |

*Conditions Apply
Eggs Retail Price- 48/-Dozen
Issued in the Interest of Consumers





କ୍ରୋଧ ଏ ସଂସାରରେ ସୁଖରୂପୀ ବୃକ୍ଷର ମୂଳକୁ ସମୟେ ସମୟେ ଦୋହଲାଇ ଦୁର୍ବଳ କରିଦିଏ।

- ପ୍ରଜାପିତା ବ୍ରହ୍ମାକୁମାରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ...............................


ବେଦ ପ୍ରକାଶ
ପରିବାରବର୍ଗ


ଆରାଧନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

real estate

### SALE

30' road patta gharabari boundary residential plot at Benupur near Hanspal (100' road side). 9437033320. D-64373

Litigation free plots near Xavier University/ Birla School BDA Zone, Bhubaneswar. Sqft.- 250/-,160/-. 9937746907, 9337259012. D-64382

Ready 2BHK/ 3BHK flats for sale at Patia. 7008346486, 9937009250. D-65213

ଭୁବନେଶ୍ୱର ମହାବୀର Engineering କଲେଜ backside ଘରବାରି boundarywall ପ୍ଲଟ ମିଳୁଅଛି। 8338932027. D-64386

ସୁନ୍ଦରପଦା Hitech ପାଖରେ 100' and 50' Revenue Roadଥାଇ 2ଟି ଘରବାରି ବାଉଣ୍ଡାରି ପ୍ଲଟ ବିକ୍ରିହେବ। (sqft. 600/-) 9777236619. D-64389

Now Matrimonial ads. only on Wednesday & Sunday Book 1 Get 1 FREE

### GENERAL

### SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-64372

### ACCOMMODATION

ଭୁବନେଶ୍ୱରରେ ଆଜବେଷ୍ଟସ ଘର (electricity+water) ଖୋଲା ଜାଗା ଆବଶ୍ୟକ। Contact: 8280082800. D-65223

### AFFIDAVIT

I, Deepak Kumar Sharma, S/o- Murarilal Sharma, R/o- At- Pahadimandir, PO- K.M. Road, Dist.- Jharsuguda declare that my name has been mentioned as Deepak Kumar Gorasia, S/o- Murarilal Sharma in all academic records. Whereas in DL, PAN and Aadhaar Card my name has been mentioned as Deepak Kumar Sharma, S/o- Murarilal Sharma. That, above both the names relates to same and one person. D-37357

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ଜନ୍ମଦିନ ଶୁଭେଚ୍ଛା



**ବେଦ ପ୍ରକାଶ**
ନାହାଳପୁର, କଟକ

ଆଜି ତୋତେ ଚାରିବର୍ଷ ପୂରିଲା। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ତୋର ଦୀର୍ଘଜୀବନ ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରୁଛୁ। ଶୁଭେଚ୍ଛା ସହ: ମା, ବାପା, ଅଜା, ଆଈ, ମାମୁ, ମାଇଁ, ମଉସା, ମାଉସୀ, ଦିଦି, ଭାଇ, ବଡବାପା, ବଡବୋଉ ଓ ବନ୍ଧୁପରିବାରବର୍ଗ। ଧ-୧୪୫୫୭


# ଖଟିରେ ଖଟିରେ...

## ପାଣିଚିଆ

ରାଜଧାନୀକୁ ଏବେ ହକି ଜ୍ୱର। ଏ ଜ୍ୱର କୁଆଡ଼େ ଛାଡ଼ିବନି ଆହୁରି ୧୦ ଦିନ ରହିବ। ଖଟିରେ ଏବେ ରାଜନୀତି ଅପେକ୍ଷା ଖେଳ ଚର୍ଚ୍ଚା ଜମୁଛି। ହେଲେ ରାଜନୀତି ବା କୁଆଡ଼େ ଖଟିକୁ ଛାଡ଼ି ରହିବ। ସେଦିନ କେଶରୀ ଟକିଜ୍ ପାଖ ଖଟିରେ ଏମିତି ରାଜନୀତି ଆଲୋଚନା ଚାଲିଥିଲା। କଥା ପଡୁ ପଡୁ ଜଣେ ଫୁଲ ଦଳିଆ କହିଲେ, ଆମ ଦଳକୁ ମ୍ୟାଡାମ ଆସିବା ପରେ ଖେଳ ଜମିଗଲା। ଏତିକି ବେଳେ ଶଙ୍ଖ ଦଳିଆ ନଟିଆ କହିଲା, ଖେଳ ଜମିଲାନି। ଓଲଟି ପାଣିଚିଆ ହୋଇଗଲା। ଫୁଲ ଦଳିଆ ପଚାରିଲା କେମିତି। ଏହାଶୁଣି ନଟିଆ ଉତ୍ତର ଦେଲା, ମ୍ୟାଡାମ ଭାରି ହିସାବୀ। ନହେଲେ ପ୍ରଥମେ ବିଦେଶୀ କମ୍ପାନୀରେ ଚାକିରି କରିବେ ବୋଲି ଲେଖିଥିଲେ। ପରେ କିନ୍ତୁ କାରଣ ବଦଳେଇ ଦେଲେ। ତେଣୁ ଆରମ୍ଭରୁ ମିଛ ଧରାପଡ଼ିଲା। ଏମିତି ବେଳାରେ ଦଳକୁ ଆସିଲେ ଯେ, ଦିଲ୍ଲୀରେ ହାକିମାତି କରୁଥିବା ନେତାଙ୍କୁ ମୁଖିଆ ପ୍ରାର୍ଥୀ କିଏ, ସମସ୍ତଙ୍କୁ ଜଣାଇବାକୁ ପଡ଼ିଲା। ତା' ପରଦିନ ପୁଣି ପ୍ରଭାବୀ ଦିଲ୍ଲୀ ମାନ୍ୟବରଙ୍କୁ ଆଉଗୋଟେ କଥା କହିବାକୁ ପଡ଼ିଲା। ତେଣୁ ମ୍ୟାଡାମ୍ ଆରମ୍ଭ ପାଣିଚିଆ ହୋଇଗଲା। ଏକଥା ଶୁଣି ଫୁଲ ଦଳିଆ କି ସମ୍ଭାଳେ । ବାଇକ୍ ଧରି ସିଧା ଛୁ।

## କଲେ ଭଲ ନ ହେଲେ ମଲ

ସବୁବେଳେ ଶୁଣୁଥିଲି ହେଲେ ସତ ବୋଲି ଭାବି ନ ଥିଲି। ବୁଝିଲ ଭାଇ, ଆଜି ଆଖିରେ ଦେଖିଲା ପରେ ସତ ବୋଲି ଜାଣିଗଲି। ଏ ଖାକିବାଲାଗୁଡ଼ା ସବୁଠୁ ବଡ଼ ଚୋର ହୋ। ବାବୁଙ୍କ ଏମନ୍ତ କଥା ଶୁଣି ଶହୀଦ ନଗର ଚା ଖଟିରେ ତାଙ୍କ ସାଙ୍ଗ ପଚାରିଲେ କ'ଣ ହେଇଛି କହୁନୁ ନ ହେଲେ ଆମେ କ'ଣ ବୁଝିବୁ। ଆଉ ତା'ପରେ ବାବୁ ଜଣଙ୍କ ବଡ଼ ପାଟିରେ ବଖାଣିଲେ, ଇରେ ହେ ଗଲାକାଲି ପୁରୀର ଅମୁକ ହୋଟେଲରେ ବସିଥିଲି। ସେଇ ପାଖରେ ପୁରୀ ଜିଲାର ଗଡ ଏରିଆ ମାନ୍ୟବର ବସିଥାଆନ୍ତି। ଆଉ ତାଙ୍କ ନିକଟରେ ସେପଟର ପାନ ଏରିଆ ଖାକିବାବୁ ବି ବସିଥାଆନ୍ତି। ଆଉ ମାନ୍ୟବରଙ୍କ କଥା ଶୁଣି ଖାକି ବାବୁଜଣଙ୍କ ଖାଲି ଆଜ୍ଞା, ଆଜ୍ଞା ଚଲାଇ ଥାଆନ୍ତି। ଆଉ ଟିକେ କାନ ଡେରି ଶୁଣିଲା ପରେ ଜଣାପଡିଲା, ମାନ୍ୟବରଙ୍କ ଜଣେ କର୍ମୀ କୁଆଡେ ଗୋଟେ ମାମଲାରେ ଜଡିତ ଅଛନ୍ତି। ଆଉ ତାଙ୍କୁ ହାଜତ ନ ନେବାକୁ ଖାକିବାଲାଙ୍କୁ ତାଗିଦ କରୁଥାଆନ୍ତି। ଆଉ ଏମନ୍ତ ଦେଖିଲାପରେ ଭାବିଲି, ଏ ବ୍ୟବସ୍ଥାରେ ଲୋକେ ବଞ୍ଚିବେ ତ ? ସେଇଠୁ ତାଙ୍କ ସାଙ୍ଗ ଜଣଙ୍କ କହିଲେ, ଏଠି ଭାଇ କଲେ ଭଲ ନ ହେଲେ ମଲ।

### କିଛି ତଥ୍ୟ

୨୦୧୭ରେ ଭାରତ ବିଶ୍ୱର ପ୍ରମୁଖ ବଜାରଗୁଡ଼ିକୁ ୩୧ ବିଲିୟନ ଡଲାରର କୃଷିଜାତ ସାମଗ୍ରୀ ରପ୍ତାନି କରିଛି।

-ଫେଡେରେଶନ ଅଫ୍ ଇଣ୍ଡିଆନ୍ ଏକ୍ସପୋର୍ଟ ଅର୍ଗାନାଇଜେସନ୍ସ

# ଏନଆଇଟିରେ ଅଗ୍ନିକାଣ୍ଡ

ରାଉରକେଲା ଅଫିସ,୫।୧୨

ମଙ୍ଗଳବାର ବିଳମ୍ବିତ ରାତିରେ ଜାତୀୟ ପ୍ରଯୁକ୍ତି ସଂସ୍ଥାନ(ଏନଆଇଟି) ୱାର୍କସ ଏଣ୍ଡ ପର୍ଚେଜ ଡିପାର୍ଟମେଣ୍ଟରେ ଅଗ୍ନିକାଣ୍ଡ ଘଟି ବହୁ ଗୁରୁତ୍ୱପୂର୍ଣ୍ଣ ଫାଇଲ, କମ୍ପ୍ୟୁଟର ସହ ଟେବୁଲ ଚେୟାର ଆଦି ଜଳି ନଷ୍ଟ ହୋଇ ଯାଇଛି। ବିଳମ୍ବିତ ରାତିରେ ଘଟିଥିବା ଏହି ଅଗ୍ନିକାଣ୍ଡ ସମ୍ପର୍କରେ ସୁରକ୍ଷା କର୍ମୀ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ତେବେ ଦମକଳ ପହଞ୍ଚିବା ବେଳକୁ ସମସ୍ତ ସାମଗ୍ରୀ ଜଳିପୋଡି ପାଉଁଶ ହୋଇଯାଇ ଥିଲା। ବୁଧବାର ସକାଳେ ଏନଆଇଟି ନିର୍ଦ୍ଦେଶକ ଆନିମେଶ ବିଶ୍ୱାସ ସେଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସର୍ଟ ସର୍କିଟ ଯୋଗୁ ଏଭଳି ଅଗ୍ନିକାଣ୍ଡ ଘଟିଥାଇ ପାରେ ବୋଲି ପ୍ରାଥମିକ ଭାବେ ଅନୁମାନ କରାଯାଇଛି।

# ୭ ବିଶ୍ୱବିଦ୍ୟାଳୟରେ ଆଇଏଏସ୍ କୋଚିଂ ସେଣ୍ଟର

ଭୁବନେଶ୍ୱର, ୫।୧୨(ବ୍ୟୁରୋ)

ରାଜ୍ୟର ୭ଟି ବିଶ୍ୱବିଦ୍ୟାଳୟରେ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) କୋଚିଂ ସେଣ୍ଟର ଖୋଲାଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର, ସମ୍ବଲପୁର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ରେଭେନ୍ସା ଏବଂ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଆଇଏଏସ୍ କୋଚିଂ ନେବା ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି ବୋଲି ବୁଧବାର ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ କହିଛନ୍ତି। ସେହିପରି ରାଜ୍ୟରେ ସ୍ୱତନ୍ତ୍ର ଆଇଏଏସ୍ କୋଚିଂ ସେଣ୍ଟର ସ୍ଥାପନ କରିବା ପାଇଁ ଆଗ୍ରହୀ ସଂସ୍ଥାମାନଙ୍କୁ ସରକାର ଆହ୍ୱାନ ଦେଇଛନ୍ତି। ଏଥିନିମନ୍ତେ ଇଚ୍ଛୁକ ସଂସ୍ଥାକୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ରାଜ୍ୟର ଡିଗ୍ରୀ କଲେଜମାନଙ୍କରେ ଖାଲିପଡ଼ିଥିବା ଅଧ୍ୟାପକ ପଦବୀ ପୂରଣ ନିମନ୍ତେ ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୪୦୭ ପଦବୀରେ ନିଯୁକ୍ତି ଦିଆଯାଇଥିବାବେଳେ ୪୨୬ଟି ପଦବୀ ପୂରଣ ନିମନ୍ତେ ଓଡ଼ିଶା ଲୋକସେବା ଆୟୋଗକୁ ଅନୁରୋଧ କରାଯାଇଛି। ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟମାନଙ୍କରେ ଷ୍ଟେଟ୍ ସିଲେକ୍ସନ୍ ବୋର୍ଡ ମାଧ୍ୟମରେ ୧୬୨୫ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି ଏବଂ ୮୩୩ଟି ପଦବୀ ପୂରଣ ନିମନ୍ତେ ବିଜ୍ଞାପନ ପ୍ରକାଶ ପାଇଛି। ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଖାଲିପଡ଼ିଥିବା ୩୧୭ଟି ସହଯୋଗୀ ଓ ସହକାରୀ ପ୍ରଫେସର ପଦବୀ ପୂରଣ ନିମନ୍ତେ ନିଯୁକ୍ତି ବିଜ୍ଞାପନ ପ୍ରକାଶିତ ହୋଇଛି। କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟରେ ସଂରକ୍ଷଣ ନୀତି ନିର୍ଦ୍ଧାରଣ ନିମନ୍ତେ ଉଦ୍ଦିଷ୍ଟ ମାମଲା ବିଚାରାଧୀନ ଥିବାରୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ନିର୍ଦ୍ଦେଶକ୍ରମେ ଏହି ନିଯୁକ୍ତି ପ୍ରକ୍ରିୟା ସାମୟିକ ଭାବେ ସ୍ଥଗିତ ରହିଛି। ଏତଦ୍‌ବ୍ୟତୀତ ଅନ୍ୟ ବିଶ୍ୱବିଦ୍ୟାଳୟମାନଙ୍କରେ ଅଧ୍ୟାପକ ନିଯୁକ୍ତିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୭୭ଟି ପଦବୀ ସୃଷ୍ଟି କରିବା ପାଇଁ ଅନୁମୋଦନ କରିଛନ୍ତି। ଏହି ପଦବୀଗୁଡ଼ିକ ଖୁବ୍ ଶୀଘ୍ର ପୂରଣ କରାଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

# କଟକରେ ଖୋଲିବ ମୌଲାନା ଆଜାଦ୍ ଜାତୀୟ ଉର୍ଦ୍ଦୁ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍

କଟକ ଅଫିସ, ୫।୧୨

କଟକରେ ସ୍ଥାପନ ହେବ ମୌଲାନା ଆଜାଦ ଜାତୀୟ ଉର୍ଦ୍ଦୁ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ୍। ଏଠାରେ ପଲିଟେକ୍ନିକ୍ ଓ ଆଇଟିଆଇ ଇନ୍‌ଷ୍ଟିଚ୍ୟୁଟ୍ ଖୋଲିବ। ୨୦୧୯ରୁ ଆଇଟିଆଇ ଓ ୨୦୨୦ରେ ପଲିଟେକ୍ନିକ୍ ପାଠ୍ୟକ୍ରମରେ ନାମଲେଖା ଆରମ୍ଭ ହେବ। ରାଜ୍ୟ ସରକାର ଏହି ପ୍ରତିଷ୍ଠାନ ପାଇଁ ୫ ଏକର ଜମି ଯୋଗାଇ ଦେଇଛନ୍ତି। ୟୁଜିସି ପକ୍ଷରୁ ୪୦ କୋଟି ଟଙ୍କା ଏଥିପାଇଁ ବ୍ୟୟ କରାଯିବ। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସିଡିଏ ସେକ୍ଟର-୧୩ସ୍ଥିତ ବିଜୁ ପଟ୍ଟନାୟକ ପାର୍କ ନିକଟରେ ପ୍ରତିଷ୍ଠାନ ଶାଖାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିପାଇଁ ସେ ବହୁତ ଖୁସି ଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ସହଯୋଗ ଲୋଡ଼ିବ...



ନବୀନ ନିବାସରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଦଳୀୟ ନେତୃବୃନ୍ଦ।

ଅନ୍ୟମାନଙ୍କ ମଧ୍ୟରେ ସୌମ୍ୟରଞ୍ଜନ ପଟ୍ଟନାୟକ, ଅନନ୍ତ ଦାସ ଏବଂ ଅରବିନ୍ଦ ଢାଲି ତୃଣମୂଳ କଂଗ୍ରେସ, ଶଶିଭୂଷଣ ବେହେରା, ଅନଙ୍ଗ ଉଦୟ ସିଂଦେଓ ଏବଂ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ବହୁଜନ ସମାଜବାଦୀ ପାର୍ଟି(ବିଏସ୍‌ପି), ସିପିଆଇ/ସିପିଏମ୍‌କୁ କଳିକେଶ ନାରାୟଣ ସିଂ ଦେଓ,କୁଳମଣି ସାମଲ ଏବଂ ରୀତା ତରାଇ ଭେଟିବେ। ବଦ୍ରିନାରାୟଣ ପାତ୍ର,ଅରୂପ ପଟ୍ଟନାୟକ ଏବଂ ଶକୁନ୍ତଳା ଲାଗୁରୀ ଏନ୍‌ସିପି, ସୂର୍ଯ୍ୟ ନାରାୟଣ ପାତ୍ର, ଅନୁଭବ ମହାନ୍ତି ଏବଂ ପ୍ରଭାସ ସିଂ ଆମ୍ ଆଦ୍‌ମୀ ପାର୍ଟି(ଏଏପି), ଦେବୀ ପ୍ରସାଦ ମିଶ୍ର ଏବଂ ସିଦ୍ଧାନ୍ତ ମହାପାତ୍ର ଡିଏମ୍‌କେ ଓ ଏଆଇଏଡିଏମ୍‌କେକୁ ଭେଟି ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ନେଇ ସମର୍ଥନ ମାଗିବେ। କିଶୋର ମହାନ୍ତି ଏବଂ ଯୋଗେନ୍ଦ୍ର ତ୍ରିପାଠୀ ଆଇଏନ୍‌ଏଲ୍‌ଡି , ଜେଡି(ଏସ୍) ଏବଂ ଜେଡି(ୟୁ)କୁ ନଗେନ୍ଦ୍ର ପ୍ରଧାନ ଏବଂ ରବୀନ୍ଦ୍ର ଜେନା, ନ୍ୟାସନାଲ କନଫେରେନ୍ସ(ଏନ୍‌ସି) ଏବଂ ପିପୁଲ୍ସ ଡେମୋକ୍ରେଟିକ ପାର୍ଟି(ପିଡିପି)କୁ ପିନାକୀ ମିଶ୍ର ଏବଂ ଲଡୁ କିଶୋର ସ୍ୱାଇଁ ଭେଟିବେ ବୋଲି ସ୍ଥିର କରାଯାଇଛି। ସେହିପରି ଜେଏମ୍‌ଏମ୍‌କୁ ଅନୁଭବ ମହାନ୍ତି, ଝିନ୍ନ ହିକ୍କା ଏବଂ ବିମ୍ବାଧର କୁଅଁର, ଆରଜେଡିକୁ ପ୍ରସନ୍ନ ଆଚାର୍ଯ୍ୟ, ସରୋଜିନୀ ହେମ୍ବ୍ରମ, ଶିରୋମଣି ଅକାଲି ଦଳକୁ ତଥାଗତ ସତପଥୀ ଏବଂ ସୂର୍ଯ୍ୟ ନାରାୟଣ ପାତ୍ର, ଶିବସେନାକୁ ଅରୂପ ପଟ୍ଟନାୟକ ଏବଂ ବଳଭଦ୍ର ମାଝୀ ଭେଟିବେ। ଅନ୍ୟମାନଙ୍କ ମଧ୍ୟରେ ସମାଜବାଦୀ ପାର୍ଟିକୁ ଭର୍ତ୍ତୃହରି ମହତାବ ଏବଂ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ଟିଡିପି ଏବଂ ଟିଆରଏସ୍‌କୁ ସୌମ୍ୟ ରଞ୍ଜନ ପଟ୍ଟନାୟକ ଏବଂ ଏନ୍ ଭାସ୍କର ରାଓ ଭେଟି ସମର୍ଥନ ମାଗିବେ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

## ଦାଶରଥିଙ୍କୁ କେନ୍ଦ୍ର ...

ମଧ୍ୟରୁ ଜଣଙ୍କୁ ଏଥିପାଇଁ ଚୟନ କରାଯାଇଥାଏ। କେନ୍ଦ୍ର ସାହିତ୍ୟ ଏକାଡେମୀ କାର୍ଯ୍ୟକାରୀ ସମିତିର ନିଷ୍ପତ୍ତିକ୍ରମେ ଏଥର ପ୍ରଥମ ଥର ପାଇଁ ଅଣସ୍ୱୀକୃତିପ୍ରାପ୍ତ ସମ୍ବଲପୁରୀ ଭାଷାକୁ ସମ୍ମାନିତ କରିବାକୁ ଘୋଷଣା କରାଯାଇଛି। ଡ. ପ୍ରଫୁଲ୍ଲ ତ୍ରିପାଠୀ ଓ ପଦ୍ମଶ୍ରୀ ହଳଧର ନାଗ ଏହି ପୁରସ୍କାର ପାଇବେ।

ଦାଶରଥିଙ୍କ ପ୍ରମୁଖ ସମୀକ୍ଷା ଗ୍ରନ୍ଥ ହେଉଛି, 'କାବ୍ୟ ସମ୍ବାଦ', 'ଆଧୁନିକ କାବ୍ୟ ଜିଜ୍ଞାସା: ଚିତ୍ରକଳ୍ପ', 'କବିସୂର୍ଯ୍ୟ କାବ୍ୟବିଭା', 'ମୃତ୍ୟୁଲୋକରେ ରତୁ ସପ୍ତମ', 'ବିବିଧ ସମାଲୋଚନା', 'ଚିହ୍ନା ମାଟି ଅଚିହ୍ନା ଆକାଶ', 'ବିବିଧ ପ୍ରସ୍ତାବ', 'ବିଦଗ୍ଧ ମାନସ', 'ସାହିତ୍ୟ ବିବେକ' ଓ 'ପ୍ରସଙ୍ଗ ପୁରୁଣା ଭାବନା ନୂଆ'। ୧୯୭୭ରେ 'କାବ୍ୟ ସମ୍ବାଦ' ଗ୍ରନ୍ଥ ପାଇଁ ତାଙ୍କୁ ମିଳିଛି ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର। ଏହାଛଡ଼ା ସମ୍ମାନଜନକ ସାରଳା ପୁରସ୍କାର ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସମ୍ମାନ ଅତିବଡ଼ୀ ପୁରସ୍କାରରେ ମଧ୍ୟ ସେ ସମ୍ମାନିତ ହୋଇଛନ୍ତି। ଗୁଣାତ୍ମକ ସାହିତ୍ୟ ସମାଲୋଚନା ପାଇଁ 'ଧରିତ୍ରୀ' ପକ୍ଷରୁ ସେ ପୁରସ୍କୃତ। ଜାତୀୟସ୍ତରରେ ଭାଷା ସମ୍ମାନରେ ସମ୍ମାନିତ ଡ. ଗଗନେନ୍ଦ୍ର ନାଥ ଦାଶ ମଧ୍ୟ ଅତିବଡ଼ୀ ପୁରସ୍କାର ପାଇଛନ୍ତି। 'ପୁନଶ୍ଚ ଜନଶ୍ରୁତି- କାଞ୍ଚିକାବେରୀ' ଓ 'ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ' ଆଦି ବହୁ ପ୍ରମୁଖ ଗ୍ରନ୍ଥର ସେ ରଚୟିତା।

ମୋଟ ୨୪ଟି ଭାରତୀୟ ଭାଷାରେ ଏଥର ଏକାଡେମୀ ପୁରସ୍କାର ଘୋଷଣା କରାଯାଇଛି। ପୁରସ୍କାର ପାଇଁ ମନୋନୀତ ହୋଇଥିବା ପୁସ୍ତକଗୁଡ଼ିକ ମଧ୍ୟରେ ୬ଟି ଉପନ୍ୟାସ, ୭ଟି କବିତା ପୁସ୍ତକ, ୬ଟି କ୍ଷୁଦ୍ରଗଳ୍ପ, ୩ଟି ସମୀକ୍ଷା ପୁସ୍ତକ ଓ ୨ଟି ପ୍ରବନ୍ଧ ପୁସ୍ତକ ରହିଛି। ଆସନ୍ତା ଜାନୁୟାରୀ ୨୯ରେ ନୂଆଦିଲ୍ଲୀରେ ହେବାକୁ ଥିବା ଉତ୍ସବରେ ମନୋନୀତ ସମସ୍ତ ସାହିତ୍ୟିକଙ୍କୁ ପୁରସ୍କୃତ କରାଯିବ। ପୁରସ୍କାର ବାବଦରେ ୧ଲକ୍ଷ ଟଙ୍କାର ଅର୍ଥରାଶି ସହ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରାଯିବ। କାର୍ଯ୍ୟକାରୀ ସମିତି ବୈଠକରେ ଏକାଡେମୀ ସଭାପତି ଡ. ଚନ୍ଦ୍ରଶେଖର କମ୍ବର ପୌରୋହିତ୍ୟ କରିଥିବା ବେଳେ ସମ୍ପାଦକ ଶ୍ରୀନିବାସ ରାଓ ଓ ସଭ୍ୟ ଡ. ବିଜୟାନନ୍ଦ ସିଂ ଆଲୋଚନାରେ ଭାଗନେଇଥିଲେ।


ହଳଧର ନାଗ


ଗଗନେନ୍ଦ୍ର ନାଥ ଦାଶ


ପ୍ରଫୁଲ୍ଲ ତ୍ରିପାଠୀ


# ମନେ ପଡ଼ନ୍ତି

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଶ୍ରଦ୍ଧା ସୁମନ



**ସ୍ୱର୍ଗତ ନଟବର ଶିଶୁ**

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, କୋଣାର୍କ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଜୁଣେଇଁ
ଆବିର୍ଭାବ: ୨୬।୦୯।୧୯୩୧
ତିରୋଧାନ: ୨୮।୧୧।୨୦୧୬
ବାପା, ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ ଓ ବନ୍ଧୁପରିବାରବର୍ଗ।
ଧ-୯୮୪୧

### ଷଷ୍ଠ ବାର୍ଷିକ ଶ୍ରାଦ୍ଧଦିବସ



**ସ୍ୱର୍ଗତ ଗନ୍ଧର୍ବ ବିଶ୍ୱାଳ**

ଆରୁହାଁ, କୋଣାର୍କ, ପୁରୀ
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ: ପତ୍ନୀ- ଶାନ୍ତିଲତା, ଭାଇ- ଭଗବାନ, ପୁଅ- ପିଣ୍ଟୁ, ବୋହୂ- ଲୋରି, ଝିଅ- ରୀତା, ଗୀତା, ସବିତା, ଶଶୀ, ଜ୍ୱାଇଁ- ସଂଗ୍ରାମ, ସାଗର, ନାତୁଣୀ- ପ୍ରିୟା, ନାତି-ରିଆସ, ଶୁଭମ୍, ଆୟଷମାନ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୯୮୪୦

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ପ୍ରଫୁଲ୍ଲ କୁମାର ସାହୁ**

ବାଲିଅନ୍ତା, ଭୁବନେଶ୍ୱର
ଆବିର୍ଭାବ: ୩୦।୦୬।୧୯୫୫
ତିରୋଧାନ: ୨୬।୧୧।୨୦୧୮
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ଭାଇ- ପ୍ରତାପ କୁମାର ସାହୁ, କ୍ଷୀରୋଦ କୁମାର ସାହୁ, ମନୋଜ କୁମାର ସାହୁ ଓ ପରିବାରବର୍ଗ। ଧ-୬୪୨୫୯

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ସନାତନ ପାତ୍ର**

ଆବିର୍ଭାବ: ୦୫।୦୪।୧୯୩୨
ତିରୋଧାନ: ୨୮।୧୧।୨୦୧୬
ତୁମ ଅବର୍ତ୍ତମାନର ଦୁଇ ବର୍ଷ ଅତିକ୍ରାନ୍ତ। ତୁମର ଆଦର୍ଶ, ଅଦମ୍ୟ ସାହସ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା ତଥା ସ୍ନେହ ଓ ଶ୍ରଦ୍ଧା ଆମର ଚିର ପାଥେୟ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ସ୍ତ୍ରୀ, ପୁଅ, ବୋହୂ, ନାତି, ନାତୁଣୀବୋହୂ, ଝିଅ, ଜ୍ୱାଇଁ, ଭଣଜା ଏବଂ ସମସ୍ତ ଆତ୍ମୀୟସ୍ୱଜନ। ଧ-୯୮୩୬


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଗ୍ରହ ପ୍ରଭାବରେ ବିଭିନ୍ନ ଦିଗରୁ ଅର୍ଥର ସମାଗମ ହେବ, କିନ୍ତୁ ସମସ୍ୟା ଛାଡ଼ିବ ନାହିଁ। ସାହିତ୍ୟ, ସାମ୍ବାଦିକତା, ସଙ୍ଗଠନ ଓ ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇଯିବେ। ସନ୍ତାନଙ୍କ ବୈବାହିକ କର୍ମ ପରିପ୍ରେକ୍ଷୀରେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହୋଇପାରେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସୂଚନା ରହିଛି ।

**ବୃଷ** ଭାଗ୍ୟାଧିପ ଶନି ଅଷ୍ଟମ ଭାବସ୍ଥ ଯୋଗୁ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ଲାଭକରିବା କଷ୍ଟକର ହୋଇପାରେ। ଫଳରେ ନିକଟ ସମ୍ପର୍କୀୟମାନଙ୍କ ଚକ୍ରାନ୍ତରୁ କେତେକ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ। ପରିବହନ ଓ ଆମଦାନୀ ବାଣିଜ୍ୟରେ ଉନ୍ନତି କରିବେ। ପାରିବାରିକ କ୍ଷେତ୍ରରେ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହୋଇ ଭ୍ରାତୃ ସମ୍ପର୍କରେ ଅବନତି ଘଟିବ।

**ମିଥୁନ** ମଙ୍ଗଳଙ୍କ ସ୍ଥିତି ଆପଣଙ୍କ ଅଭିଳାଷ ପୂରଣ ଦିଗରେ ସାହାଯ୍ୟ କରିବ। ନୂତନ ଭାବରେ ଆରମ୍ଭ କରିଥିବା କାର୍ଯ୍ୟ ହାସଲ ପାଇଁ ଚେଷ୍ଟାକଲେ ନିଶ୍ଚିତ ଉପକୃତ ହେବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି, ଯାହାକି ପରିସ୍ଥିତିକୁ ସରଳ କରିବାରେ ସହାୟକ ହେବ। ପ୍ରତିବନ୍ଧକ କାରଣରୁ ବ୍ୟବସାୟୀମାନଙ୍କ ପାଇଁ ଦିନଟି ଭଲରେ କଟିବ ନାହିଁ।

**କର୍କଟ** ଏକାଦଶ ଭାବକୁ ଏକାଧିକ ଗ୍ରହ ଦୃଷ୍ଟି ନିକ୍ଷେପ କରୁଥିବାରୁ ଆପଣ ଯାହା ଚାହୁଁଛନ୍ତି ତାହା ପାଇବାରେ ଅସୁବିଧା ହେବନାହିଁ। କିନ୍ତୁ କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଦୂରଯାତ୍ରାରେ କାର୍ଯ୍ୟସିଦ୍ଧି ଘଟିବ, ମାତ୍ର ହୁଏତ ସୁଯୋଗ ପାଇବା ସହଜ ହୋଇ ନ ପାରେ। ପାରିବାରିକ ଜୀବନରେ ପକ୍ଷପାତିତା ଅଶାନ୍ତିର କାରଣ ହେବ।

**ସିଂହ** କର୍ମକ୍ଷେତ୍ରରେ ସ୍ଥଗିତ କାର୍ଯ୍ୟର ଅଗ୍ରଗତି ଘଟିବ, କିନ୍ତୁ ଶନି ପ୍ରଭାବରେ କେତେକ କାମରେ ପଶ୍ଚାତାପ ଜନିତ ମନସ୍ତାପ କରିପାରନ୍ତି। ପରିବାରରେ ଅଶାନ୍ତିକର ପରିବେଶ ସୃଷ୍ଟି ହେବାର ସୂଚନା ରହିଛି। ଦେହ ଭଲ ରହିବା ସାଙ୍ଗକୁ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଆଶା କରିଥିବା ଜିନିଷ ବିଳମ୍ବରେ ପାଇବେ।

**କନ୍ୟା** ନିଜ ଲୋକମାନଙ୍କ ସହଯୋଗ ଲାଭ କରି ନୂତନ କର୍ମାରମ୍ଭ କରିବାରେ ସମର୍ଥ ହେବେ। ଭଲ ସମ୍ପର୍କ ନ ଥିବା ବନ୍ଧୁଙ୍କ ଛଳନାତ୍ମକ କଥାକୁ ଠିକ୍ ଭାବେ ବୁଝି ପାରିବେନି । ସାହିତ୍ୟ, ଚିତ୍ରକଳା, ଲେଖାପଢ଼ା ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିବ।

**ତୁଳା** ଅର୍ଥନୈତିକ ଅଭିବୃଦ୍ଧି ସହ ସାମାଜିକ ପ୍ରତିଷ୍ଠା ବୃଦ୍ଧି ଅନୁଭବ କରି ଖୁସୀ ରହିବେ। ବନ୍ଧୁଙ୍କ ଜରିଆରେ କୌଣସି ବିଭ୍ରାନ୍ତିକର ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। କର୍ମକ୍ଳାନ୍ତ ଶରୀର ସାଙ୍ଗକୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ମନକୁ ନ ପାଇବା ହେତୁ କିଣି ଆଣିଥିବା ଜିନିଷ ବଦଳାଇବା ପାଇଁ କଷ୍ଟକର ହେବା ସୂଚନା ରହିଛି ।

**ବିଛା** ରାଶିସ୍ଥ ଗ୍ରହମାନେ ଲକ୍ଷ୍ୟହୀନ ଭ୍ରମଣ ସାଙ୍ଗକୁ କାର୍ଯ୍ୟ କ୍ଷେତ୍ରକୁ ଶୃଙ୍ଖଳିତ ରଖିବେ ନାହିଁ। ଆଶା କରୁଥିବା ଅର୍ଥ ପାଇବା ସହଜ ହେବନାହିଁ ବରଂ ଖର୍ଚ୍ଚାନ୍ତ ହୋଇ ମନସ୍ତାପ କରିବେ। ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରର ଘଟଣା ଗୁଡ଼ାକ ଅସାଧାରଣ ମନେହେବ। ପରିବାରରେ ନିଜ ଜିଦ୍‌ରେ ଅଟଳ ରହି ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି।

**ଧନୁ** ଆଜି ଅର୍ଥ ସମ୍ପର୍କିତ ସମସ୍ୟା ଦୁଶ୍ଚିନ୍ତାର କାରଣ ପାଲଟି ଯିବ। ଅବଶ୍ୟ ଆଶାନୁରୂପକ ସଫଳତା ହାସଲ କରିବାରେ ଜଣେ ବିଜାତୀୟ ବନ୍ଧୁ ସାହାଯ୍ୟ କରିବେ । କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ ନ କଲେ ପଶ୍ଚାତେ ଅନୁତାପ କରିବାକୁ ପଡ଼ିପାରେ।

**ମକର** କୋଣଭାବକୁ ଚତୁର୍ଗ୍ରହଙ୍କ ଦୃଷ୍ଟି ଆପଣଙ୍କୁ ବନ୍ଧୁଙ୍କ ପ୍ରତି ଅନୁରକ୍ତି ସୃଷ୍ଟିକରି ପାରିବାରିକ କଳହକୁ ନିମନ୍ତ୍ରଣ କରିବ। ଅଫିସ୍ କାମରେ ଫାଇଲ୍ କାମ ଅଟକି ରହିଥିବା ସକାଶେ ଅନୁତାପ କରିବାକୁ ପଡ଼ିପାରେ। ଆଜିର ଯାତ୍ରାର ଲକ୍ଷ୍ୟ ପୂରଣ ହେବ । ପୂର୍ବ ଶତ୍ରୁତାକୁ ନେଇ ଈର୍ଷା ମନୋଭାବ ପୋଷଣ କରି ଆତ୍ମୀୟସ୍ୱଜନ ଦୂରେଇଯାଇପାରନ୍ତି।

**କୁମ୍ଭ** ଆନୁଷଙ୍ଗିକ ସାହାଯ୍ୟ ଲାଭକରି ଅଟକି ରହିଥିବା କାମକୁ ସମ୍ପନ୍ନ କରିବାରେ ସମର୍ଥ ହେବେ। ଅତୀତର ବିବାଦୀୟ ଘଟଣା ମନକୁ ବିବ୍ରତ କରିପାରେ । ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ । ଏଣୁ ସାବଧାନତା ନିତାନ୍ତ ଦରକାର। ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ମୀନ** ପ୍ରତ୍ୟେକ ଦୃଷ୍ଟିକୋଣରୁ ଗ୍ରହ ସ୍ଥିତି ଆଜିର ଜୀବନଯାତ୍ରା ପାଇଁ ଅନୁକୂଳ ରହିବ। ଆଶା କରୁଥିବା ବନ୍ଧୁଙ୍କଠାରୁ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଯାତ୍ରା ସମୟରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଆର୍ଥିକ ଅଭାବ ଓ ଅନଟନ କେତେକ କାମକୁ ସ୍ଥଗିତ ରଖିଦେଇପାରେ।

ଆଜି ମାର୍ଗଶିର କୃଷ୍ଣ ଚତୁର୍ଦ୍ଦଶୀ ଯୁକ୍ତ ଅମାବାସ୍ୟା ଗୁରୁବାର, ଡିସେମ୍ବର ୬ ତାରିଖ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଶ୍ରାଦ୍ଧ ବେଶ, ଦଶରଥ ଓ କୌଶଲ୍ୟାଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ, ଜୟୀ ରାଜଗୁରୁଙ୍କ ଶହୀଦ ଦିବସ, ରାଶି-ନକ୍ଷତ୍ର-ଅନୁରାଧା/ବିଛା, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଅମାବାସ୍ୟାର ନିଶାପାଳନ। ଦିବା ଘ୧୦।୧୮ମି. ଗତେ ଘ୧୧।୪୦ମି. ମଧ୍ୟେ, ଘ୧।୦୦ମି. ଗତେ ଘ୨।୨୧ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୩୫ମି. ମଧ୍ୟେ ଘ୧୧।୪୦ମି ଗତେ, ଘ୧।୦୦ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୧୨।୫୯ମି. ଗତେ ଘ୨।୨୦ମି. ମଧ୍ୟେ ରାହୁକାଳ ।



> ଲଜ୍ଜା, ଘୃଣା, ଭୟ। ଏହି ତିନୋଟିରୁ ଗୋଟିଏ ଉପସ୍ଥିତ ଥିବା ପର୍ଯ୍ୟନ୍ତ ଭଗବାନଙ୍କ ଦର୍ଶନ ହୁଏ ନାହିଁ।
> -ଶ୍ରୀ ରାମକୃଷ୍ଣ ପରମହଂସ








# ଗାଈ, ମଇଁଷି, ଶିଙ୍ଘରେ ଲାଗିବ ରିଫ୍ଲେକ୍ଟିଭ ଷ୍ଟିକର

**ସଡ଼କ ଦୁର୍ଘଟଣା: ୧୦ ବର୍ଷରେ ମଲେଣି ୪୩ ହଜାର**

ଭୁବନେଶ୍ୱର, ୫।୧୨ (ବ୍ୟୁରୋ) - ରାସ୍ତାଘାଟରେ ଗୋରୁ, ମଇଁଷି ଭଳି ଗୃହପାଳିତ ପ୍ରାଣୀଙ୍କ ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏଥିରେ ବହୁ ଧନଜୀବନ ନଷ୍ଟ ହେଉଛି। ନିକଟରେ ମହାନଦୀ ପୋଲ ଉପରେ ମଇଁଷିକୁ ଧକ୍କାଦେଇ ଏକ ଯାତ୍ରୀବାହୀ ବସ ନଦୀକୁ ଖସିପଡ଼ିବାରୁ ୧୧ଜଣଙ୍କ ପ୍ରାଣହାନି ଘଟିବା ସହ ବହୁ ଯାତ୍ରୀ ଆହତ ହୋଇଥିଲେ। ଏଭଳି ଦୁର୍ଘଟଣାକୁ ଏଡ଼େଇବାକୁ ରାଜ୍ୟ ପରିବହନ ବିଭାଗ ଗାଈ, ମଇଁଷି ଆଦିଙ୍କ ଶିଙ୍ଘ ଓ ବେକରେ ରିଫ୍ଲେଟିଭ (ଉଜ୍ଜ୍ୱଳ )ଷ୍ଟିକର ଲଗାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ରାସ୍ତାଘାଟରେ ଶୋଇଥିବା କିମ୍ବା ଚଳପ୍ରଚଳ ହେଉଥିବା ଗୋରୁ, ମଇଁଷି ଆଦିଙ୍କୁ ସହଜରେ ଦୂରରୁ ଗାଡ଼ି ଚାଳକମାନେ ଦେଖିପାରିବେ। ସେହି ଅନୁଯାୟୀ ଗାଡ଼ିକୁ ନିଜ ନିୟନ୍ତ୍ରଣରେ ରଖି ପାରିବେ। ରାଜ୍ୟ ପରିବହନ କମିଶନର ସଞ୍ଜୀବ କୁମାର ପଣ୍ଡା ଏନେଇ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ସମଗ୍ର ରାଜ୍ୟରେ ଏହି ବ୍ୟବସ୍ଥାକୁ ଲାଗୁ କରାଯିବ। ରିଫ୍ଲେକ୍ଟର ଲଗାଇବା କାମରେ ସ୍ୱେଚ୍ଛାସେବୀ ସଂସ୍ଥାଗୁଡ଼ିକୁ ଦାୟିତ୍ୱ ଦିଆଯିବ। ପ୍ରତ୍ୟେକ ଗାଈ ପାଇଁ ୫୦ ଟଙ୍କା ପାଉଣା ଦିଆଯିବ। ଯେଉଁ ସଂସ୍ଥା ଯେତେ ଲାଗାଇବେ ସେହି ଅନୁଯାୟୀ ଦେୟ ପ୍ରଦାନ କରାଯିବ ବୋଲି ଜଣେ ବରିଷ୍ଠ ଆଞ୍ଚଳିକ ଅଧିକାରୀ କହିଛନ୍ତି। ସହରାଞ୍ଚଳ ରାସ୍ତା ଓ ଜାତୀୟ ରାଜପଥରେ ଗାଈ, ଷଣ୍ଢ, ମଇଁଷି ବୁଲିବା ଯୋଗୁ ଅନେକ ସମୟରେ ଗାଡ଼ି ଚଳାଚଳରେ ବ୍ୟାଘାତ ସୃଷ୍ଟି ହେଉଛି। ଗତ ୧୦ ବର୍ଷ ମଧ୍ୟରେ ରାଜ୍ୟ ଭିତରେ ଯାଇଥିବା ଜାତୀୟ ରାଜପଥରେ ୧ ଲକ୍ଷ ଦୁର୍ଘଟଣାରେ ୪୩ ହଜାର ୩୧୨ଜଣଙ୍କ ମୃତ୍ୟୁ ଘଟିଥିବା ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ନୃସିଂହ ଚରଣ ସାହୁ ବିଧାନସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କହିଛନ୍ତି। ୨୦୦୮ରୁ ୨୦୧୮ ମଧ୍ୟରେ ୬୧ ହଜାର ୮୮୪ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ୨୦୦୮ରେ ୮୧୮୧ ରାସ୍ତା ଦୁର୍ଘଟଣାରେ ୩୦୭୯ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୪୩୬୩ ଜଣ ଗୁରୁତର ଆହତ ହୋଇଥିଲେ। ୫୫୯୪ ଜଣ ସାମାନ୍ୟ ଆହତ ହୋଇଥିଲେ। ସେହିପରି ୨୦୧୭ରେ ୧,୦୮,୫୫ ହଜାର ଦୁର୍ଘଟଣାରେ ୪୭୯୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫୪୧୨ ଜଣ ଗୁରୁତର ଆହତ ହୋଇଥିଲେ। ୨୦୧୮ରେ ୮୨୯୨ ରାସ୍ତା ଦୁର୍ଘଟଣାରେ ୩୮୧୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୮୭୧୮ ଜଣ ଆହତ ହୋଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଗୋରୁ ଚଳପ୍ରଚଳ ଯୋଗୁ ମଧ ଅନେକ ଦୁର୍ଘଟଣା ଘଟୁଥିବା ପରିବହନ ବିଭାଗ ରିପୋର୍ଟ କହୁଛି।











## ମୋଟରଯାନ ଆଇନ ଉଲ୍ଲଂଘନ ଜରିମାନା

# ଆଜିଠୁ ମାନୁଆଲ ବଦଳରେ ଇ-ଚାଲାଣ

ଭୁବନେଶ୍ୱର,୫।୧୨(ବ୍ୟୁରୋ)

ଏଣିକି ଯାନବାହନ ସମ୍ପର୍କିତ ଜରିମାନା ଆଉ ମାନୁଆଲ ରସିଦ ବହି ଧରି ଆଦାୟ ହେବ ନାହିଁ। ଇଲେକ୍ଟ୍ରୋନିକ୍ ଚାଲାଣ(ଇ-ଚାଲାଣ)ମାଧ୍ୟମରେ ଆଦାୟ କରାଯିବ। ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ମାନବ ସମ୍ବଳ ବିନିଯୋଗ ହ୍ରାସ ପାଇବା ସହ ସମୟ ସଞ୍ଚୟ ହୋଇପାରିବ। ପଞ୍ଜୀକରଣ ସମୟରେ ଯାନବାହନର ମାଲିକମାନଙ୍କର ସମସ୍ତ ତଥ୍ୟ ପରିବହନ କାର୍ଯ୍ୟାଳୟରେ ରହିଛି। ଏଗୁଡ଼ିକ ମଧ ଆଧାର ଲିଙ୍କ୍ କରାଯାଇଛି। ସେଗୁଡ଼ିକୁ ଡାଟାବେସ କରାଯିବ। ଯେଉଁ ଗାଡ଼ି ଉପରେ ଜରିମାନା ଲଗାଯିବ ତୁରନ୍ତ ଅନ୍‌ଲାଇନ ଜରିଆରେ ଇ-ଚାଲାଣ ସମ୍ପୃକ୍ତ ଯାନବାହନର ମାଲିକମାନଙ୍କ ନିକଟରେ ପହଞ୍ଚିଯିବ। ମାଲିକମାନେ ଜରିମାନା ରାଶି ମଧ ଡେବିଟ କାର୍ଡ ଜରିଆରେ ପଇଠ କରି ପାରିବେ। ଏହାଛଡ଼ା ଘରେ ବସି ଅନଲାଇନରେ ମଧ ଜରିମାନା ଭରଣା କରି ପାରିବେ। ବାରମ୍ବାର ଆଇନ ଉଲ୍ଲଂଘନ କରୁଥିବା ଚାଳକମାନଙ୍କର ତାଲିକା ରେକର୍ଡ ହୋଇ ରହିବ। କେବେ କେଉଁ ଦିନ କେତେ ଦୁର୍ଘଟଣା ଘଟାଇଛି ସେହି ଅନୁଯାୟୀ ପରବର୍ତ୍ତୀ ସମୟରେ ଜରିମାନା ରାଶି ବୃଦ୍ଧି କରାଯାଇ ପାରିବ। ଯାନବାହନ ଆଇନ ଉଲ୍ଲଂଘନ କରୁଥିବା ସମସ୍ତ ଯାନବାହନ ପାଇଁ ଏହି ନୂତନ ବ୍ୟବସ୍ଥା ଗୁରୁବାରଠାରୁ କାର୍ଯ୍ୟକାରୀ ହେବ।

## ଓଡ଼ିଶା ଉପକୂଳରେ ଟ୍ରଫ୍ ଲାଇନ

# ଫୁଲବାଣୀରେ ତାପମାତ୍ରା ୮.୮ ଡିଗ୍ରୀ

ଭୁବନେଶ୍ୱର,୫।୧୨(ବ୍ୟୁରୋ)

ରାଜ୍ୟରେ ହାଲ୍‌କା ଶୀତ ଜାରି ରହିଛି। ପାରଦ ତଳକୁ ଖସୁନାହିଁ। ଓଡ଼ିଶା ଉପକୂଳ ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଉପରେ ଏକ ଟ୍ରଫ୍‌ଲାଇନ ରହିଛି। ଏହାର ପ୍ରଭାବରେ ଆକାଶ ମେଘାଚ୍ଛନ୍ନ ରହୁଛି। ଫଳରେ ତାପମାତ୍ରା ତଳକୁ ଖସୁନାହିଁ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୮.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗବାଡି ୧୩, ବାଲେଶ୍ୱର ୧୩.୫, ଅନୁଗୋଳ ୧୨, ବାରିପଦା ୧୩.୮, ଝାରସୁଗୁଡା ୧୩.୯, କେନ୍ଦୁଝର ୧୨.୧ ଏବଂ ସୁନ୍ଦରଗଡ଼ ଜିଲାରେ ସର୍ବନିମ୍ନ ତାପମାତ୍ରା ୧୨.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୫ରୁ ୧୮ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହୁଛି। ୬ ଓ ୭ ତାରିଖରେ ଉପକୂଳ ସମେତ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ପ୍ରବଳ କୁହୁଡ଼ି ହେବାର ସମ୍ଭାବନା ରହିଛି। ଡିସେମ୍ବର ଦ୍ୱିତୀୟ ସପ୍ତାହ ବେଳକୁ ରାଜ୍ୟରେ ଶୀତର ପ୍ରକୋପ ବଢ଼ିବ ବୋଲି ପୂର୍ବାନୁମାନ କରାଯାଇଛି।

# ଅଭିଜିତ୍‌ଙ୍କୁ ହାଇକୋର୍ଟରୁ ମିଳିଲା ଜାମିନ

କଟକ ଅଫିସ, ୫।୧୨

- ନିମ୍ନ ଅଦାଲତଙ୍କ ସର୍ତ୍ତ ଆଧାରରେ ଜେଲ୍‌ରୁ ମୁକୁଳିବେ
- ପୂର୍ବରୁ ବିଧାନସଭା ଗୃହ କମିଟି, ରାଜ୍ୟ ସରକାର କ୍ଷମା ଦେଇଛନ୍ତି

ଶ୍ରୀମନ୍ଦିର, କୋଣାର୍କ ମନ୍ଦିର ଓ ଓଡ଼ିଶାର କଳା ସଂସ୍କୃତିକୁ ନେଇ ଅରୁଚିକର ମନ୍ତବ୍ୟ ଦେଇ ଜେଲ୍ ଯାଇଥିବା ଅଭିଜିତ ଆୟର ମିତ୍ରଙ୍କୁ ବୁଧବାର ହାଇକୋର୍ଟରୁ ଜାମିନ ମିଳିଛି। ଏହି ଜାମିନ ଆବେଦନର ଶୁଣାଣି କରିଥିଲେ ବିଚାରପତି ଜଷ୍ଟିସ ଦେବବ୍ରତ ଦାସ। ତେବେ ନିମ୍ନ ଅଦାଲତ ଅଭିଜିତ୍‌ଙ୍କ ଜାମିନ ଉପରେ ସର୍ତ୍ତାବଳୀ ଲାଗୁ କରିବା ପରେ ସେ ଛାଡ ପାଇବେ ବୋଲି ବିଚାରପତି ଆଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ମଙ୍ଗଳବାର ଅଭିଜିତ୍‌ଙ୍କ ବିରୋଧରେ ଥିବା ସମସ୍ତ ମାମଲାକୁ ରାଜ୍ୟ ସରକାର ପ୍ରତ୍ୟାହାର କରିନେବା ସହିତ ତାଙ୍କୁ କ୍ଷମା କରିଦେଇଛନ୍ତି।

ସୂଚନା ଥାଉକି, ଗତ ଅକ୍ଟୋବର ମାସରେ ଅଭିଜିତ ଓଡ଼ିଶା ବୁଲି ଆସିବା ସମୟରେ ସୋସିଆଲ ମିଡିଆରେ ନାନା ଅରୁଚିକର ମନ୍ତବ୍ୟ ଦେଇଥିଲେ। ଏପରିକି ଓଡ଼ିଶା ବିଧାନସଭାର ବିଧାୟକମାନଙ୍କ ପ୍ରତି ମଧ ଅସମ୍ମାନସୂଚକ ମନ୍ତବ୍ୟ ଦେବାକୁ ପଛାଇ ନ ଥିଲେ। ଏହାକୁ ନେଇ ଅଭିଜିତ୍‌ଙ୍କ ବିରୋଧରେ କୋଣାର୍କ ଏବଂ ଭୁବନେଶ୍ୱରର ଶହୀଦନଗର ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିଲା। ଏହା ପରେ ଓଡ଼ିଶା ପୋଲିସ ତାଙ୍କୁ ଦିଲ୍ଲୀରୁ ଗିରଫ କରିଥିଲା। ଗିରଫ ପରେ ଦିଲ୍ଲୀର ସାକେତ କୋର୍ଟ ତତ୍କାଳ ଅଭିଜିତ୍‌ଙ୍କୁ ଜାମିନ ଦେବା ସହିତ କୋଣାର୍କ ଥାନାରେ ହାଜର ହୋଇ ତଦନ୍ତରେ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସାକେତ କୋର୍ଟର ଆଦେଶ ସତ୍ତ୍ୱେ ସେ କୋଣାର୍କ ଥାନାରେ ହାଜର ହେବା ପରିବର୍ତ୍ତେ ସୁପ୍ରିମକୋର୍ଟକୁ ଜାମିନ ପାଇଁ ଯାଇଥିଲେ। ସୁପ୍ରିମକୋର୍ଟ ଉକ୍ତ ଜାମିନ ଆବେଦନକୁ ଖାରଜ କରିଦେବା ଫଳରେ ଅଭିଜିତ୍ ଶେଷରେ ଅକ୍ଟୋବର ୨୩ରେ ଓଡ଼ିଶା ବିଧାନସଭା ଗୃହ କମିଟିରେ ହାଜର ହୋଇଥିଲେ। ଏହାପରେ ଶହୀଦନଗର ଥାନାରେ ହୋଇଥିବା ଅଭିଯୋଗ ଆଧାରରେ ପୋଲିସ ତାଙ୍କୁ ଗିରଫ କରି ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଥିଲା। ପରେ ସେ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପରବର୍ତ୍ତୀ ସମୟରେ ଅଭିଜିତ୍ ଗୃହ କମିଟି ନିକଟରେ କ୍ଷମା ମାଗିବା ପରେ କମିଟି ପକ୍ଷରୁ ତାଙ୍କୁ କ୍ଷମା ଦିଆଯାଇଥିଲା।

ସୂଚନାଥାଉକି, ଝାରପଡ଼ା ଜେଲ୍‌ରେ ଅଭିଜିତ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏବେ ସେ ସେଠାରେ ଚିକିତ୍ସାଧୀନ ଅଛନ୍ତି। ଏହାପୂର୍ବରୁ ନଭେମ୍ବର ୨୦ରେ ଅଭିଜିତ୍ କ୍ଷମାପ୍ରାର୍ଥନା କରିବା ସହ ମାମଲା ପ୍ରତ୍ୟାହାର ପାଇଁ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ଏକ ଚିଠି ଲେଖିଥିଲେ।

# ମନ୍ତ୍ରୀ ବଦ୍ରି ପାତ୍ରଙ୍କ ପୁଅଙ୍କୁ ସର୍ତ୍ତମୂଳକ ଜାମିନ

କଟକ ଅଫିସ, ୫।୧୨

ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ପୁଅ ଦେବାଶିଷ ପାତ୍ରଙ୍କୁ ବୁଧବାର ହାଇକୋର୍ଟରୁ ଜାମିନ ମିଳିଛି। ଦେବାଶିଷଙ୍କ ସମେତ ତାଙ୍କର ୪ ସହଯୋଗୀଙ୍କୁ ମଧ ହାଇକୋର୍ଟ ଜାମିନ ମଞ୍ଜୁର କରିଛନ୍ତି। ବିଚାରପତି ଜଷ୍ଟିସ ଦେବବ୍ରତ ଦାସ ଦେବାଶିଷଙ୍କ ଜାମିନ ଆବେଦନର ଶୁଣାଣି କରିଥିଲେ। ତେବେ ଜାମିନର ସର୍ତ୍ତାବଳୀ ଅନୁଯାୟୀ ଦେବାଶିଷ ଏବଂ ତାଙ୍କର ସହଯୋଗୀ ପ୍ରତି ୧୫ ଦିନରେ ଥରେ ଥାନାରେ ହାଜର ହେବେ। ସମାନ ଧରଣର ଅପରାଧ ସହିତ ଜଡ଼ିତ ରହିବେ ନାହିଁ ଓ ତଦନ୍ତରେ ପୋଲିସକୁ ସମ୍ପୂର୍ଣ୍ଣ ସହଯୋଗ କରିବେ। ତେବେ କେତେଜଣ ଜାମିନଦାରଙ୍କ ବଦଳରେ ଦେବାଶିଷ ଜେଲ୍‌ରୁ ମୁକୁଳିବେ ସେ ନେଇ ତଳ କୋର୍ଟ ନିଷ୍ପତ୍ତି ନେବେ ବୋଲି ହାଇକୋର୍ଟ ବିଚାରପତି ରାୟରେ ସ୍ପଷ୍ଟ କରିଛନ୍ତି। ସୂଚନା ଥାଉକି, ପୋଲିସକୁ ଆକ୍ରମଣ କରିବା ଅଭିଯୋଗରେ ଦେବାଶିଷଙ୍କୁ କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ପୋଲିସ ଗତ ସେପ୍ଟେମ୍ବର ୨୦ରେ ଗିରଫ କରିଥିଲା। ତଳ କୋର୍ଟରେ ତାଙ୍କ ଜାମିନ ଆବେଦନ ଖାରଜ ହେବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।




❝ ପରିପୂର୍ଣ୍ଣତା ଆଡକୁ ଆମକୁ ନେଇଯିବା ପାଇଁ ଭଗବାନ ଯେଉଁ ପ୍ରୟାସ କରୁଛନ୍ତି – ତା'ବିରୁଦ୍ଧରେ ବାଧାଦାନର ଖେଳ ହିଁ ହେଲା ପାପ–ପୁଣ୍ୟ। ଏଇ ପୁଣ୍ୟବୋଧ ମଧ୍ୟ ଆମକୁ ନିଜ ପାପ ସବୁକୁ ଗୁପ୍ତ ରଖିବାରେ ସହାୟତା କରେ। –ଶ୍ରୀଅରବିନ୍ଦ





ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

# ଜୀବହତ୍ୟା ଓ ଭୂମିକମ୍ପ

ଡ.ମଦନମୋହନ ବଜାଜ ଜଣେ ପ୍ରାଣୀ କଲ୍ୟାଣ କର୍ମୀ ନୁହନ୍ତି। ସେ ନିଷ୍ଠୁରତା ବନ୍ଦ କରିବାକୁ ଚେଷ୍ଟା କରନ୍ତିନି କିମ୍ବା ପ୍ରତିବାଦ କରନ୍ତିନି କି କୋର୍ଟକୁ ବି ଯାଆନ୍ତିନି। ସେ ହେଉଛନ୍ତି ଅନ୍ତର୍ଜାତୀୟ ବିଜ୍ଞାନ ଗବେଷଣା ଓ ମଙ୍ଗଳ ସଂସ୍ଥାର ମହାନିର୍ଦ୍ଦେଶକ ତଥା ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଫିଜିକ୍ସ ଓ ଆଷ୍ଟ୍ରୋଫିଜିକ୍ସ ବିଭାଗ ଅନ୍ତର୍ଗତ ମେଡିକାଲ ଫିଜିକ୍ସ, ଇମ୍ୟୁନୋଫିଜିକ୍ସ, ନ୍ୟୁକ୍ଲିୟର ବାୟୋଫିଜିକ୍ସ ଏବଂ ବାୟୋମେଡିକାଲ ଇଞ୍ଜିନିୟରିଂ ରିସର୍ଚ୍ଚ ଲାବୋରେଟୋରିର ମୁଖ୍ୟ। ଏଠାରେ ସେ ୧୯୬୮ ମସିହାରୁ ଅଧ୍ୟାପନା କରିଆସୁଛନ୍ତି। ସେ ହେଉଛନ୍ତି ୩୦୦ରୁ ଊର୍ଦ୍ଧ୍ୱ ଗବେଷଣା ନିବନ୍ଧର ଲେଖକ ଏବଂ ଇଣ୍ଡିଆନ୍ ସୋସାଇଟି ଅଫ୍ ଜେନେଟିକ୍ସ ଆଣ୍ଡ୍ ପ୍ଲାଣ୍ଟ ବ୍ରିଡିଂ, ଇଣ୍ଡିଆନ୍ ଏକାଡେମୀ ଅଫ୍ ମେଡିକାଲ ଫିଜିକ୍ସ, ଆମେରିକାନ୍ କେମିକାଲ ସୋସାଇଟି, ଫିଜିକାଲ ସୋସାଇଟି ଅଫ୍ ଜାପାନ୍, ଜାପାନ୍ ସୋସାଇଟି ଅଫ୍ ମେଡିକାଲ ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ ବାୟୋମେଡିକାଲ ଇଞ୍ଜିନିୟରିଂ, ଫିଜିକାଲ ସୋସାଇଟି ଅଫ୍ ନେପାଳ, ଏସିଆନ୍ ଫିଜିକାଲ ସୋସାଇଟି, ଇଣ୍ଡିଆନ୍ ସୋସାଇଟି ଫର୍ କ୍ୟାନ୍ସର କେମୋଥେରାପି, ଇଣ୍ଡିଆନ୍ ସୋସାଇଟି ଫର୍ କ୍ୟାନ୍ସର ରିସର୍ଚ୍ଚ, ମ୍ୟାଥ୍‌ମେଟିକାଲ ଆସୋସିଏଶନ ଅଫ୍ ଇଣ୍ଡିଆ, ସୋସାଇଟି ଅଫ୍ ଫିଜିଓଲୋଜିଷ୍ଟ୍ସ ଆଣ୍ଡ୍ ଫାର୍ମାକୋଲୋଜିଷ୍ଟ୍ସ ଅଫ୍ ଇଣ୍ଡିଆର ସଦସ୍ୟ। ସେ ଇଣ୍ଡିଆନ୍ ଏକାଡେମୀ ଅଫ୍ ମେଡିକାଲ ଫିଜିକ୍ସର ସେକ୍ରେଟାରି ଏବଂ ଭାରତ ସରକାରଙ୍କ ପାରମାଣବିକ ଶକ୍ତି ବିଭାଗ ଦ୍ୱାରା ଆୟୋଜିତ ଅନେକ ସଂଗୋଷ୍ଠୀର ଅଧ୍ୟକ୍ଷ ଥିଲେ।

ଡ. ବଜାଜ ୧୮ ଜଣ ପିଏଚ୍.ଡି. ଛାତ୍ର, ୮ ଜଣ ଏମ୍.ଫିଲ୍. ଛାତ୍ରଙ୍କ ଗାଇଡ୍ ଥିଲେ ଏବଂ ୨ ଜଣ ଡି.ଏସ୍‌ସି. ଛାତ୍ରଙ୍କୁ ସହାୟତା କରିଥିଲେ। ସେ ମଧ୍ୟ ୧୫ଟି ବିଜ୍ଞାନଭିତ୍ତିକ ପୁସ୍ତକର ସହଲେଖକ। ସେ ମହାତ୍ମା ଗାନ୍ଧୀ ସ୍କୁଲ୍ ଫର୍ ଦ ଚିଲ୍‌ଡ୍ରେନ୍ ଅଫ୍ ଲେପ୍ରସ୍ ଫ୍ୟାମିଲିଜ୍‌ର ପ୍ରତିଷ୍ଠାତା। ସଂକ୍ଷେପରେ କହିଲେ ସେ ଜଣେ ପ୍ରତିଭାଧର ବୈଜ୍ଞାନିକ ଓ ମାନବବାଦୀ।

ଡ. ବଜାଜ ଅନ୍ୟ ପଦାର୍ଥବିଜ୍ଞାନୀଙ୍କ ସହ ମିଶି ଏକ ପୁସ୍ତକ ଲେଖିଛନ୍ତି, ଯେଉଁଥିରେ କେତେକ ନୂତନ ଦୃଷ୍ଟିକୋଣ ପ୍ରକାଶ ପାଇଛି। ପୁସ୍ତକର ନାମ ହେଉଛି ଏଟିଓଲୋଜି ଅଫ୍ ଆର୍ଥକ୍ୱେକ୍ସ, ଏ ନ୍ୟୁ ଆପ୍ରୋଚ୍' ଏବଂ ଏହାର ସହଲେଖକମାନେ ହେଉଛନ୍ତି ଏମ୍.ଏମ୍. ବଜାଜ, ଇବ୍ରାହିମ୍ ଓ ବିଜୟରାଜ ସିଂ। ଏଚ୍.ବି. ପ୍ରକାଶନ, ଇନ୍ଦୋର ଏହାକୁ ପ୍ରକାଶ କରିଛି। ସୁଡଲ, ରୁଷିଆଠାରେ ଜୁନ୍ ୧୯୯୫ରେ ଅନୁଷ୍ଠିତ ଏକ ଅନ୍ତର୍ଜାତୀୟ ବୈଜ୍ଞାନିକ ସମ୍ମେଳନରେ ଉପସ୍ଥାପିତ ଏକ ଗବେଷଣା ନିବନ୍ଧ ଉପରେ ପୁସ୍ତକଟି ଆଧାରିତ।

ଏପର୍ଯ୍ୟନ୍ତ ଭୂମିକମ୍ପର ପୂର୍ବାନୁମାନ କରିବା ସମ୍ଭବ ହୋଇନାହିଁ, କାରଣ ଲୋକମାନେ ଏହାର କାରଣ ଜାଣନ୍ତି ନାହିଁ। ଉକ୍ତ ପୁସ୍ତକର ଲେଖକମାନେ ଦାବି କରନ୍ତି ଯେ, ନିର୍ଦ୍ଦୟଭାବରେ ଏବଂ ନିରବଚ୍ଛିନ୍ନ ଭାବରେ ପଶୁ, ପକ୍ଷୀ ଏବଂ ମାଛମାନଙ୍କୁ ହତ୍ୟା କରାଯାଉଥିବାରୁ ସେମାନଙ୍କ କରୁଣ ଚିତ୍କାର, ଭୟ ଓ ଯନ୍ତ୍ରଣା ଘନୀଭୂତ ହୋଇ ଭୂମିକମ୍ପ ସୃଷ୍ଟି କରୁଛି। ସେମାନଙ୍କ ମତରେ ଯନ୍ତ୍ରଣା ବାସ୍ତବରେ ଭୌତିକ ତରଙ୍ଗ ସୃଷ୍ଟି କରୁଛି। ଅବଶ୍ୟ ଭୂବିଜ୍ଞାନୀମାନେ ଏ ତତ୍ତ୍ୱକୁ ଗ୍ରହଣ କରି ନ ପାରନ୍ତି ଏବଂ ଅନ୍ୟ ବୈଜ୍ଞାନିକମାନେ ଏ କଥା ଶୁଣି ହସିପାରନ୍ତି। କିନ୍ତୁ ଏ କଥା ସ୍ମରଣ ରଖିବା ଉଚିତ ଯେ, ଡ୍ରାଇଭରବିହୀନ କାର୍, କର୍ଡଲେସ୍ ଟେଲିଫୋନ୍, ଗୋଟିଏ କୋଷକୁ ବହୁଗୁଣିତ କରି ମାଂସ ପ୍ରସ୍ତୁତି ଏବଂ ଆହୁରି ଅନେକ ଜିନିଷ ବାହାରିବା ପୂର୍ବରୁ ଏସବୁର ଥିଓରୀ ଓ ସମ୍ଭାବନାକୁ ନେଇ ଲୋକେ ହସୁଥିଲେ। ଉରି ଗେଲର ମନର ଶକ୍ତି ଦ୍ୱାରା ଏକ ଚାମଚକୁ ବଙ୍କା କରିପାରୁଥିବାରୁ ବିଶ୍ୱବିଖ୍ୟାତ ହୋଇଛନ୍ତି। ବର୍ତ୍ତମାନ ତାଙ୍କ ପରି ଅନେକେ ଏହି କାମ କରିପାରୁଛନ୍ତି। ମାନସିକ ଶକ୍ତିର ବିକାଶ ଲାଗି ବର୍ତ୍ତମାନ ରୁଷିଆଠାରୁ ଆରମ୍ଭ କରି ଇଟାଲି ପର୍ଯ୍ୟନ୍ତ ବିଶ୍ୱ ସାରା ଅନେକ ସ୍କୁଲ ପ୍ରତିଷ୍ଠା ହେଲାଣି ଏବଂ ମୁଁ ଏପରି କେତେକ ସ୍କୁଲ ଦେଖିଛି। ଭାରତରେ କେତେକ ବାବା ମାନସିକ ଶକ୍ତି ଦ୍ୱାରା ରୋଗ ଆରୋଗ୍ୟ କରିପାରୁଛନ୍ତି। ମାନସିକ ଶକ୍ତିକୁ ଆଉ କିପରି ବୁଝାଯାଇପାରିବ? ଏହାର ଏକ ସହଜ ପନ୍ଥା ମୁଁ ୨୦୧୪ରେ 'ଲୁସି ମେଡ୍ ବାଇ ଲକ୍ ବ୍ରେସନ୍'ରୁ ପାଇଛି।

ସଂଯୋଗ ବା କାକତାଳିକ ବୋଲି ଆମେ କାହାକୁ କହୁ? ଯେତେବେଳେ ଆମେ ଗୋଟିଏ କଥା ଭାବୁ ଓ କିଛି ଘଟଣା ଅଳ୍ପ ସମୟ ଭିତରେ ଘଟେ ତାକୁ ଆମେ ସଂଯୋଗ କହୁ। ମନସ୍ତତ୍ତ୍ୱବିତ୍ କାର୍ଲ ଜଙ୍ଗ୍ କହିଥିଲେ ମିନିଙ୍ଗ୍‌ଫୁଲ କଏନ୍ସିଡେନ୍ସ ବା ସାର୍ଥକ ସଂଯୋଗର କଥା। କୌଣସି ଅସାଧାରଣ ଘଟଣାର ବ୍ୟାଖ୍ୟା କରିବା ପାଇଁ ଜଙ୍ଗ୍ ଏହି ତତ୍ତ୍ୱର ବ୍ୟବହାର କରିଆସୁଥିଲେ। କିନ୍ତୁ ଏଥିସହ ସେ ଯୋଗ କଲେ ଆମର ଉପଲବ୍ଧ ଜ୍ଞାନ ଦ୍ୱାରା ଆମେ ଅତିମାନସ ତତ୍ତ୍ୱର ବ୍ୟାଖ୍ୟା କରିପାରିବା ନାହିଁ।

ମନ କ'ଣ ଶକ୍ତିର ତରଙ୍ଗ ସୃଷ୍ଟି କରେ? ସ୍ୱାମୀ ବିବେକାନନ୍ଦ ଶିକାଗୋ ଆକାଶରେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ଉପରେ ଦୃଷ୍ଟିନିବଦ୍ଧ କରିବାରୁ ତାଙ୍କୁ ଜଣାଗଲା ତାହା ହେଉଛି ଏକ ବିଷାଦର ଘନ କଳା ବାଦଲ। ପ୍ରକୃତରେ ତାହା ଥିଲା ଆମେରିକାର ଏକ ଷ୍ଟକ୍‌ୟାର୍ଡ/କଂସେଇଖାନା, ଯେଉଁଠିକୁ ଗୋରୁମାନେ ବହୁ ସଂଖ୍ୟାରେ ମରାହେବା ପାଇଁ ଆସନ୍ତି। ତା'ହେଲେ ସେହି କଳା ବାଦଲ ଗୋରୁମାନଙ୍କ ଯନ୍ତ୍ରଣାର ଘନୀଭୂତ ରୂପ ନୁହେଁ ତ? ଜଙ୍ଗ୍ ଏକମାତ୍ର ବୈଜ୍ଞାନିକ ନୁହନ୍ତି ଯିଏ ଅସାଧାରଣ ତତ୍ତ୍ୱରେ ବିଶ୍ୱାସ କରୁଥିଲେ। ଆଧୁନିକ ବିଜ୍ଞାନର ଜନକ ଆଲ୍‌ବର୍ଟ ଆଇନ୍‌ଷ୍ଟାଇନ୍ ମଧ୍ୟ ଭୂବିଜ୍ଞାନରେ ଇପିଡବ୍ଲ୍ୟୁ ବା ଆଇନ୍‌ଷ୍ଟାଇନ୍ ପେନ୍ ୱେଭ୍‌ସ ତତ୍ତ୍ୱର ପ୍ରଚାର କରିଥିଲେ। ଯାହା ମନେହୁଏ ବିଆଇଏସ୍ (ବଜାଜ–ଇବ୍ରାହିମ୍–ସିଂ) ଆଇନ୍‌ଷ୍ଟାଇନ୍‌ଙ୍କର ଇପିଡବ୍ଲ୍ୟୁ ତତ୍ତ୍ୱର ହିଁ ବିକାଶ କରିଛନ୍ତି। ସେମାନଙ୍କ ଯୁକ୍ତି ଅନୁସାରେ ପ୍ରାଣୀମାନଙ୍କ ଗଣହତ୍ୟା ହିଁ ଭୂମିକମ୍ପର କାରଣ।

ଭୂମିକମ୍ପ କାହିଁକି ଓ କେତେବେଳେ ଘଟେ? କେହି ଜାଣନ୍ତି ନାହିଁ। ତେଣୁ ଏ ତତ୍ତ୍ୱକୁ ଅସ୍ୱୀକାର କରିହେବ ନାହିଁ। ହୁଏତ ଭବିଷ୍ୟତରେ ଭୂକମ୍ପ ବିଜ୍ଞାନୀମାନେ ପ୍ରମାଣ କରିପାରନ୍ତି ଯେ, ଅତୀତର ମୁନିଋଷିମାନେ ଯାହା କହିଆସିଛନ୍ତି– ବିଶ୍ୱ ମାନସ ହେଉଛି ସବୁଠାରୁ ଶକ୍ତିଶାଳୀ। ବିଶ୍ୱର ଯେଉଁଠି ଯେଉଁଠି ଭୂମିକମ୍ପ ଘଟିଛି ଓ ଯେଉଁସବୁ ସ୍ଥାନ ଭୂକମ୍ପପ୍ରବଣ, ସେଠାରେ ବା ଆଖପାଖରେ ନିୟୁତ ନିୟୁତ ପ୍ରାଣୀଙ୍କୁ ହତ୍ୟା କରାଯାଉଥିବା ଉକ୍ତ ପୁସ୍ତକରେ ପ୍ରକାଶ ପାଇଛି। ଇପିଡବ୍ଲ୍ୟୁ ତତ୍ତ୍ୱ କହେ, ପ୍ରାଥମିକ ଓ ଦ୍ୱିତୀୟକ ତରଙ୍ଗ ଶୀଘ୍ର ଗତି କଲାବେଳେ ଏକ କାଳଖଣ୍ଡରେ ଯନ୍ତ୍ରଣା ତରଙ୍ଗ ଘନୀଭୂତ ହୋଇ ଚାପ ସୃଷ୍ଟି କରେ। ଯେତେବେଳେ ତାହା ଚରମ ସୀମାରେ ପହଞ୍ଚେ ଫାଟିଯାଏ ଓ ଭୂମିକମ୍ପ ରୂପରେ ପ୍ରତିକ୍ରିୟା ପ୍ରକାଶ କରେ।

ଉକ୍ତ ପୁସ୍ତକରେ ଲେଖାଯାଇଛି ଯେ, ସେମାନେ ନୋସିସେପ୍ଟିଭ୍ ୱେଭ୍ (ଯନ୍ତ୍ରଣାଜାତ ତରଙ୍ଗ)ର ଜଟିଳ ଭୂମିକା ଉପରେ ଅନୁଧ୍ୟାନ କରିଛନ୍ତି। ପ୍ରାଣୀମାନଙ୍କ ଯନ୍ତ୍ରଣା ଓ ଆର୍ତ୍ତ ଚିତ୍କାରରୁ ଯେଉଁ ତରଙ୍ଗ ସୃଷ୍ଟି ହୁଏ, ତାହା ଭୂତ୍ୱକ୍ ଦେଇ ପୃଥିବୀର ଅଭ୍ୟନ୍ତରକୁ ପ୍ରବେଶ କରେ। ଏହି ତରଙ୍ଗ ହିଁ ଶକ୍ତିଶାଳୀ ହୋଇ ଏକ ନିର୍ଦ୍ଦିଷ୍ଟ ଦିଗରେ ଗତିକରି ପୃଥିବୀକୁ ଫଟାଇଦିଏ। ଲେଖକମାନଙ୍କ ମତରେ ଶବ୍ଦତରଙ୍ଗ ପଥର ଉପରେ ଗଭୀର ଚାପ ସୃଷ୍ଟି କରେ। ବର୍ଷ ବର୍ଷ ଧରି ପ୍ରତିଦିନ ହଜାର ହଜାର ପ୍ରାଣୀଙ୍କୁ ନିରବଚ୍ଛିନ୍ନ ଭାବରେ ହତ୍ୟା କରାଯିବା ଯୋଗୁ ସେମାନଙ୍କ ଯନ୍ତ୍ରଣାଜନିତ ଚିତ୍କାର ଆଇନ୍‌ଷ୍ଟାଇନ୍ ପେନ୍ ୱେଭ୍ ଯୋଗୁ ଆକଷ୍ଟିକ୍ ଆନିସୋଟ୍ରୋପି (ଶବ୍ଦ ତରଙ୍ଗ) ସୃଷ୍ଟି କରେ। ଉକ୍ତ ପୁସ୍ତକ ମତରେ ଯେହେତୁ ଇପିଡବ୍ଲ୍ୟୁ ବହୁଦୂର ଗତି କରିପାରେ, ତେଣୁ ଗୋଟିଏ ଦେଶର କଂସେଇଖାନାଗୁଡ଼ିକରେ ହେଉଥିବା ଗଣ ଜୀବହତ୍ୟା ଯୋଗୁ ଅନ୍ୟ ଦେଶରେ ଭୂମିକମ୍ପ ସୃଷ୍ଟି ହୋଇପାରେ। ଲେଖକମାନେ ଲାଟୁର ଭୂମିକମ୍ପଠାରୁ ଆରମ୍ଭ କରି ଉତ୍ତରକାଶୀଠାରେ ହୋଇଥିବା ଭୂମିକମ୍ପ ଏବଂ ଆମେରିକା, ରୁଷିଆ, ଜାପାନ ପ୍ରଭୃତି ଦେଶରେ ହୋଇଥିବା ଭୂମିକମ୍ପଗୁଡ଼ିକର ଉଦାହରଣ ଦେବା ସହ ତାହାର କାରଣ ବିଭିନ୍ନ କଂସେଇଖାନାରେ ବ୍ୟାପକ ପ୍ରାଣିହତ୍ୟା ବୋଲି ଉଲ୍ଲେଖ କରିଛନ୍ତି। ଆଜି ହୁଏତ ଆମେ ସାମୂହିକ ଯନ୍ତ୍ରଣା, ତା'ର ବାରମ୍ବାରତା ଓ ପ୍ରଭାବକୁ ପରିମାପ କରିପାରି ନାହୁଁ ଏବଂ ଉକ୍ତ ବୈଜ୍ଞାନିକମାନଙ୍କ ତତ୍ତ୍ୱକୁ ବୁଝିପାରୁ ନାହୁଁ, କିନ୍ତୁ ସମୟ ଆସିବ, ଆମେ ତାହା ବୁଝିପାରିବୁ।

Email: gandhim@nic.in

# ରାଜନୀତିରେ ତାଳମେଳ



ମାନସ କୁମାର ପାଢ଼ୀ

କମ୍ପାଟିବିଲିଟିର ଅର୍ଥ ବୁଝାଇବାକୁ ଯାଇ ବାବୁ ସୁସଙ୍ଗତି, ସମନ୍ୱୟ ଓ ତାଳମେଳ ଆଦି ଶବ୍ଦ ପ୍ରୟୋଗ କରୁଥିବା ବେଳେ ବାବୁଙ୍କ ଖୁଡ଼ୀ କାମରେ ଆସିଲେ ସେତିକିବେଳେ। ତୁମର ସାନଖୁଡ଼ୀଙ୍କ କଥା ମନେଅଛି ନା?

ବାବୁଆଣୀ ପଚାରିଲେ, ମନେ ନ ଥା'ନ୍ତା ନା କ'ଣ? ତାଙ୍କ ସହିତ ଏ କଥାର କ'ଣ ସମ୍ପର୍କ ଅଛି?

ସେ ବହୁତ ଥର ଚା' ପିଉଥିଲେ। କକା ବି। ତେଣୁ କକା ଛୁଟିରେ ଗାଁକୁ ଆସିଲେ ଗୋଟେ ଦୁଧିଆଳୀ ଗାଇ କିଣିଦେବା ପାଇଁ ସବୁବେଳେ ଖୁଡ଼ୀ ପରାମର୍ଶ ଦେଉଥିଲେ। ବାବୁଆଣୀ ଆଶ୍ଚର୍ଯ୍ୟ ହୋଇ ଚାହିଁଲେ। ବାବୁ କହିଚାଲିଥିଲେ, ଖୁଡ଼ୀ ଥରେ ଜିଦ୍ ଧରିବାରୁ କକା କହିଲେ, ତୁମେ ଆସିବା ଦିନଠାରୁ, ଦୀର୍ଘ ୧୨ ବର୍ଷ ହେଲାଣି ମୁଁ ଗାଇଟିଏ ଖୋଜୁଛି। କିନ୍ତୁ ଛୋଟୀ ଗାଇଟିଏ ମିଳିଲେ ସିନା କିଣିବି?

ବାବୁଆଣୀଙ୍କ ଆଖି ବଡ଼ ବଡ଼ ହୋଇଗଲା।

ଖୁଡ଼ୀଙ୍କର ପିଲାବେଳେ ଗୋଟେ ଗୋଡ଼ ଭାଙ୍ଗିଯାଇଥିବାରୁ ସେ ଟିକେ ବଙ୍କେଇ ବଙ୍କେଇ ଚାଲନ୍ତି। ତାଙ୍କ ପାଇଁ ଗୋଟେ ଛୋଟୀ ଗାଇ ହେଲେ ଗୁହାଳରୁ ଫିଟାଇ ବାହାରେ ବାନ୍ଧିବା, ଗୋଠରୁ ଆସିଲେ ତାକୁ ଅଡ଼େଇ ଆଣି ଗୁହାଳରେ ଭର୍ତ୍ତି କରିବାକୁ ସୁବିଧା ହେବ। ଉଭୟଙ୍କ ମଧ୍ୟରେ ସୁସଙ୍ଗତି ରହିବ। କାମ ଠିକ୍ ଚାଲିବ। ସେହି ସୁସଙ୍ଗତିକୁ ଇଂଲିଶରେ କମ୍ପାଟିବିଲିଟି କୁହାଯାଉଛି।

ବାବୁଆଣୀ କହିଲେ, ଏ କମ୍ପାଟିବିଲିଟି ୱାର୍ଡଟା କମ୍ପ୍ୟୁଟର ଆଦି ଇଲେକ୍ଟ୍ରୋନିକ୍ସ ଯନ୍ତ୍ର ପାଇଁ ବ୍ୟବହାର ହୁଏ ତାହା ମଣିଷ ପାଇଁ ନୁହେଁ। ବାବୁ ହସିଲେ, କମ୍ପାଟିବିଲିଟି ଶବ୍ଦଟି ମନ୍ତ୍ରୀଠାରୁ ମୂଲିଆ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ ବ୍ୟବହାର କରିହେବ। ବିଶେଷକରି ରାଜନୀତି କ୍ଷେତ୍ରରେ ଏହାର ତାତ୍ପର୍ଯ୍ୟ ଯିଏ ନ ବୁଝିବ ସେ ରାଜନୀତିରେ ଫେଲ୍ ବୋଲି ଜାଣ। ୨୦୧୩ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଡ. ହର୍ଷବର୍ଦ୍ଧନଙ୍କ ନେତୃତ୍ୱରେ ଭାଜପା ୩୨ଟି, କେଜ୍‌ରିୱାଲଙ୍କ ନେତୃତ୍ୱରେ ଆମ୍ ଆଦ୍‌ମୀ ପାର୍ଟି ୨୮ଟି, କଂଗ୍ରେସ ଶୀଲା ଦୀକ୍ଷିତ୍‌ଙ୍କ ନେତୃତ୍ୱରେ ୮ଟି ସିଟ୍ ପାଇଥିଲା। ସେତେବେଳେ ପୂର୍ବ ନିର୍ବାଚନ ଅପେକ୍ଷା ଭାଜପା ୮ଟି ସିଟ୍ ଅଧିକ ପାଇଥିଲା। କିନ୍ତୁ ୨୦୧୫ ବିଧାନସଭା ନିର୍ବାଚନରେ ଭାଜପା କିରଣ ବେଦୀଙ୍କ ନେତୃତ୍ୱରେ ମାତ୍ର ୩ଟି ସିଟ୍ ହାତେଇ ପାରିଥିଲା। ଏହାର ଅର୍ଥ ନୁହେଁ ଯେ, କିରଣ ବେଦୀ ଜଣେ ଟାଣୁଆ ନେତ୍ରୀ ନୁହନ୍ତି କିମ୍ବା ସଚ୍ଚୋଟ, ଦକ୍ଷ ନୁହନ୍ତି। ମୂଳ କଥା ହେଲା, କମ୍ପାଟିବିଲିଟି। ସଙ୍ଗଠନ ସହ ତାଳମେଳ ରଖି ନ ପାରିଲେ, ପୁରୁଣା କର୍ମୀମାନେ ତୁମ ପଛରେ ନ ରହିଲେ, ଯେତେ ଟାଣୁଆ, ସଚ୍ଚୋଟ ହୋଇଥାଅ ପଛେ, ଫେଲ ମାରିବା ଥୟ। ତମେ କହିପାର କଂଗ୍ରେସ ଭୋଟରମାନେ ଆପ୍‌କୁ ସମର୍ଥନ କଲେ ତ କିରଣ ବେଦୀ କ'ଣ କରିପାରିଥାନ୍ତେ। କିନ୍ତୁ ଯେଉଁ ଭାଜପା ୨୦୧୩ ନିର୍ବାଚନରେ ୮ଟି ସିଟ୍ ଅଧିକ ପାଇପାରିଥିଲା, ସେ ୨୦୧୫ରେ ଏକାବେଳକେ ୨୯ଟା ସିଟ୍ ହରାଇବା ଗୋଟେ ବଡ଼ ପ୍ରଶ୍ନ ନେତୃତ୍ୱ ଉପରେ।

ବାବୁଆଣୀ ନୀରବ ରହିଲେ। ବାବୁ କହିଲେ, ପୁରୁଣା ନେତା, ଆଶାୟୀ (ପ୍ରାର୍ଥୀ) ନେତା, କର୍ମୀ ଯଦି ନୂଆନେତାଙ୍କ ସହିତ କମ୍ପାଟିବୁଲ୍ ନ ହେଲେ, ସେ କୋଣଠେସା ହୋଇ ପଡ଼ିରହିବା ନିଶ୍ଚିତ। ସେଠାରେ ନୂଆନେତା ସଚ୍ଚୋଟ କି ଦକ୍ଷ ପ୍ରଶ୍ନ ଉଠେନି କିମ୍ବା କର୍ମୀଙ୍କ ଦଳ ପ୍ରତି ଆନୁଗତ୍ୟରେ ମଧ୍ୟ ସନ୍ଦେହ ପ୍ରକାଶ କରାଯାଏ ନାହିଁ। ମୁଖ୍ୟ କଥା ହେଲା ନେତାଙ୍କର କର୍ମୀମାନଙ୍କ ସହ କମ୍ପାଟିବିଲିଟି। ନ କହିଲେ ବି ତୁମେ ଜାଣିପାରିବ କେଡ଼େ କେଡ଼େ ନେତା ଦଳ ବଦଳ କରି ଅନ୍ୟ ଦଳକୁ ଯାଇଛନ୍ତି ହେଲେ କମ୍ପାଟିବିଲିଟି ଅଭାବରୁ ସେମାନେ ଦଳରେ ଏବେ ଅଛନ୍ତି କି ନାହିଁ ଜଣାପଡୁନି।

ତମେ କ'ଣ କହୁଛ ଦଳୀୟ ସିଷ୍ଟମ ସହିତ ଆମ ମ୍ୟାଡାମ୍ କମ୍ପାଟିବୁଲ୍ ହେବେନାହିଁ? ମୁଁ କହୁନାହିଁ। ସନ୍ଦେହ ପ୍ରକାଶ କରୁଛି। ଭବିଷ୍ୟତ କହିବ। ମୁଁ କହୁଛି କିରଣ ବେଦୀଙ୍କ ନେତୃତ୍ୱରେ ଦଳ ତ ହାରିଲା ସେ ନିଜେ ବି ନିର୍ବାଚନରେ ପରାଜିତ ହେଲେ। ତାଙ୍କ ପରି ଜଣେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ମହିଳାଙ୍କର ରାଜନୀତି କ୍ଷେତ୍ରରେ ଏପରି ବିଫଳତାର କାରଣ କ'ଣ ହୋଇପାରେ ମ୍ୟାଡାମ୍ ଅନୁଧ୍ୟାନ କରିବା ଉଚିତ।

ଆଉ ଜଣେ ରମଣ ମାଗାସେସେ ଆୱାର୍ଡି ଟି.ଏନ୍. ଶେଷାନ୍‌ଙ୍କ ଉଦାହରଣ ନିଆଯାଉ। ୧୯୯୦ରେ ସାଉଥ୍ ମୁମ୍ବାଇରେ ରୋଟାରୀ କ୍ଲବ୍‌ର ଗୋଟେ ମିଟିଂରେ ଶେଷାନ୍‌ଙ୍କୁ ପଚରାଗଲା ଆପଣ ନିର୍ବାଚନ ଲଢ଼ିବେ? ସେତେବେଳେ ମୁଖ୍ୟ ନିର୍ବାଚନ କମିଶନର ଭାବେ ସେ କରିଥିବା ନିର୍ବାଚନୀ ସଂସ୍କାର ପାଇଁ ଦେଶରେ ଖୁବ୍ ଜନପ୍ରିୟ ଥିଲେ। ଯେହେତୁ ପ୍ରଶ୍ନର ଉତ୍ତର ସେ ପ୍ରଶ୍ନରେ ଦିଅନ୍ତି। କହିଲେ, ହଁ! ମୁଁ ନିର୍ବାଚନ ଲଢ଼ିବି; କିନ୍ତୁ ଆପଣମାନଙ୍କ ମଧ୍ୟରୁ କେତେଜଣ ମୋତେ ସମର୍ଥନ କରିବେ? ସଭାରେ ଉପସ୍ଥିତ ସମସ୍ତେ ହାତ ଉଠାଇଲେ ସମର୍ଥନ ଜଣାଇ। ମାତ୍ର ବାସ୍ତବ ରଣକ୍ଷେତ୍ରଟି ଶୀତତାପ ନିୟନ୍ତ୍ରିତ କୌଣସି ନାମୀଦାମୀ କ୍ଲବ୍‌ର ସଭାଗୃହ ନୁହେଁ। ୧୯୯୯ ସାଧାରଣ ନିର୍ବାଚନରେ ଜାତୀୟ କଂଗ୍ରେସର ସମର୍ଥନ ସତ୍ତ୍ୱେ ସେ ୧,୮୮,୯୪୪ ଖଣ୍ଡ ଭୋଟ ବ୍ୟବଧାନରେ ଭାଜପାର ବରିଷ୍ଠ ନେତା ଲାଲ୍‌କୃଷ୍ଣ ଆଡ୍‌ଭାନୀଙ୍କଠାରୁ ପରାସ୍ତ ହୋଇଥିଲେ।

ବାବୁଆଣୀ ଚିନ୍ତାରେ ପଡ଼ିଗଲେ। ସରକାରୀ ସେବା କ୍ଷେତ୍ରରୁ ଆସି ହଠାତ୍ ଏମ୍‌ଏଲ୍‌ଏ, ଏମ୍‌ପି ହେବା ତ କିଛି ବିଚିତ୍ର କଥା ନୁହେଁ। ଅନେକେ ହୋଇଛନ୍ତି। କିନ୍ତୁ ଗୋଟେ ରାଜ୍ୟର ଦଳୀୟ ମୁଖ୍ୟ ହେବା କି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବା ନିଶ୍ଚିତ ଏକ ଚମତ୍କାରିତା। ଅବଶ୍ୟ ସରକାରୀ ସେବାକ୍ଷେତ୍ରରୁ ଆସି ଆଇଆରଏସ୍ ଅଫିସର ଅରବିନ୍ଦ୍ କେଜ୍‌ରିୱାଲ୍ ଜିତାପଟ ମାରିନେଲେ। କାରଣ ସେ ଗୋଟେ ନୂଆ ସିଷ୍ଟମ୍ ଆରମ୍ଭ କଲେ; ନୂଆ ଦଳ ଗଢ଼ିଲେ। ତାଙ୍କ ମତ ସହ ସହମତ ନେତା ଓ ସମର୍ଥକଙ୍କୁ ନେଇ ସେ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଥିଲେ। ତେଣୁ କମ୍ପାଟିବିଲିଟିର ସମସ୍ୟା ତାଙ୍କ କ୍ଷେତ୍ରରେ ଦେଖାଯାଇ ନ ଥିଲା, ଯାହା ବାବୁଆଣୀ ଏଥର ସବୁ ବୁଝିଗଲା ପରି ଜଣାପଡ଼ିଲେ। ବାବୁ ଆଉ କଥା ଆଗକୁ ବଢ଼ାଇଲେ ନାହିଁ।

ବ୍ରାହ୍ମଣ ସାଇଲୋ, କଟକ, ମୋ– ୯୪୩୮୭୮୫୭୯୨

## ଏଇ ଭାରତରେ

ଦୁନିଆରେ କିଏ କେତେବେଳେ କୌଣସି କାରଣ ପାଇଁ ହଜିଯାଆନ୍ତି ତାହାର ହିସାବ କେହି ରଖନ୍ତିନି। ହଜି ଯାଇଥିବା ମଣିଷଙ୍କ ମଧ୍ୟରୁ କିଏ ସବୁଦିନ ପାଇଁ ନିଖୋଜ ହୋଇଯାଆନ୍ତି ତ କିଏ ବିଳମ୍ବ ହେଲେ ବି କୌଣସି ଯୋଗସୂତ୍ର ମାଧ୍ୟମରେ ଘରକୁ ଫେରିଆସନ୍ତି। ଜଣେ ବାଳିକା ନିଖୋଜ ହେବାର ଦୁଇବର୍ଷ ପରେ ଘରକୁ ଫେରିଆସିବା ପରେ ପରିବାର ସଦସ୍ୟଙ୍କ ଖୁସି କହିଲେ ନ ସରେ। ଏପରି ଏକ ଘଟଣା ଘଟିଛି ହରିୟାଣାର ଅମ୍ବାଲା ଜିଲାରେ। ନୈନା ନାମ୍ନୀ ଏହି ବାଳିକାକୁ ଜିଲା ପୋଲିସ ତାଙ୍କ ପରିବାର ସହ ମିଳିତ କରାଇପାରିଛି। ଉକ୍ତ ପରିବାର ସଦସ୍ୟ ଭାବିଥିଲେ ତାଙ୍କ ଝିଅକୁ ସେମାନେ ଆଉ ପାଇବେ ନାହିଁ। କିନ୍ତୁ ବିଧିର ବିଧାନ ବିଚିତ୍ର। ବାଳିକାର ପିତା ଗିରିଶ ନାଗପାଲ କହନ୍ତି, ୨୦୧୬ରେ ତାଙ୍କ ଝିଅର ଚିକିତ୍ସା କରାଇବା ଲାଗି ସେ ମିରଟ ନେଇ ଯାଇଥିଲେ। ଝିଅକୁ ଏକ ବାରଣ୍ଡାରେ ବସାଇ ସେ ଖାଇବା ଆଣିବା ପାଇଁ ଯାଇଥିଲେ। ଫେରିଆସି ଦେଖନ୍ତି ବସିବା ସ୍ଥାନରେ ଝିଅ ନାହିଁ। ସେହିଦିନଠାରୁ ସେ ଅନେକ ଜାଗାରେ ଖୋଜିଛନ୍ତି। କିନ୍ତୁ ପାଇନାହାନ୍ତି। ଝିଅକୁ ନ ପାଇ ପରିବାର ଲୋକେ ମରିଯାଇଛି ବୋଲି ଭାବି ନେଇଥିଲେ। ତେବେ ଦୁଇଦିନ ତଳେ ଜିଲା ପୋଲିସ ନୈନା ସମ୍ପର୍କରେ ପରିବାରକୁ ସୂଚନା ଦେଇଥିଲେ ଯେ, ତାଙ୍କ ଝିଅ ଅମ୍ବାଲାସ୍ଥିତ ମଦର ତେରେସା ହୋମ୍‌ରେ ରହୁଛି। ଏହାପରେ ପରିବାର ସଦସ୍ୟମାନେ ଅମ୍ବାଲା ଯାଇ ନିଜ ହଜିଲା ଝିଅକୁ ଘରକୁ ନେଇଯାଇଛନ୍ତି। ଏବେ ତାଙ୍କ ପରିବାରରେ ଖାଲି ଖୁସି ଆଉ ଖୁସି।

## ଚିରନ୍ତନୀ

ଆକାଶ ଧରଣୀର ରୂପର ସଉଦାରେ
ହୋଇଲି ସୁଷମାର ଗରାକ
କିଣିଲି ଯେଉଁ ରୂପ ବିଚାରେଁ ଆଜି ତାହା
ହେବକି କବିତାର ଖୋରାକ!
(ବ୍ୟାଖ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | A | | C | | | | | 7 | | 5 | 9 | 4 | | D |
| 9 | 8 | | | | 6 | B | | | | | | | | 2 |
| 5 | | | 0 | | 3 | | | | | | A | | | |
| 1 | | | | D | | | 5 | A | E | C | | | | |
| | | | | 1 | 4 | | | 3 | 0 | 6 | | | | |
| 3 | | | | | C | 1 | | 9 | | | E | 8 | | |
| | 7 | 4 | | | E | | | | | | 0 | | | C |
| | | | B | A | 9 | | | 8 | 2 | | | 0 | 5 | E |
| | E | | | | | | 0 | | 4 | | 5 | 6 | 7 | |
| 6 | | 9 | | | | A | | | | | | 1 | 2 | |
| 2 | | | | | A | | | | | | | | E | 9 |
| E | | | | | | 7 | 6 | | 3 | | C | D | | |
| 4 | | 0 | D | | | | | 1 | 9 | | 7 | | | B |
| D | | 3 | 1 | | | C | B | 0 | | | | | | 7 |
| | 1 | | 6 | 3 | | | A | | | | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 9 | 0 | 5 | 1 | 4 | 6 | 2 | 8 | C | B | E | 7 | A | 3 |
| C | B | 1 | 0 | 9 | A | E | 3 | 4 | 5 | 7 | 2 | 8 | 6 | D |
| 2 | 7 | A | 6 | 3 | 8 | 1 | 0 | C | 9 | 4 | D | 5 | E | B |
| 6 | E | 4 | 7 | D | C | B | 9 | 5 | A | 8 | 3 | 0 | 2 | 1 |
| 5 | 8 | 3 | 2 | E | B | A | D | 7 | 1 | 0 | 6 | C | 9 | 4 |
| A | D | B | C | 2 | 5 | 3 | 1 | 0 | 7 | 9 | 4 | E | 8 | 6 |
| E | 2 | C | 9 | 7 | 1 | 5 | B | 6 | 8 | D | 0 | 3 | 4 | A |
| 4 | 3 | 7 | B | 8 | 0 | 9 | A | D | 6 | E | C | 1 | 5 | 2 |
| 8 | 5 | 9 | A | 6 | 3 | 7 | 4 | E | B | 2 | 1 | D | C | 0 |
| 0 | 1 | 6 | D | 4 | E | 8 | C | 2 | 3 | 5 | A | B | 7 | 9 |
| 3 | C | E | 4 | B | 7 | 2 | 6 | A | D | 1 | 5 | 9 | 0 | 8 |
| 1 | A | 2 | 8 | 5 | D | 4 | E | 9 | 0 | 3 | 7 | 6 | B | C |
| 7 | 0 | 8 | 1 | A | 9 | C | 5 | 3 | 2 | 6 | B | 4 | D | E |
| 9 | 4 | D | 3 | C | 6 | 0 | 7 | B | E | A | 8 | 2 | 1 | 5 |
| B | 6 | 5 | E | 0 | 2 | D | 8 | 1 | 4 | C | 9 | A | 3 | 7 |

ଗତକାଲିର ଉତ୍ତର

# ବିଦେଶରେ ଭାରତୀୟଙ୍କ ସମ୍ମାନ



ଡା. ସୁରେନ୍ଦ୍ରନାଥ ପତି

କିଛିମାସ ତଳେ ଏକ ଦଳ ସହ ୟୁରୋପ ଭ୍ରମଣରେ ଯାଇଥିଲି। ସମୁଦାୟ ୧୦ଟି ଦେଶ ବୁଲି ବିଭିନ୍ନ ଦର୍ଶନୀୟ ସ୍ଥାନ ଦେଖିଲୁ। ୪୮ ଜଣ ଯାତ୍ରୀ ବିଭିନ୍ନ ସହରରୁ ଦିଲ୍ଲୀରେ ଏକତ୍ରିତ ହୋଇ ଏୟାରଇଣ୍ଡିଆ ଫ୍ଲାଇଟ୍‌ରେ ଲଣ୍ଡନ ଅଭିମୁଖେ ଯାତ୍ରା ଆରମ୍ଭ କଲୁ। ଲଣ୍ଡନ ସହରର ଲୋକସଂଖ୍ୟା ପ୍ରାୟ ଏକକୋଟି, ଭାରତର ପୂର୍ବତନ ଶାସକମାନଙ୍କ ସହର। ଏଠାରେ ଥିବା ଟେମ୍‌ସ ନଦୀ ଚଉଡ଼ାରେ ଦୀର୍ଘ ନୁହେଁ କିନ୍ତୁ ସ୍ରୋତସ୍ୱିନୀ। ତା'ର କୂଳେ କୂଳେ ବୁଲିଲୁ। ବହୁତ ବ୍ୟାଙ୍କ, ବାଣିଜ୍ୟ କେନ୍ଦ୍ର, ହୋଟେଲ ଇତ୍ୟାଦି ଅଛି। ଆମର ବେଶପୋଷାକ ଦେଖି କେତେକ ଇଂରେଜ କହିଲେ, 'ଇଣ୍ଡିଆନ୍, ଦି ଗ୍ରେଟ୍ କଣ୍ଟ୍ରି, ପ୍ଲିଜ୍ ହାଓ ଏ ଫାର୍ ଟୁର୍, ଇଟ୍ ଦି ଟେମ୍‌ସ ୱିଥ୍ ଅସ୍।' ଆମେ ଗଲୁ କେନ୍ଦ୍ରସ୍ଥଳ 'ଟ୍ରାଫଲଗାର ସ୍କୋୟାର'କୁ। ଭିଡ଼ ଥାଏ। ସେଠାରେ ଏକ କୃତ୍ରିମ ଝରଣା ଅଛି। ଶୁଣିଲୁ 'ଓଃ, ଇଣ୍ଡିଆନ୍, ଇୟୋର ଗାନ୍ଧୀ କମ୍ପେଲ୍‌ଡ ଦ ବ୍ରିଟିଶ୍ ଟୁ ଭ୍ୟାକେଟ୍ ୟୋର୍ କଣ୍ଟ୍ରି। ଉଇ ହାଭ୍ ଏଜୁକେଟେଡ୍ ହିମ୍।' ଆମର ବସ୍ ଅଗ୍ରଗତି କଲା। ଗାଇଡ୍ ବୁଝାଇଦେଲେ ଏକ ବୃହତ୍ କୋଠାକୁ ନିର୍ଦ୍ଦେଶ କରି– 'ଦି ଟେମ୍ପଲ', ବିଖ୍ୟାତ ଆଇନ କଲେଜ, ଏହିଠାରୁ ଗାନ୍ଧିଜୀ ତାଙ୍କ ଯୁବାବସ୍ଥାରେ ବାରିଷ୍ଟରି ଡିଗ୍ରୀ ହାସଲ କରିଥିଲେ। ଏହା ନିକଟରେ ବ୍ରିଟିଶ୍ ପାର୍ଲାମେଣ୍ଟ ହାଉସ୍, ପ୍ରଧାନମନ୍ତ୍ରୀଙ୍କ ବାସସ୍ଥାନ– ଟିକିଏ ଗଳି ଭିତରକୁ, ସୁରକ୍ଷା ପାଇଁ ବୋଧହୁଏ। 'ହାଇଡ୍ ପାର୍କ'ରେ ଯେକୌଣସି ବ୍ୟକ୍ତି ଟେବୁଲ ଉପରେ ଦଣ୍ଡାୟମାନ ହୋଇ ଭାଷଣ ଦେଇପାରିବ, କେବଳ ରାଣୀଙ୍କ ବିରୋଧରେ କିଛି କହିପାରିବ ନାହିଁ। ଇଂଲିଶ ଚାନେଲ ପାରିହେଲୁ ଡୋଭରଠାରେ।

ପ୍ୟାରିସର ଇଫେଲ ଟାୱାର ପୃଥିବୀର ପ୍ରସିଦ୍ଧ ଲୌହନିର୍ମିତ କୀର୍ତ୍ତି, ଯାହାକୁ ହିଟ୍‌ଲରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଜର୍ମାନମାନେ ଭାଙ୍ଗିବାକୁ ରାଜି ହୋଇ ନ ଥିଲେ। ସେଠାକାର ଗାଇଡ୍ କହୁଥିଲେ, 'ଇଣ୍ଡିଆନ୍ ଟୁରିଷ୍ଟ ଭେରି ଡିସିପ୍ଲିନ୍‌ଡ, ଦେ କମ୍ ଇନ୍ ଏ କ୍ୟୁ, ୟୁ ସି ଅଦର କଣ୍ଟ୍ରି ପିପୁଲ, ହାଓ ଦେ ଆର୍ ପୁସିଙ୍ଗ ଇଚ୍ ଅଦର।' ଟିକେଟ୍ କରି ଲିଫ୍‌ଟରେ ସର୍ବୋଚ୍ଚ ଉଚ୍ଚତାକୁ ଯାଇହୁଏ। ରାତି ୧୨ଟାରେ ଏହି ଟାୱାର ବିଦ୍ୟୁତ୍ ଆଲୋକରେ ଝଲସିଉଠେ ମାତ୍ର ପାଞ୍ଚମିନିଟ୍ ପାଇଁ। ଫ୍ରାନ୍ସର ପୋଲିସ ଆମକୁ ଧନ୍ୟବାଦ ଦେଲେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିବାରୁ, ଯଦିଓ ଏଠାରେ ନିଗ୍ରୋ ବିକ୍ରେତାମାନେ ଯାତ୍ରୀମାନଙ୍କୁ ବ୍ୟସ୍ତ କରୁଥାନ୍ତି। ଆମଷ୍ଟରଡାମ୍‌ରେ ବୋଟ ଯୋଗେ 'କେନଲଟୁର'– ବହୁତ ପୁରୁଣା ସହର। ଯାତାୟାତର ମାଧ୍ୟମ ପ୍ରଧାନତଃ ସାଇକେଲ। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ବୋଟରେ 'ଟଏଲେଟ' ବ୍ୟବହାର କରିପାରିବେ। ସୁଇଜରଲାଣ୍ଡର ସୁଉଚ୍ଚ ଆଲ୍‌ପସ ପର୍ବତମାଳା, ତା' ଉପରେ ହୋଟେଲମାନ।

ଆଙ୍ଗେଲବର୍ଗରେ 'ଟେସାସ' ହୋଟେଲରେ ଭାରତୀୟଙ୍କ ପାଇଁ ବ୍ରେକ୍‌ଫାଷ୍ଟ–ଉପମା, ଇଡ୍‌ଲି, ଚୁଡ଼ାସନ୍ତୁଳା, ସମ୍ବର, ଚଟ୍‌ନି, ମସଲା ଚା' ଆଦି ଉପଲବ୍ଧ। ସର୍ବୋଚ୍ଚ ଶିଖର ୱାମ୍‌ପ୍ରେଠରେ ବରଫ ଗଦାଗଦା, ଭାରତୀୟ ରେଷ୍ଟୁରାଣ୍ଟରେ 'ବଫେ', ହିନ୍ଦୀ ସିନେମାର ଗୀତ ବାଜୁଥାଏ, ମନେହୁଏ ଆମେ ଭାରତର ପର୍ବତ ଉପରେ ଅଛୁ। ଏହା ହିମାଳୟର ଶିଖର ପ୍ରାୟ, ତଳ ଭାଗରେ ଇଣ୍ଟରସାକେର୍ନ ସହର। ଟୁରିଷ୍ଟ କେନ୍ଦ୍ର। ଏଠାରେ ଏକ କେନ୍ଦ୍ରସ୍ଥଳରେ ମୁମ୍ବାଇ ସିନେମା ଜଗତର ପ୍ରଡ୍ୟୁସର–ଡାଇରେକ୍ଟର ଯଶ୍ ଚୋପ୍ରାଙ୍କର ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଛି। ବହୁ ସମ୍ମାନର ଅଧିକାରୀ ସେ ଥିଲେ ସୁଇଜରଲାଣ୍ଡରେ। ତାଙ୍କର କେତେକ ସିନେମାର ସୁଟିଙ୍ଗ୍ ଏହିଠାରେ ହିଁ ସେ କରିଥିଲେ। ଫଳକରେ ତାଙ୍କ ବିଷୟରେ ତଥ୍ୟ ଉଲ୍ଲେଖ ଅଛି। ନିକଟସ୍ଥ ଅନ୍ୟ ଏକ ବରଫାବୃତ୍ତ ଶୃଙ୍ଗ, ନାମ 'ଟିଟ୍‌ଲିସ' ସର୍ବୋଚ୍ଚ ସ୍ଥଳରେ ହିନ୍ଦୀ ସିନେମା 'ଦିଲ୍‌ୱାଲେ ଦୁଲ୍‌ହନିଆ ଲେ ଜାଏଙ୍ଗେ'ର କଳାକର–ଶାହରୁଖ ଖାଁ ଓ କାଜଲଙ୍କର ବିଶାଳ କଟ୍‌ଆଉଟ୍ ବିଦ୍ୟମାନ। ଏଥିରୁ ଜଣାଯାଏ ସୁଇଜରଲାଣ୍ଡର ଅଧିବାସୀ କେତେ ଭଲପାଆନ୍ତି ଭାରତର କଳାକାରଙ୍କୁ। ଏଠାକାର ଏକ ଫଟୋ ଷ୍ଟୁଡିଓରେ ଭାରତୀୟ କ୍ରିକେଟ ଷ୍ଟାର ଓ ମୁମ୍ବାଇ ଷ୍ଟାରଙ୍କର କଷ୍ଟ୍ୟୁମ୍ ମିଳୁଛି, ଯାହାକୁ ଭଡାରେ ନେଇ ଜଣେ ଫଟୋ ଉଠାଇପାରିବେ। ଇଟାଲୀର 'ପିସା' ଟାୱାର ନିକଟରେ ଗୁଜରାଟ ବ୍ୟବସାୟୀଙ୍କର ସୌଖୀନ ଷ୍ଟୋର, ସବୁ ଭାରତୀୟ ଉପହାର ସାମଗ୍ରୀ ମିଳେ, ବିଦେଶର ଯାତ୍ରୀମାନେ ଏଠାରୁ ଆଗ୍ରହରେ ଭାରତର ସାମଗ୍ରୀ କିଣି ପ୍ରଶଂସା କରୁଥାନ୍ତି। ସମୁଦ୍ର ମଧ୍ୟସ୍ଥ ଭେନିସ୍ ଦ୍ୱୀପରେ ଫେରିଯାତ୍ରା କଲାବେଳେ ଭାରତୀୟ ମେନୁର ଖାଦ୍ୟ ଓ ଗୀତ। ଭଟିକାନସିଟି ପ୍ୟାଲେସ ରୋମର କଲୋସିଅମ, ସବୁଠାରେ ଭାରତର ଯାତ୍ରୀ ମାଳ ମାଳ। ସେଠାକାର ସ୍ଥାନୀୟ ଯାତ୍ରୀ ଆମକୁ ସାହାଯ୍ୟ କରି କେଉଁଦିଗକୁ ଗତି କରିବାକୁ ହେବ, କ'ଣ କୀର୍ତ୍ତି ଦେଖିବାକୁ ହେବ, ଭାରତୀୟ ବୋଲି, ଇଂଲିଶ ଭାଷାରେ ବୁଝାଇ ଦିଅନ୍ତି। ଟିକେଟ୍ କରି ପ୍ରବେଶ କରିବା, କ୍ୟୁ ତିଆରି କରିବା, ଗାଇଡ୍‌ଙ୍କ ନିର୍ଦ୍ଦେଶ ମାନିବା ଆଦି କାର୍ଯ୍ୟର ପ୍ରଶଂସା ସବୁଠାରେ ମିଳିଲା। ଯେଉଁ ଯେଉଁ ସହରକୁ ଆମେ ଭ୍ରମଣ କରିଛୁ, ସବୁଠାରେ ଭାରତୀୟ ରେଷ୍ଟୁରାଣ୍ଟରେ ଗାଇଡ୍ ଆମକୁ ସ୍ୱାଦିଷ୍ଟ ଭାରତୀୟ ବ୍ରେକ୍‌ଫାଷ୍ଟ, ଲଞ୍ଚ, ଡିନର ଖୁଆଇଛନ୍ତି। ୟୁରୋପରେ ଥିବା ଆମେ ଅନୁଭବ କରିପାରି ନାହୁଁ, କେବଳ ରାସ୍ତା, ହୋଟେଲ, ଦର୍ଶନୀୟ କୀର୍ତ୍ତି ବ୍ୟତୀତ। ଡେନ୍‌ମାର୍କର ରାଜଧାନୀ କୋପେନ୍‌ହାଗେନ୍‌ରେ ସାଇକେଲର ବ୍ୟବହାର ଅଧିକ। ଏଠାରେ ବହୁତ ଦୁର୍ଗ ଦେଖାଯାଏ। ଦିନାମାରମାନେ ଯୁଦ୍ଧଖୋର ଜାତି ଥିଲେ। ୟୁରୋପର ଅନ୍ୟ ଦେଶଗୁଡ଼ିକୁ ପରାଜିତ କରି ତାଙ୍କର ମୂଲ୍ୟବାନ ଧନସମ୍ପଦ ଅପହରଣ ପରେ ଏହି ଦୁର୍ଗମାନଙ୍କରେ 'ଏକ୍‌ଜିବିଶନ ହଲ୍' ନିର୍ମାଣ କରିଛନ୍ତି। ଭାରତରୁ ମଧ୍ୟ ନେଇଥିବା ସୁନା, ହୀରା ଓ ଶାଗୁଆନ କାଠର ଉପକରଣ ସେଠାରେ ସ୍ଥାନିତ ହୋଇଛି। କୋପେନହାଗେନରୁ ୧୦ କି.ମି. ସମୁଦ୍ର ପଥରେ ଫେରି 'ବଲଟିକ୍ ସାଗର' ଅତିକ୍ରମ କରି ସ୍ୱିଡେନରେ ପ୍ରବେଶ କଲୁ। ସହର ମଧ୍ୟକୁ ଚାଲିଚାଲି ଗତିକରି ବହୁ ଭାରତୀୟ ପୁରୁଷ ଓ ମହିଳାଙ୍କୁ ଅଫିସରୁ ଫେରୁଥିବାର ଦେଖିଲୁ। ସେଠାରେ ମଧ୍ୟ କେତେକ ଭାରତୀୟ ରେଷ୍ଟୁରାଣ୍ଟ ଅଛି। ଖାଦ୍ୟ ଖାଇଲୁ।

ଆମ ଦେଶର ବହୁ ଯୁବତୀଯୁବକ କର୍ମସଂସ୍ଥାନ ପାଇଁ ୟୁରୋପ ଯାଇଛନ୍ତି। ସେଠାରେ ଉଚ୍ଚଶିକ୍ଷିତ ବ୍ୟକ୍ତିମାନେ ଆଇଟି, ଶିଳ୍ପସଂସ୍ଥା ଛୋଟବଡ଼ କମ୍ପାନୀରେ କାର୍ଯ୍ୟ କରିବାର ସୁଯୋଗ ପାଇଛନ୍ତି। ସେମାନଙ୍କର ସେବା ପାଇଁ ରୁଚିକର ଦେଶୀୟ ଖାଦ୍ୟ ରାନ୍ଧି ପରଷିବା ପାଇଁ କେତେକ ଗୁଜରାଟ, ପଞ୍ଜାବ, ଉତ୍ତରପ୍ରଦେଶର ବ୍ୟକ୍ତି ସହଯୋଗୀ କର୍ମଚାରୀମାନଙ୍କୁ ନେଇ ଘରଭଡ଼ା ମାଧ୍ୟମରେ ଖାଦ୍ୟଶାଳା ଖୋଲିଛନ୍ତି। ଏହା ସେଠାକାର ୟୁରୋପୀୟ ଅଧିବାସୀଙ୍କ ଦ୍ୱାରା ଆଦୃତ ହୋଇଛି। ଆମେ ଲକ୍ଷ୍ୟ କଲୁ ଆମ ସହିତ ଗୋରା, କଳା ବ୍ୟକ୍ତିମାନେ ମଧ୍ୟ ସେଠାରେ ଆନନ୍ଦରେ ଭୋଜନ କରୁଛନ୍ତି। ଭାରତର ମସଲାଯୁକ୍ତ ସୁସ୍ୱାଦୁ ଖାଦ୍ୟ, ପାୟସ (ଖିରି), ଦକ୍ଷିଣଭାରତୀୟ ଦୋସା, ଇଡ୍‌ଲି, ଉପମା, ସମ୍ବର ଆଦି ଜଳଖିଆ ସାମଗ୍ରୀର ସେଠାରେ ଚାହିଦା ଅଛି। ତେଣୁ ଆମେ ଯେଉଁ ଦୁଇସପ୍ତାହ ୟୁରୋପରେ ବିତାଇଲୁ, ତାହା ଆଦୌ ବିଦେଶ ଭଳି ଲାଗୁ ନ ଥିଲା।

ରେଣୁକା ଏନ୍‌କ୍ଲେଭ, ପୁରୀ, ମୋ– ୯୪୩୭୪୯୪୭୭୬

## ପାଠକ ଶ୍ରେଷ୍ଠ ବିଚାରକ

### ବର୍ଷାଜଳ ଅମଳ ଉପରେ ଗୁରୁତ୍ୱ ଦିଆଯାଉ

ମହାଶୟ,

ବିଶ୍ୱବ୍ୟାଙ୍କର ଏକ ଆକଳନରୁ ଜଣାଯାଏ ଯେ ଖାଦ୍ୟାଭାବଜନିତ ମୃତ୍ୟୁସଂଖ୍ୟାଠାରୁ ଜଳାଭାବ ଜନିତ ମୃତ୍ୟୁସଂଖ୍ୟା ଅଧିକ। ଆମ ଦେଶର ଗ୍ରାମାଞ୍ଚଳର ପ୍ରାୟ ୭୦ ଶତାଂଶ ଓ ସହରାଞ୍ଚଳର ପ୍ରାୟ ୪୫ ଶତାଂଶ ଲୋକ ନିରାପଦ ପାନୀୟ ଜଳରୁ ବଞ୍ଚିତ। ଭାରତର ଗ୍ରାମାଞ୍ଚଳରେ ଦେଖାଯାଉଥିବା ୧୦ଟି ପ୍ରମୁଖ ରୋଗ ମଧ୍ୟରୁ ୭ଟି ବିଶୁଦ୍ଧ ପାନୀୟ ଜଳ ଅଭାବରୁ ହିଁ ହେଉଛି। ଖରାଦିନେ ଗ୍ରାମାଞ୍ଚଳର ମହିଳାମାନେ ମାଠିଆଏ ପାଣି ପାଇଁ ମାଇଲ ମାଇଲ ବାଟ ଯିବା ଏକ ନିୟମିତ ଦୃଶ୍ୟ। ପ୍ରତିବର୍ଷ ଖରାଦିନେ ଆମ ରାଜ୍ୟରେ ଜଳାଭାବ ଉତ୍କଟ ରୂପ ଧାରଣ କରୁଛି। ତେଣୁ ବର୍ଷାଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ଦିଆଯିବା ଦରକାର। ସରକାର ଏ ବାବଦରେ ଲୋକମାନଙ୍କୁ ସଚେତନ କରାନ୍ତୁ। ପ୍ରତି ଗାଁରେ ବର୍ଷାଜଳ ଅମଳ ପ୍ରକଳ୍ପ ନିର୍ମାଣ କରାଯାଉ। ତା' ଛଡା ପୁରୁଣା ବନ୍ଧ, ପୋଖରୀ ଓ କଟା ଆଦିର ପୁନରୁଦ୍ଧାର କରାଯାଉ।

ଅଧ୍ୟାପକ ଶ୍ରୀକାନ୍ତ ନାୟକ, ଖରସ୍ରୋତା ମହାବିଦ୍ୟାଳୟ, ସିଂହପୁର, ଯାଜପୁର

### କଥାବାର୍ତ୍ତାରେ ସଂଯମ

ଗଣତନ୍ତ୍ର ଜନପ୍ରତିନିଧିମାନଙ୍କ ଦ୍ୱାରା ପରିଚାଳିତ ହୁଏ। ତେଣୁ ସେମାନେ ଚିନ୍ତାଶୀଳ, ଦୂରଦର୍ଶୀ ଓ ସଚ୍ଚୋଟ ହେବା ବିଧେୟ। କୋଟି କୋଟି ଜନତା ତାଙ୍କୁ ପ୍ରତିଦିନ ଗଣମାଧ୍ୟମରେ ଦେଖନ୍ତି, ବିବୃତି ଶୁଣନ୍ତି ଆଉ କାର୍ଯ୍ୟକଳାପକୁ ଅନୁଧ୍ୟାନ କରନ୍ତି। ସେମାନେ ପୁଣି ଦେଶ ଓ ରାଜ୍ୟର କର୍ଣ୍ଣଧାର ରୂପେ ନିଜକୁ ପ୍ରଦର୍ଶନ କରୁଛନ୍ତି। ତେଣୁ ସେମାନେ କଥାବାର୍ତ୍ତାରେ ସଂଯତ ଓ ନୀତିବାନ୍ ହେବା ଆବଶ୍ୟକ।

ଗନ୍ଧର୍ବ ଜେନା, ଡେଲାଙ୍ଗ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୬ ଡିସେମ୍ବର ୧୯୯୩

- ଆଙ୍ଗୋଲା ସରକାର ଏବଂ ୟୁନିଟା ବିଦ୍ରୋହୀଙ୍କ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହେବା ଫଳରେ ଦୀର୍ଘ ୧୮ ବର୍ଷ ବ୍ୟାପୀ ଦେଶରେ ଚାଲିଥିବା ଗୃହଯୁଦ୍ଧର ଅବସାନ।
- ପାକିସ୍ତାନର କେନ୍ଦ୍ରୀୟ ପଞ୍ଜାବ ପ୍ରଦେଶ ଅନ୍ତର୍ଗତ ସରାଇ ଆଲମଗିରି ସହରରେ ଏକ ବସ୍ କେନାଲକୁ ଖସିପଡିବା ଫଳରେ ୩୭ ଜଣଙ୍କ ମୃତ୍ୟୁ।



ଗତକାଲି ଏକ ଅଚଳ ଚେକ୍। ଆସନ୍ତାକାଲି ପ୍ରୋମିସରି ନୋଟ୍। ଆଜି ହିଁ ନଗଦ ଧନ, ଏହାକୁ ବ୍ୟବହାର କର।
- ହିଟ୍‌ଲର



## ସଂକ୍ଷେପରେ

### ଚୋରି ମୋଟର ପମ୍ପ ଉଦ୍ଧାର, ୪ ଗିରଫ

ସମ୍ବଲପୁର,୫।୧୨(ବ୍ୟୁରୋ)- ସମ୍ବଲପୁର ଜିଲା ଶାସନ ଥାନା ପୋଲିସ ଚୋରି ପାଣି ପମ୍ପ ଉଦ୍ଧାର କରିଛି । ଚୋରି ଅଭିଯୋଗରେ ୪ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ଅଶୋକ ରୋହିଦାଶ, ସୁଦାମ ରୋହିଦାଶ ,ସତ୍ୟାନନ୍ଦ ରୋହିଦାଶ, ଏମଡି ହୁସେନ । ଏ ନେଇ ଶାସନ ଥାନାରେ କେସ ନଂ ୨୫୯/୧୮ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଭିମ୍ସାରକୁ ସୁରେନ୍ଦ୍ର ଲାଠଙ୍କ ମା'ଙ୍କ ଚକ୍ଷୁ ଦାନ

ସମ୍ବଲପୁର,୫।୧୨(ବ୍ୟୁରୋ)-ପୂର୍ବତନ ରାଜ୍ୟସଭା ଏମ୍‌ପି ସୁରେନ୍ଦ୍ର ଲାଠଙ୍କ ମା' ରାଧାଦେବୀ ଲାଠଙ୍କ ବୁଧବାର ପରଲୋକ ହୋଇଛି । ଗୋଲବଜାରସ୍ଥିତ ବାସଭବନରେ ଭିମ୍ସାର ଚକ୍ଷୁ ବିଭାଗ ପକ୍ଷରୁ ତାଙ୍କ ଚକ୍ଷୁ ସଂଗ୍ରହ କରାଯାଇଛି।

### ବିଏସ୍‌ଏନ୍‌ଏଲ୍ କାଜୁଆଲ୍ କର୍ମଚାରୀ ସଂଘର ଆନ୍ଦୋଳନ

ସମ୍ବଲପୁର, ୫।୧୨ (ବ୍ୟୁରୋ)- ବିଏସଏନଏଲ କାଜୁଆଲ୍ କର୍ମଚାରୀ ସଂଘ ୪ଦଫା ଦାବି ନେଇ ବୁଧବାର ଆନ୍ଦୋଳନ କରିଛି । ଏଥିରେ ଝାରସୁଗୁଡା, ଦେବଗଡ, ବରଗଡ, ସମ୍ବଲପୁର ଜିଲାର ୨ଶହ କର୍ମଚାରୀ ସାମିଲ ଥିଲେ । ପ୍ରତ୍ୟେକ ମାସର ୭ ତାରିଖରେ ଦରମା ପ୍ରଦାନ, ଇପିଏଫ, ଇଏସଆଇକୁ ଜମା କରିବା, ପରିଚୟ ପତ୍ର ପ୍ରଦାନ କରିବା ପ୍ରଭୃତି ଦାବୀ ରହିଛି । ସଂଘ ଜିଲା ସମ୍ପାଦକ ସୁରେଶ ବଡ଼େଇଙ୍କ ପରିଚାଳନାରେ ଆନ୍ଦୋଳନ ହୋଇଥିଲା ।

### ୫ ଶିଶୁଙ୍କ ଥଇଥାନ ବ୍ୟବସ୍ଥା କଲା ଚାଇଲ୍ଡଲାଇନ

ବାମରା, ୫।୧୨ (ସ୍ୱ.ପ୍ର.)- ବାମରା ବ୍ଲକ ପିଣ୍ଡାପଥର ପଞ୍ଚାୟତ ମହୁଲଛାପଲ ଗ୍ରାମର ୫ଜଣ ମାତୃହୀନ ଶିଶୁଙ୍କୁ କୁଚିଣ୍ଡା ଚାଇଲ୍ଡ ଲାଇନ ଥଇଥାନ କରିଛି। ୨ବର୍ଷ ପୂର୍ବେ ବହୁଲଛାପଲ କିସାନପଡାର ଲବଣୀ ମାଝି (୪୦) ଓ ତାଙ୍କ ସ୍ତ୍ରୀ ଜମ୍ବୁବତୀ ମାଝି ଗଡପୋଷ ନିକଟରେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଏଥିରେ ଲବଣୀ ପଙ୍ଗୁ ହୋଇଯାଇଥିବା ବେଳେ ଜମ୍ବୁବତିଙ୍କ ମୃତ୍ୟୁ ଘଟିଥିଲା। ଏଣୁ ତାଙ୍କର ୩ଶିଶୁ ଦୀପା (୧୨), ଅଞ୍ଜଳି (୯) ଓ ଅଭିଷେକ (୬) ଅସହାୟ ହୋଇପଡିବାରୁ ପଡୋଶୀ ରାଧିକା ମାଝି ସମସ୍ତଙ୍କୁ ଲାଳନ ପାଳନ କରିଆସୁଥିଲେ। ରାଧିକାଙ୍କଠାରୁ ଏବେ ଏହି ୩ ପିଲାଙ୍କୁ ଚାଇଲ୍ଡ ଲାଇନ ନେଇଯାଇ ତାଙ୍କୁ ଭାରମୁକ୍ତ କରିଛି। ସେହିଭଳି ନିକଟରେ ଏହି ଗାଁର ରାଜୁ ମାଝି ନାମକ ଅନ୍ୟ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀ ପ୍ରଭାସିନୀଙ୍କୁ କାଠ ଫାଳିଆରେ ପିଟି ହତ୍ୟା କରିବା ଅଭିଯୋଗରେ ଜେଲରେ ଅଛନ୍ତି। ତାଙ୍କ ୨ ଶିଶୁ ସୋମବାରୀ (୭) ଓ ନିଳିମା (୪)ଙ୍କୁ ମଧ ରାଧିକା ନିଜ ଦାୟିତ୍ୱରେ ରଖି ପୋଷି ଆସୁଥିଲେ। ତେବେ ନିଜେ ଅସହାୟ ଓ ଗରିବ ରାଧିକା ମଧ ୨ଟି ସନ୍ତାନର ଜନନୀ । ଏଣୁ ୭ଜଣ ଶିଶୁଙ୍କୁ ପୋଶିବା ତାଙ୍କ ପାଇଁ କଷ୍ଟକର ହୋଇ ପଡିଥିଲା। ଏ ନେଇ ବିଭିନ୍ନ ଖବର କାଗଜରେ ପ୍ରକାଶିତ ହେବା ପରେ ପ୍ରଶାସନ ଏଥିରେ ହସ୍ତକ୍ଷେପ କରିଥିଲା।

## ଧାନକ୍ରୟ ପାଇଁ କୁଚିଣ୍ଡା ପ୍ରଶାସନର ପ୍ରସ୍ତୁତି

# ବହୁ ଆଡ଼ମ୍ବରରେ ଲଘୁକ୍ରିୟା ପାଲଟିଛି

କୁଚିଣ୍ଡା, ୫।୧୨ (ଡି.ଏନ.ଏ.)

ଧାନକ୍ରୟ କରିବା ପାଇଁ କୁଚିଣ୍ଡା ପ୍ରଶାସନର ସବୁ ପ୍ରସ୍ତୁତି ବହୁ ଆଡମ୍ବରରେ ଲଘୁକ୍ରିୟା ସଦୃଶ ହୋଇଛି । କେଉଁଠି ଯାଞ୍ଚ ମେଶିନ ଚାଲୁନାହିଁ ତ କେଉଁଠି ମିଲରଙ୍କୁ ଅପେକ୍ଷା କରି ଚାଷୀ ନୟାନ୍ତ । ଧାନକ୍ରୟ ପ୍ରଣାଳୀକୁ ପରିଚାଳନା କରିବାରେ ପ୍ରଶାସନ ବିଫଳ ହୋଇଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି । କୁଚିଣ୍ଡା ଉପଖଣ୍ଡରେ ଗତ ୩ ତାରିଖଠାରୁ ଧାନକ୍ରୟ ଆରମ୍ଭ ହୋଇଛି। ସେ ଦିନ ଖଣ୍ଡୋକଟା ମାର୍କେଟ ୟାର୍ଡକୁ ୧୧ଜଣ ଚାଷୀ ୯୯୪ ବସ୍ତା ଧାନ ବିକ୍ରି କରିବା ପାଇଁ ଆଣିଥିଲେ, ମାତ୍ର ଯାଞ୍ଚ ପରେ ଆରଏମସି କର୍ମଚାରୀମାନେ ଗୋଟିଏ ବି ବସ୍ତା ଧାନ ଏଫଏକ୍ୟୁ ମାନର ନ ଥିବା ପ୍ରକାଶ କରିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଚାଷୀନେତା ବୀରେନ୍ଦ୍ର ପଟେଲ ଯାଞ୍ଚ ମେଶିନ ଅଧାରୁ ବନ୍ଦ ହୋଇଯାଇଥିବା ଅଭିଯୋଗ କରିଥିଲେ । ଚାଷୀମାନେ ଗତ ୪ତାରିଖ କୁଚିଣ୍ଡା ଉପଜିଲାପାଳଙ୍କୁ ସାକ୍ଷାତ କରି ଏ ବାବଦରେ ଅଭିଯୋଗ କରିବା ସହ ଉପସ୍ଥିତ ମିଲର୍ କୁଇଣ୍ଟାଲ ପ୍ରତି ୭କେଜି ଧାନ କଟନି କଲେ ଧାନ କିଣିବା ପାଇଁ କହିଥିବା ଅଭିଯୋଗ କରିଥିଲେ । ସେହିପରି ବୁଧବାର କୁଟୁରାଟୁଆଁ ମାର୍କେଟ ୟାର୍ଡରେ ମଧ୍ୟ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା । ଏହି ୟାର୍ଡରେ ଧାନ ବିକ୍ରି ପାଇଁ ୧୩ଜଣ ଚାଷୀ ଟୋକନ ନେଇଥିବା ବେଳେ ୬ଜଣ ଚାଷୀ ପ୍ରାୟ ୧୫୦୦ ବସ୍ତା ଧାନ ବିକ୍ରି ପାଇଁ ଆଣିଥିଲେ । ମାତ୍ର ମିଲର୍‌ଙ୍କ ଦେଖା ନ ଥିଲା । ଏହାକୁ କେନ୍ଦ୍ର କରି ଚାଷୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିବାରୁ ଅପରାହ୍ନ ପ୍ରାୟ ୪ଟା ବେଳେ ଏସିଏଫଓ ଏବଂ ଯୋଗାଣ ନିରୀକ୍ଷକ କିଛି ମିଲର୍ସଙ୍କୁ ସାଙ୍ଗରେ ନେଇ ମାର୍କେଟ ୟାର୍ଡରେ ପହଞ୍ଚିଥିଲେ । ଏଠାରେ ସୂଚନାଯୋଗ୍ୟ ଯେ, ଧାନକ୍ରୟ ଆରମ୍ଭ ପୂର୍ବରୁ ପ୍ରଶାସନ, ଆରଏମସି ଅଧିକାରୀ ଏବଂ ଚାଷୀଙ୍କୁ ନେଇ ଏକ ବୈଠକ ହୋଇଥିଲା । ଏଥିରେ ଚାଷୀମାନେ ମିଲର୍ସଙ୍କ ଅନୁପସ୍ଥିତି ପ୍ରସଙ୍ଗ ଉଠାଇବାରୁ ଉପଜିଲାପାଳ ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପ୍ରତିଶ୍ରୁତି ରକ୍ଷା କରାଯାଇନି।

## ଧାନ କିଣିଲେନି ମିଲର, ଚାଷୀ ରାସ୍ତା ଅବରୋଧ କଲେ

ନାକଟିଦେଉଳ,୫।୧୨(ଡି.ଏନ.ଏ.)



ଚନ୍ଦ୍ରପୁରସ୍ଥିତ ନାକଟିଦେଉଳ ମଣ୍ଡିରେ ବୁଧବାର ଚାଷୀ ରାସ୍ତାରୋକୋ କରିଛନ୍ତି।

ଚନ୍ଦ୍ରପୁରସ୍ଥିତ ନାକଟିଦେଉଳ ମଣ୍ଡିରେ ବୁଧବାର ନାକଟିଦେଉଳ ପ୍ରାଥମିକ କୃଷି ସମବାୟ ଏବଂ ରେଢ଼ାଖୋଲ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ପ୍ରଥମ କରି ଧାନ କିଣା ଶୁଭାରମ୍ଭ ହୋଇଛି । ତେବେ ଆରମ୍ଭରୁ ମଣ୍ଡିରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଚାଷୀମାନେ ଉତ୍ତ୍ୟକ୍ତ ହୋଇ ରାସ୍ତାରୋକ କରିଥିଲେ ।

ଚାଷୀ ଧାନ ବିକ୍ରି କରିବାକୁ ମଣ୍ଡିକୁ ଆଣିଥିଲେ । ଏହି ସମୟରେ କେତେକ ବେପାରି ଟ୍ରକରେ ମଣ୍ଡିକୁ ଧାନ ଆଣିଥିଲେ । ଏହାକୁ ଚାଷୀମାନେ ବିରୋଧ କରିଥିଲେ। ସମସ୍ତ ଧାନ ଓଜନ କରାଯିବାକୁ ଦାବି କରିଥିଲେ । ମଧ୍ୟାହ୍ନ ପର୍ଯ୍ୟନ୍ତ ଧାନ ଉଠାଇବାକୁ ମିଲର୍ସ ନ ଆସିବାରୁ ଏହାର ପ୍ରତିବାଦ କରି ସରାପାଲି ବାବା ବାଲୁଙ୍କେଶ୍ୱର କୃଷକ ସଂଗଠନ ପକ୍ଷରୁ ମଣ୍ଡି ସାମନାରେ ଦେବଗଡ଼-ରେଢାଖୋଲ ରାଜ୍ୟ ରାଜପଥକୁ ଦିନ ୨ଟାରୁ ଅବରୋଧ କରାଯାଇଥିଲା । ଖବର ପାଇ ରେଢାଖୋଲ ଯୋଗାଣ ଅଧିକାରୀ ବିଘ୍ନରାଜ ମହାପାତ୍ର ଏବଂ ନାକଟିଦେଉଳ ଥାନା ଏସ୍‌ଆଇ ଅନିତା ପଟ୍ଟନିଆ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଚାଷୀମାନଙ୍କ ସହ ଆଲୋଚନା କରିବା ପରେ ଅପରାହ୍ନ ୪ଟାରେ ରାସ୍ତାରୋକ ପ୍ରତ୍ୟାହାର କରି ନିଆଯାଇଥିଲା। ପରେ ସମ୍ବଲପୁରର ହନୁମାନ ଅମ୍ବିକା ରାଇସମିଲ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଥିଲା। କିନ୍ତୁ ବିକ୍ରି ପାଇଁ ମଣ୍ଡିକୁ ଆସିଥିବା ଧାନ ଏଫଏକ୍ୟୁ ମାନ ନ ଥିବା ଦର୍ଶାଇ ଧାନ ନ ଉଠାଇ ମିଲର୍ସ ଫେରିଯାଇଥିଲେ। ଏଣୁ ଧାନ ବିକ୍ରି କରିବାକୁ ଆସିଥିବା ଚାଷୀ ଧାନ ବିକ୍ରି କରି ନ ପାରି ମଣ୍ଡିରେ ଖୋଲା ଆକାଶ ତଳେ ନିଜର ଧାନ ବସ୍ତାକୁ ଜଗି ରହିଛନ୍ତି । ସଂଗଠନର ସଭାପତି ପ୍ରଶାନ୍ତ କୁମାର ପ୍ରଧାନ, ସଂପାଦକ ଅବନୀ ମହାକୁଡ଼, ବିଚିତ୍ର ବିଶି, ଦନାର ପ୍ରଧାନ, କ୍ଷମା ପ୍ରଧାନ, ଟଙ୍କଧର ପ୍ରଧାନ, ରବୀନ୍ଦ୍ରନାଥ ଧଳଙ୍କ ସମେତ ଶତାଧିକ ଚାଷୀ ଏଥିରେ ସାମିଲ ହୋଇଥିଲେ।

## ଡିଜେଲ ଚୋରି ଅଭିଯୋଗରେ ୭ ଗିରଫ

ରେଙ୍ଗାଲି, ୫।୧୨ (ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅଧୀନ ପଣ୍ଡଲୋଇ ତେନ୍ତେଲପଡାରେ ପୋଲିସ ଚଢାଉ କରିଛି। ହାଇୱେରେ ଟ୍ରକ୍‌ରୁ ଡିଜେଲ ଚୋରି କରୁଥିବା ଅଭିଯୋଗରେ ସେଠାରୁ ୭ଜଣଙ୍କୁ ଗିରଫ କରିଛି। ଏମାନେ ହେଲେ ଡୋଳାରାମ ପଧାନ (୫୦), ମନବୋଧ ମେହେର (୨୨), ପ୍ରତ୍ୟକ୍ଷ କୁଆ (୨୭), ପ୍ରମୋଦ ମେହେର (୩୪), ନରେନ୍ଦ୍ର ସରାଫ (୪୨), ଶିଶିର ବାଗ (୨୨), ରାଜେଶ ନାଗ (୨୦)। ଏ ନେଇ ପୋଲିସ ଏକ ମାମଲା (ନଂ. ୧୧୩/୧୮) ରୁଜୁ କରିଛି। ଏମାନଙ୍କଠାରୁ ଗୋଟିଏ ଟିଣ ଡ୍ରମ୍, ୪ଟି ତେଲ ଜାରକିନ୍, ପାଇପ ସହ ୪ଶହ ଲିଟର ଡିଜେଲ ଜବତ ହୋଇଛି। ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ ହାଇୱେର ରାସ୍ତା କଡରେ ଛିଡା ହେଉଥିବା ଭାରିଯାନଗୁଡିକରୁ ଏମାନେ ତେଲ ଚୋରି କରୁଥିଲେ ବୋଲି ପୋଲିସ ଆଗରେ ମାନିଛନ୍ତି।



ତେଲ ଚୋରି ଅଭିଯୋଗରେ ଗିରଫ ୭ ଅଭିଯୁକ୍ତ।

## ଡିମିରିମୁଣ୍ଡା ମଣ୍ଡିରେ ଧାନ କିଣାରେ ଅଚଳାବସ୍ଥା

# ମିଲର୍ ଆସିଲେନି, ୩୦ ଚାଷୀଙ୍କ ୨୮୫୩ ବସ୍ତା ଧାନ ପଡିଛି

ଜମନକିରା,୫।୧୨ (ଡି.ଏନ୍.ଏ.)

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ଡିମିରିମୁଣ୍ଡା ଧାନ ମଣ୍ଡିରେ ବୁଧବାର ପ୍ରଥମ ଦିନରେ ୩୦ ଜଣ ଚାଷୀ ୨୮୫୩ ବସ୍ତା ଧାନ ଆଣିଛନ୍ତି। ମାତ୍ର ମିଲରମାନେ ମଣ୍ଡିକୁ ଧାନ କିଣିବା ପାଇଁ ନ ଆସିବାରୁ ଚାଷୀମାନେ ଧାନ ବିକ୍ରି କରିପାରି ନ ଥିବା ଅଭିଯୋଗ ହୋଇଛି।

ଜମନକିରା ବ୍ଲକ୍‌ରେ ୨୧ଟି ପଞ୍ଚାୟତରୁ ଚଳିତ ବର୍ଷ ୧୨ଟି ମଣ୍ଡି ଖୋଲା ଯାଇଛି। ଡିମିରିମୁଣ୍ଡା ପଞ୍ଚାୟତରେ ଧାନ କ୍ରୟ ବିକ୍ରୟ ପାଇଁ ପ୍ରଶାସନ ପକ୍ଷରୁ ବୁଧବାର ଓ ଶନିବାର ଦିନ ଧାର୍ଯ୍ୟ କରାଯାଇଛି। ଏଣୁ ବୁଧବାର ପ୍ରଥମ ଦିନ ଡିମିରିମୁଣ୍ଡା ପଞ୍ଚାୟତର ବିଭିନ୍ନ ଗାଁରୁ ୩୦ ଜଣ ଚାଷୀ ୨୮୫୩ ବସ୍ତା ଧାନ ମଣ୍ଡିକୁ ବିକ୍ରି ପାଇଁ ଆଣିଥିଲେ। ମଣ୍ଡିରେ ଜମନକିରା ଲ୍ୟାମ୍ପସର କର୍ମଚାରୀ ଓ କୁଚିଣ୍ଡା ନିୟନ୍ତ୍ରିତ ବଜାର କମିଟିର ଅଧିକାରୀ ପହଞ୍ଚି ଟୋକନ ଦେଇ ଧାନ ବସ୍ତା ଅନ୍‌ଲୋଡ଼ କରିଥିଲେ। ମାତ୍ର ମଣ୍ଡିକୁ କେହି ହେଲେ ମିଲର ପହଞ୍ଚି ନ ଥିବାରୁ ଚାଷୀଙ୍କ ଧାନ ଓଜନ ହୋଇ ପାରି ନ ଥିଲା। ଚାଷୀମାନେ ବହୁ ବିଳମ୍ବ ପର୍ଯ୍ୟନ୍ତ ଅପେକ୍ଷା ସତ୍ତ୍ୱେ ମିଲର ମଣ୍ଡିରେ ପହଞ୍ଚି ନ ଥିଲେ। ଚାଷୀ ବାଧ ହୋଇ କୃଷକ ସୁରକ୍ଷା ସଂଗଠନର କର୍ମକର୍ତ୍ତାଙ୍କ ସହଯୋଗରେ ମଣ୍ଡିରେ ଧାନ ଥୋଇଛନ୍ତି। ତେବେ ଏହି ସମସ୍ୟା ସମ୍ପର୍କରେ କୁଚିଣ୍ଡା ଉପଜିଲାପାଳ ତଥା ନିୟନ୍ତ୍ରିତ ବଜାର କମିଟିର ଅଧକ୍ଷ ବିଶ୍ୱରଞ୍ଜନ ନାଏକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ପ୍ରଥମ ଦିନ ହୋଇଥିବା ଯୋଗୁ ଏଭଳି ସମସ୍ୟା ଦେଖା ଦେଇଛି। ପରବର୍ତ୍ତୀ ସମୟରେ ସବୁ ଠିକ୍ ହେବ।

## ଚକ୍ଷୁ ପରୀକ୍ଷା ଶିବିର

ରେଢ଼ାଖୋଲ,୫।୧୨(ଡି.ଏନ.ଏ.)

ଏନଏସି ଭୀମ ଭୋଇ କଲ୍ୟାଣ ମଣ୍ଡପରେ ସାଥୀ ଓ ମହାନଦୀ ନେତ୍ରାଳୟ ପଣ୍ଡାପାଲି ପକ୍ଷରୁ ୨୭୧ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଛି। ଡାକ୍ତର ପ୍ରଶାନ୍ତ କୁମାର ଶତପଥୀ ଚକ୍ଷୁ ପରୀକ୍ଷା କରିଥିଲେ। ଗୋବିନ୍ଦ ଅଗ୍ରୱାଲ, ଶିବରାମ ସାହୁ, ଶିବ ଶଙ୍କର ପାନିକର, ଅବନୀ ମେହେର, ବବଲୁ ଦେବ, ଅନିଲ ପୃଷ୍ଟି, ନରେନ ମଲ୍ଲିକ ଉପସ୍ଥିତ ଥିଲେ।





ରେଢ଼ାଖୋଲ ଭୀମ ଭୋଇ କଲେଜରେ ଆୟୋଜିତ ଆତ୍ମରକ୍ଷା ଶିବିରରେ ଯୋଗ ଦେଇଥିବା ଅତିଥି।

## ଲୋକଙ୍କୁ କାମ ଦେବାକୁ ରାଜି ହେଲା କମ୍ପାନୀ

ରେଙ୍ଗାଲି, ୫।୧୨ (ଡି.ଏନ.ଏ)

ରେଙ୍ଗାଲି ବ୍ଲକର ତଲାବିରା-୨ ଏବଂ ୩ ଖଣି ଖନନ କାମ ଆରମ୍ଭ କରିବାକୁ ଯାଉଛି ଏନଏଲସି କମ୍ପାନୀ। ଏହି ପ୍ରକଳ୍ପ କାମକୁ ଠିକା ସୂତ୍ରରେ ଆଦାନୀକୁ ଦିଆଯାଇଛି। ଆଦାନୀ କିନ୍ତୁ ଏହାକୁ ମେକନିଲ ଭାରତକୁ ଠିକା ଦେଇଛି । ମେକନିଲ ଭାରତ ସ୍ଥାନୀୟ ଜନ ପ୍ରତିନିଧି ଓ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କୁ କିନ୍ତୁ ଉପେକ୍ଷା କରୁଛି। ଏହାକୁ ନେଇ ଠେଲକଲୋଇ ଥାନା ଅଭ୍ୟର୍ଥନା କକ୍ଷରେ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ତ୍ରିପାକ୍ଷିକ ବୈଠକରେ ମେକନେଲ ଭାରତ କମ୍ପାନୀ କର୍ତ୍ତୃପକ୍ଷ, ସ୍ଥାନୀୟ ଜନପ୍ରତିନିଧି ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ପ୍ରତ୍ୟେକ କାମରେ ସ୍ଥାନୀୟ ଲୋକଙ୍କୁ ଅଗ୍ରାଧିକାର ଦେବା ପାଇଁ ମେକନେଲ ଭାରତ କମ୍ପାନୀ ରାଜି ହୋଇଛି। କମ୍ପାନୀ ତାହାର କାର୍ଯ୍ୟକୁ ସୁଚାରୁରୂପେ ସଂପାଦନ କରିବା ପାଇଁ ଏକ ଅସ୍ଥାୟୀ କାର୍ଯ୍ୟାଳୟ ଖୋଲିବ। ସ୍ଥାନୀୟ ଲୋକଙ୍କ ଆସ୍ଥାଭାଜନ ହୋଇ କାର୍ଯ୍ୟ କରିବାକୁ ନିଷ୍ପତ୍ତି ହୋଇଛି। ଖିଣ୍ଡା ସରପଞ୍ଚ ନୀଳାବତୀ ଓରାମ, ମାତୃଭୂମି ସ୍ୱେଚ୍ଛାସେବୀ ସଂଗଠନର ସଭାପତି ହେମନ୍ତ କୁମାର ପାଣ୍ଡେ, ଲାଲ ଫକିର ବୀରେନ୍ଦ୍ର ସାଏ, ବୀର ସୁରେନ୍ଦ୍ର ସାଏ ସ୍ମୃତି ସଂସଦ କାର୍ଯ୍ୟକାରୀ ସଭାପତି ପୀତାମ୍ବର ବିଶ୍ୱାଲ, ଉମାକାନ୍ତ ନାଥ, କେଶବ ରୋହିଦାସ, ପାର୍ବତୀ ପୁରୋହିତ, ଧୀରେନ୍ଦ୍ର କୁମାର ପ୍ରଧାନ, ବିଜୟ କୁମାର ଭୋଇ, ଠେଲକଲୋଇ ଥାନା ଅଧିକାରୀ ସୁବାସଚନ୍ଦ୍ର ମିଶ୍ର, ମେକନେଲ କମ୍ପାନୀର ଆର.ଏନ. ମଣ୍ଡଳ, ଶ୍ୟାମ ସିହ୍ନା, ମୁକ୍ତିକାନ୍ତ ପାତ୍ର ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ । ସୂଚନାରଯୋଗ୍ୟ, ସ୍ଥାନୀୟ ଜନତା ଓ ଜନ ପ୍ରତିନିଧିଙ୍କୁ ଉପେକ୍ଷା କରାଯାଉଥିବା ନେଇ ଖିଣ୍ଡା ସରପଞ୍ଚ ନୀଳାବତୀ ଓରାମଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ସମ୍ବଲପୁର ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ପରେ ଜିଲାପାଳଙ୍କ ଆଦେଶରେ ଠେଲକଲୋଇ ଥାନା ଅଧିକାରୀଙ୍କ ମଧ୍ୟସ୍ଥତାରେ ଗ୍ରାମବାସୀ ଏବଂ ମେକନେଲ ଭାରତ କମ୍ପାନୀ ଅଧିକାରୀଙ୍କ ମଧ୍ୟରେ ଆଲୋଚନା କରାଯାଇଥିଲା। କାମରେ ସ୍ଥାନୀୟ ଲୋକଙ୍କୁ ଆଗ୍ରାଧିକାର ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

## ସାମ୍ପ୍ରତିକ ସମାଜରେ ଆତ୍ମରକ୍ଷା ଜରୁରୀ

ରେଢ଼ାଖୋଲ,୫।୧୨ (ଡିଏନଏ)

ସାମ୍ପ୍ରତିକ ସମାଜରେ ଘଟୁଥିବା ଘଟଣାବଳୀକୁ ଦୃଷ୍ଟିରେ ରଖି ସଂଯମତା ଓ ଆତ୍ମରକ୍ଷାର ଆବଶ୍ୟକତା ରହିଛି । ମହିଳାମାନଙ୍କ ପାଇଁ ଆବଶ୍ୟକ ତାଲିମ ନେବା ଜରୁରୀ ବୋଲି ସ୍ଥାନୀୟ ଭୀମ ଭୋଇ ମହାବିଦ୍ୟାଳୟରେ ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ହରପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ଏହି କାର୍ଯ୍ୟକ୍ରମ। ଉପଜିଲାପାଳ ବିଶିକେସନ ଦେହୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାର୍ଜିତ ଆଚରଣ ମାଧ୍ୟମରେ ନିଜେ ନିଜକୁ ସୁରକ୍ଷିତ ରଖିବା ସହ ଉପଯୁକ୍ତ ତାଲିମ ମାଧ୍ୟମରେ ଇନ୍ଦ୍ରୀୟଗୁଡିକର ସଂଯମତା ହୋଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ରେଢ଼ାଖୋଲ ଥାନା ଅଧିକାରୀ ପ୍ରଶାନ୍ତ ସାମଲ, ଅତିରିକ୍ତ ଜିଲାପାଳ ଅମ୍ଲାନ ଅପରାଜିତା ମିଶ୍ର, ସବଇନ୍‌ସପେକ୍ଟର ବୈଭବମାଳା ସ୍ୱାଇଁ ଯୋଗଦେଇ ଛାତ୍ରୀ ଆତ୍ମରକ୍ଷା ପାଇଁ ଅଧିକ ସଚେତନ ହେବା ଆବଶ୍ୟକ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷିକା ଏଲ. ବିଷ୍ଣୁପ୍ରିୟା ସାଗର ଆତ୍ମ ସୁରକ୍ଷାର ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିବା ବେଳେ ଅଧାପିକା ଅନିତା କିସାନ, ପ୍ରଜ୍ଞାଲକ୍ଷ୍ମୀ ପାଢୀ ପରିଚାଳନା କରିଥିଲେ। ବରିଷ୍ଠ ଅଧାପିକା ମମତା ମହାପାତ୍ର ଧନ୍ୟବାଦ ଦେଇଥିଲ।

## ଜନାର୍ଦ୍ଦନ ପଟେଲ ସ୍ମାରକୀ ବକ୍ତୃତା

ସମ୍ବଲପୁର,୫।୧୨(ବ୍ୟୁରୋ)

ପ୍ରଫେସର ଜନାର୍ଦ୍ଦନ ପଟେଲ ସ୍ମାରକୀ ବକ୍ତୃତା ବୁଧବାର ରାତିରେ ସମ୍ବଲପୁର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜକ ଓଡିଶା ସାଂସ୍କୃତିକ ସମାଜ ସଭାପତି ପ୍ରଫେସର ଶଙ୍କରପ୍ରସାଦ ପତିଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଫେସର ମିନକେତନ ପୁରୋହିତ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜନାର୍ଦ୍ଦନ ପଟେଲଙ୍କ ଶିକ୍ଷାଦାନ ଓ ଜୀବନୀ ଉପରେ ଆଲୋକପାତ କରିଥିଲେ । ଗୀତିକାର ବିନୋଦ ପଶାୟତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲାକ୍। ବୋଧରାମ ଦାସ ସୂଚନା ପ୍ରଦାନ କରିଥିବା ବେଳେ ପ୍ରଫେସର କୁଞ୍ଜବନ ପଟେଲ ଅତିଥି ପରିଚୟ ପ୍ରଦାନ ଓ ଡ. ବିଜୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।





ପ୍ରଫେସର ଜନାର୍ଦ୍ଦନ ପଟେଲ ସ୍ମାରକୀ ବକ୍ତୃତାରେ ମଞ୍ଚାସୀନ ଅତିଥି, ବକ୍ତା ଓ କର୍ମକର୍ତ୍ତା ।

# ରେଢ଼ାଖୋଲରେ ଓକିଲଙ୍କ ଆନ୍ଦୋଳନ ଜାରି

ରେଢ଼ାଖୋଲ,୫।୧୨(ଡି.ଏନ.ଏ.)

ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ଦାବି ନେଇ ପଶ୍ଚିମ ଓଡିଶା ଓକିଲ ସଂଘ ସମୂହର କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଆହ୍ୱାନ କ୍ରମେ ରେଢ଼ାଖୋଲରେ ଓକିଲଙ୍କ ଆନ୍ଦୋଳନ ଚାଲୁ ରହିଛି। ସେପ୍ଟେମ୍ବର ୬ ତାରିଖରୁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ୯୦ ଦିନରେ ପହଞ୍ଚିଛି। ଏଥିଯୋଗୁ କୋର୍ଟ ସମେତ ଉପଜିଲାପାଳ, ତହସିଲ, ସବ ରେଜିଷ୍ଟ୍ରାର କାର୍ଯ୍ୟାଳୟ ବନ୍ଦ ରହିଛି। ଏଣୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେପ୍ଟେମ୍ବର ୨୯ ତାରିଖଠାରୁ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଜେଲରେ ଚାଲିଥିବା କ୍ୟାମ୍ପ କୋର୍ଟକୁ ଗତ ୧୯ ତାରିଖଠାରୁ ଓକିଲ ମାନେ ପିକେଟିଂ କରି ବନ୍ଦ କରି ଦେଇଛନ୍ତି। ଫଳରେ ବିଭିନ୍ନ ଥାନାରୁ ଗିରଫ ହୋଇ ଆସୁଥିବା ଅଭିଯୁକ୍ତମାନେ ଜାମିନ ଆବେଦନ କରି ନ ପାରି ଜେଲ ହାଜତରେ ରହୁଛନ୍ତି। ସବ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ଗତ ୩ ମାସ ଧରି ବନ୍ଦ ରହିଥିବା ଯୋଗୁ ବିଭିନ୍ନ ଜରୁରୀ କାର୍ଯ୍ୟରେ ମଧ ଜମିବାଡି କିଣାବିକା ହୋଇପାରୁନାହିଁ । ଏଥିସହିତ ବିଭିନ୍ନ ପ୍ରମାଣ ପତ୍ର ପାଇଁ ଲୋକ ତହସିଲ କାର୍ଯ୍ୟାଳୟକୁ ଆସି ନିରାଶ ହୋଇ ଫେରୁଛନ୍ତି। ହେଲେ ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉ ନ ଥିବାରୁ ଲୋକଙ୍କ ଭିତରେ ଅସନ୍ତୋଷ ବୃଦ୍ଧି ପାଉଛି। ଗତ ୧୯ ତାରିଖଠାରୁ ୩୦ ତାରିଖ ପର୍ଯ୍ୟନ୍ତ ସମସ୍ତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟାଳୟଗୁଡିକୁ ଓକିଲମାନେ ପିକେଟିଂ କରି ବନ୍ଦ କରିଦେଇଥିଲେ। ୨୯ ଓ ୩୦ ଦୁଇ ଦିନ ଧରି ମହାବନ୍ଦ କରାଯାଇଥିଲା। ତେବେ ମହାବନ୍ଦ ପରେ ମଧ ଓକିଲମାନେ ପୂର୍ବ ପରି ଆନ୍ଦୋଳନ ଜାରି ରଖିଛନ୍ତି। ପ୍ରତିଦିନ ସିଭିଲ କୋର୍ଟ ସମ୍ମୁଖରେ ଧାରଣ ଦେବା ସହିତ ଜେଲ ଓ ରାଜସ୍ୱ କାର୍ଯ୍ୟାଳୟ ଗୁଡିକ ସମ୍ମୁଖରେ ପିକେଟିଂ କରୁଛନ୍ତି। ବୁଧବାର ଓକିଲ ସଂଘ ସଭାପତି ଅଭୟକୁମାର ବୀର, ସଂପାଦକ ଗଣେଶ୍ୱର ପ୍ରଧାନ, ବରିଷ୍ଠ ଆଇନଜୀବୀ ଶମ୍ଭୁ ପ୍ରସାଦ ପ୍ରଧାନ, ଶିବ ପ୍ରସାଦ ପ୍ରଧାନ, ବିମଳ ପ୍ରଧାନ, ବିଦ୍ୟାସାଗର ପ୍ରଧାନ, ସରୋଜ ନନ୍ଦ, ଜନ୍ମେଜୟ ସାହୁ, ଉମାକାନ୍ତ ମହାନନ୍ଦ, ଜଗନ୍ନାଥ ବିଶ୍ୱାଳଙ୍କ ସମେତ ଶ୍ରମିକ ନେତା ଅନାଦୀ ସାହୁ, ଭାଜପା ନେତା ଗୋବିନ୍ଦ ଅଗ୍ରୱାଲ ପ୍ରମୁଖ ପିକେଟିଂରେ ସାମିଲ ହୋଇଥିଲେ।





ଓକିଲମାନେ ଜେଲ ଆଗରେ କ୍ୟାମ୍ପ କୋର୍ଟକୁ ବିରୋଧ କରି ବୁଧବାର ପିକେଟିଂ କରୁଛନ୍ତି।



ସଂସାର ପ୍ରତି ତିଳେ ହେଲେ ଆସକ୍ତି ଥିଲେ ଭଗବାନଙ୍କୁ ଲାଭ କରିହେବ
ନାହିଁ, ଯେପରି ସୂତାରେ ଟିକିଏ ଆଂଶୁ ଥିଲେ ଛୁଞ୍ଚିରେ ଗଳେନାହିଁ।
- ଶ୍ରୀ ରାମକୃଷ୍ଣ ପରମହଂସ





# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଗ୍ନି, ବ୍ୟାଧି, ରଣ;**
**ଏ ତିନିଙ୍କି ନ ରଖିବ ପୁଣ ।**

ଅଗ୍ନି ସବୁକିଛି ଜାଳିପୋଡ଼ି ଭସ୍ମ କରି ଦେଇଥାଏ। ରୋଗ ପୁରୁଣା ହୋଇଗଲେ ଭଲ ହେବା କଷ୍ଟକର ହୋଇଯାଏ। ସେହିପରି ରଣ ଠିକ୍ ସମୟରେ ଶୁଝା ନ ଗଲେ ସୁଧମୂଳ ବଢ଼ିଯାଏ। ଚାଣକ୍ୟଙ୍କ ମତରେ ଅଗ୍ନି, ବ୍ୟାଧି ଓ ରଣର ଶେଷ ରଖିବ ନାହିଁ। କାରଣ ଏଗୁଡ଼ିକ ପରେ ବଢ଼ି ବଢ଼ି ମଣିଷର ସର୍ବନାଶର କାରଣ ସାଜୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଇଲ ବନ୍ଧୁ ଭଲ କଲ**
**ବସିବାକୁ ନାହିଁ ଠାଆ,**
**ଯେଉଁ ବାଟେ ବାଟେ ଅଇଲ ବନ୍ଧୁ**
**ସେଇ ବାଟେ ବାଟେ ଯାଆ ।**

ବନ୍ଧୁ ଚର୍ଚ୍ଚା କରିବା ପାଇଁ କୁଣ୍ଠିତ ମନୋବୃତ୍ତି ଥିବା ଲୋକ ଦୁନିଆରେ ଅନେକ ଅଛନ୍ତି। ବନ୍ଧୁଟି ଅପେକ୍ଷାକୃତ ଗରିବ ହୋଇଥିଲେ ତା'ପ୍ରତି ହେୟଜ୍ଞାନ କରିବାକୁ ପଛାଇ ନ ଥାନ୍ତି। ଘରକୁ ସମାଗତ ବନ୍ଧୁକୁ ସତ୍କାର କରିବାରେ ଅନିଚ୍ଛା ପ୍ରକାଶ କରିବାକୁ ଯାଇ ବିଭିନ୍ନ ପ୍ରକାର ବାହାନା ପ୍ରଦର୍ଶନ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ମୃତ୍ତିକା ସୁରକ୍ଷା ଉପରେ ଗୁରୁତ୍ୱ

ଦେବଗଡ,୫ା୧୨(ସ୍ୱ.ପ୍ର.)

ଦେବଗଡ କୃଷି ବିଭାଗ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ କୃଷି ବିଭାଗ କାର୍ଯ୍ୟାଳୟ ପରିସରରେ ବିଶ୍ୱ ମୃତ୍ତିକା ଦିବସ ବୁଧବାର ପାଳନ କରାଯାଇଛି । ଏହି ଅବସରରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ସୁଧାମୟୀ ପଟେଲ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡିଆରଡିଏର ଏପିଡି ସୁଶାନ୍ତ ପଟେଲ, କୃଷି ବିଭାଗର ଡିଡିଏ ପ୍ରଶାନ୍ତ ସାହୁ, କୃଷି ବିଜ୍ଞାନ କେନ୍ଦ୍ର ସୁଜିତ ନାଥ, ଜିଲା ମତ୍ସ୍ୟ ବିଭାଗର ଅଧିକାରୀ ନରୋତ୍ତମ ନାଏକ, ୱାଟରସେଡ ପିଡି କୃଷ୍ଣ ଚନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚାସୀନଥିଲେ। ଯୋଗଦେଇଥିବା ଅତିଥି ଗଣ ଏହି ଅବସରରେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଏବଂ ମୃତ୍ତିକା ପରୀକ୍ଷାର ସ୍ଥିତି ସମ୍ପର୍କରେ ତଥା ମୃତ୍ତିକା ବିଭାଗର କାର୍ଯ୍ୟକ୍ରମ ମୃତ୍ତିକା ସ୍ୱାସ୍ଥ୍ୟର ସୁରକ୍ଷା ସମ୍ପର୍କରେ ଅବଗତ କରିଥିଲେ । ଜିଲାର ସମସ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ନିଜ ନିଜ ବିଭାଗର କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥାପନ କରିଥିଲେ । ଉକ୍ତ ସଭାରେ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ। କୃଷିଭିତ୍ତିକ ଏକ ପତ୍ରିକା ଅତିଥିଙ୍କ ଦ୍ୱାରା ଉନ୍ମୋଚନ ସହ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବିତରଣ କରାଯାଇଥିଲା ।



ବିଶ୍ୱ ମୃତ୍ତିକା ଦିବସ ଉପଲକ୍ଷେ ପତ୍ରିକା ଉନ୍ମୋଚନ ହେଉଛି।

## ଦୁର୍ଘଟଣାରେ ଜଣେ ଗୁରୁତର

ସମ୍ବଲପୁର,୫ା୧୨(ବ୍ୟୁରୋ)

ସମ୍ବଲପୁର ଜିଲା ଜାମତାଲ ଗ୍ରାମ ନିକଟରେ ବୁଧବାର ରାତିରେ ଏକ ଟକ୍ ଓ ହାଇୱା ମଧ୍ୟରେ ଧକ୍କା ହୋଇଛି। ହାଇୱା ଡ୍ରାଇଭର ଗୁରୁତର ହୋଇଛନ୍ତି। ଡ୍ରାଇଭର ଜଣଙ୍କ ଗାଡି ଭିତରେ ଚାପି ହୋଇ ରହିଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ଅଗ୍ନିଶମ କର୍ମଚାରୀ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଡ୍ରାଇଭରଙ୍କ ପରିଚୟ ମିଳିପାରି ନାହିଁ।

# ଥାନା ହାଜତରେ ଯୁବକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

ସୁନ୍ଦରଗଡ଼,୫ା୧୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ହାଜତରେ ବୁଧବାର ରାତି ପ୍ରାୟ ସାଢ଼େ ୧୦ଟାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜୟକୁମାର ଲାକ୍ରା(୩୦)। ଏହି ଘଟଣା ନେଇ ରାଜଗାଙ୍ଗପୁରରେ ଉତ୍ତେଜନା ପ୍ରକାଶ ପାଇବା ସହ ସେଠାରେ ପୋଲିସ ମୁତୟନ କରାଯାଇଛି। ଏହି ଯୁବକଙ୍କୁ ଠକେଇ ମାମଲାରେ ପୋଲିସ ଥାନା ହାଜତରେ ରଖି ପଚରା ଉଚରା କରୁଥିଲା। ବୁଧବାର ରାତିରେ ସେ ହାଜତ ଭିତରେ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ମୃତ୍ୟୁ ସନ୍ଦେହଜନକ ହୋଇଥିବାରୁ ଲୋକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

# ଦେବଗଡ଼ରେ ହେବ ୨୪ପେଟ୍ରୋଲ ପମ୍ପ

ଦେବଗଡ,୫ା୧୨(ସ୍ୱ.ପ୍ର.)

ସ୍ଥାନୀୟ ଟ୍ରାଫିକ ଛକ ନିକଟସ୍ଥ ଏକ ଘରୋଇ ହୋଟେଲରେ କେନ୍ଦ୍ର ସରକାରଙ୍କ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ତରଫରୁ ବୁଧବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସମ୍ବଲପୁରସ୍ଥିତ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍‌ର ବରିଷ୍ଠ ପରିଚାଳକ ଗଙ୍ଗାଧର ରଣା ଓ ସହକାରୀ ପରିଚାଳକ ଶଙ୍କର୍ଷଣ କିସ୍‌କୁଙ୍କ ସହ ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡର ସହକାରୀ ପରିଚାଳକ ରଞ୍ଜନ କୁମାର, ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡର ସହକାରୀ ପରିଚାଳକ ଜୟ ପ୍ରକାଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ଜିଲାରେ ଥିବା ୩ବ୍ଲକର ବିଭିନ୍ନ ଅଞ୍ଚଳରେ ୨୪ଟି ପେଟ୍ରୋଲ ପମ୍ପ ସ୍ଥାପନ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରିବା ସହ ଏହାର ପ୍ରଚାର ପ୍ରସାର ପାଇଁ ନିବେଦନ କରିଥିଲେ।

# ହକିରେ କେଲଡା, ଭଲିବଲରେ କାଉଁସିବାହାଲ ଚାମ୍ପିୟନ

**ବାରକୋଟ, ୫ା୧୨ (ଡି.ଏନ.ଏ):** ବାରକୋଟ କ୍ଲବ ଡଂରା ଖେଳ ପଡିଆଠାରେ ୩ ଦିନ ଧରି ଚାଲିଥିବା ହକି ଏବଂ ଭଲିବଲ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ହକି ଖେଳରେ କେଲଡା ଦଳ ଝାରକଣ୍ଟେଲ ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ସେହିପରି ଭଲିବଲରେ କାଉଁସିବାହାଲ ଦଳ ବଂପରଡାକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଅତିଥି ଭାବେ ବାରକୋଟ ବ୍ଲକ ଅଧ୍ୟକ୍ଷା ସୁବାସିନୀ ସା, ବିଡିଓ ଟୁନୁ ମେହେର, ବ୍ଲକ ଉପାଧ୍ୟକ୍ଷ ହରମୋହନ ପାଣି, ଆକାଉଣ୍ଟ ଅଫିସର ପରେସ ଟୁଡୁ, ଜିପିଓ କିଶୋର ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତିଯୋଗୀତାକୁ ଜିଲା ଗ୍ରାମ ଉନ୍ନୟନ ସଂସ୍ଥାର କୋ-ଅର୍ଡିନେଟର ଜିତେନ୍ଦ୍ର ସାହୁ, ପ୍ରୋଗ୍ରାମ ଅଫିସର ପ୍ରଶାନ୍ତ ଖୁଣ୍ଟିଆ, ନିରଜ ଦାସ ପ୍ରମୁଖ ପରିଚାଳନା କରିଥିଲେ ।

# କ୍ରିକେଟ ଟୁର୍ନାମେଣ୍ଟ : ରେଙ୍ଗାଲି ପଞ୍ଚାୟତ ଚାମ୍ପିୟନ

ରେଙ୍ଗାଲି, ୫ା୧୨ (ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ମିନି ଷ୍ଟାଡିୟମଠାରେ ଦୁଇ ଦିନିଆ ବ୍ଲକସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା । ଏଥିରେ ରେଙ୍ଗାଲି ବ୍ଲକର ୧୬ଟି ପଞ୍ଚାୟତର ଦଳ ସାମିଲ ହୋଇଥିଲେ । ବୁଧବାର ରେଙ୍ଗାଲି ପଞ୍ଚାୟତ ଏବଂ ଘିଚାମୁରା ପଞ୍ଚାୟତ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହୋଇଥିଲା । ଏଥିରେ ରେଙ୍ଗାଲି ପଞ୍ଚାୟତ ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚରେ ରେଙ୍ଗାଲି ବ୍ଲକ ଅଧ୍ୟକ୍ଷା ସାଇବାନୀ ସେଠ ମୁଖ୍ୟଅତିଥି ଭାବରେ ଯୋଗଦେଇ ଥିଲେ। ଚାମ୍ପିୟନ ରେଙ୍ଗାଲି ଦଳକୁ ୨ହଜାର ଟଙ୍କା ଏବଂ ଟ୍ରଫି ଏବଂ ପରାଜିତ ଘିଚାମୁରା ଦଳକୁ ୧୫ଶହ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଛି। ରେଙ୍ଗାଲି ଦଳର ଶାନ୍ତାରାମ ସାହୁ ମ୍ୟାନ ଅଫ୍ ଦି ସିରିଜ ଓ ସୋଏବ କଚ୍ଛି ମ୍ୟାନ ଅଫ୍ ଦ ମ୍ୟାଚ ଘୋଷିତ ହୋଇଥିଲେ । ରେଙ୍ଗାଲି ବିଡିଓ ବେର୍ଣ୍ଣାଦେତ ଲାକ୍ରା, ନାରାୟଣ ଶର୍ମା, ସ୍ୱାଧୀନ ଏକତା ସଂଗଠନର ସଭାପତି ରାଜୀବ ମିଶ୍ର ପ୍ରମୁଖ ଅତିଥି ଏବଂ ପ୍ରଫୁଲ୍ଲ ଗହିର ମୁଖ୍ୟ ଖେଳ ପରିଚାଳକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

**Bhubaneswar Smart City Limited**
Bhubaneswar Smart City Limited, Block 1, II Floor, BMC-Bhawani Mall, Bhubaneswar-751007

No. 5772 Date: 03.12.18

**1st Corrigendum to Tender Call Notice Vide bid Identification No. 5733/BSCL/187/2018, dated 28.11.2018**

**No.371-C:-** The Notice Inviting Bid No. 5733/ BSCL/187/2018, dated 28.11.2018 towards "Development of cycle track corridor in Bhubaneswar Smart City has been revised as below."

| | | |
|---|---|---|
| 1. | Period of completion | 06 (Six Months) |
| 2. | Date and time for availability of bid in web | 14.12.2018 |
| 3. | Date of Pre-Bid Meeting | 21.12.2018 at 11.00 AM |
| 4. | Last date/ time for receipt of Bid in web portal | 05.01.2019 upto 5.00 PM |
| 5. | Date of submission of original documents, EMD, Bid document cost | 07.01.2019 upto 5.00 PM |
| 6. | Date of opening of technical Bid | 09.01.2019 at 11.30 AM |

The Revised Notice inviting tender along with other documents will be published in the e-procurement portal website http://tendersorissa.gov.in. Any addendum/ corrigendum/ cancellation of tender can be seen in the web mentioned above.

Sd./- Chief Executive Officer
13070/11/0041/1819 Bhubaneswar Smart City Limited

**ZILLA SWASTHYA SAMITI, KORAPUT**
**OFFICE OF THE CHIEF DISTRICT MEDICAL OFFICE, KORAPUT**
Phone No : 06852-252064,
Email- nhmkpt@gmail.com
Letter No. 576/NCD/KPT Date : 01.12.2018

**TENDER CALL NOTICE**

No.624-E: Sealed tenders are invited from registered or manufacturer or importer or authorized distributor or wholeseller agencies for supply of strecher for IMR & MMR programme under NHM, Koraput. The tender document should reach to the office of the undersigned by 21.12.2018, 1.00 P.M. through speed post / Regd. Post/ Courier along with all relevant documents and will be opened on the same day at 05.00 P.M. The details specifications, terms & conditions can be available in the district website : www.koraput.nic.in. The undersigned reserves the right to accept or reject without assigning any reason thereof.

10077/11/0023/1819 **Sd./- CDM & PHO, Koraput**

OFFICE OF THE EXECUTIVE ENGINEER
RWS&S DIVISION, PURI – 752002
Phone (06752) 251276, Fax :- (06752) 251276, E-mail:-eerwss_puri@nic.in

**NATIONAL COMPETITIVE BIDDING THROUGH E-PROCUREMENT**

**Bid Identification No. RWSSPURI 70 /2018-19**

No.1117-O: The Executive Engineer, RWS&S Division, Puri on behalf of Governor of Odisha invites percentage rate price bids through e-procurement in single cover system according to the norms of e-procurement system, in on-line mode from eligible contractors.

| Sl. No. | Nature of work: | Piped Water Supply Scheme |
|---|---|---|
| 1. | No. of works: | 1 (ONE) |
| 2. | Time for completion: | Two months |
| 3. | Cost of bidding document: | Rs. 6000/- |
| 4. | Class of Contractors eligible: | D & C |
| 5. | Availability of bids on-line: | From 17 hour of 07.12.2018 to 17.00 hours of 17.12.2018 |
| 6. | Last date and time for seeking clarification: | 17.00 hours of 14.12.2018 |
| 7. | Date & time of opening of technical bids: | On dt 18.12.2018 at 12.00 hours in the office of the Executive Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 8. | Date and time of opening of financial bids: | To be decided |

Further details can be seen from the website **https://www.tendersorissa.gov.in**.

**Sd./- Executive Engineer, RWS&S Division, Puri**
25017/11/0087/1819

**BERHAMPUR MUNICIPAL CORPORATION, GANJAM**
**INVITATION FOR BIDS (IFB)**
No.19877/XVIII.E6.12/18 Date : 03.12.2018

**INVITATION FOR BIDS**
**Bid Identification No. BMC (BAM)-182/2018-19**
No.368-C

| | | | |
|---|---|---|---|
| 1. | The Municipal Commissioner, Berhampur, invites percentage rate bids in ONLINE MODE only, as per annexure "A" | | |
| 2. | Natue of Work | : | Electrical Works |
| 3. | No. of Work | : | 3 Nos |
| 4. | Bid Cost. | : | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5. | E.M.D. | : | The bidder shall remit online the Earnest Money Deposit/ Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha as per Annexure "A". |
| 6. | Class of Contractor | : | As per the Annexure "A" |
| 7. | Availability of Bid Documents in the website | : | From 15.00 hrs. of Dt. 05.12.2018 to 17.00 hrs. of 24.12.2018 |
| 8. | Date of opening of Bid | : | 11.30 hrs. onwards on Dt. 26.12.18. |
| 9. | Mode of submission of tender | : | Tender should be submitted on line in www.tendersorissa.gov.in |
| | The Bidders have to partcipate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum/ cancellation of tender can also be seen in the said website only. | | |

13035/11/0163/1819 **Sd./- Commissioner, Berhampur Municipal Corporation, Berhampur, Odisha**

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
**GOLD CASH LTD** (an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

**BALADEV FINANCE**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି। ସୁଧ ୨%
M: 7750923286, 7750921101

**ମୁଦ୍ରିକା ଫାଇନାନ୍ସ ଲୋନ**
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

ସରକାରୀ ଜନଧନ ଯୋଜନା ଅଧୀନରେ
**DHANLAXMI FINANCE PVT. LTD.** (Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ରଣ ଏବଂ ସମସ୍ତ ରଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number 9499218982
Goudunipokhari, Pharsibandha, Bhadrak, Odisha - 756132

**FINANCE**
Mahalaxmi Credit Services
Bank ଯଦି ରଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ରଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

**Shri Ram Finance**
ସେବା ସମିତି ରଣ ଅଫର୍
ପିଏମ୍ ରଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ରଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବିପିଏଲ୍ କାର୍ଡ । ବେରୋଜଗାର, ମହିଳା ଗ୍ରୁପ୍ ରଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡି।
Helpline Numbers 9996568749, 7497026992
Kutasingha, Tentuligaon, Bolangir, Orissa 767068

**କେମିତି ମଦ ଛାଡ଼ିବେ**
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429, 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**LOAN**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ରଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ରଣ ଉପରେ ରଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ରଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now 8697980580

**କୁବେର ଫାଇନାନ୍ସ**
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ରଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ୍, ମହିଳା ଗ୍ରୁପ୍ ରଣ 0% ସୁଧ, 35% ସବ୍‌ସିଡି।
Helpline 18002126755, 08802683947
Dist: Khargaon, Madhyapradesh

**T.C.F. FINANCE** (Govt. Registered)
ରଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ରଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହରଣ, 0% ସୁଧ, 50% ରିହାତି। (ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

**LOAN**
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ରଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
**MUDRA FINANCE**
ଆଗେ କାମ - ପରେ ଦାମ
ପର୍ସନାଲ, ପ୍ରପର୍ଟି ମାର୍କଶିଟ୍, ବ୍ୟବସାୟ ଯାନବାହନ, ଆଧାରକାର୍ଡ ରାଶନ କାର୍ଡ ସମସ୍ତ ରଣ
2% ସୁଧ - 40% ରିହାତି
ଘରେ ବସି ଉପଲବ୍ଧ
7078300380
Ram Nagar, Narnel, Haryana

ନୂଆବର୍ଷର ଶୁଭ ଅବସରରେ
**GANAPATI FINANCE**
ଦ୍ୱାରା ଆଧାରକାର୍ଡ, ମାର୍କଶିଟ୍, ଗୃହ, ପର୍ସନାଲ, ବ୍ୟବସାୟ ସମସ୍ତ ରଣ ମାତ୍ର 4 ଘଣ୍ଟାରେ
1% ସୁଧ - 50% ରିହାତି
ମହିଳା / ସରକାରୀ କର୍ମଚାରୀଙ୍କ ପାଇଁ ରିହାତି
ଦ୍ରଷ୍ଟବ୍ୟ: ଆମର ଅନ୍ୟ କୌଣସି ଶାଖା ନାହିଁ
ଯୋଗାଯୋଗ: ସୁନିତା
8860416623, 8860412564
168, Sector 30, Jagatpura, Jaipur (Rajasthan)

ଭାରତର ନଂ.1 କମ୍ପାନୀ
**HI-TECH TOWER** (GOVT. REGD.)
ଡିଜିଟାଲ ଉପକରଣ ଜମି, ଛାତ, ପ୍ଲଟ୍ କ୍ଷେତରେ ଲଗାନ୍ତୁ
ପାଆନ୍ତୁ 60 ଲକ୍ଷ ଅଗ୍ରିମ + ଭଡ଼ା 40 ହଜାର + 20,000/-ର ପ୍ରୋତ୍ସାହନ + ବାଇକ୍ + ଜୀବନ ବୀମା
(ଠକମାନଙ୍କ ପ୍ରତି ସାବଧାନ)
08818956614
09753490869
#908, Dhiman Line, Yamuna Nagar, Haryana.

**TARIFF — MORE SPACE • SAME PRICE** (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



“ଇରାନର ତୈଳ ରପ୍ତାନି ଉପରେ ଆମେରିକା ରୋକ୍ ଲଗାଇପାରିବ ନାହିଁ। ଯଦି ଏଭଳି ଉଦ୍ୟମ କରେ ତେବେ ପାରସ୍ୟ ଉପସାଗର ପଥରେ ତୈଳ ରପ୍ତାନି ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ଦିଆଯିବ।
- ହାସନ ରୁହାନି, ଇରାନ ରାଷ୍ଟ୍ରପତି

## ସଂକ୍ଷେପରେ

### ନ୍ୟୁ କାଲେଡୋନିଆରେ ଭୂମିକମ୍ପ

**ନୁମିଆ,୫।୧୨:** ଦକ୍ଷିଣ ପ୍ରଶାନ୍ତ ମହାସାଗରରେ ଥିବା ନ୍ୟୁ କାଲେଡୋନିଆ ନିକଟରେ ବୁଧବାର ବଡ଼ଧରଣର ଭୂମିକମ୍ପ ଅନୁଭୂତ ହୋଇଛି, ଯାହାର ତୀବ୍ରତା ୭.୫ ଥିଲା। ଭୂକମ୍ପ ପରେ ସୁନାମି ଆଲର୍ଟ ଜାରି କରାଯାଇଥିଲା। ତେବେ ଏହି ଭୂକମ୍ପରେ କୌଣସି ବଡ କ୍ଷୟକ୍ଷତି ହୋଇ ନଥିବା ଜଣାପଡିଛି। ନ୍ୟୁ କାଲେଡୋନିଆର ଲୟାଲ୍ଟି ଆଇଲାଣ୍ଡର ଦକ୍ଷିଣପୂର୍ବରେ ୧୭୦ କିଲୋମିଟର ଦୂରରେ ଭୂକମ୍ପର କେନ୍ଦ୍ରସ୍ଥଳ ରହିଛି। ଭୂକମ୍ପ ପରେ ୨୦ ଥର ପଶ୍ଚାତ କମ୍ପନ ଅନୁଭୂତ ହୋଇଥିଲା। ଏଥିରେ ଘରର କାନ୍ଥ ଦୋହଲିଯିବା ସହ ସମୁଦ୍ରରେ ଫେଣ ସୃଷ୍ଟି ହୋଇଥିଲା। ସୁନାମି ଉଠିବାରୁ ଲୋକମାନେ ଉଚ୍ଚ ସ୍ଥାନକୁ ଚାଲିଯାଇଥିଲେ।

### ଇଥିଓପିଆରେ ୩ ଭାରତୀୟ ଅଫିସରଙ୍କୁ ଜେରା

**ମୁମ୍ବାଇ,୫।୧୨(ପି.ଟି.):** ଟିକସ ପୈଠ ନ କରିବା ଏବଂ କର୍ମଚାରୀଙ୍କ ବେତନ ଦେଇ ନ ଥିବା ଆଇଏଲ୍ ଆଣ୍ଡ ଏଫ୍ଏସ୍‌ର ୩ ଭାରତୀୟ ଅଧିକାରୀଙ୍କୁ ଇଥିଓପିଆ ପୋଲିସ ହାଜତକୁ ନେଇ ଜେରା କରୁଛି। ଏହି କମ୍ପାନୀର ୫ ଭାରତୀୟ କର୍ମଚାରୀଙ୍କୁ ସେଠାକାର ସ୍ଥାନୀୟ ଲୋକେ ପଣବନ୍ଦୀ କରି ରଖିଛନ୍ତି। ଇଥିଓପିଆରେ ଉକ୍ତ କମ୍ପାନୀର ୧୫ ଜଣ ଭାରତୀୟ କର୍ମଚାରୀ ଥିଲେ। ଗତ ସପ୍ତାହରେ ସେମାନଙ୍କ ମଧ୍ୟରୁ ୭ ଜଣଙ୍କୁ ସ୍ଥାନୀୟ ଲୋକେ ଅଟକ ରଖିଥିଲେ। ପରେ ସ୍ୱାସ୍ଥ୍ୟଗତ କାରଣରୁ ୨ ଜଣଙ୍କୁ ଛାଡ଼ି ଦେଇଥିଲେ। ଅନ୍ୟ ୮ ଜଣଙ୍କ ମଧ୍ୟରୁ ୩ ଜଣଙ୍କୁ ପୋଲିସ ଓ୍ୱାଲିସୋଠାରେ ହାଜତରେ ରଖି ଜେରା କରୁଛି।

### ଖାତରେ ବସ୍ ଖସି ୨୨ ଗୁରୁତର

**ଅଗରତାଲା,୫।୧୨(ପି.ଟି.):** ତ୍ରିପୁରାର ଧଲାଇ ଜିଲା ଅନ୍ତର୍ଗତ ଗଣ୍ଡଚରା ଅମରପୁର ରୋଡ ପାର୍ଶ୍ୱରେ ଥିବା ଗଭୀର ଖାତ ମଧ୍ୟକୁ ଅଗରତାଲା ଅଭିମୁଖେ ଯାତ୍ରା କରୁଥିବା ଏକ ବସ୍ ଖସିପଡିଛି। ଫଳରେ ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସରକାର ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ବିପ୍ଳବ କୁମାର ଦେବ୍ କହିଛନ୍ତି।

### ସିବିଆଇକୁ ନିନ୍ଦିତ କରିଛି ବିବାଦ: କେନ୍ଦ୍ର

**ନୂଆଦିଲ୍ଲୀ,୫।୧୨(ପି.ଟି.):** ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା ଏବଂ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କ ମଧ୍ୟରେ ବିବାଦରୁ ଏହି ତଦନ୍ତକାରୀ ଏଜେନ୍ସି ସାଧାରଣରେ ନିନ୍ଦିତ ହୋଇଛି । ଏହାର ସାଧୁତା ଓ ସମ୍ମାନ କ୍ଷୁଣ୍ଣ ହୋଇଛି ବୋଲି କେନ୍ଦ୍ର ସରକାର ବୁଧବାର ସୁପ୍ରିମକୋର୍ଟଙ୍କୁ କହିଛନ୍ତି। ଦୁଇ ଶୀର୍ଷ ପଦାଧିକାରୀଙ୍କ ମଧ୍ୟରେ ବିବାଦ ସିବିଆଇର ଭାବମୂର୍ତ୍ତି କ୍ଷୁଣ୍ଣ କରିଥିବା ଆଟର୍ନି ଜେନେରାଲ କେ.କେ.ବେଣୁଗୋପାଳ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ନେତୃତ୍ୱାଧୀନ ଖଣ୍ଡପୀଠକୁ କହିଛନ୍ତି। ସିବିଆଇ ପ୍ରତି ସର୍ବସାଧାରଣଙ୍କ ଆସ୍ଥା ବଜାୟ ରଖିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଥିଲେ। ବର୍ମା ଏବଂ ଅସ୍ଥାନାଙ୍କ ମଧ୍ୟରେ ବିବାଦ ଯୋଗୁ ସେମାନଙ୍କଠାରୁ କ୍ଷମତା କାଢ଼ିନିଆଯାଇ ଛୁଟିରେ ରହିବାକୁ କୁହାଯାଇଥିଲା। କେନ୍ଦ୍ରର ନିଷ୍ପତ୍ତିକୁ ବର୍ମା ସୁପ୍ରିମକୋର୍ଟରେ ଚାଲେଞ୍ଜ କରିଥିଲେ।

### ଇତିହାସର ଆଇନାରେ
### ଡିସେମ୍ବର ୬ର ପ୍ରମୁଖ ଘଟଣା

୧୯୯୨ ଡିସେମ୍ବର ୬ରେ କରସେବକମାନେ ଅଯୋଧ୍ୟାସ୍ଥିତ ଷୋଡ଼ଶ ଶତାବ୍ଦୀର ବାବ୍ରି ମସ୍‌ଜିଦକୁ ଭାଙ୍ଗି ଦେଇଥିଲେ। ଏଠାରେ ରାଜନୈତିକ ସମାବେଶ ହିଂସାତ୍ମକ ରୂପ ନେଇଥିଲା ଓ ନେତାମାନଙ୍କ ଉତ୍ତେଜିତ ଭାଷଣରେ ପ୍ରଭାବିତ ହୋଇ ରାମଙ୍କ ଜନ୍ମସ୍ଥାନରେ ଥିବା ଏହି ମସ୍‌ଜିଦକୁ ସେମାନେ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିଲେ। ୮୦ ଦଶକରେ ବିଶ୍ୱ ହିନ୍ଦୁ ପରିଷଦ ସେଠାରେ ରାମ ମନ୍ଦିର ନିର୍ମାଣ ଲାଗି ପ୍ରଚାର ଆରମ୍ଭ କରିଥିଲା, ଯାହାକୁ ଭାଜପା ସମର୍ଥନ କରିଥିଲା।

୨୦୧୭ ଡିସେମ୍ବର ୬ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଜେରୁଜେଲମ୍‌କୁ ଇସ୍ରାଏଲ୍‌ର ରାଜଧାନୀ ଭାବେ ସ୍ୱୀକୃତି ନେଇ ଘୋଷଣା କରିଥିଲେ। ଏଥିସହିତ ତେଲ୍ ଆଭିଭଠାରେ ଥିବା ଆମେରିକା ଦୂତାବାସକୁ ଜେରୁଜେଲମ୍ ସ୍ଥାନାନ୍ତର ଲାଗି ସେ ନିର୍ଦ୍ଦେଶ ଦେଇଥିଲେ। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତ୍‌ନ୍ୟାହୁ ଟ୍ରମ୍ପ୍‌ଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ।

## ଅଗୁସ୍ତା ଦୁର୍ନୀତି: ୫ ଦିନିଆ ରିମାଣ୍ଡ ଅନୁମତି ଦେଲେ ସ୍ୱତନ୍ତ୍ର କୋର୍ଟ

# ସିବିଆଇ ପଞ୍ଝାରେ ମଧ୍ୟସ୍ଥ

**ନୂଆଦିଲ୍ଲୀ,୫।୧୨(ଆଇଏଏନ୍ଏସ୍)**

ଅଗୁସ୍ତା ଓ୍ୱେଷ୍ଟଲାଣ୍ଡ ଭିଭିଆଇପି ହେଲିକପ୍ଟର ଦୁର୍ନୀତିର ମଧ୍ୟସ୍ଥ ବ୍ରିଟେନ ନାଗରିକ ଖ୍ରୀଷ୍ଟିୟାନ ମିଶେଲ ଜେମ୍ସ ଭାରତର ସବୁଠୁ ବଡ଼ ତଦନ୍ତକାରୀ ସଂସ୍ଥା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପଞ୍ଝାରେ। ସିବିଆଇ ବୁଧବାର ଏକ ସ୍ଥାନୀୟ କୋର୍ଟରେ ତାଙ୍କୁ ହାଜର କରାଇ ୫ ଦିନିଆ ରିମାଣ୍ଡରେ ନେଇଛି। ଏହି ବହୁଚର୍ଚ୍ଚିତ ଦୁର୍ନୀତିରେ ମିଶେଲଙ୍କ ଭୂମିକା ଓ ଅନ୍ୟ କେଉଁମାନେ ସାମିଲ ଅଛନ୍ତି ତାହା ଜାଣିବା ପାଇଁ ତାଙ୍କୁ ଜେରା କରୁଛି ତଦନ୍ତକାରୀ ସଂସ୍ଥା।

ଅଗୁସ୍ତା ଦୁର୍ନୀତିର ସୂତ୍ରଧର କୁହାଯାଉଥିବା ୫୪ ବର୍ଷୀୟ ମିଶେଲଙ୍କୁ ମଙ୍ଗଳବାର ବିଳମ୍ବିତ ରାତିରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଦୁବାଇରୁ ଏକ ସ୍ୱତନ୍ତ୍ର ବିମାନରେ ଭାରତ ଅଣାଯାଇଛି। ନୂଆଦିଲ୍ଲୀସ୍ଥିତ ସିବିଆଇ ମୁଖ୍ୟାଳୟରେ ତଦନ୍ତକାରୀ ଅଧିକାରୀମାନେ ମିଶେଲଙ୍କୁ ୩,୬୦୦ କୋଟି ଟଙ୍କାର ଦୁର୍ନୀତିରେ ତାଙ୍କ ଭୂମିକା ନେଇ ବିଳମ୍ବିତ ରାତି ଯାଏ ଗୁଡ଼ାଇତୁଡ଼ାଇ ପ୍ରଶ୍ନ କରିଥିଲେ। ସିବିଆଇ ପକ୍ଷରୁ ବୁଧବାର ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟରେ ମିଶେଲଙ୍କୁ ହାଜର କରାଇବା ପରେ ରିମାଣ୍ଡ ପାଇଁ ଅନୁମତି ମଗାଯାଇଥିଲା। ସ୍ୱତନ୍ତ୍ର ବିଚାରପତି ଅରବିନ୍ଦ କୁମାର ସିବିଆଇକୁ ଏଥିପାଇଁ ଡିସେମ୍ବର ୧୦ ଯାଏ ଅନୁମତି ଦେଇଛନ୍ତି। ମିଶେଲଙ୍କ ପକ୍ଷରୁ ତାଙ୍କ ଓକିଲ ଜାମିନ ଆବେଦନ କରିଥିଲେ, ଯାହାକି କୋର୍ଟରେ ଖାରଜ ହୋଇଯାଇଛି। ମିଶେଲ ହେଉଛନ୍ତି ୩ ମଧ୍ୟସ୍ଥଙ୍କ ମଧ୍ୟରୁ ଅନ୍ୟତମ। ଏହି ମାମଲାରେ ମଧ୍ୟସ୍ଥ ଗାଇଡୋ ହସ୍କେ ଓ କାର୍ଲୋ ଗେରୋସାଙ୍କୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ସିବିଆଇ ଖୋଳତାଡ଼ କରୁଛନ୍ତି। ମିଶେଲଙ୍କ ବିରୋଧରେ ଜାମିନବିହୀନ ଗିରଫ ପରଓ୍ୱାନା ଜାରି ହେବା ପରେ ଉଭୟ ସଂସ୍ଥା ଇଣ୍ଟରପୋଲକୁ ଅବଗତ କରାଇଥିଲେ। ଇଣ୍ଟରପୋଲ ମିଶେଲଙ୍କ ବିରୋଧରେ ରେଡ୍ କର୍ନର ନୋଟିସ ଜାରି କରିଥିଲା। ସିବିଆଇର ଅଭିଯୋଗ ହେଉଛି ୨୦୧୦ ଫେବୃୟାରୀରେ ଉପା ସରକାର ଅମଳରେ ୧୨ଟି ଭିଭିଆଇପି ହେଲିକପ୍ଟର ଯୋଗାଇବା ପାଇଁ ହୋଇଥିବା ଚୁକ୍ତିରେ ମିଶେଲ ମଧ୍ୟସ୍ଥତା କରିଥିଲେ। ୫୫୫.୨୬୨ ନିୟୁତ ୟୁରୋର ଚୁକ୍ତି ହୋଇଥିବାବେଳେ ଭାରତର ରାଜକୋଷକୁ ୩୯୮.୨୧ ନିୟୁତ ୟୁରୋ (ପ୍ରାୟ ୨,୬୬୬ କୋଟି ଟଙ୍କା)ର କ୍ଷତି ସହିବାକୁ ପଡ଼ିଥିଲା। ସେହିପରି ୨୦୧୬ ଜୁନ୍‌ରେ ଇଡି ପକ୍ଷରୁ ମିଶେଲଙ୍କ ବିରୋଧରେ ଚାର୍ଜଶିଟ ଦାଏର କରାଯାଇଥିଲା। ଏହି ଡିଲ୍ ପାଇଁ ମିଶେଲ ୩୦ ନିୟୁତ ୟୁରୋ (୨୨୫ କୋଟି ଟଙ୍କା) ଲାଞ୍ଚ ନେଇଥିବା ଏଥିରେ ଦର୍ଶାଯାଇଥିଲା। ଏହି ଦୁର୍ନୀତି ସାମ୍ନାକୁ ଆସିବା ପରେ ଭାରତୀୟ ବାୟୁସେନାକୁ ଅଣାଯିବାକୁ ଥିବା ୧୨ ଏଡବ୍ଲ୍ୟୁ-୧୦୧ ଭିଭିଆଇପି ହେଲିକପ୍ଟର ପାଇଁ ହୋଇଥିବା ଚୁକ୍ତିକୁ ୨୦୧୪ ଜାନୁୟାରୀ ୧ରେ ରଦ୍ଦ କରିଦିଆଯାଇଥିଲା। ୨୦୧୭ରେ ସେପ୍ଟେମ୍ବର ୧ରେ ସିବିଆଇ ଦାଖଲ କରିଥିବା ଚାର୍ଜଶିଟରେ ମିଶେଲ ଓ ବାୟୁସେନାର ପୂର୍ବତନ ଅଧ୍ୟକ୍ଷ ଏସ୍‌ପି ତ୍ୟାଗୀଙ୍କ ସମେତ ଅନ୍ୟ ୯ ଜଣଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା। ମିଶେଲଙ୍କୁ ଭାରତ ଅଣାଯିବା ପରେ ଏବେ ଏହି ବହୁଚର୍ଚ୍ଚିତ ଦୁର୍ନୀତି ନେଇ ଅନେକ ତଥ୍ୟ ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି।



ଖ୍ରୀଷ୍ଟିୟାନ ମିଶେଲ ଜେମ୍ସ

### ୨ ଘଣ୍ଟା ଶୋଇଲେ ମିଶେଲ

**ନୂଆଦିଲ୍ଲୀ,୫।୧୨(ପି.ଟି.):** ଅଗୁସ୍ତା ଦୁର୍ନୀତିର ଅନ୍ୟତମ ଅଭିଯୁକ୍ତ ଖ୍ରୀଷ୍ଟିୟାନ ମିଶେଲ ଜେମ୍ସ ବୁଧବାର ଭୋର ସମୟରେ ଶୋଇବା ପାଇଁ ମାତ୍ର ୨ ଘଣ୍ଟା ପାଇଥିଲେ। ଦୁବାଇରୁ ମଙ୍ଗଳବାର ବିଳମ୍ବିତ ରାତିରେ ମିଶେଲଙ୍କୁ ପ୍ରତ୍ୟର୍ପଣ କରି ନୂଆଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଅଣାଯାଇଥିଲା। ସେଠାରୁ ସିବିଆଇ ଅଧିକାରୀମାନେ ତାଙ୍କୁ ତଦନ୍ତକାରୀ ସଂସ୍ଥାର ମୁଖ୍ୟାଳୟକୁ ନେଇ ତୁହାକୁ ତୁହା ପ୍ରଶ୍ନ କରିଥିଲେ। ସେଠାରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଭୋର ୪ଟାରୁ ୬ଟା ଯାଏ ତାଙ୍କୁ ଶୋଇବାକୁ ସମୟ ମିଳିଥିଲା। ସକାଳ ୬ଟାରେ ପୁଣି ପ୍ରଶ୍ନ କରିବା ପୂର୍ବରୁ ମିଶେଲଙ୍କୁ ଜଳଖିଆ ଖାଇବାକୁ ଦିଆଯାଇଥିଲା।

## ଫିଟିବ ରାଜନେତାଙ୍କ ଗୁମର: ମୋଦି

**ନୂଆଦିଲ୍ଲୀ,୫।୧୨:** ଖ୍ରୀଷ୍ଟିୟାନ ମିଶେଲଙ୍କ ପ୍ରତ୍ୟର୍ପଣ ସହ ଲେଉଟି ଆସିଛି ଅଗୁସ୍ତା ଝଡ଼। ରାଜସ୍ଥାନ ଓ ତେଲେଙ୍ଗାନା ନିର୍ବାଚନ ପ୍ରଚାରର ଶେଷ ଦିନରେ ବୁଧବାର ଅଗୁସ୍ତା ପ୍ରସଙ୍ଗକୁ ନେଇ ଜାତୀୟ ରାଜନୀତି ସରଗରମ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଂଗ୍ରେସକୁ ଟାର୍ଗେଟ କରିବାକୁ ଯାଇ ମିଶେଲଙ୍କ ନାମ ଉଠାଇ ଦଳର ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓ ତାଙ୍କ ମା’ ସୋନିଆ ଗାନ୍ଧୀଙ୍କୁ ସମାଲୋଚନା କରିଛନ୍ତି। ରାଜସ୍ଥାନର ସୁମେରପୁରଠାରେ ସେ କହିଛନ୍ତି, କେନ୍ଦ୍ର ସରକାର ମଧ୍ୟସ୍ଥଙ୍କୁ ଦୁବାଇରୁ ଆଣିଛନ୍ତି। ଏହି ବ୍ରିଟେନ ନାଗରିକ କେଉଁ କେଉଁ ରାଜନେତାଙ୍କୁ ସେବା ପ୍ରଦାନ କରିଥିଲେ ଏବେ ସେମାନଙ୍କ ଗୁମର ଫିଟାଇବେ। ସେହିପରି ଭାଜପା ଅଧ୍ୟକ୍ଷ ଅମିତ୍ ଶାହ ଜୟପୁରରେ କହିଛନ୍ତି, ଭାଜପାକୁ ଟାର୍ଗେଟ କରିବା ପାଇଁ କଂଗ୍ରେସ ପାଖରେ କିଛି ପ୍ରସଙ୍ଗ ନାହିଁ। ତେଣୁ ମିଶେଲଙ୍କ ପ୍ରତ୍ୟର୍ପଣ ସମୟକୁ ନେଇ ଏହି ଦଳ ପ୍ରଶ୍ନ କରୁଛି। କଂଗ୍ରେସ ତାଙ୍କୁ ସୁରକ୍ଷା ଦେବାକୁ ଚାହୁଁଛି କି ବୋଲି ଶାହ ପ୍ରଶ୍ନ କରିଛନ୍ତି। କଂଗ୍ରେସ ମୁଖପାତ୍ର ସୁର୍ଜେଓ୍ୱାଲା ହାଇଦ୍ରାବାଦରେ କହିଛନ୍ତି, ବିଧାନସଭା ନିର୍ବାଚନରେ ଭାଜପାର ସମ୍ଭାବ୍ୟ ପରାଜୟରେ ମୋଦି ଚିନ୍ତିତ। ତେଣୁ ବିରୋଧୀଙ୍କୁ ବଦନାମ କରିବା ପାଇଁ ସେ ମିଶେଲଙ୍କୁ ଅସ୍ତ୍ର କରୁଛନ୍ତି।



### ବିଗିଡ଼ିଲେ ତ୍ୟାଗୀ

**ନୂଆଦିଲ୍ଲୀ,୫।୧୨:** ହେଲିକପ୍ଟର ଦୁର୍ନୀତି ସମ୍ପର୍କରେ ପୂର୍ବତନ ବାୟୁସେନା ଅଧ୍ୟକ୍ଷ ଏସ୍.ପି. ତ୍ୟାଗୀଙ୍କୁ ବୁଧବାର ଖବରଦାତାମାନେ ପ୍ରଶ୍ନ କରିବାରୁ ସେ ବିଗିଡ଼ିଯାଇଥିଲେ। ତ୍ୟାଗୀ କହିଥିଲେ, ମୋତେ ଏଭଳି ପ୍ରଶ୍ନ କରିବାକୁ ତୁମେ କିଏ। ତୁମେ ମୋତେ ଏପରି ଡିଷ୍ଟର୍ବ କରିପାରିବ ନାହିଁ। ପ୍ରଶ୍ନ କଲାବେଳେ ସମ୍ମାନ ଦିଅ ବୋଲି ଉତ୍ତର ଦେବାକୁ ଏଡ଼ାଇ ଯାଇଥିଲେ ତ୍ୟାଗୀ।



## ପୂର୍ବତନ ସଚିବଙ୍କୁ ୩ ବର୍ଷ ଜେଲ

**ନୂଆଦିଲ୍ଲୀ,୫।୧୨(ପି.ଟି.)**

### କୋଇଲା ଦୁର୍ନୀତି



ଏଚ୍.ସି. ଗୁପ୍ତା

କୋଇଲା ବ୍ଲକ୍ ଆବଣ୍ଟନ ଦୁର୍ନୀତି ମାମଲାରେ ଦିଲ୍ଲୀର ଏକ ଅଦାଲତ ପୂର୍ବତନ କୋଇଲା ସଚିବ ଏଚ୍.ସି. ଗୁପ୍ତାଙ୍କୁ ୩ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ଅନ୍ୟ ଦୁଇଜଣ ଅଫିସର କେ.ଏସ୍. କ୍ରୋଫା ଏବଂ କେ.ସି.ସାମ୍ରିଆଙ୍କୁ ମଧ୍ୟ ୩ ବର୍ଷ ଲେଖାଏ ଜେଲ୍‌ଦଣ୍ଡ ସହ ୫୦ ହଜାର ଟଙ୍କା ଲେଖାଏ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ୪ ବର୍ଷରୁ କମ୍ ଜେଲ୍‌ଦଣ୍ଡ ହୋଇଥିବାରୁ ସମସ୍ତ ୩ ଜଣଙ୍କୁ ଜାମିନ୍ ମିଳିଯାଇଛି।

ଅନ୍ୟ ଅଭିଯୁକ୍ତ ବିକାଶ ମେଟାଲ୍ସ ଆଣ୍ଡ ପାଓ୍ୱାର ଲିଃ (ଭିଏମ୍‌ପିଏଲ୍)ର ପରିଚାଳନା ନିର୍ଦ୍ଦେଶକ ବିକାଶ ପଟନି ଏବଂ ଆନନ୍ ମଲ୍ଲିକଙ୍କୁ ୪ ବର୍ଷ ଜେଲ୍‌ଦଣ୍ଡ ହୋଇଛି। ଏଥିସହିତ ପଟନିଙ୍କୁ ୨୫ ଲକ୍ଷ ଟଙ୍କା ଏବଂ ମଲ୍ଲିକଙ୍କୁ ୨ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଦଣ୍ଡାଦେଶ ଘୋଷଣା ପରେ ସେମାନଙ୍କୁ ଜେଲ୍ ପଠାଇଦିଆଯାଇଛି। ସେମାନଙ୍କ କମ୍ପାନୀକୁ ମଧ୍ୟ ୧ ଲକ୍ଷ ଟଙ୍କା ଜରିମାନା କରାଯାଇଥିବା ଜଣାପଡିଛି। ଭିଏମ୍‌ପିଏଲ୍‌କୁ ପଶ୍ଚିମବଙ୍ଗର ମୋଇରା ଏବଂ ମଧୁଜୋର କୋଇଲା ଖଣି ଆବଣ୍ଟନରେ ଅନିୟମିତତା ଅଭିଯୋଗ ହେବା ପରେ ସିବିଆଇ ୨୦୧୨ ସେପ୍ଟେମ୍ବରରେ ଏକ ମାମଲା ଦାଏର କରିଥିଲା। ୫ ଜଣ ଦୋଷୀଙ୍କୁ ସର୍ବାଧିକ ୭ ବର୍ଷ ଜେଲ୍‌ଦଣ୍ଡ ଏବଂ ଘରୋଇ କମ୍ପାନୀ ଉପରେ ବଡ଼ଧରଣର ଜରିମାନା ଧାର୍ଯ୍ୟ କରିବା ଲାଗି ସିବିଆଇ ପକ୍ଷରୁ କୋର୍ଟଙ୍କୁ କୁହାଯାଇଥିଲା। ଗତ ୩୦ ତାରିଖରେ କୋର୍ଟ ଗୁପ୍ତାଙ୍କ ସମେତ ୫ ଜଣଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ।

## ୨ ଶିଶୁଙ୍କୁ ଜାଳି ମହିଳାଙ୍କ ଆତ୍ମହତ୍ୟା

**ବାଲିଆ,୫।୧୨(ପି.ଟି.)**

ସ୍ୱାମୀଙ୍କ ସହ ଝଗଡ଼ାରୁ ଜଣେ ମହିଳା ନିଜର ଦୁଇପିଲାଙ୍କୁ ନିଆଁରେ ଜାଳି ହତ୍ୟାକରିବା ସହ ନିଜେ ଆତ୍ମହତ୍ୟା କରିଛନ୍ତି। ଉତ୍ତରପ୍ରଦେଶ ବାଲିଆ ଜିଲାର ସିକନ୍ଦରପୁର ଅଞ୍ଚଳ ଅନ୍ତର୍ଗତ କୋଠ ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି। କମରୁନ୍ ଖାତୁନ ନାମ୍ନୀ ୨୬ ବର୍ଷୀୟା ମହିଳା ଜଣକ ମଙ୍ଗଳବାର ଅପରାହ୍ନରେ ସ୍ୱାମୀଙ୍କ ସହ ଝଗଡା ପରେ ଦୁଇ ସନ୍ତାନ ଶମିମ(୨) ଏବଂ ଜୈନିଶ(୪)ଙ୍କ ସମେତ ନିଜ ଦେହରେ କିରୋସିନ୍ ଢାଳି ନିଆଁ ଲଗାଇ ଦେଇଥିଲେ। ସମସ୍ତ ତିନିଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ରାଜସ୍ଥାନ, ତେଲେଙ୍ଗାନାରେ ପ୍ରଚାର ଶେଷ

**ଜୟପୁର/ହାଇଦ୍ରାବାଦ,୫।୧୨**

ରାଜସ୍ଥାନ ଓ ତେଲେଙ୍ଗାନା ବିଧାନସଭା ପାଇଁ ମଙ୍ଗଳବାର ସନ୍ଧ୍ୟାରେ ହାଇଭୋଲ୍‌ଟେଜ୍ ପ୍ରଚାରରେ ପଡ଼ିଛି ପୂର୍ଣ୍ଣଚ୍ଛେଦ। ନିର୍ବାଚନକୁ ମାତ୍ର ଦୁଇଦିନ ବାକି ଥିବାବେଳେ ସବୁ ରାଜନୈତିକ ଦଳ ପକ୍ଷରୁ ଶେଷ ହୋଇଛି ପ୍ରଚାର। ରାଜସ୍ଥାନ ଓ ତେଲେଙ୍ଗାନାରେ ଶୁକ୍ରବାର ଭୋଟ ଗ୍ରହଣ କରାଯିବ। ଏଥିଲାଗି ନିର୍ବାଚନ କମିଶନ ଓ ପୋଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ୨୦୦ ସଦସ୍ୟ ବିଶିଷ୍ଟ ରାଜସ୍ଥାନ ବିଧାନସଭାର ୧୯୯ ଆସନରେ ଆସନ୍ତା ୭ରେ ସକାଳ ୮ଟାରୁ ଅପରାହ୍ନ ୫ଟା ଯାଏ ରାଜସ୍ଥାନର ୪.୭୭ କୋଟି ଭୋଟର ସେମାନଙ୍କ ରାଜନୈତିକ ମତାଧିକାର ସାବ୍ୟସ୍ତ କରିବେ। ଏଥର ମଇଦାନରେ ୧୮୯ ମହିଳାଙ୍କ ସମେତ ୨,୨୭୪ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଛନ୍ତି। ରାମଗଡ଼ ଆସନର ବିଏସ୍‌ପି ପ୍ରାର୍ଥୀଙ୍କ ପରଲୋକ ହେବାରୁ ସେଠାରେ ନିର୍ବାଚନକୁ ସ୍ଥଗିତ କରାଯାଇଛି। ସେହିପରି ତେଲେଙ୍ଗାନା ବିଧାନସଭାର ୧୧୯ ଆସନ ପାଇଁ ମଧ୍ୟ ପ୍ରଚାର ଶେଷ ହୋଇଛି। ଏଠାରେ ସକାଳ ୭ଟାରୁ ଅପରାହ୍ନ ୪ଟା ଯାଏ ମତଦାନ ଚାଲିବ। ରାଜ୍ୟର ୨.୮ କୋଟି ମତଦାତା ୩୨,୮୧୫ ମତଦାନ କେନ୍ଦ୍ରରେ ଭୋଟ ଦେଇ ସେମାନଙ୍କ ପ୍ରତିନିଧି ବାଛିବେ। ଆସନ୍ତା ୧୧ରେ ଭୋଟଗଣତି କରାଯିବ।

## ଫୁରସତ

### ପ୍ରତିରୋପିତ ଗର୍ଭାଶୟରୁ ପ୍ରଥମ ଶିଶୁ ଜନ୍ମ

**ଓ୍ୱାଶିଂଟନ୍**

ବିଶ୍ୱରେ ପ୍ରଥମକରି ଜଣେ ବ୍ରାଜିଲିଆନ୍ ମହିଳା ପ୍ରତିରୋପିତ ଗର୍ଭାଶୟରୁ ଏକ ଶିଶୁକନ୍ୟା ଜନ୍ମ କରିବାକୁ ସମର୍ଥ ହୋଇଛନ୍ତି। ଜଣେ ମୃତ ମହିଳାଙ୍କ ଗର୍ଭାଶୟ ଉକ୍ତ ମହିଳାଙ୍କଠାରେ ପ୍ରତିରୋପଣ କରାଯାଇଥିଲା। ମୃତ ମହିଳାଙ୍କଠାରୁ ଦାନରୂପେ ଗ୍ରହଣ କରାଯାଇଥିବା ଗର୍ଭାଶୟ କାର୍ଯ୍ୟକରିବା ସମ୍ଭବ ବୋଲି ଏଥିରୁ ସ୍ପଷ୍ଟ ହୋଇଛି। ଯେଉଁ ମହିଳାଙ୍କର ଜରାୟୁ ଗର୍ଭଧାରଣ କରିବାକୁ ଅସମର୍ଥ ସେମାନେ ଜୀବନ୍ତ ମହିଳାଙ୍କଠାରୁ ଗର୍ଭାଶୟ ଲୋଡ଼ିବା ଆବଶ୍ୟକ ନାହିଁ। ତେବେ ପରିବାର ସଦସ୍ୟ ଚାହିଁଲେ ମୃତ ମହିଳାଙ୍କ ଜରାୟୁ କାଢ଼ି ଅନ୍ୟ ମହିଳାଙ୍କଠାରେ ପ୍ରତିରୋପଣ କରାଯାଇ ପାରିବ। ଉକ୍ତ ମହିଳା ଗର୍ଭଧାରଣ କରିବାକୁ ଅସମର୍ଥ ଥିବାରୁ ତାଙ୍କଠାରେ ଗର୍ଭାଶୟ ପ୍ରତିରୋପଣ କରାଯାଇଥିଲା। ଲାଟିନ୍ ଆମେରିକାରେ ଏହା ହେଉଛି ପ୍ରଥମ ଗର୍ଭାଶୟ ପ୍ରତିରୋପଣ।

### ଜିଏସ୍ଏଟି-୧୧ର ସଫଳ ଉତ୍‌କ୍ଷେପଣ

**ବେଙ୍ଗାଲୁରୁ**

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଦ୍ୱାରା ନିର୍ମିତ ସବୁଠୁ ଓଜନିଆ ସାଟେଲାଇଟ୍ ଜିଏସ୍ଏଟି-୧୧କୁ ବୁଧବାର ଫ୍ରେଞ୍ଚଗାଏନା ଉତ୍‌କ୍ଷେପଣ ସ୍ଥଳରୁ ଏରିଏନସ୍ପେସ୍ ରକେଟ ଯୋଗେ ସଫଳତାର ସହିତ ଲଞ୍ଚ କରାଯାଇଛି। ଏହି ଉପଗ୍ରହ ବ୍ରଡବ୍ୟାଣ୍ଡ ସେବାକୁ ତ୍ୱରାନ୍ୱିତ କରିବ। ଫ୍ରେଞ୍ଚଗାଏନାର କୁରୁସ୍ଥିତ ଏରିଏନ୍ ଲଞ୍ଚ କମ୍ପ୍ଲେକ୍ସରୁ ଭାରତୀୟ ସ୍ଥାନୀୟ ସମୟ (ମଙ୍ଗଳବାର-ବୁଧବାର ରାତି) ୨ଟା ୭ମିନିଟରେ ଏରିଏନ୍-୫ ରକେଟ୍‌ରେ ଅଗ୍ନିସଂଯୋଗ କରାଯାଇଥିଲା। ଦୀର୍ଘ ୩୩ମିନିଟ୍ ପରେ ଉକ୍ତ ରକେଟ୍ ଜିଏସ୍ଏଟି-୧୧କୁ ପୃଥିବୀର କକ୍ଷପଥରେ ସ୍ଥାପନ କରିପାରିଥିଲା। ଭାରତ ଦ୍ୱାରା ନିର୍ମିତ ସବୁଠୁ ଓଜନିଆ ଓ ଶକ୍ତିଶାଳୀ ସାଟେଲାଇଟ୍‌କୁ ସଫଳତାର ସହ ଲଞ୍ଚ କରାଯାଇଥିବା ଇସ୍ରୋ ଚେୟରମ୍ୟାନ୍ କେ. ଶିବନ୍ ଜଣାଇଛନ୍ତି। ଜିଏସ୍ଏଟି-୧୧କୁ ‘ମହାର୍ଘ ମହାକାଶ ସମ୍ପଦ’ ବୋଲି ବର୍ଣ୍ଣନା କରି ସେ କହିଲେ, ଉକ୍ତ ଉପଗ୍ରହର ୩୮ଟି ସ୍ପଟ୍‌ବିମ୍ ଏବଂ ୮ଟି ସବ୍‌ବିମ୍ ରହିଛି। ଏହାଦ୍ୱାରା ଦୁର୍ଗମ ସ୍ଥାନ ସମେତ ସମଗ୍ର ଦେଶରେ ୧୬ ଜିବିପିଏସ୍ ଡାଟା ସଂଯୋଗ ସେବା ପ୍ରଦାନ କରାଯାଇ ପାରିବ। ଏହାର ଓଜନ ପାଖାପାଖି ୫,୮୫୪ କିଲୋଗ୍ରାମ୍। ଇସ୍ରୋଦ୍ୱାରା ନିର୍ମିତ ଉପଗ୍ରହଗୁଡ଼ିକ ମଧ୍ୟରେ ଏହା ସବୁଠୁ ଓଜନିଆ। ପରବର୍ତ୍ତୀ ପିଢ଼ିର ଏହି ଯୋଗାଯୋଗ ଉପଗ୍ରହ ଦୀର୍ଘ ୧୫ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟକ୍ଷମ ହୋଇପାରିବ ବୋଲି ଇସ୍ରୋ ପକ୍ଷରୁ ସୂଚନା ମିଳିଛି।





ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୧୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୫ | ୧୩.୫ |
| ଚାନ୍ଦବାଲି | ୨୭.୫ | ୧୫.୯ |
| କଟକ | ୨୮.୦ | ୧୪.୪ |
| ପାରାଦ୍ୱୀପ | ୨୮.୯ | ୧୭.୪ |
| ଭୁବନେଶ୍ୱର | ୨୯.୮ | ୧୫.୭ |
| ଗୋପାଳପୁର | ୩୦.୫ | ୧୮.୫ |
| ପୁରୀ | ୨୯.୬ | ୧୮.୬ |
| ଅନୁଗୋଳ | ୨୭.୩ | ୧୨.୦ |
| ବାରିପଦା | ୨୬.୫ | ୧୩.୮ |
| ଝାରସୁଗୁଡ଼ା | ୨୮.୩ | ୧୩.୯ |
| କେନ୍ଦୁଝର | ୨୬.୭ | ୧୨.୧ |
| ସମ୍ବଲପୁର | ୩୦.୧ | ୧୪.୨ |
| ସୁନ୍ଦରଗଡ଼ | ୨୯.୦ | ୧୨.୫ |
| ହୀରାକୁଦ | ୨୯.୦ | ୧୫.୧ |
| ତାଲଚେର | ୨୯.୮ | ୧୬.୦ |
| ଭବାନୀପାଟଣା | ୩୦.୦ | ୧୪.୦ |
| ବଲାଙ୍ଗୀର | ୨୯.୧ | ୧୫.୬ |
| କୋରାପୁଟ | ୨୫.୦ | ୧୫.୪ |
| ଫୁଲବାଣୀ | --- | ୮.୮ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୩୦.୫ | ୨୦.୪ |
| ସୋନପୁର | ୨୯.୮ | ୧୭.୦ |
| ଦାରିଙ୍ଗିବାଡ଼ି | ୨୩.୦ | ୧୩.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ମୋଦିଙ୍କୁ ଧନ୍ୟବାଦ ଦେଲେ ପ୍ରିୟଙ୍କା

**ନୂଆଦିଲ୍ଲୀ:** ନବବିବାହିତ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ତାଙ୍କ ଓ୍ୱେଡିଂ ରିସେପ୍‌ଶନ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ନିମନ୍ତ୍ରଣ ରକ୍ଷାକରି ମୋଦି ଏପରି ଏକ ମାଙ୍ଗଳିକ ଉତ୍ସବରେ ଯୋଗଦେଇଥିବାରୁ ପ୍ରିୟଙ୍କା ତାଙ୍କୁ ହୃଦୟଭରା ସ୍ୱାଗତ କରିଥିଲେ। ତାଙ୍କ ଆଶୀର୍ବଚନ ଏବଂ ଉପସ୍ଥିତିରେ ଅତ୍ୟନ୍ତ ଖୁସି ଥିବା ପ୍ରିୟଙ୍କା ଟୁଇଟର ପୃଷ୍ଠାରେ ବୁଧବାର ପ୍ରକାଶ କରିଛନ୍ତି। ଏଥିସହିତ ସେ, ସ୍ୱାମୀ ନିକ୍ ଜୋନ୍‌ସ ଏବଂ ତାଙ୍କ ମା’ ମଧୁ ଚୋପ୍ରା ପ୍ରଧାନମନ୍ତ୍ରୀଙ୍କ ସହିତ ଏକ ଖୁସି ମୁହୂର୍ତ୍ତର ଫଟୋକୁ ସୋସିଆଲ୍ ମିଡିଆରେ ଶେୟାର କରିଛନ୍ତି। ମୋଦି ଉଭୟଙ୍କୁ ଗୋଟିଏ ଲେଖା ଗୋଲାପଫୁଲ ଦେବା ସହିତ ସେଠାରେ ୧୦ମିନିଟ୍ ପାଇଁ ଉପସ୍ଥିତ ଥିଲେ। ସେ ନିକ୍ ଏବଂ ପ୍ରିୟଙ୍କାଙ୍କ ପରିବାରଙ୍କୁ ଯୋଡ଼ହସ୍ତରେ ସାକ୍ଷାତ କରି ଖୁସିର ବାର୍ତ୍ତା ବିନିମୟ କରିଥିଲେ। ଗତ ସପ୍ତାହରେ ଯୋଧପୁରର ଉମେଦ ଭବନ ପ୍ୟାଲେସରେ ପ୍ରିୟଙ୍କା ଓ ନିକ୍‌ଙ୍କ ଶୁଭପରିଣୟ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ରିସେପ୍‌ଶନ୍ ପାର୍ଟି ଆୟୋଜିତ ହୋଇଥିଲା। ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।



ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ଡିସେମ୍ବର ୬/୨୦୧୮



" ଗେରୁଆ ବସ୍ତ୍ର ପିନ୍ଧି, ମୁଣ୍ଡ ଲଣ୍ଡାକରି କେହି ସନ୍ନ୍ୟାସୀ ହୋଇଯାଏ ନାହିଁ। ଯେଉଁ ବ୍ୟକ୍ତି ସକଳ କାମନା ପରିତ୍ୟାଗ କରିପାରିଛି ସେ ହିଁ କେବଳ ସନ୍ନ୍ୟାସୀ।

- ସତ୍ୟସାଇବାବା



## ସଂକ୍ଷେପରେ

### ରିଜର୍ଭ ପୋଲିସ ଲାଇନରେ କର୍ମଶାଳା

ସମ୍ବଲପୁର,୫।୧୨(ବ୍ୟୁରୋ): ଉତ୍ତରାଞ୍ଚଳ ରେଞ୍ଜସ୍ତରୀୟ ପୋଲିସ କର୍ମଶାଳା ସମ୍ବଲପୁର ରିଜର୍ଭ ପୋଲିସ ଲାଇନରେ ଅନୁଷ୍ଠିତ ହୋଇଯାଇଛି। ଏକ୍ୟୁଟାଲ୍ ଅଫ୍ କେସେସ୍ ଇନ୍ ଦ କୋର୍ଟସ୍ ଆଣ୍ଡ ଦେୟାର୍ ରେମେଡିଜ୍ ଶୀର୍ଷକ କର୍ମଶାଳାରେ ଉତ୍ତରାଞ୍ଚଳ ପୋଲିସ ଡିଆଇଜି ସତ୍ୟବ୍ରତ ଭୋଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ସମ୍ବଲପୁର ଏସ୍‌ପି ସଞ୍ଜୀବ ଅରୋରା ସମ୍ମାନୀତ ଅତିଥି ଥିଲେ। ଏଥିରେ ଉତ୍ତରାଞ୍ଚଳ ରେଞ୍ଜ ଅନ୍ତର୍ଗତ ବିଭିନ୍ନ ଜିଲାର ଥାନା ଅଧିକାରୀ, ଏସ୍‌ଡିପିଓ ଓ ଅନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ। ପୋଲିସ ତଦନ୍ତକୁ ଅଧିକ ସୁଦୃଢ଼, ଉପଯୁକ୍ତ ପ୍ରମାଣପତ୍ର କୋର୍ଟରେ ଦାଖଲ କଲେ ଅପରାଧିମାନେ ଦୋଷମୁକ୍ତ ହୋଇ ଖସି ପାରିବେ ନାହିଁ। ଏ ନେଇ ଅଧିକାରୀ ଓ କର୍ମଚାରୀମାନେ ଗୁରୁତ୍ୱ ଦେବାକୁ କର୍ମଶାଳାରେ ମତପ୍ରକାଶ ପାଇଥିଲା।

### ଏଲଆଇସି ସମ୍ବଲପୁର ଶାଖା-୨ର ବାର୍ଷିକ ସଭା

ସମ୍ବଲପୁର,୫।୧୨(ବ୍ୟୁରୋ): ସ୍ଥାନୀୟ ଏକ ହୋଟେଲରେ ବୁଧବାର ଭାରତୀୟ ଜୀବନବୀମା ସମ୍ବଲପୁର ଶାଖା-୨ର ବାର୍ଷିକ ସଭା ଅନୁଷ୍ଠିତ ହୋଇଯାଇଛି। ଅଭିଜିତ ସାହୁ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ତପନ କୁମାର ମିଶ୍ର, ଅଜିତ କର, ଟିଟିଲାଗଡର ମନୋଜ ଶତପଥୀ, ବୁର୍ଲା ଶାଖାର ରବିନାରାୟଣ ମିଶ୍ର, ଝାରସୁଗୁଡା ଜିଲାର ପ୍ରଶନ କୁମାର ସିଂ, ଗୋପି ରଞ୍ଜନ ବେହେରା ଯୋଗ ଦେଇଥିଲେ। ଦେବେନ୍ଦ୍ର କୁମାର ପ୍ରଧାନ ସଭା ପରିଚାଳନା କରିଥିଲେ। ଅମନିଶ କୁମାର ପଣ୍ଡା, ବଲରାମ ବେହେରା, କୋଷାଧ୍ୟକ୍ଷ ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଉପସଭାପତି ଜଗଦାନନ୍ଦ ଦାସଶର୍ମା, ସୌମିତ୍ର ପଟ୍ଟନାୟକ ନୂତନ କର୍ମକର୍ତ୍ତା ଭାବେ ଚୟନ ହୋଇଥିଲେ।

# ଫସଲ ଅନୁଯାୟୀ ମୃତ୍ତିକା ପରୀକ୍ଷା କରାଇବାକୁ ପରାମର୍ଶ

ରେଢ଼ାଖୋଲ,୫।୧୨(ଡି.ଏନ.ଏ.)

ଚାଷୀମାନେ ଋତୁ ଭିତ୍ତିକ ଫସଲ ଅନୁଯାୟୀ ମୃତ୍ତିକା ପରୀକ୍ଷା କରାନ୍ତୁ। ମାଗଣାରେ କୃଷି ବିଭାଗ ପକ୍ଷରୁ ମୃତ୍ତିକା ପରୀକ୍ଷା କରାଯାଉଛି। ଚାଷୀମାନେ ସଚେତନ ହୋଇ ଫସଲ ଅନୁଯାୟୀ ମୃତ୍ତିକା ପରୀକ୍ଷା କରିବା ଯେତିକି ଉଚିତ୍ ସେତିକି ଗୁରୁତ୍ୱ ଆଉ ଆବଶ୍ୟକ ମଧ୍ୟ। ଅନୁମୋଦିତ ଓ ଆବଶ୍ୟକ ଅନୁସାରେ ମଧ୍ୟ ସାର ପ୍ରୟୋଗ କରାଯିବା ଉଚିତ। ତେବେ ଯାଇ ଫସଲ ଉତ୍ପାଦନରେ ବୃଦ୍ଧି ପାଇବ। ରେଢାଖୋଲ ଜିଲା କୃଷି କାର୍ଯ୍ୟାଳୟରେ ବିଶ୍ୱ ମୃତ୍ତିକା ଦିବସ ପାଳନ ଅବସରରେ ଚାଷୀମାନଙ୍କୁ ରେଢ଼ାଖୋଲ ଜିଲା କୃଷି ଅଧିକାରୀ ଦୁଃଶାସନ ପ୍ରହରାଜ ଏହି ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷେ ସରକାରଙ୍କ ବ୍ୟବସ୍ଥା ଅନୁଯାୟୀ ଶୃଙ୍ଖଳିତ ଢଙ୍ଗରେ ନିଜ ଧାନକୁ ମଣ୍ଡିଗୁଡିକରେ ବିକ୍ରି କରିବାକୁ ଉପଜିଲାପାଳ ବିଶିକେସନ ଦେହୁରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଚାଷୀମାନଙ୍କୁ କହିଥିଲେ। ବ୍ଲକ ଅଧ୍ୟକ୍ଷା କବିତା ପ୍ରଧାନ, ଆତ୍ମାର ଅଧ୍ୟକ୍ଷ ଦିଲ୍ଲୀପ ମହାକୁଡ ମଞ୍ଚସୀନ ଥିଲେ। ରେଢ଼ାଖୋଲ ସହକାରୀ କୃଷି ଅଧିକାରୀ ଗଗନ ବିହାରୀ ନାଏକ, ଚାରମାଳ ସହକାରୀ କୃଷି ଅଧିକାରୀ ଡିଲେଶ୍ୱର ସାହୁ, ସହକାରୀ ଉଦ୍ୟାନ ଅଧିକାରୀ ବିଦ୍ୟୁଲତା ମାଝିଙ୍କ ସମେତ ସମସ୍ତ ଗ୍ରାମ୍ୟ କୃଷି କର୍ମଚାରୀ, କୃଷି ଅଧିଦର୍ଶକ ଓ କୃଷକ ସାଥିମାନେ ଯୋଗ ଦେଇଥିଲେ। ସେହିଭଳି ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ ଚାଷୀ ଯୋଗ ଦେଇଥିଲେ। ଏହି ଅବସରରେ ଚାଷୀମାନଙ୍କୁ ମୃତ୍ତିକା ପରୀକ୍ଷା କାର୍ଡ ବଣ୍ଟନ କରାଯାଇଥିଲା।

**ଜମନକିରା, (ଡି.ଏନ.ଏ.)–** ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ଖଇରଡ଼ିହି ଗାଁରେ ବୁଧବାର ବିଶ୍ୱ ମୃତ୍ତିକା ଦିବସ ପାଳନ କରାଯାଇଛି। ଆତ୍ମା କମିଟିର ଅଧ୍ୟକ୍ଷ ତଥା ବଡ଼ମାଲ ପଞ୍ଚାୟତ ସମିତିସଭ୍ୟ ହୃଦାନନ୍ଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ସହକାରୀ କୃଷି ଅଧିକାରୀ ରମେଶଚନ୍ଦ୍ର ପଟେଲ ଯୋଗଦେଇ କୃଷିକାର୍ଡ଼ ବଣ୍ଟନ ସହ ମୃତ୍ତିକା ସଂରକ୍ଷଣ ଓ ଏହାର ଉପକାରିତା, ମାଟି ପରୀକ୍ଷଣ, ସାରପ୍ରୟୋଗ ଆଦି ବିଷୟରେ ଚାଷୀଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମକୁ କୃଷି ବିଭାଗର ବୈଷୟିକ ଅଧିକାରୀ ଜଗଦୀଶ ଧାନ ଓ ସତ୍ୟନାରାୟଣ ପଣ୍ଡା ପରିଚାଳନା କରିଥିଲେ। ସମ୍ମାନୀୟ ଅତିଥି ଭାବେ ଜମନକିରା ସରପଞ୍ଚ ଭାସ୍କରଚନ୍ଦ୍ର ଭୋଇ, ସମିତିସଭ୍ୟ ସରୋଜ ସେଠ ଏବଂ ଖର୍ସନମାଲ ପଞ୍ଚାୟତ ସରପଞ୍ଚ ରାଇଟର ଝାଙ୍କର ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ଅଞ୍ଚଳର ଚାଷୀ, କୃଷକ ସୁରକ୍ଷା ସଂଗଠନର କର୍ମକର୍ତ୍ତା, ସ୍ୱୟଂ ସହାୟକ ଗୋଷ୍ଠିର କର୍ମକର୍ତ୍ତା, ଗ୍ରାମ ସେବିକା, ଗ୍ରାମ ସେବକ, କୃଷକ ସାଥି ପ୍ରମୁଖ ଯୋଗ ଦେଇଥିଲେ।







ଖଇରଡ଼ିହି ଗାଁରେ ବୁଧବାର ବିଶ୍ୱ ମୃତ୍ତିକା ଦିବସ ପାଳନ ଅବସରରେ ଅତିଥିମାନେ (ବାମ)। ରେଢାଖୋଲ କୃଷି କାର୍ଯ୍ୟାଳୟରେ ଆୟୋଜିତ ସଭା।

**ସମ୍ବଲପୁର,(ବ୍ୟୁରୋ)–** ସମ୍ବଲପୁର ଜିଲା ତପସ୍ୱିନୀ ପ୍ରେକ୍ଷାଳୟରେ ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ ହେଇଛି। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ସରୋଜ ସାହୁ, କୃଷି ଉପ ନିର୍ଦ୍ଦେଶ ଖଗେନ୍ଦ୍ର ନାଥ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମୃତ୍ତିକା ସଂରକ୍ଷଣ ଉପରେ ଆଲୋଚନା ହୋଇଥିଲା। ଜିଲାର ସମସ୍ତ କୃଷି ବିଭାଗର କର୍ମଚାରୀ ଓ ଅଧିକାରୀ ଉପସ୍ଥିତ ଥିଲେ।

### ତୃତୀୟ ଦିନରେ ଭିମ୍‌ସାର ବଞ୍ଚାଅ ଅଭିଯାନ ଧାରଣା

ସମ୍ବଲପୁର,୫।୧୨(ବ୍ୟୁରୋ)

ସମ୍ବଲପୁର ବୁର୍ଲା ଭିମ୍‌ସାର ନିର୍ଦ୍ଦେଶକ ଅଶ୍ୱିନୀ ପୂଜାହାରୀଙ୍କୁ ସମର୍ଥନ ଜଣାଇ ଧାରଣା ଦିଆଯାଉଛି। ଭିମ୍‌ସାର ବଞ୍ଚାଅ ଅଭିଯାନରେ ବିଭିନ୍ନ ଅନୁଷ୍ଠାନ ଓ ରାଜନେତା ସାମିଲ ହୋଇଛନ୍ତି। ବୁଧବାର ଏହି ଆନ୍ଦୋଳନ ତୃତୀୟ ଦିନରେ ପହଞ୍ଚିଛି। ପ୍ରତିଦିନ ସକାଳ ୧୦ ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଧାରଣା ଦିଆଯାଉଛି। ଡାକ୍ତରମାନେ ଆନ୍ଦୋଳନରୁ ଓହରି କାର୍ଯ୍ୟରେ ଯୋଗ ଦେବାକୁ ଦାବି ରହିଛି।

### ବିଜୁ ବାହିନୀ ପକ୍ଷରୁ କ୍ରିକେଟ ମ୍ୟାଚ

ସମ୍ବଲପୁର,୫।୧୨(ବ୍ୟୁରୋ)- ବୁର୍ଲାରେ ବିଜୁ ବାହିନୀ ପକ୍ଷରୁ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଛି। ଦେବାଶିଷ ନନ୍ଦ ଉଦ୍‌ଘାଟନ କରିଥିଲେ। ଜିଲା କ୍ରିଡା ଅଧିକାରୀ ଉପେନ୍ଦ୍ର ଶତପଥୀ, ଶାନ୍ତିଲତା ସ୍ୱାଇଁ, ଶୁଚିସ୍ମିତା ହଂସ, ସୁରଜ କୁମ୍ଭାର, ଦୀପ୍ତି ମଲ୍ଲିକ, ଲଳିତା ବାଗ, ଜିତୁ ଲାମା, ଅବିନାଶ ନାୟକ, ଶଙ୍କର ସୁନା ପ୍ରମୁଖ ଉପସ୍ଥିତ ଥିଲେ।

■ଝାଡେଶ୍ୱରୀ କଲେଜରେ ବକ୍ସିଂ ଟୁର୍ଣ୍ଣାମେଣ୍ଟ

## ୧୭ କଲେଜର ୮୮ ପ୍ରତିଯୋଗୀ ଭାଗ ନେଲେ

ଧମା, ୫।୧୨ (ଡି.ଏନ.ଏ)

ସ୍ଥାନୀୟ ମାଁ ଝାଡେଶ୍ୱରୀ ମହାବିଦ୍ୟାଳୟରେ ବୁଧବାର ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଦିଲୀପ ମହାପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ରାଜ୍ୟର ୧୭ଟି କନିଷ୍ଠ କଲେଜର ୨୬ଜଣ ବାଳିକା ଓ ୬୨ଜଣ ବାଳକ ଅଂଶ ଗ୍ରହଣ କରିଥିଲେ। ବାଳକ ବର୍ଗରେ ପୁରୀ ସୁରଜମଲ ସାହା କଲେଜର ରାଜା ନାଏକ ଚାମ୍ପିୟନ ଓ ଧମା ମାଁ ଝାଡେଶ୍ୱରୀ କଲେଜର ଦୀପକ ଜାନି ରନର୍ସଅପ୍ ହୋଇଥିଲେ। ସେହିପରି ବାଳିକା ବର୍ଗରେ ଜେଏନ ହାୟର ସେକେଣ୍ଡାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସନ୍ଧ୍ୟାରାଣୀ ଦାସ ଚାମ୍ପିୟନ ହୋଇଥିବା ବେଳେ ବ୍ରହ୍ମପୁର ସିଟି କଲେଜର ପ୍ରିୟଙ୍କା ତାଣ୍ଡି ରନର୍ସ ଅପ୍ ହୋଇଥିଲେ। ଅପରାହ୍ନରେ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହୋଇଥିଲା। ସମ୍ବଲପୁର ଉଚ୍ଚ ମାଧ୍ୟମିକ ପରିଷଦର ଉପସଚିବ ଉତ୍ତମ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଭାବେ ଅଧାପକ ବିଶ୍ୱପତି ବେହେରା, ରବୀନ୍ଦ୍ର ପୃଷ୍ଟି, ପରମାନନ୍ଦ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ଚୟନ କର୍ତ୍ତା ଭାବେ ସଚ୍ଚିଦାନନ୍ଦ ଦାଶ ଏବଂ ପର୍ଯ୍ୟବେକ୍ଷକ ଭାବେ ତାରାଶଙ୍କର ଗୁରୁ ଦାୟିତ୍ୱ ତୁଲାଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଚୟନ କରାଯାଇଥିବା ୧୪ ଜଣିଆ ଟିମ୍ ଆସନ୍ତା ଜାନୁୟାରୀ ୪ ତାରିଖରୁ ମଧ୍ୟପ୍ରଦେଶର ଭୋପାଳଠାରେ ହେବାକୁଥିବା ସର୍ବ ଭାରତୀୟ ସ୍କୁଲ ଖେଳ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବ। ଉଦ୍‌ଯାପନୀ ସଭାକୁ ଯୁକ୍ତ ୨ ଅଧକ୍ଷ ଅଶୋକ ପୁରୋହିତ ପରିଚାଳନା କରିଥିବା ବେଳେ ଶେଷରେ ଯୁକ୍ତ ୩ ଅଧକ୍ଷ ଅନୀଲ ପଧାନ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପକ ରବୀନ୍ଦ୍ର ନାରାୟଣ ଠାକୁର, ଡ. ସିଦ୍ଧାର୍ଥ ପଣ୍ଡା, ଦିଲୀପ ମିଶ୍ର, ଜୀବର୍ଦ୍ଧନ ସେଠ ପ୍ରମୁଖ ସହଯୋଗ କରିଥିଲେ।

## ତହସିଲଦାରଙ୍କ ଚଢ଼ାଉ, ଫସିଲେ ମାଟି ମାଫିଆ

ସମ୍ବଲପୁର,୫।୧୨(ବ୍ୟୁରୋ)

**ଧରିତ୍ରୀର ପ୍ରଭାବ**
- ■ବେଆଇନ ଭାବେ ମାଟି ଚାଲାଣ
- ■୫ ହାଇୱା ଜବତ, ୭୫ ହଜାର ଟଙ୍କା ଜରିମାନା
- ■ଗାୟତ୍ରୀ କମ୍ପାନୀକୁ କାରଣ ଦର୍ଶାଅ ନୋଟିସ

ସମ୍ବଲପୁର-ଅନୁଗୋଳ ରାସ୍ତାକୁ ଚାରି ଲାଇନ କରାଯିବ। ଏଥିପାଇଁ କାମ ଚାଲିଛି। ରାସ୍ତା ନିର୍ମାଣ କାମ କରୁଥିବା ଠିକା କମ୍ପାନୀ ଗାୟତ୍ରୀ କନଷ୍ଟ୍ରକସନ ସରକାରୀ ଜମିରୁ ବେଆଇନ ଭାବେ ମାଟି ଖନନ କରୁଛି। ଏହାକୁ ନେଇ ନଭେମ୍ବର ୨୭ରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାକୁ ଯୁଯୁମୁରା ତହସିଲଦାର ସୁକାନ୍ତ ନାଏକ ଗୁରୁତର ସହ ନେଇ ଦୃଷ୍ଟି ରଖିଥିଲେ। କିଛି ଦିନ ବ୍ୟବଧାନ ପରେ ବୁଧବାର ନୂଆମହୁଲପାଲି ମୌଜାରୁ ପୁଣି ବେଆଇନ ଭାବେ ମାଟି ଖନନ ହେଉଥିବା ସେ ଖବର ପାଇଥିଲେ। ଏହାପରେ ତହସିଲଦାର ନାଏକଙ୍କ ସମେତ ତହସିଲ କର୍ମଚାରୀ ଜୟପାଳ ଏକ୍କା, ଅମୂଲ୍ୟ ମହାକୁଡ, ସତ୍ୟାନନ୍ଦ ସେଠ ଚଢାଉ କରିଥିଲେ। ମହୁଲପାଲି ଗ୍ରାମ ରାସ୍ତାରୁ ୫ଟି ମାଟି ବୋଝେଇ ହାଇୱା ଜବତ କରିଥିଲେ। ତଦନ୍ତ କରିବା ସମୟରେ ବେଆଇନ ଭାବେ ମାଟି ଚାଲାଣ ହେଉଥିବା ଜାଣିବାକୁ ପାଇଥିଲେ। ଘଟଣାସ୍ଥଳକୁ ଗାୟତ୍ରୀ କମ୍ପାନୀ କର୍ମଚାରୀ ଆସିଥିଲେ। ହେଲେ ଆବଶ୍ୟକ କାଗଜପତ୍ର ଦାଖଲ କରି ପାରି ନ ଥିଲେ। ୫ଟି ଗାଡିରୁ ୧୫ ହଜାର ଟଙ୍କା ଲେଖାଏଁ ମୋଟ ୭୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଉକ୍ତ କମ୍ପାନୀକୁ କଡା ତାଗିଦ କରାଯାଇଛି। ସୂଚନାଯୋଗ୍ୟ, ନଭେମ୍ବର ୨୭ ତାରିଖ ଫୁଲଝରଣ ଆଶ୍ରମ ପଛପଟେ ବେଆଇନ ମାଟି ଖନନ ନେଇ କମ୍ପାନୀକୁ କାରଣ ଦର୍ଶାଅ ନୋଟିସ କରାଯାଇଛି। ଆଶ୍ରମ ପଛପଟ ଅଧ ଏକର ଜମିରୁ ୧୦ ଫୁଟ ଗଭୀରର ମାଟି ଉଠାଯାଇଥିବା ନେଇ ସ୍ଥାନୀୟ ଲୋକ ଅଭିଯୋଗ କରିଥିଲେ। ମାଟି ଖୋଳାଯାଇଥିବାରୁ ବର୍ଷା ହେଲେ ଆଶ୍ରମ ପାଚେରି କାନ୍ଥ ଭାଙ୍ଗିଯିବାର ଆଶଙ୍କା ରହିଛି। ତେଣୁ ଲୋକେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।

## ଖ୍ରୀଷ୍ଟମାସ୍ କ୍ୟାରୋଲ୍ କାର୍ଯ୍ୟକ୍ରମ

ସମ୍ବଲପୁର,୫।୧୨(ବ୍ୟୁରୋ)

ଖ୍ରୀଷ୍ଟିଆନ୍ ଫୋରମ୍ ପକ୍ଷରୁ ଖ୍ରୀଷ୍ଟମାସ୍ କ୍ୟାରୋଲ୍ କାର୍ଯ୍ୟକ୍ରମ ବୁଧବାର ରାତିରେ ଲକ୍ଷ୍ମୀ ଟକିଜ୍ ନିକଟସ୍ଥ ମୁଣ୍ଡା ଚର୍ଚ୍ଚ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଫୋରମ୍ ସଭାପତି ବିଶପ୍ ନିରଞ୍ଜନ ସୁଆଲ ସିଂଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ଫାଦର ଅନୀଲ କୁଜୁରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି, ସୁରଞ୍ଜନ ମହାପାତ୍ର, ବାଉଦ ଡୁଙ୍ଗଡୁଙ୍ଗ, ମୁଣ୍ଡା ଚର୍ଚ୍ଚ ସଭାପତି ପ୍ରଶାନ୍ତ ହାଓ, ସମ୍ପାଦକ ଅଜୟ ସିଂ, ଆଗାପେ ଚର୍ଚ୍ଚ ପାଳକ ସୂର୍ଯ୍ୟ କରାଡ, ଜ୍ୟୋତି ଭବନ ନିର୍ଦ୍ଦେଶକ ଜୋନି ଆନଟୋନି, ଦୟାସାଗର ପ୍ରାର୍ଥନା ଗୃହର ପାଳିକା ସ୍ମିତା ପଟ୍ଟନାୟକ, ଭିନିୟାଡ୍ ଚର୍ଚ୍ଚ ସଂଯୋଜକ କିଶୋର ମହାନ୍ତି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଚର୍ଚ୍ଚ ପାଳକ କୁମରମଣି ସାଏ ପ୍ରାରମ୍ଭିକ ପ୍ରାର୍ଥନା କରିଥିଲେ। ସେହିପରି ରୋଶନ ଟପ୍ପୋ ବାଇବେଲ୍ ପାଠ କରିଥିଲେ। ମୁଣ୍ଡା ଚର୍ଚ୍ଚ କୋଷାଧ୍ୟକ୍ଷ ସୁବାଷ କେର୍କେଟା ଧନ୍ୟବାଦ ଅର୍ପଣ କରିଥିବା ବେଳେ ସସ୍ମିତା ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଖ୍ରୀଷ୍ଟମାସ୍ କ୍ୟାରୋଲ ସଂଗୀତ ଓ ନୃତ୍ୟ ପରିବେଷିତ ହୋଇଥିଲା।

## ପୋଲିସକୁ ଶତ୍ରୁ ଭାବନାହିଁ: ଏସ୍‌ପି

ନାକଟିଦେଉଳ, ୫।୧୨(ଡି.ଏନ.ଏ.)

ଜାମୁଯୋରୀରେ ବୁଧବାର ପୋଲିସ ଜନ ସମ୍ପର୍କ ଶିବିର ଆୟୋଜିତ ହୋଇଯାଇଛି। ରେଢାଖୋଲ ଏସ୍‌ଡ଼ିପିଓ ହାଡ଼ିବନ୍ଧୁ ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏସ୍‌ପି ସଞ୍ଜୀବ ଆରୋରା ଯୋଗ ଦେଇଥିଲେ। ପୋଲିସକୁ ଶତ୍ରୁ ନ ଭାବି ମିତ୍ରତାର ସହ ହାତ ବଢାଇବାକୁ ଏସପି ଲୋକଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ଲୋକଙ୍କୁ କମ୍ବଳ, ସାର୍ଟ, ମଶାରୀ, ଛତା, ଟର୍ଚ୍ଚଲାଇଟ, ପାଣିବୋତଲ, ବର୍ଷାତି, ପାଠ ଉପକରଣ ବଣ୍ଟନ କରାଯାଇଥିଲା। ହେଲେ ଉପଯୁକ୍ତ ଲୋକେ ପାଇ ନ ପାରିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଜାମୁଯୋରୀ ଏବଂ ବାଗବର ମଧ୍ୟରେ କ୍ରିକେଟ ମ୍ୟାଚ, ଅଙ୍ଗାବିରା ଓ ବିନ୍ଧପୁର ମଧ୍ୟରେ ଭଲିବଲ ମ୍ୟାଚ ଆୟୋଜିତ ହୋଇଥିଲା। ଏକ ସ୍ୱାସ୍ଥ୍ୟ ଚିକିତ୍ସା ଶିବିରରେ ଆଖପାଖ ଗ୍ରାମର ୩୨୫ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ଆଦିବାସୀମାନେ ସେମାନଙ୍କ ପାରମ୍ପାରିକ ଆଦିବାସୀ ନୃତ୍ୟ ପରିବେଷଣ କରିଥିଲେ। ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ରାଉଳ, ସରପଞ୍ଚ ଅଜିତ ପ୍ରଧାନ, ଥାନା ଅଧିକାରୀ ବିନୋଦ ଲାକ୍ରା ପ୍ରମୁଖ ଉପସ୍ଥିତ ଥଲେ। ଏଏସଆଇ ରତିକାନ୍ତ ବିଶ୍ୱାଳ, ଦୟାନିଧି ଦଳପତି, କନଷ୍ଟେବଳ ଉମା ପ୍ରଧାନ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଚିପିଲିମା,୫।୧୨(ଡି.ଏନ.ଏ.)

ଚିପିଲିମା ଗୋବିନ୍ଦପାଲି ସରସ୍ୱତୀ ଶିଶୁ ମନ୍ଦିର ସ୍କୁଲରେ ସଡକ ସୁରକ୍ଷା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସଞ୍ଜୀବ କୁମାର ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ବର୍ତ୍ତମାନ ସଡକ ଦୁର୍ଘଟଣାରେ ଅନେକ ଜୀବନ ଯାଉଥିବା ବେଳେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଟ୍ରାଫିକ ନୀତିନିୟମ ସମ୍ପର୍କରେ ସଚେତନ କରାଯାଇଥିଲା। ପରେ ଟ୍ରାଫିକ ନିୟମ ଉପରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଦ୍ୟାଶା ପଣ୍ଡା, ପ୍ରିତେଶ ମହାକୁର, ଡାଳେଶ୍ୱର କ୍ଷେତୀ ପୁରସ୍କୃତ ହୋଇଥିଲେ। ପଦ୍ମଲୋଚନ ଭୋସାଗର ଯୋଗଦେଇ ଟ୍ରାଫିକ ନୟମ ନେଇ ସଚେତନତା ବାର୍ତ୍ତା ଦେଇଥିଲେ। ଶେଷରେ ଗୁରୁଜୀ ଅକ୍ଷୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
O/o Sr. General Manager Construction, Zone-II, Sambalpur
At-132/33 Kv Grid S/S, Ganesh Nagar, Bhoidar Nuapali, PO- Sankarma, Sambalpur-7680006
Telephone : (0663) 2540039, Email : sgm.con2.sbp@optcl.co.in
No /SGM(TP&C)/Publication/Gaz/ 2526 Date : 04.12.2018

NOTIFICATION

In accordance with section- 164 of Indian Electricity Act., 2003 and in exercise of the power conferred upon OPTCL vide Department of Energy, Government of Odisha Order No. 2353-R&R-II-10.2006,dated the 9th March 2006 , the following transmission scheme which are intended to be undertaken by the Odisha Power Transmission Corporation Limited for execution are published for general information. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager, Construction Zonal Office-II, OPTCL, Sambalpur-768006 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), as mentioned against the work on any working day during office hours.

| Sl. No. | Name of the Work & Scope | Name of the village in which the line will pas | Tentative estimated amount | Name of the Executive Engineer to be contacted | Perceived benefit that may accrue. |
|---|---|---|---|---|---|
| 01 | Construction of 132KVLILO from existing 132KV DC Budhipadar- Tarkera line (Ckt-II) and construction of 220KV LILO from existing 220KV DC Budhipadar-Tarkera line (Ckt- II) both in 220KV Multicircuit tower tp proposed 220/132/33KV Grid S/s Bamra (Total length of ine: 7.409 Kms) | **Tehsil:-** Bamra **R.I.Circle:-** Govindpur (Bamra) **Revenue Village:** Bamphei, Gurla, Baunsalaga, Govindpur Town Unit No. 02 (Dumermunda Bada) | Rs. 15 crores (Approx.) | Deputy General Manager (Elect.), EHT (Construction) Division, Jharsuguda. | To develope quality power supply in & around areas of Bamra |

Sd./- Chief General Manager (Const.), Zone-II, OPTCL, Sambalpur

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
O/o Sr. General Manager Construction, Zone-II, Sambalpur
At-132/33 Kv Grid S/S, Ganesh Nagar, Bhoidar Nuapali, PO- Sankarma, Sambalpur-7680006
Telephone : (0663) 2540039, Email : sgm.con2.sbp@optcl.co.in
No /SGM(TP&C)/Publication/Gaz/ 2527 Date : 04.12.2018

NOTIFICATION

In accordance with section- 164 of Indian Electricity Act., 2003 and in exercise of the power conferred upon OPTCL vide Department of Energy, Government of Odisha Order No. 2353-R&R-II-10.2006,dated the 9th March 2006 , the following transmission scheme which are intended to be undertaken by the Odisha Power Transmission Corporation Limited for execution are published for general information. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager, Construction Zonal Office-II, OPTCL, Sambalpur-768006 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), as mentioned against the work on any working day during office hours.

| Sl. No. | Name of the Work & Scope | Name of the village in which the line will pass | Tentative esti-mated amount | Name of the Executive Engineer to be contacted | Perceived benefit that may accrue. |
|---|---|---|---|---|---|
| 01 | Construction of 132KVD/C (4 Conductor) line from proposed 220/132/33KV Grid S/s Bamra to Proposed RTSS Dhutra (Total length of ine: 38.338 Kms)) | **Tehsil;-** Bamra, **R.I.Circle:-** Govindpur (Bamra) **Revenue Village:** Govindpur Town Unit No. 02 (Dumermunda Bada), Mithupada, Govindpur Town Unit No. 01 . **Tehsil:-** Sundargarh **R.I.Circle:-** Kulta., **Revenue Village:** Kaputikira, Kulta, Phiringi Bahal, Kheria kani. **Tehsil:-** Sundargarh R.I.Circle:- Majhapara **Revenue Village:** Dharuadihi, Budelkani, Suanmal, Ledhimanga,, **Tehsil:-** Kirmira, **R.I.Circle:-** Jharmunda. **Revenue Village:** Jharmunda, Handatupa, Teladihi. **Tehsil:-** Kirmira, **R.I.Circle:-** Bandhapali. **Revenue Village:** Tumbadihi, Sarasmal, Kadobahal, Panpali, Aghria, Bagdihi, Jharmal, Bhalupatra, Bandhpali, Bhursimal, Sialrama, Siarmal, Thakurpada **Tehsil :** Kirmira, **R.I.Circle -** Kirmira, **Revenue Village :** Bidmal **Tehsil :** Kirmira, **R.I.Circle :** Arda, **Revenue Village :** Arda, Saraspali, Dhutura | Rs 15.5 crores (Approx.) | Deputy General Manager (Elect.), EHT (Construction) Division, Jharsuguda. | To develope quality power supply RTSS Garposh |

Sd./- Chief General Manager (Const.), Zone-II, OPTCL, Sambalpur

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
O/o Sr. General Manager Construction, Zone-II, Sambalpur
At-132/33 Kv Grid S/S, Ganesh Nagar, Bhoidar Nuapali, PO- Sankarma, Sambalpur-7680006
Telephone : (0663) 2540039, Email : sgm.con2.sbp@optcl.co.in
No /SGM(TP&C)/Publication/Gaz/ 2528 Date : 04.12.2018

NOTIFICATION

In accordance with section- 164 of Indian Electricity Act., 2003 and in exercise of the power conferred upon OPTCL vide Department of Energy, Government of Odisha Order No. 2353-R&R-II-10.2006,dated the 9th March 2006 , the following transmission scheme which are intended to be undertaken by the Odisha Power Transmission Corporation Limited for execution are published for general information. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager, Construction Zonal Office-II, OPTCL, Sambalpur-768006 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), as mentioned against the work on any working day during office hours.

| Sl. No. | Name of the Work & Scope | Name of the village in which the line will pass | Tentative estimated amount | Name of the Executive Engineer to be contacted | Perceived benefit that may accrue. |
|---|---|---|---|---|---|
| 01 | Construction of 132KV D/C (4 Conductor) line from proposed 220/132/33KV Grid S/s Bamra to existing RTSS Bamra (Total length of ine: 1.794Kms)) | **Tehsil:-** Bamra **R.I.Circle** :- Govindpur (Bamra) **Revenue Village:** Govindpur Town Unit No. 02 (Dumermunda Bada) | Rs. 1 crore (Approx.) | Deputy General Manager (Elect.), EHT (Construction) Division, Jharsuguda. | To develope quality power supply RTSS Bamra |

Sd./- Chief General Manager (Const.), Zone-II, OPTCL, Sambalpur

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
O/o Sr. General Manager Construction, Zone-II, Sambalpur
At-132/33 Kv Grid S/S, Ganesh Nagar, Bhoidar Nuapali, PO- Sankarma, Sambalpur-7680006
Telephone : (0663) 2540039, Email : sgm.con2.sbp@optcl.co.in
No /SGM(TP&C)/Publication/Gaz/ 2529 Date : 04.12.2018

NOTIFICATION

In accordance with section- 164 of Indian Electricity Act., 2003 and in exercise of the power conferred upon OPTCL vide Department of Energy, Government of Odisha Order No. 2353-R&R-II-10.2006,dated the 9th March 2006 , the following transmission scheme which are intended to be undertaken by the Odisha Power Transmission Corporation Limited for execution are published for general information. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager, Construction Zonal Office-II, OPTCL, Sambalpur-768006 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), as mentioned against the work on any working day during office hours.

| Sl. No. | Name of the Work & Scope | Name of the village in which the line will pass | Tentative estimated amount | Name of the Executive Engineer to be contacted | Perceived benefit that may accrue. |
|---|---|---|---|---|---|
| 01 | Construction of 132KV D/C (4 Conductor) line from proposed 220/132/3 3KV Grid S/s Bamra to Proposed RTSS Garposh (Total length of ine: 18.424Kms)) | **Tehsil:-** Bamra **R.I.Circle:-** Govindpur (Bamra) **Revenue Village:** Govindpur Town Unit No. 02 (Dumermunda Bada), Baunsalaga, Nuian munda, Kechupani, Baragada, Bhagapada, Uchhuka pat, Lolobiera. **R.I.Circle:-** Garposh. Revenue Village: Titiripashi, Mahulachhapala, Pindapathara, Garposh, Dehuripada, Bada Phiringi, bahal, Bundukamala, Manapali, Dehuri Pada. | Rs 8.37 crores (Approx.) | Deputy General Manager (Elect.), EHT (Constructio n) Division, Jharsuguda. | To develope quality power supply RTSS Garposh |

Sd./- Chief General Manager (Const.), Zone-II, OPTCL, Sambalpur




# ସରପ୍ରାଇଜ୍ ଡେଟ୍‌କୁ ଅପେକ୍ଷା

ନିର୍ଦ୍ଦେଶକ ଡେଭିଡ୍ ଧାୱନଙ୍କ ପୁଅ ବରୁଣ ବଲିଉଡ୍‌ରେ ଏଣ୍ଟ୍ରି କରିସାରିଛନ୍ତି। ଏବେ ସେ ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଛନ୍ତି। କାରଣ ସେ ଖୁବ୍‌ଶୀଘ୍ର ହାତକୁ ଦି’ ହାତ ହେବାକୁ ଯାଉଛନ୍ତି। ଅର୍ଥାତ୍, ପ୍ରେମିକା ନତାଶା ଦଲାଲଙ୍କୁ ସେ ଧର୍ମପତ୍ନୀ ଭାବରେ ଗ୍ରହଣ କରିବେ ବୋଲି ଚର୍ଚ୍ଚା ଚାଲିଛି। ସେପଟେ ସେହି ସରପ୍ରାଇଜ ଡେଟ୍‌କୁ ଅପେକ୍ଷା ଯେଉଁଦିନ ଦୁହେଁ ସତସତିକା ବର-କନ୍ୟା ସାଜିବେ। ଯଦିଓ ଏହି ଡେଟ୍‌କୁ ନେଇ ବରୁଣ ଦିନ ଗଡେଇ ଚାଲିଛନ୍ତି ହେଲେ ସେହି ଶୁଭ ଦିନ ଖୁବ୍‌ଶୀଘ୍ର ଆସିବ ବୋଲି ତାଙ୍କର ଜଣେ ସାଙ୍ଗ ସୋସିଆଲ ମିଡିଆରେ ମେସେଜ ପୋଷ୍ଟ କରିଛନ୍ତି। ସ୍କୁଲ କ୍ୟାରିୟରରୁ ନତାଶାଙ୍କ ପ୍ରେମରେ ପଡିଥିଲେ ବରୁଣ। ତେବେ ଦୁହେଁ କେବେ ଘର ସଂସାର କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ଅଭୁଲା ହୋଇ ରହିବ

ପୁରୁଷ ବିଶ୍ୱକପ ହକି-୨୦୧୮ର ଆୟୋଜନ କରିଛି ଓଡ଼ିଶା। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଟାଇଟଲ ହାସଲ ପାଇଁ ଚାଲିଛି କସରତ। ଏହି ଅବସରରେ ଉଦ୍‌ଘାଟନୀ ସମାରୋହର କିଛି ସମୟ ପା ଇଁ ସଞ୍ଚାଳନ ଦାୟିତ୍ୱକୁ ବେଶ୍ ସୂଚାରୁ ଭାବରେ ସମ୍ପାଦନ କରିଥିଲେ ଓଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଯୋଡି ସବ୍ୟସାଚୀ-ଅର୍ଚ୍ଚିତା। ତେବେ ମଞ୍ଚ ଉପରେ ସେମାନେ ସାଉଁଟିଥିଲେ ଏଭଳି କେତୋଟି ଅନୁଭୂତି, ଯାହା ସେମାନେ କଦାପି ଭୁଲିପାରିବେ ନାହିଁ ବୋଲି ମିଳିତ ସ୍ୱରରେ କହନ୍ତି...



ଅତିଥିଙ୍କ ଗହଣରେ ସବ୍ୟସାଚୀ-ଅର୍ଚ୍ଚିତା

**ଅର୍ଚ୍ଚିତା :** ଯେତେବେଳେ ଆମକୁ ଏହି ଦାୟିତ୍ୱ ବିଷୟରେ ଅବଗତ କରାଗଲା ସେତେବେଳେ ଆମେ କେତେ ଖୁସି ହୋଇଥିଲୁ ତାହା ଅବର୍ଣ୍ଣନୀୟ। ସବୁଠାରୁ ଖାସ୍ କଥା ହେଲା ଉଦ୍‌ଘାଟନୀ ଉତ୍ସବର ଗୋଟିଏ ଦିନ ପୂର୍ବରୁ ଆମକୁ ଜଣାଇ ଦିଆଗଲା ଯେ ଷ୍ଟେଜ୍ ଉପରେ ୧୯୭୫ ପୁରୁଷ ହକି ବିଶ୍ୱକପ ବିଜେତା ଭାରତୀୟ ଦଳକୁ ମଞ୍ଚ ଉପରେ ସମ୍ବର୍ଦ୍ଧନା ଦିଆଯିବ। ଯେହେତୁ ଆମେ ସେ ସମୟରେ ମଞ୍ଚ ସଂଚାଳନ କରୁଥିବୁ ତେଣୁ ଏହା ଆମ ପାଇଁ ଏକ ଗୌରବର କଥା ଥିଲା। ଯେତେବେଳେ ସେହି ବିଜୟୀ ଦଳର ବର୍ଷୀୟାନ ଖେଳାଳି ମଞ୍ଚ ଉପରକୁ ଆସିଲେ ମୁଁ ଭାବବିହ୍ୱଳ ହୋଇଯାଇଥିଲି। ସେମାନଙ୍କ ସହ କଥା ହେବା, ସେମାନଙ୍କର ସେ ସମୟର ସ୍ମୃତିକୁ ଶେୟାର କରିବା ମୋ ମନରୁ କଦାପି ଲିଭିବ ନାହିଁ। ସେହି ଅଭୁଲା ମୁହୂର୍ତ୍ତ ସବୁବେଳେ ମୋ ଆଖି ସାମ୍‌ନାରେ ସତେଜ ହୋଇ ରହିଥିବ।

**ସବ୍ୟସାଚୀ :** ସତରେ ଜୀବନରେ ଏପରି ଏକ ସମୟ ଆସିବ ତାହା ମୁଁ ଏବେ ମଧ୍ୟ କଳ୍ପନା କରିପାରୁନି। ପୁରୁଷ ବିଶ୍ୱକପ ହକି-୨୦୧୮ର ଉଦ୍‌ଘାଟନୀ ସମାରୋହରେ ଆଙ୍କରିଂ କରିବା ଛୋଟ କି ସହଜ କଥା ନୁହେଁ। ଏହି ସମୟରେ ଦର୍ଶକଙ୍କ ସହ ଭାବବିନିମୟ ମୋତେ ପାଗଳ କରିଦେଇଥିଲା। ମୋ ସହ ସେମାନେ ତାଳ ମିଳାଇ ହକି ଖେଳାଳିଙ୍କୁ ଉତ୍ସାହିତ କରୁଥିଲେ। ଯେତେବେଳେ ୧୯୭୫ ବିଶ୍ୱକପ ହକି ଟାଇଟଲ ହାସଲକାରୀ ଭାରତୀୟ ଦଳର ବୀରପୁଙ୍ଗବମାନେ ମଞ୍ଚ ଉପରୁ ଆସିଲେ ଆଉ ମୁଁ ଏବଂ ଅର୍ଚ୍ଚିତା ସେମାନଙ୍କୁ ସ୍ୱାଗତ କଲୁ ସେ ମୁହୂର୍ତ୍ତ ଅପାସୋରା। ସେମାନେ କହିଲେ ଯେ, ‘ଅଭି ଭି ହମାରା ଦିଲ୍ ହକି କେ ଲିୟେ ଧଡକ୍‌ତା ହୈ’। ଏହାର ଉତ୍ତରରେ ମୁଁ ଏକ ସାୟରୀ କହିଥିଲି, ଯାହାକୁ ଭରପୂର ଷ୍ଟାଡିୟମର ସବୁ ଦର୍ଶକ ଷ୍ଟାଣ୍ଡିଙ୍ଗ ଓବେସନ ଦେଇଥିଲେ। ସାୟରୀଟି ଥିଲା ‘ଭଗୱାନ କରେଁ ଏ ଦିଲ୍ ଐସେ ହି ହମେଶା ଧଡକତେ ରହେଁ, ହିନ୍ଦୁସ୍ତାନକି ରଗୋଁ ମେଁ ଜିତ୍ କି ଖ୍ୱାବ୍ ଐସେ ବୁଲନ୍ଦ କରତେ ରହେଁ।’ ଆଉ ଏକ କଥା- ‘ଦିଲ୍ ତୋ ପାଗଲ ହୈ’, ‘ଧୁମ-୪’ ପରି ଅନେକ ସୁପରହିଟ୍ ହିନ୍ଦୀ ଫିଲ୍ମର କୋରିଓଗ୍ରାଫି କରିଥିବା ବଲିଉଡ୍‌ର ନାମୀ କୋରିଓଗ୍ରାଫର ସାମକ ଡାଭରଙ୍କ ସହ ଯେଉଁ ସମୟ ବିତାଇଥିଲୁ ତାହାକୁ କଦାପି ଭୁଲିପାରିବୁ ନାହିଁ।

# ଜୀବନର୍ ଚଲାପଥେ

ଚିତ୍ରଜ ଅପଡେଟ...

ଜୀବନର ଚଲାପଥରେ ଅନେକ ଘଟଣା ଘଟିଥାଏ। ସେଗୁଡିକ ମଧ୍ୟରୁ କେତେକ ସ୍ମୃତି ହୋଇ ମନଭିତରେ ରହିଯାଏ। ଜଣେ ସ୍କୁଲ ମାଷ୍ଟର ଜୀବନରେ କ’ଣ ଘଟଣା ଘଟୁଛି ଏବଂ ତାହାର କି ପ୍ରକାର ପ୍ରଭାବ ପରିବାର ସଦସ୍ୟଙ୍କ ଉପରେ ପଡୁଛି ତାହାକୁ ଆଧାର କରି ପ୍ରସ୍ତୁତ ହୋଇଛି ଓଡ଼ିଆ ଚଳଚ୍ଚିତ୍ର ‘ଜୀବନର ଚଲାପଥେ’। ଚିତ୍ରଟିର ପ୍ରଯୋଜନା କରିଛନ୍ତି ବର୍ଷାଭାବନା ଖଟୁଆ, ଅଦ୍ୱିତୀ ଦାସ ଏବଂ ସୌମ୍ୟକାନ୍ତ ଖଣ୍ଡାଇ। ଏହାବ୍ୟତୀତ ଚଳଚ୍ଚିତ୍ରର କାହାଣୀ, ସଂଳାପ, ଗୀତ ରଚନା କରିବା ସହ ସ୍ୱର ସଂଯୋଜନା ଭାର ସମ୍ଭାଳିଛନ୍ତି ସୌମ୍ୟକାନ୍ତ। ସେ ଏହାର ମୁଖ୍ୟ ଭୂମିକାରେ ଅଭିନୟ କରଥିବାବେଳେ ମିହିର ଦାସ, ଅନୀତା ଦାସ, ତ୍ରିଲୋଚନ ଖୁଣ୍ଟିଆ, ଜ୍ୟୋତି ବସ୍ତିଆ, ମିଲି, ଲିପ୍‌ସାଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ଦିଲୀପ ମହାନ୍ତିଙ୍କ ନିର୍ଦ୍ଦେଶିତ ଏହି ଚିତ୍ରଟି ଚଳିତ ମାସ ଦ୍ୱିତୀୟ ସପ୍ତାହରେ ରିଲିଜ ହେବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି।

# ଖବରଟବର

- ଏକ ସାନ୍ତାଳି ନାଟକକୁ ଆଧାର କରି ତରଙ୍ଗ ସିନେ ପ୍ରଡକ୍ସନ ବ୍ୟାନରରେ ତଥା ଦେବୀଦତ୍ତ ମହାନ୍ତିଙ୍କ କାର୍ଯ୍ୟକାରୀ ପ୍ରଯୋଜନାରେ ପ୍ରସ୍ତୁତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା ‘ଚାଲ ଟିକେ ଦୁଷ୍ଟ ହେବା’। ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ତାପସ ସରଘରିଆ। ଗୀତଗୁଡିକୁ ସ୍ୱର ଦେଉଛନ୍ତି ବିଭୂତି ଭୂଷଣ ଗଡନାୟକ। ଏଥିରେ ନୂଆ ନାୟକ ରିସାନଙ୍କ ଅପୋଜିଟ୍‌ରେ ଅଛନ୍ତି ଦୁଇ ଜଣ ନବାଗତା ସାୟଲ ଏବଂ ମହିମା।
- ହାସ୍ୟାଭିନେତା ପପୁ ପମପମ ନିର୍ଦ୍ଦେଶକ ସାଜିବାକୁ ଯାଉଛନ୍ତି। ଅକ୍ଷୟ କୁମାର ପରିଜାଙ୍କ ପ୍ରଯୋଜନାରେ ନିର୍ମିତ ହେବାକୁ ଯାଉଥିବା ଓଡିଆ ସିନେମା ‘ଚିରକୁଟ୍’ର ନିର୍ଦ୍ଦେଶନା ସହ ସଙ୍ଗୀତ ଦାୟିତ୍ୱ ତୁଲାଇବେ ସେ।
- ତାରିଣୀ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନୂଆ ଓଡ଼ିଆ ସିନେମା ‘ଦିଲ୍ ମୋର ମାନେନା’ର ଶୁଟିଂ ଚାଲୁ ରହିଛି। ବାପୁନ କୁମାରଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦେଉଛନ୍ତି ହିମାଂଶୁ ପରିଜା (ଚଣ୍ଡୀ)। ସ୍ୱରାଜ, ଶିବାନୀଙ୍କ ବ୍ୟତୀତ ମିହିର ଦାସ, ଉଷସୀ ମିଶ୍ର, ହରିହର ମହାପାତ୍ର, ଅମର, ଗୁଣ୍ଟୁ, ସଲିଲ ମିତ୍ର, ବ୍ରଜ ସିଂ ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି। ଗୀତଗୁଡିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ।






"୨୦୧୯ ସୁଦ୍ଧା ଦେଶରେ ୨୦ ଓନିକ୍ସ ଏଲ୍ଇଡି ସିନେମା ସ୍କ୍ରିନ ସ୍ଥାପନ କରିବାକୁ ଯୋଜନା ରହିଛି।
– ପୁନିତ୍ ସେଠୀ, ଉପସଭାପତି, ସାମ୍‌ସଙ୍ଗ ଇଣ୍ଡିଆ



"ମାର୍ଚ୍ଚ ସୁଦ୍ଧା କେନ୍ଦ୍ର ସରକାର ସାର ସବ୍‌ସିଡି ବକେୟା ବାବଦକୁ ୧୦,୦୦୦ କୋଟି ଟଙ୍କା ପ୍ରଦାନ କରିବେ।
– ସଦାନନ୍ଦ ଗୌଡ଼ା, କେନ୍ଦ୍ର ରସାୟନ ଓ ସାର ମନ୍ତ୍ରୀ



## ସଂକ୍ଷେପରେ

### ବ୍ୟାଙ୍କର ମୂଳଧନ ଫେରାଇବାକୁ ମାଲ୍ୟା ରାଜି



**ଲଣ୍ଡନ,୫-୧୨:** ପଳାତକ ମଦ ବ୍ୟବସାୟୀ ବିଜୟ ମାଲ୍ୟା ଭାରତୀୟ ବ୍ୟାଙ୍କ ସମୂହଙ୍କ ଋଣ ପରିଶୋଧ କରିବା ଲାଗି ପ୍ରସ୍ତାବ ଦେଇଛନ୍ତି। ସେ ଟୁଇଟ୍ ଜରିଆରେ କହିଛନ୍ତି ଯେ, ବ୍ୟାଙ୍କଗୁଡ଼ିକର ୧୦୦ ପ୍ରତିଶତ ମୂଳଧନ (କେବଳ ଋଣ, ସୁଧ ନୁହେଁ) ଫେରାଇବାକୁ ପ୍ରସ୍ତୁତ। ବୁଧବାର ମାଲ୍ୟା ତାଙ୍କ ଟୁଇଟ୍‌ରେ ଲେଖିଛନ୍ତି ଯେ, ଭାରତୀୟ ମିଡିଆ ଓ ନେତାମାନେ ତାଙ୍କୁ ପଳାତକ କହୁଛନ୍ତି। ଏହା ଅତ୍ୟନ୍ତ ଦୁଃଖଦାୟକ। ତେବେ ସେ କହିଛନ୍ତି ଯେ, ବ୍ୟାଙ୍କ ଗୁଡ଼ିକ ତାଙ୍କ ପ୍ରସ୍ତାବକୁ ସ୍ୱୀକାର କଲେ ସେ ସେମାନଙ୍କର ସମସ୍ତ ଋଣ ଫେରସ୍ତ କରିବାକୁ ରାଜି। ଲଣ୍ଡନରେ ରହୁଥିବା ମାଲ୍ୟା ଏବେ ପ୍ରତ୍ୟର୍ପଣ ମାମଲାର ସମ୍ମୁଖୀନ ହୋଇଛନ୍ତି। ସେ ତାଙ୍କ ଟୁଇଟ୍‌ରେ ଲେଖିଛନ୍ତି ଯେ, ସେ ଦେଶକୁ ବହୁ ହଜାର କୋଟି ଟଙ୍କାର ଟିକସ ଦେଇଛନ୍ତି।

### ଡିଜିଟାଲ ନୋଟ୍ ଆସିପାରେ

**ନୂଆଦିଲ୍ଲୀ,୫-୧୨:** ବିମୁଦ୍ରୀକରଣ ପରେ କେନ୍ଦ୍ର ସରକାର ଆର୍ଥିକ ସଂସ୍କାର ଦିଗରେ ଆଉ ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ସବୁକିଛି ଠିକ୍ ଚାଲିଲେ ସରକାର କାଗଜ ନୋଟ୍ ଢ଼ାଞ୍ଚାରେ ଡିଜିଟାଲ ନୋଟ୍ (ମୁଦ୍ରା) ଜାରି କରିପାରନ୍ତି। ଏ ଦିଗରେ ସରକାର ବହୁ ବାଟ ଆଗେଇ ଗଲେଣି ବୋଲି ପ୍ରାପ୍ତ ସୂଚନାରୁ ପ୍ରକାଶ। ମିଡିଆ ରିପୋର୍ଟ ଅନୁଯାୟୀ ଆର୍ଥିକ ବ୍ୟାପାର ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ନିଜର ଚିଠା ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିଛନ୍ତି। କମିଟି ଏ ଦିଗରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ସୁପାରିସ କରିଛନ୍ତି। ଏଥିରେ କୁହାଯାଇଛି ଯେ, ସରକାର ଡିଜିଟାଲ ନୋଟ୍ ପ୍ରଚଳନକୁ ଗୁରୁତ୍ୱର ସହ ବିଚାର କରନ୍ତୁ। ପ୍ରଚଳିତ ଟଙ୍କା ସହିତ ଡିଜିଟାଲ ନୋଟ୍ ଜାରି କରିବା ଦ୍ୱାରା ବିଟ୍‌କଏନ ଭଳି ଭର୍ଚୁଆଲ ମୁଦ୍ରା ପ୍ରଚଳନକୁ ମୁକାବିଲା କରାଯାଇପାରିବ। ତେବେ ଏହି ନୋଟ୍ ଜାରି ଓ ପ୍ରଚଳନର ସମ୍ପୂର୍ଣ୍ଣ ଦାୟିତ୍ୱ ଆର୍‌ବିଆଇ ହାତରେ ରହିବା ଆବଶ୍ୟକ ବୋଲି ରିପୋର୍ଟରେ କୁହାଯାଇଛି।

### ଟାଳଟୁଳ ନୀତି ଛାଡ଼ିଲା ଚାଇନା
### ଭାରତରୁ ଆମଦାନୀ ବଢ଼ାଇବ

**ନୂଆଦିଲ୍ଲୀ,୫-୧୨:** ଭାରତୀୟ ବେଦାନା, ଅଙ୍ଗୁର, ସୋୟାମିଲ୍, ଫିଶ୍ ଅଏଲ ଏବଂ ଫିଶ୍ ମିଲ୍ ଆମଦାନୀ କରିବାକୁ ଚାଇନା ରାଜି ହୋଇଛି। ଏହାପୂର୍ବରୁ ପଡ଼ୋଶୀ ଦେଶ ଅଣ-ବାସମତି ଚାଉଳ ଓ ଚିନି ଆମଦାନୀ କରିବାକୁ ରାଜି ହୋଇଥିଲା। ଚଳିତ ମାସରେ ଚାଇନାର ଏକ ବିଶେଷଜ୍ଞ ଦଳ ବେଦାନା, ଅଙ୍ଗୁର, ସୋୟା ପ୍ରୋସେସିଂ ୟୁନିଟ୍ ପରିଦର୍ଶନ କରିବ। ଗତ ସପ୍ତାହରେ ଚାଇନାର ଭାଇସ ମିନିଷ୍ଟର ହୁ ୱେଇଙ୍କ ସହ ଆଲୋଚନା କାଳରେ ଓକ୍ରା, ସପେଟା(ଚିକୁ), କ୍ଷୀର ଏବଂ ବୋଭାଇନ ମାଂସ ଚାଇନାକୁ ରପ୍ତାନି ଲାଗି ଭାରତ ଜୋର୍ ଦେଇଥିଲା। ଅନ୍ୟପକ୍ଷରେ କ୍ଷୀର ଓ ଡେୟାରୀ ସାମଗ୍ରୀ, ଆପଲ ଓ ପିଜୁଳି ଆଦି ଚାଇନାରୁ ଆମଦାନୀ ପାଇଁ ସେ ଦେଶ ଜୋର୍ ଦେଇଥିଲା। ସୂଚନାଥାଉ କି, ୨୦୧୭-୧୮ରେ ଭାରତର ରପ୍ତାନୀ ୩୩ ବିଲିୟନ ଡଲାର ଥିବା ବେଳେ ଆମଦାନୀ ୭୬.୨ ବିଲିୟନ ଡଲାରରେ ପହଞ୍ଚିଯାଇଛି।

ଅନିବାର୍ଯ୍ୟ କାରଣବଶତଃ 'ଅର୍ଥର ଅର୍ଥ' ସ୍ତମ୍ଭ ପ୍ରକାଶ ପାଇପାରିନାହିଁ।

## ■ ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି ସମୀକ୍ଷା
# ସୁଧ ହାର ଅପରିବର୍ତ୍ତିତ

**ମୁମ୍ବାଇ,୫-୧୨**

ଯାହା ଆଶାକରାଯାଉଥିଲା, ଠିକ୍ ତାହା ହିଁ ହେଲା। ଗଭର୍ନର ଉର୍ଜିତ ପଟେଲଙ୍କ ଅଧ୍ୟକ୍ଷତାରେ ୬ ସଦସ୍ୟଙ୍କୁ ନେଇ ଗଠିତ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ମୁଦ୍ରା କମିଟି ବର୍ତ୍ତମାନ ପାଇଁ ରେପୋ ରେଟକୁ ୬.୫%ରେ ଅପରିବର୍ତ୍ତିତ ରଖିଛନ୍ତି। ବୁଧବାର ଗଭର୍ନର ଏ ସମ୍ପର୍କରେ ଏଠାରେ ଘୋଷଣା କରିଛନ୍ତି। ଏହାର ଅର୍ଥ ବର୍ତ୍ତମାନ ପାଇଁ ବ୍ୟାଙ୍କ ସୁଧ ହାର ବଢ଼ିବା ସମ୍ଭାବନା ନାହିଁ। ତେବେ ଚଳିତ ଆର୍ଥିକ ବର୍ଷ ପାଇଁ ଦେଶର ଜିଡିପି ହାର ୭.୪% ରହିବ ବୋଲି କମିଟି ଅନୁମାନ କରିଛି। ସେହିପରି ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ୬ ମାସ(ଅକ୍ଟୋବର-ମାର୍ଚ୍ଚ)ରେ ମୁଦ୍ରାସ୍ଫୀତି ହାର ୨.୭ରୁ ୩.୨% ରହିବ ବୋଲି ଅନୁମାନ କରାଯାଇଛି। ଚଳିତ ବର୍ଷର ୫ମ ମୁଦ୍ରା ନୀତି ସମୀକ୍ଷା କରିବା ପରେ କମିଟି ରିଭର୍ସ ରେପୋ ରେଟ ୬.୨୫% ଓ ସିଆର୍‌ଆର୍ ୬.୭୫%ରେ କାଏମ ରଖିଛନ୍ତି।

୬ ସଦସ୍ୟ ବିଶିଷ୍ଟ ମୁଦ୍ରା ନୀତି କମିଟିର ୩ ଦିନିଆ ବୈଠକ ଶେଷରେ ଆର୍‌ବିଆଇର ମୁଦ୍ରା ନୀତି ସମ୍ପର୍କରେ ଘୋଷଣା କରି ଗଭର୍ନର ପଟେଲ କହିଛନ୍ତି ଯେ, ଦ୍ୱିତୀୟ ୬ ମାସରେ ଜିଡିପି ଅଭିବୃଦ୍ଧି ହାର ୭.୨%ରୁ ୭.୩% ରହିବ ବୋଲି ଅନୁମାନ କରାଯାଉଛି। ସେହିପରି ୨୦୧୯-୨୦ର ପ୍ରଥମ ୬ ମାସ (ଏପ୍ରିଲ-ସେପ୍ଟେମ୍ବର)ରେ ଏହା ୦.୧%ର ସାମାନ୍ୟ ବୃଦ୍ଧି ସହିତ ୭.୫% ରହିବ ବୋଲି ଆଶା କରାଯାଉଛି। ତେବେ ଏହା ହ୍ରାସ ପାଇପାରେ ବୋଲି କମିଟି ଆଶଙ୍କା ମଧ୍ୟ ବ୍ୟକ୍ତ କରିଥିବା ସେ କହିବାକୁ ପଛାଇ ନାହାନ୍ତି।

### ■ ୨୦୧୮-୧୯ରେ ୭.୪% ରହିବ ଜିଡିପି



### ନିୟନ୍ତ୍ରଣରେ ମୁଦ୍ରାସ୍ଫୀତି

ଚଳିତ ମାସ ୩ରୁ ୫ ପର୍ଯ୍ୟନ୍ତ ଚାଲିଥିବା ବୈଠକ ଶେଷରେ କମିଟି ପକ୍ଷରୁ କୁହାଯାଇଛି ଯେ, ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିଥିଲେ ହେଁ ଏହା ଆଗାମୀ ଦିନରେ ଆହୁରି ହ୍ରାସ ପାଇବ। ଏଥିରେ କୁହାଯାଇଛି ଯେ, ଦ୍ୱିତୀୟ ୬ ମାସ ପାଇଁ ମୁଦ୍ରାସ୍ଫୀତି ଅନୁମାନକୁ ହ୍ରାସ କରାଯାଇ ୨.୭ରୁ ୩.୨% କରାଯାଇଛି। ଏଥିପୂର୍ବରୁ ଅକ୍ଟୋବର ମୁଦ୍ରାନୀତିରେ ଏହା ୩.୯ରୁ ୪.୫% ରହିବ ବୋଲି ଅନୁମାନ କରାଯାଇଥିଲା। ତେବେ ଅକ୍ଟୋବରରେ ମୁଦ୍ରାନୀତି ସମୀକ୍ଷା ବେଳେ ଯେଉଁସବୁ ବିଷୟ ଉପରେ ଆଶଙ୍କା ବ୍ୟକ୍ତ କରାଯାଇଥିଲା ସେଥିରୁ ଅଧିକାଂଶ ଟଳିଯାଇଛି ବୋଲି ଗଭର୍ନର ଉଲ୍ଲେଖ କରିଛନ୍ତି। କିନ୍ତୁ ଏବେ ମଧ୍ୟ କିଛି ଅନିଶ୍ଚିତତା ଅଛି, ଯାହାର ପ୍ରଭାବରେ ମୁଦ୍ରାସ୍ଫୀତି ବୃଦ୍ଧି ପାଇପାରେ ବୋଲି ସେ କହିଛନ୍ତି। ତାଙ୍କର କହିବାନୁଯାୟୀ କିଛି ଖାଦ୍ୟପଦାର୍ଥ ଅସାମାନ୍ୟ ରୂପରେ ସର୍ବନିମ୍ନ ସ୍ତରରେ ରହିଛି। ଯାହାକି ଅଚାନକ ବଢ଼ିବାର ଆଶଙ୍କା ରହିଛି। ଜୁଲାଇରେ କେନ୍ଦ୍ର ସରକାର ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ବୃଦ୍ଧିକରିବା ସତ୍ତ୍ୱେ ମୁଦ୍ରାସ୍ଫୀତି ଉପରେ ଏହାର ବିଶେଷ ପ୍ରଭାବ ପରିଲକ୍ଷିତ ହୋଇନାହିଁ ବୋଲି ଉଲ୍ଲେଖ କରି ସେ କହିଛନ୍ତି ଯେ, ଆଗକୁ ଏହାର ପ୍ରଭାବ ଉପରେ ନଜର ରହିବ। ଏବେ ଅଶୋଧିତ ତେଲ ଦର କମିଛି ସତ, ଆଗକୁ ବିଭିନ୍ନ କାରଣରୁ ଏହା ବଢ଼ିବାର ସମ୍ଭାବନାକୁ ଏଡ଼ାଇ ହେବ ନାହିଁ। ଏହାକୁ ଦୃଷ୍ଟିରେ ରଖିଲେ ମୁଦ୍ରାସ୍ଫୀତି ବଢ଼ିବାର ସମ୍ଭାବନାକୁ ଟାଳି ହେବନି ବୋଲି ଉର୍ଜିତ କହିଛନ୍ତି। ଅନ୍ୟପକ୍ଷରେ ଆସନ୍ତା ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ମୁଦ୍ରାସ୍ଫୀତି ୩.୮ରୁ ୪.୨% ରହିବ ବୋଲି ଅନୁମାନ କରାଯାଇଛି।

### ଡିଜିଟାଲ ଟ୍ରାଞ୍ଜାକ୍ସନ ଲାଗି ଅମ୍ବୁଡ୍‌ସମ୍ୟାନ

ଦେଶରେ ଡିଜିଟାଲ କାରବାର ବୃଦ୍ଧି ପାଉଥିବାରୁ ଏହା ଉପରେ ନଜର ରଖିବା ଲାଗି ଏକ ଆଇନଗତ ସଂସ୍ଥା ଗଠନ କରିବାକୁ କମିଟି ନିଷ୍ପତ୍ତି ନେଇଛନ୍ତି। ଡିଜିଟାଲ ଟ୍ରାଞ୍ଜାକ୍ସନ ଲାଗି ଜଣେ ଅମ୍ବୁଡ୍‌ସମ୍ୟାନ ନିଯୁକ୍ତ କରିବା ଲାଗି ଆସନ୍ତାବର୍ଷ ଜାନୁୟାରୀ ଶେଷରେ ଏକ ବିଜ୍ଞପ୍ତି ଜାରି କରାଯିବ।

### ପରବର୍ତ୍ତୀ ବୈଠକ ଫେବୃୟାରୀ ୫ରେ

ରିଜର୍ଭ ବ୍ୟାଙ୍କର ପରବର୍ତ୍ତୀ ଦ୍ୱିମାସିକ ମୁଦ୍ରା ନୀତି ବୈଠକ ଆସନ୍ତା ବର୍ଷ ଫେବୃୟାରୀ ୫ରୁ ବସିବ। ଏହା ୫ରୁ ୭ ତାରିଖ ଯାଏ ଚାଲିବ ବୋଲି ଗଭର୍ନର ପଟେଲ ପ୍ରକାଶ କରିଛନ୍ତି।

## ପ୍ରଶ୍ନ ଟାଳି ଗଲେ ଉର୍ଜିତ

### ସରକାରଙ୍କ ସହ ବିବାଦ



ଭାରତୀୟ ରିଜର୍ଭ ବ୍ୟାଙ୍କ ସହ କେନ୍ଦ୍ର ସରକାରଙ୍କ ଉପୁଜିଥିବା ବିବାଦକୁ ନେଇ ଗଭର୍ନର ଉର୍ଜିତ ପଟେଲ ଚୁପ୍ ରହିବାକୁ ଶ୍ରେୟସ୍କର ମଣିଛନ୍ତି। ପଞ୍ଚମ ଦ୍ୱିମାସିକ ମୁଦ୍ରା ନୀତି ସମୀକ୍ଷା ପରେ ନିଆଯାଇଥିବା ନିଷ୍ପତ୍ତି ନେଇ ମୁମ୍ବାଇରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ ସୂଚନା ଦେଇଛନ୍ତି। ତେବେ ବିବାଦକୁ ନେଇ ଆଗତ ସମସ୍ତ ପ୍ରଶ୍ନର କୌଣସି ଉତ୍ତର ଦେଇନାହାନ୍ତି। ମୁଦ୍ରା ନୀତି ସମ୍ପର୍କରେ ଏଠାରେ ଘୋଷଣା କରିବାକୁ ଆସିଥିବାରୁ ଏଭଳି ବିବାଦୀୟ ପ୍ରଶ୍ନର ଉତ୍ତର ସେ ଦେବାକୁ ଚାହାନ୍ତି ନାହିଁ। ଡେପୁଟି ଗଭର୍ନର ବିରଲ ଆଚାର୍ଯ୍ୟଙ୍କ ପକ୍ଷରୁ ସ୍ୱାୟତ୍ତତା ନେଇ ଦିଆଯାଇଥିବା ମନ୍ତବ୍ୟ ଉପରେ ମଧ୍ୟ ସେ କିଛି କହି ନ ଥିଲେ।

## ଏନ୍‌ବିଏଫ୍‌ସିଙ୍କ ଲାଗି ଆଉ ପଦକ୍ଷେପ ନେବାର ଆବଶ୍ୟକତା ନାହିଁ



ଗତ ଦୁଇ ମାସ ହେଲା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଏନ୍‌ବିଏଫ୍‌ସିଙ୍କ ଲାଗି କେତେଗୁଡ଼ିଏ ପଦକ୍ଷେପ ନିଆଯାଇଛି। ସଙ୍କଟରେ ଥିବା ଏହି ସେକ୍ଟର ପାଇଁ ଏବେ ଆଉ କୌଣସି ପଦକ୍ଷେପ ନେବାର ଆବଶ୍ୟକତା ନାହିଁ ବୋଲି ଡେପୁଟି ଗଭର୍ନର ବିରଲ ଆଚାର୍ଯ୍ୟ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ, ସଙ୍କଟ ଦୂର କରିବାର ଶେଷ ସୀମା ଭାବେ ଆର୍‌ବିଆଇ ରହିଛି। ସେ କହିଛନ୍ତି ଯେ, ବ୍ୟବସ୍ଥାଗତ ଭାବେ ନଗଦ ଆବଶ୍ୟକତା ଉପରେ ନଜର ଦେବା କେନ୍ଦ୍ରୀୟ ବ୍ୟାଙ୍କର ନୀତି ରହିଛି। ଏ ସମ୍ପର୍କରେ ଆର୍‌ବିଆଇ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ। ମୁଦ୍ରାନୀତି ଘୋଷଣା ଅବସରରେ ଗଭର୍ନର ଉର୍ଜିତ ପଟେଲଙ୍କ ସହ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିବା ଆଚାର୍ଯ୍ୟ କହିଛନ୍ତି ଯେ, ଋଣ ପ୍ରଦାନକାରୀ ଭାବେ ଆର୍‌ବିଆଇ ଶେଷ ଆଶା ହେବା ଉଚିତ୍। ତେବେ ସଙ୍କଟ ଅତ୍ୟନ୍ତ ଗୁରୁତର ହୋଇଥିଲେ ସେ କ୍ଷେତ୍ରରେ ଆର୍‌ବିଆଇ ପଦକ୍ଷେପ ନେବ। ଆର୍‌ବିଆଇ ହିସାବରେ ଏବେ ଏନ୍‌ବିଏଫ୍‌ସି କ୍ଷେତ୍ରରେ ସେଭଳି ସଙ୍କଟ ଉପୁନ୍ନ ହୋଇନି। ଦେଶର ଅର୍ଥନୀତି ଭଲ ରହିଥିବାରୁ ଜିଡିପି ହିସାବରେ ଋଣ ଅଭିବୃଦ୍ଧି ସନ୍ତୋଷଜନକ ବୋଲି ସେ କହିଛନ୍ତି।

## ଟିଭିଏସ୍‌ର ଏକ୍ସଏଲ୍ ୧୦୦ ହେଭି ଡ୍ୟୁଟି ଆଇ-ଟଚ୍ ଷ୍ଟାର୍ଟ

**ଭୁବନେଶ୍ୱର,୫-୧୨**




ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ଟିଭିଏସ୍ ଏକ୍ସଏଲ୍ ୧୦୦ ହେଭି ଡ୍ୟୁଟି 'ଆଇଟଚ୍ ଷ୍ଟାର୍ଟ 'ଓଡ଼ିଶା ବଜାରରେ ପ୍ରବେଶ କରିଛି। କମ୍ପାନୀର ପୂର୍ବାଞ୍ଚଳ ଜାତୀୟ ମାର୍କେଟିଂ ପ୍ରବନ୍ଧକ ଅରବିନ୍ଦ କୁମାର ଗୁପ୍ତା, ମାର୍କେଟିଂ ଏଜିଏମ୍ ଏନ୍.ଆର୍ ବିଗ୍ନେଷ ଏହାକୁ ବଜାରରେ ପ୍ରବେଶ କରାଇଥିଲେ। ଏହା ଇଲେକଟ୍ରିକ ଷ୍ଟାର୍ଟ ପ୍ରଯୁକ୍ତି ଆଇ ଟଚ୍ ଷ୍ଟାର୍ଟ ସହ ଆସିଛି। ପ୍ରଥମଥର ଷ୍ଟାର୍ଟର ଜେନେରେଟର ସହ ଏହାକୁ ସମନ୍ୱିତ କରାଯାଇଛି। ଗ୍ରାହକମାନେ ଏଥିରେ ହାଇ ସ୍ପାର୍କ ଇଞ୍ଜିନ, ଉନ୍ନତ ପିକ୍ ଅପ୍, ସୁଦୃଢ ପ୍ରଦର୍ଶନ ଲାଭ କରିବେ। ସେହିଭଳି ବିଏସ୍ ୪ କ୍ଷମତାର ୯୯.୭ ସିସି ଫୋର ଷ୍ଟ୍ରୋକ ଇଞ୍ଜିନ, ୬ ହଜାର ଆରପିଏମ୍, ୩.୨୦ କେଡବ୍ଲ୍ୟୁ ପାୱାର, ୬.୫ ଏନ୍ ଏମ୍ ଟର୍କ ସୃଷ୍ଟି କରୁଛି। ସେହିଭଳି ଏଥିରେ ୟୁଏସ୍‌ବି ମୋବାଇଲ ଚାର୍ଜ ସୁବିଧା, ହେଭି ଡ୍ୟୁଟି ଡ୍ୟୁରୋ ଗ୍ରିପ ଟାୟାର ରହିଛି। ଏହା ସବୁଜ, ଲାଲ, ଟି ଗ୍ରେ, ନୀଳ, କପର ସାଇନରେ ବର୍ତ୍ତମାନ ଉପଲବ୍ଧ ହେଉଥିବା ବେଳେ ମିନେରାଲ ପର୍ପଲ ରଙ୍ଗକୁ ନୂଆ କରି ସଂଯୋଗ କରାଯାଇଛି। ଏହାର ବଜାର ଦର ୩୬,୯୧୩ ଟଙ୍କା ରହିଛି। ଗ୍ରାହକଙ୍କ ବିବିଧ କାର୍ଯ୍ୟ, ଦୀର୍ଘ ସ୍ଥାୟିତ୍ୱ ଏବଂ ଆରାମଦାୟକ ଅନୁଭୂତି ପ୍ରଦାନ ଦିଗରେ କାର୍ଯ୍ୟ କରୁଥିବା କମ୍ପାନୀର ୟୁଟିଲିଟି ଉତ୍ପାଦ ଉପସଭାପତିଏସ୍. ବୈଦ୍ୟନାଥନ କହିଛନ୍ତି।

## ଯାନ ଦର ବଢ଼ାଇବ ମାରୁତି ସୁଜୁକି

**ନୂଆଦିଲ୍ଲୀ,୫-୧୨**




ମାରୁତି ସୁଜୁକି ଇଣ୍ଡିଆ ଆସନ୍ତା ମାସଠାରୁ ଏହାର ବିଭିନ୍ନ ମଡେଲ ଯାନଗୁଡିକ ଉପରେ ମୂଲ୍ୟ ବଢ଼ାଇବ। ବିଦେଶୀ ବିନିମୟ ହାରରେ ଏବଂ ସାମଗ୍ରୀ ମୂଲ୍ୟ ବୃଦ୍ଧି ଯୋଗୁ କମ୍ପାନୀ ଏଭଳି ନିଷ୍ପତ୍ତି ନେଇଛି। କେଉଁ ମଡେଲ ଉପରେ କେତେ ଟଙ୍କା ମୂଲ୍ୟ ବଢ଼ିବ, ସେ ନେଇ କମ୍ପାନୀ ପକ୍ଷରୁ ସ୍ପଷ୍ଟ ସୂଚନା ମିଳି ନାହିଁ। ଏହା ଉପରେ କମ୍ପାନୀ ଆଗାମୀ ଦିନରେ ନିଷ୍ପତ୍ତି ନେବ ବୋଲି ବୁଧବାର ରେଗୁଲେଟୋରୀ ଫାଇଲିଂରେ ସୂଚନା ଦେଇଛି। ମାରୁତି ସୁଜୁକି ଅଲ୍‌ଟୋ ୮୦୦ ମଡେଲଠାରୁ ଆରମ୍ଭ କରି ପ୍ରିମିୟମ ଏସ୍ କ୍ରସ ବଜାରରେ ଉପଲବ୍ଧ କରାଉଛି। କମ୍ପାନୀର କାର୍ ମୂଲ୍ୟ ୨.୫୩ ଲକ୍ଷ ଟଙ୍କାରୁ ୧୧.୪୫ ଲକ୍ଷ ଟଙ୍କା ରହିଛି। ମଙ୍ଗଳବାର ଇସୁଜୁ ମୋଟର ଇଣ୍ଡିଆ ମଧ୍ୟ ଏହାର ଯାନ ଉପରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟ ବୃଦ୍ଧି ନେଇ ଘୋଷଣା କରିଛି। ଇନପୁଟ ଖର୍ଚ୍ଚ ବୃଦ୍ଧି ଯୋଗୁ କମ୍ପାନୀ ଏଭଳି ପଦକ୍ଷେପ ନେଇଛି। ଗତ ମାସରେ ଟୟୋଟା କିର୍ଲୋସ୍କାର ମୋଟର ଯାନ ବୃଦ୍ଧି ନେଇ ଘୋଷଣା କରିଥିଲା। କମ୍ପାନୀ ଜାନୁୟାରୀରୁ ଏହାର ବିଭିନ୍ନ ମଡେଲଗୁଡ଼ିକ ୪% ପର୍ଯ୍ୟନ୍ତ ମୂଲ୍ୟ ବଢାଇବ। ମାନୁଫାକଚରିଂ ଖର୍ଚ୍ଚ ବୃଦ୍ଧି, ଟଙ୍କା ମୂଲ୍ୟ ହ୍ରାସ ହେବାକୁ କମ୍ପାନୀ ଏଭଳି ନିଷ୍ପତ୍ତି ନେଇଥିବା କହିଛି।

**SEALED TENDER NOTICE**

Sealed tender are invited in plain paper for sale of Govt. vehicle bearing No. OR-07-J-777 (Ambassodor) as per details given below to be received by Regd. Post in the Office of RDC(SD), Berhampur on or before 04.01.2019 at 3.30 P.M.
The same will be opened in the presence of tenderers or their authorised representatives at 4.00 P.M. on 04.01.2019. The intending tenderers shall have to deposit earnest money of Rs.1000/- (Rupees one thousand) only in the Office of RDC, SD, Berhampur and the original money receipt acknowledging the deposit should be attached to each tender paper. The tenderer shall write in red ink on the top of the envelope, "Tender paper for Govt. Vehicle No. OR-07-J-7777" (Ambassodor). The RDC, SD, Odisha, Berhampur reserves the right to reject all or any tender without assigning any reason thereof and his decision shall be final. Other terms & conditions are available in the Office of the undersigned and can be obtained from the Nazir, RDC Office. The intending tenderers or their authorised agents may inspect the vehicle on any working day prior to date of tender in the garage of Office of the RDC, SD, Berhampur during office hours.

**Details of Vehicles**
1. Regiatration No.: OR-07-J-7777
2. Type of Vehicle - Ambassodor
3. Date of Purchase - 22.01.2003
4. Cost Price - Rs.3,80,000.00
5. Total KMs Covered - 175314
6. Upset price fixed - Rs.10,000.00 (Rupees ten thousand only)

**By order of RDC, SD**
**Sd./- Additional Secretary**

**DISTRICT SUPPLY & MARKETING SOCIETY, KENDRAPARA**

**Notice No.: 304** **Date: 04.12.18**

**TENDER CALL NOTICE**

Sealed tenders are invited from the experienced Firm/Agencies/ Event Management Firms having successful track record on Tentage & Allied Works and Event Management Services for organization of the **State Level Pallishree Mela - 2018** from **20th - 26th December' 2018** at Kendrapara Autonomous College Ground, Kendrapara. The request for Proposal (RFP) along with the details specifications and Eligibility Criteria of the said event can be downloaded from the website: **www.kendrapara.nic.in** and **www.ormas.org** from **06th December'2018 to 12th December' 2018**.

**Sd./- Project Director, DRDA-cum-**
**Vice Chairman, DSMS, Kendrapara**

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧, ଫୋନ୍ – (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫ୍ୟାକ୍ସ: (୦୬୭୪)୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ବିଜ୍ଞାପନ ସଂଖ୍ୟା: 13342 ତାରିଖ: 24 Nov. 2018

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ (ପନ୍ଦର) ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣ ଯୋଗ୍ୟ ନୁହେଁ।

| କ୍ର.ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ୰ ଅଦ୍ୱୈତ ଚନ୍ଦ୍ର ପଣ୍ଡା<br>୰ ଗତିକୃଷ୍ଣ ପଣ୍ଡା<br>ଗ୍ରାମ/ପୋ: ଭାପୁର,<br>ଥାନା: ଢେଙ୍କାନାଳ, ଜିଲ୍ଲା: ଢେଙ୍କାନାଳ | ଏଲ୍.ଡ଼ି.ଏଲ୍ – ୧୪୧<br>ସାନଶାତ ବାଟିଆ<br>ଢେଙ୍କାନାଳ | ୧. ଜଗତକୃଷ୍ଣ ପ୍ରହରାଜ (ପୁଅ)<br>୨. ଦେବକୃଷ୍ଣ ପ୍ରହରାଜ (ପୁଅ)<br>୩. ରାଧାରାଣୀ ଦେବୀ (ଝିଅ)<br>୪. ରମାରାଣୀ ଦେବୀ (ଝିଅ) |
| ୨. | ୰ ବାବାଜୀ ପ୍ରସାଦ ନାୟକ<br>ପିତା: ୰ ନବଘନ ନାୟକ<br>ଗ୍ରାମ/ପୋ: କାଳିଓ, ଥାନା: ବାଲିକୁଦା<br>ଜିଲ୍ଲା: ଜଗତସିଂହପୁର | ଘର ନଂ.– FL - ୨୦୯<br>ବାସନ୍ତୀ କଲୋନୀ,<br>ପର୍ଯ୍ୟାୟ–୪, ରାଉରକେଲା | ୧. ରୀତାଞ୍ଜଳି ନାୟକ (ସ୍ତ୍ରୀ)<br>୨. ଅନୁରାଧା ନାୟକ (ବିବାହିତା କନ୍ୟା)<br>୩. ଅମ୍ରିତା ନାୟକ (ବିବାହିତା କନ୍ୟା)<br>୪. କୁନ୍‌ମୁନ୍ ନାୟକ (ଅବିବାହିତା କନ୍ୟା)<br>୫. ଦେବୀପ୍ରସାଦ ନାୟକ (ପୁତ୍ର) |
| ୩. | ୰ ସୁରେଶ ଚନ୍ଦ୍ର ଦୋରା<br>ପିତା: ୰ ବସନ୍ତ ବିହାରୀ ଦୋରା<br>ଗ୍ରାମ: ଚେରୁଆପଡ଼ା<br>ଥାନା: ଟାଉନ, ଜିଲ୍ଲା: ସମ୍ବଲପୁର–୨ | ଘର ନଂ.– ଏମ୍‌ଆଇଜି–୧–୧୯/୩, ମୋଦିପଡ଼ା,<br>ପର୍ଯ୍ୟାୟ–୧, ସମ୍ବଲପୁର | ୧. ୰ ଉଷାରାଣୀ ଦୋରା (ସ୍ତ୍ରୀ)<br>୨. କେ. ସଂଘମିତ୍ରା ଦୋରା (ବିବାହିତା କନ୍ୟା)<br>୩. ରଚୟିତା ଦୋରା (ବିବାହିତା କନ୍ୟା)<br>୪. ନିବେଦିତା ଦୋରା (ଅବିବାହିତା କନ୍ୟା)<br>୫. ସୁଚରିତା (ଅବିବାହିତା କନ୍ୟା)<br>୬. ଜିତେଶ ଚନ୍ଦ୍ର ଦୋରା (ଅବିବାହିତା ପୁତ୍ର) |
| ୪. | ୰ ପ୍ରମୋଦ କୁମାର ନାଥ<br>ପିତା: ୰ ନରେଶ ଚନ୍ଦ୍ର ନାଥ<br>ଗ୍ରା/ପୋ.: ଗୌଡ଼ପଲ୍ଲୀ<br>ଥାନା: ଜମନକିରା, ଜିଲ୍ଲା: ସମ୍ବଲପୁର | ଘର ନଂ.– ଏମ୍‌ଆଇଜି–୨–୧/୧, ମୋଦିପଡ଼ା,<br>ପର୍ଯ୍ୟାୟ–୨, ସମ୍ବଲପୁର | ୧. ଅନିତା ମାଝୀ (ସ୍ତ୍ରୀ)<br>୨. ଅମିତ୍ ନାଥ (ପୁଅ)<br>୩. ପ୍ରିୟଙ୍କା ନାଥ (ଝିଅ) |
| ୫. | ୰ ସତ୍ୟନାରାୟଣ ପାତ୍ର<br>ପିତା: ୰ ଦାମୋଦର ପାତ୍ର<br>ଗ୍ରାମ: ମାର୍କଣ୍ଡେଶ୍ୱର ସାହି, ପୁରୀ<br>ପୋ./ଥାନା/ଜିଲ୍ଲା: ପୁରୀ | ଏଲ୍‌ଆର୍–୫୨<br>ରାୟଗଡ଼ ଫେଜ୍ – ୧<br>ରାୟଗଡ଼ା | ୧. ସବିତା ପାତ୍ର (୪୬) ସ୍ତ୍ରୀ<br>୨. ସୋନାଲି ପାତ୍ର (୨୪) ବିବାହିତା ଝିଅ<br>୩. ଶୁଭାଙ୍ଗି ପ୍ରିୟଦର୍ଶିନୀ (୧୯) ଅବିବାହିତା ଝିଅ |
| ୬. | ୰ ଶ୍ରୀ ସୁନୀଲ୍ କୁମାର ଗଡ଼ନାୟକ<br>ପିତା: ୰ ରାମଚନ୍ଦ୍ର ଗଡ଼ନାୟକ | ଏମ୍–୨, ସି.ଆର୍.–୨୩,<br>ପ୍ରଥମ ପର୍ଯ୍ୟାୟ, ଛେଣ୍ଡ,<br>ରାଉରକେଲା | ୧. ଶ୍ରୀମତୀ ସୁଦେଷ୍ଣା ଗଡ଼ନାୟକ (ସ୍ତ୍ରୀ)<br>୨. ଶ୍ରୀମତୀ ଅନିତା ଗଡ଼ନାୟକ (ବିବାହିତା ଝିଅ)<br>୩. ଅନିଲ୍ କୁମାର ଗଡ଼ନାୟକ (ପୁଅ)<br>୪. ଅମିତା ଗଡ଼ନାୟକ (ବିବାହିତା ଝିଅ)<br>୫. ଅସିତ୍ କୁମାର ଗଡ଼ନାୟକ (ପୁଅ) |

ସ୍ୱା./– ସହ ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**OFFICE OF THE ASKA COOP. SUGAR INDUSTRIES LTD, NUAGAM (ASKA)**
**PO: NUAGAM (ASKA)- 761111, GANJAM DISTRICT, ODISHA**
**Phones: 06822-273464, email.askasugar@yahoo.co.in, website: www.askasugar.com**
**Tender No: 1929** **Date: 04.12.2018**

**Revised Sealed Tender Call Notice**

The Aska Cooperative Sugar Industries Ltd., Aska invites sealed tenders from the interested Associations of Truck Owners (having their valid registration number)/ Truck Owners for engagement of 60 (Sixty) number of trucks of 10 MT capacity for transportation of sugarcane from cane field of growers to Aska Cooperative Sugar Industries Ltd premises within a radious of 70 KM for the Crushing Season 2018-19. The cane transportation will commence tentatively from 2nd Fortnight of December 2018 till end of the curshing operation of the Industry. The last date of filling of tender is 5.00 PM of 08.12.2018 and tender will be opened on date 10.12.2018 at 11.30 AM. Interested Associations/ Truck owners can visit to our website www.askasugar.com for detail of the tender call notice and terms & condition of engagement of trucks.

**Sd./- Managing Director**

ODISHA STATE HOUSING BOARD
**SACHIVALAYA MARG, BHUBANESWAR-751001**
**Phones EPABX: (0674)_ 2393524, 2390141, 2391542, FAX: (0674) 2393952**
**Visit us at: http://www.oshb.org**

**'ଅନୁଗୁଳ ଏନ୍‌କ୍ଲେଭ' ନିମନ୍ତେ ପରିବେଶ ମଞ୍ଜୁରୀ**

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଦ୍ୱାରା ଅନୁଗୁଳଠାରେ ପ୍ରସ୍ତାବିତ ଗୃହ ନିର୍ମାଣ ପ୍ରକଳ୍ପ 'ଅନୁଗୁଳ ଏନକ୍ଲେଭ୍' ନିମନ୍ତେ State Environment Impact Assessment Authority (SEIAA) ଙ୍କ ଦ୍ୱାରା ପରିବେଶ ମଞ୍ଜୁରୀ ଦିଆଯାଇଛି। ଏହି ଚିଠି 6210/SEIAA/ dt. 09.11.2018 ର ନକଲ SEIAA, Odisha ଏବଂ Odisha State Pollution Control Board ର Website ରେ ଉପଲବ୍ଧ।

**Sd./- Executive Engineer**
**P.H. Division**
**OSHB, Bhubaneswar**




ଜର୍ମାନୀ ଓ ନେଦରଲାଣ୍ଡ ମଧ୍ୟରେ ବୁଧବାର ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ନେଦରଲାଣ୍ଡସ୍କୁ ହରାଇଲା ଜର୍ମାନୀ

ଭୁବନେଶ୍ୱର, ୫।୧୨ (କ୍ରୀଡ଼ା ପ୍ରତିନିଧି)

ଶେଷ କ୍ୱାର୍ଟରରେ ୩ଟି ଗୋଲ ଦେଇ ଜର୍ମାନୀ ଉଚ୍ଚ ର୍ୟାଙ୍କିଙ୍ଗପ୍ରାପ୍ତ ନେଦରଲାଣ୍ଡସ୍କୁ ହରାଇବା ସହ ହକି ବିଶ୍ୱକପ୍ କ୍ୱାର୍ଟର ଫାଇନାଲର ନିକଟତର ହୋଇଛି। ୭ ମିନିଟ ମଧ୍ୟରେ ଏହି ୩ ଗୋଲ ସ୍କୋର କରିଥିଲା ଜର୍ମାନୀ। ଫଳରେ କଳିଙ୍ଗ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ପୁଲ୍ 'ଡି' ମ୍ୟାଚରେ ଜର୍ମାନୀ ୪-୧ ଗୋଲରେ ନେଦରଲାଣ୍ଡସ୍କୁ ପରାସ୍ତ କରିଛି। ଜର୍ମାନୀ କ୍ରମାଗତ ଦ୍ୱିତୀୟ ବିଜୟ ସହ ୬ ପଏଣ୍ଟ ପାଇଥିବାବେଳେ ନେଦରଲାଣ୍ଡସ୍ ୨ ମ୍ୟାଚ ଖେଳି ୩ ପଏଣ୍ଟରେ ସ୍ଥିର ରହିଛି। ପ୍ରଥମ ମ୍ୟାଚରେ ନେଦରଲାଣ୍ଡସ୍ ୭-୦ ଗୋଲରେ ମାଲେସିଆକୁ ଏବଂ ଜର୍ମାନୀ ୧-୦ ଗୋଲରେ ପାକିସ୍ତାନକୁ ପରାସ୍ତ କରିଥିଲା। ୯ ତାରିଖରେ ଜର୍ମାନୀ-ମାଲେସିଆ ଓ ନେଦରଲାଣ୍ଡସ୍-ପାକିସ୍ତାନ ମ୍ୟାଚ ପରେ କେଉଁ ଦଳ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବ ଏବଂ କେଉଁ ୨ ଦଳ କ୍ରସ୍ ଓଭର ମ୍ୟାଚ ଖେଳିବେ ତାହା ସ୍ଥିର ହେବ। ବୁଧବାର ଭାରତର କିମ୍ବଦନ୍ତୀ ଟେନିସ ଖେଳାଳି ଲିଆଣ୍ଡର ପେସ୍ ଖେଳାଳିଙ୍କ ସହ ପରିଚିତ ହୋଇ ମ୍ୟାଚର ଶୁଭାରମ୍ଭ କରିଥିଲେ। ଶେଷରେ ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ସମାହିତ ବଳ ଅତିଥିଭାବେ ଯୋଗଦେଇ ଜର୍ମାନୀର ଫ୍ଲୋରିଆନ ଫୁଚ୍ସଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ଆକାରରେ ଫୁଚ୍ସଙ୍କୁ ୫୦,୦୦୦ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା।

ବିଶ୍ୱର ୪(ନେଦରଲାଣ୍ଡସ୍) ଓ ୬ (ଜର୍ମାନୀ) ନମ୍ବର ଦଳ ମଧ୍ୟରେ ମୁକାବିଲା ସ୍ୱାଭାବିକ ଭାବେ ଆରମ୍ଭରୁ ସଂଘର୍ଷପୂର୍ଣ୍ଣ ହୋଇଥିଲା। ୮ମ ମିନିଟରେ ନେଦରଲାଣ୍ଡସ୍ ଅଧିନାୟକ ବିଲି ବାକର ଦଳ ପାଇଁ ପ୍ରଥମ ଗୋଲ ସୁଯୋଗ ସୃଷ୍ଟି କରିଥିଲେ। ମାତ୍ର ଜର୍ମାନୀ ଗୋଲକିପର ୱାଲ୍ଟର ଟୋବିଆସଙ୍କ ଚମତ୍କାର ସେଭ୍ ଯୋଗୁ ତାହା ସମ୍ଭବ ହୋଇ ନ ଥିଲା। ୧୩ତମ ମିନିଟରେ ରବର୍ଟ କେମ୍ପରମ୍ୟାନ ଗୋଲ ଦେବାରୁ ବଞ୍ଚିତ ହୋଇଥିଲେ ହେଁ ଫେରିଆସୁଥିବା ବଲ୍କୁ ଗୋଲପୋଷ୍ଟକୁ ପଠାଇ ୧୦ ନମ୍ବର ଖେଳାଳି ଭାଲେଣ୍ଟିନ ଭର୍ଗା ନେଦରଲାଣ୍ଡସ୍କୁ ଅଗ୍ରଣୀ କରାଇଥିଲେ। ୧୫ତମ ମିନିଟରେ ଜର୍ମାନୀ ଏକ ପେନାଲ୍ଟି କର୍ନର ପାଇଥିଲେ ହେଁ ୩ ଖେଳାଳିଙ୍କ ପାସ୍ ରଣନୀତି ଫେଲ୍ ମାରିଥିଲା। ପ୍ରଥମ କ୍ୱାର୍ଟରରେ ନେଦରଲାଣ୍ଡସ୍ ୧-୦ ଗୋଲରେ ଅଗ୍ରଣୀ ରହିଥିଲା। ଜର୍ମାନୀର ମିଡ୍ଫିଲ୍ଡରେ ତ୍ରୁଟି ଯୋଗୁ ନେଦରଲାଣ୍ଡସ୍ ୮ ଥର ଏହାର ସର୍କଲରେ ପ୍ରବେଶ କରିବା ସୁଯୋଗ ପାଇଥିଲା। ମାତ୍ର ଜର୍ମାନୀ ଡିଫେଣ୍ଡରମାନେ ଦକ୍ଷତାର ଏହାକୁ ପ୍ରତିହତ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଜର୍ମାନୀ ଗୋଲ ପରିଶୋଧ ପାଇଁ ଉଦ୍ୟମକୁ ଜୋରଦାର କରିଥିବାବେଳେ ନେଦରଲାଣ୍ଡସ୍ ଆକ୍ରମଣ ରଣନୀତି ବଳବତ୍ତର ରଖିଥିଲା। ୨୧ ତମ ମିନିଟରେ ଜର୍ମାନୀ ଗୋଲ ପୋଷ୍ଟ ନିକଟରେ ଗ୍ୟାପ୍‌ର ସୁଯୋଗ ନେଇ ବିଲି ବାକର ଏକ ଚମତ୍କାର ପାସ ଦେଇଥିଲେ ହେଁ କୌଣସି ନେଦରଲାଣ୍ଡସ୍ ଖେଳାଳି ପ୍ରତିପକ୍ଷ ଗୋଲପୋଷ୍ଟ ନିକଟରେ ଉପସ୍ଥିତ ନ ଥିଲେ। ୨୯ତମ ମିନିଟରେ ଜର୍ମାନୀକୁ ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ଅଧିନାୟକ ମାର୍ଟିନ ହାନେରଙ୍କ ଫ୍ଲିକ୍ ସେଭ୍ ହୋଇ ଯାଇଥିଲା। ତେବେ ଜର୍ମାନୀକୁ ଆଉ ଏକ ପେନାଲ୍ଟି କର୍ନର ମିଳିଥିଲା। ଏଥର ପରିବର୍ତ୍ତିତ ରଣନୀତିରେ ବଲ୍ ଷ୍ଟପ୍ ପରେ ରୁହର ଖ୍ରିଷ୍ଟୋଫର ବଲ୍କୁ ସିଧା ନ ମାରି ମାଥିଆସ ମୁଲରଙ୍କ ନିକଟକୁ ବଢ଼ାଇ ଦେଇଥିଲେ। ୩୦ତମ ମିନିଟରେ ମୁଲର ଗୋଲ କରିବାରେ କୌଣସି ଭୁଲ କରି ନ ଥିଲେ। ଫଳରେ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ମ୍ୟାଚ ୧-୧ ସ୍ଥିତିକୁ ଚାଲି ଆସିଥିଲା।

ତୃତୀୟ କ୍ୱାର୍ଟରରେ ନେଦରଲାଣ୍ଡସ୍ ପୁଣି ଅଗ୍ରଣୀ ନେବା ପ୍ରୟାସରେ ରହିଥିଲା। ଦଳପାଇଁ ୪୧ତମ ମିନିଟରେ ସୁଯୋଗ ଆସିଥିଲା। ପେନାଲ୍ଟି କର୍ନର ସମୟରେ ଜର୍ମାନୀର ଟୋବିଆସ ହୁକ୍ ଆଗୁଆ ବାହାରି ଆସିଥିବାରୁ ରେଫରି କାର୍ଡ ଦେଖାଇ ପଡ଼ିଆରୁ ବାହାର କରି ଦେଇଥିଲେ। ନେଦରଲାଣ୍ଡସ୍ କ୍ରମାଗତ ୩ଟି ପେନାଲ୍ଟି କର୍ନର ପାଇଥିଲା। ଏହା ସତ୍ତ୍ୱେ ଜେରନ ହର୍ଜବର୍ଗର ଗୋଲ ସ୍କୋର କରିପାରି ନ ଥିଲେ। ଏହି କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ୪ର୍ଥ କ୍ୱାର୍ଟର ଜର୍ମାନୀ ପାଇଁ ସ୍ମରଣୀୟ ହୋଇ ଯାଇଥିଲା। ୫୧ତମ ମିନିଟରେ ଫ୍ଲୋରିଆନ ଫୁଚ୍ସ ଜର୍ମାନୀ ପାଇଁ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲେ। ୫୨ତମ ମିନିଟରେ ଲୁକାସ ୱିଣ୍ଡଫେଡର ଏହାକୁ ଗୋଲରେ ପରିଣତ କରି ଜର୍ମାନୀକୁ ଅଗ୍ରଣୀ କରାଇଥିଲେ। ଏହାର ୨ ମିନିଟ ପରେ ଜର୍ମାନୀର ମାର୍କୋ ମିଲ୍ଟକାଉ ଏକ ଫିଲ୍ଡ ଗୋଲ ଦେଇ ନେଦରଲାଣ୍ଡସ୍କୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ନେଦରଲାଣ୍ଡସ୍ ଚାପକୁ ଆସି ଯାଇଥିବା ସୁଯୋଗ ନେଇ ଜର୍ମାନୀ ଘନ ଘନ ଆକ୍ରମଣ କରିଥିଲା। ୫୮ତମ ମିନିଟରେ ଜର୍ମାନୀକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ଏହାକୁ ଚ୍ୟାଲେଞ୍ଜ କରି ଭିଡିଓ ରେଫରାଲ ମାଗିଥିଲା ନେଦରଲାଣ୍ଡସ୍। ଏହି ଦଳ ରେଫରାଲରେ ଭୁଲ ପ୍ରମାଣିତ ହେବାରୁ ଦଣ୍ଡ ସ୍ୱରୂପ ଜର୍ମାନୀକୁ ପେନାଲ୍ଟି ଷ୍ଟ୍ରୋକ୍ ଅଫର କରାଯାଇଥିଲା। ୧୭ ନମ୍ବର ଖେଳାଳି ଖ୍ରିଷ୍ଟୋଫର ରୁହର ନେଦରଲାଣ୍ଡସ୍ ଗୋଲକିପର ପିରମିନ୍ ବ୍ଲାକ୍‌ଙ୍କୁ ବିଟ୍ କରି ଗୋଲ ସ୍କୋର କରିଥିଲେ ଫଳରେ ଜର୍ମାନୀ ୪-୧ ଗୋଲରେ ବିଜୟୀ ହୋଇଥିଲା। ଚଳିତ ବିଶ୍ୱକପରେ ଏହା ତୃତୀୟ ପେନାଲ୍ଟି ଷ୍ଟ୍ରୋକ୍ ଥିଲା।

**ଗୋଲ ସ୍କୋରର**

**ଜର୍ମାନୀ-୪**
- ମାଥିଆସ ମୁଲର: ୩୦ତମ ମିନିଟ
- ଲୁକାସ ୱିଣ୍ଡଫେଡର: ୫୨ତମ ମିନିଟ
- ମାର୍କୋ ମିଲ୍ଟକାଉ: ୫୪ତମ ମିନିଟ
- ଖ୍ରିଷ୍ଟୋଫର ରୁହର: ୫୮ତମ ମିନିଟ୍

**ନେଦରଲାଣ୍ଡସ୍-୧**
- ଭାଲେଣ୍ଟିନ ଭର୍ଗା: ୧୩ ତମ ମିନିଟ

## ପଏଣ୍ଟ ଟେବୁଲ୍

| ଦେଶ | ଖେ | ଜି | ଡ୍ର | ହା | ଗୋ.ସ | ଗୋ.ବି | ଗୋ.ବ୍ୟ | ପ |
|---|---|---|---|---|---|---|---|---|
| **ପୁଲ୍-ଏ** | | | | | | | | |
| ଆର୍ଜେଣ୍ଟିନା | ୨ | ୨ | ୦ | ୦ | ୭ | ୩ | +୪ | ୬ |
| ନ୍ୟୁଜିଲାଣ୍ଡ | ୨ | ୧ | ୦ | ୧ | ୨ | ୪ | -୨ | ୩ |
| ସ୍ପେନ୍ | ୨ | ୦ | ୧ | ୧ | ୪ | ୫ | -୧ | ୧ |
| ଫ୍ରାନ୍ସ | ୨ | ୦ | ୧ | ୧ | ୨ | ୩ | -୧ | ୧ |
| **ପୁଲ୍-ବି** | | | | | | | | |
| ଅଷ୍ଟ୍ରେଲିଆ | ୨ | ୨ | ୦ | ୦ | ୫ | ୧ | +୪ | ୬ |
| ଚାଇନା | ୨ | ୦ | ୨ | ୦ | ୩ | ୩ | ୦ | ୨ |
| ଆୟର୍ଲାଣ୍ଡ | ୨ | ୦ | ୧ | ୧ | ୨ | ୩ | -୧ | ୧ |
| ଇଂଲଣ୍ଡ | ୨ | ୦ | ୧ | ୧ | ୨ | ୫ | -୩ | ୧ |
| **ପୁଲ୍-ସି** | | | | | | | | |
| **ଭାରତ** | **୨** | **୧** | **୧** | **୦** | **୭** | **୨** | **+୫** | **୪** |
| ବେଲଜିୟମ | ୨ | ୧ | ୧ | ୦ | ୪ | ୩ | +୧ | ୪ |
| କାନାଡା | ୨ | ୦ | ୧ | ୧ | ୨ | ୩ | -୧ | ୧ |
| ଦ.ଆଫ୍ରିକା | ୨ | ୦ | ୧ | ୧ | ୧ | ୬ | -୫ | ୧ |
| **ପୁଲ୍-ଡି** | | | | | | | | |
| ଜର୍ମାନୀ | ୨ | ୨ | ୦ | ୦ | ୫ | ୧ | +୪ | ୬ |
| ନେଦରଲାଣ୍ଡସ୍ | ୨ | ୧ | ୦ | ୧ | ୮ | ୪ | +୪ | ୩ |
| ପାକିସ୍ତାନ | ୨ | ୦ | ୧ | ୧ | ୧ | ୨ | -୧ | ୧ |
| ମାଲେସିଆ | ୨ | ୦ | ୧ | ୧ | ୧ | ୮ | -୭ | ୧ |

(**ବି.ଦ୍ର:** ଖେ-ଖେଳିଛି, ଜି- ଜିତିଛି, ହା-ହାରିଛି, ଗୋ.ସ-ଗୋଲ ସପକ୍ଷରେ, ଗୋ.ବି-ଗୋଲ୍ ବିପକ୍ଷରେ, ଗୋ.ବ୍ୟ-ଗୋଲ ବ୍ୟବଧାନ, ପ.-ପଏଣ୍ଟ ।)



ବୁଧବାର ଧଉଳି ଭ୍ରମଣରେ ଯାଇଥିବା ଆୟର୍ଲାଣ୍ଡ ହକି ଦଳର ଖେଳାଳିମାନେ।

## ବାପାଙ୍କୁ ଦେଖିବାକୁ ଘରକୁ ଗଲେ ଶ୍ରୀଜେସ

ଭୁବନେଶ୍ୱର, ୫।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ଭାରତୀୟ ଅଭିଜ୍ଞ ଗୋଲ କିପର ପି.ଆର. ଶ୍ରୀଜେସ୍ ହୃଦ୍‌ଘାତ୍‌ର ଶିକାର ହୋଇଥିବା ତାଙ୍କ ବାପା ପି.ଭି. ରବୀନ୍ଦ୍ରନ୍‌ଙ୍କୁ ଦେଖିବା ପାଇଁ ଘରକୁ ଫେରିଛନ୍ତି। ତେବେ ଶନିବାର ଖେଳାଯିବାକୁ ଥିବା ଭାରତ ଅନ୍ତିମ ପୁଲ୍ ସି' ମ୍ୟାଚ୍‌ବେଳକୁ ସେ ଦଳରେ ସାମିଲ ହେବେ ବୋଲି ଆଶା କରାଯାଉଛି। ୩୦ ବର୍ଷୀୟ ଗୋଲକିପର ଶ୍ରୀଜେସ ଭାରତୀୟ ଦଳର ଜଣେ ନିୟମିତ ସଦସ୍ୟ ରହିଆସିଛନ୍ତି। ଚଳିତ ବିଶ୍ୱକପ୍‌ରେ ଦଳ ପାଇଁ ତାଙ୍କର ଯଥେଷ୍ଟ ଭୂମିକା ରହିଛି। ଉଚ୍ଚକୋଟୀର ଗୋଲ କିପିଙ୍ଗ୍ କରିବା ସଙ୍ଗେ ସଙ୍ଗେ ଶ୍ରୀଜେସ ଗୋଲ ପୋଷ୍ଟ ନିକଟରୁ ସାଥୀ ଖେଳାଳିଙ୍କୁ ମ୍ୟାଚ୍ ଅବସରରେ ନିର୍ଦ୍ଦେଶ ଦେଉଥିବାର ଦେଖାଯାଇଥାଏ। କାନାଡ଼ା ବିପକ୍ଷ ମ୍ୟାଚ୍‌ରେ ଦଳରେ ଶ୍ରୀଜେସଙ୍କ ଉପସ୍ଥିତି ନିହାତି ଜରୁରୀ। ଏହି ମ୍ୟାଚ୍‌ର ଫଳାଫଳ ଉପରେ ପୁଲ୍ ସି'ରେ ଭାରତ ସ୍ଥାନ ନିର୍ଭର କରୁଛି। ଯଦି ଭାରତ ପୁଲ ସି'ରେ ଶୀର୍ଷସ୍ଥାନ ଅଧିକାର ନ କରୁଛି ତେବେ ଏହି ଆୟୋଜକ ଦଳକୁ କ୍ରସ୍ ଓଭର ମ୍ୟାଚ୍ ଖେଳିବାକୁ ହେବ। ଏହି କ୍ରସ୍ ଓଭର ମ୍ୟାଚ୍‌ରେ ଭାରତ ପୁଲ ଡି'ରେ ସାମିଲ ଥିବା ଜର୍ମାନୀ, ନେଦରଲାଣ୍ଡସ୍, ମାଲେସିଆ ଓ ପାକିସ୍ତାନ ମଧ୍ୟରୁ ଗୋଟିଏ ଦଳ ବିପକ୍ଷରେ ପଡିଆକୁ ଓହ୍ଲାଇବ। ଉଲ୍ଲେଖଥାଉ କି, ଭାରତ ଚଳିତ ବିଶ୍ୱକପ୍‌ରେ ତା'ର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ୫-୦ ଗୋଲରେ ପରାସ୍ତ କରିଥିଲା। ତେବେ ବେଲଜିୟମ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌କୁ ୨-୨ ଗୋଲରେ ଅମୀମାଂସିତ ରଖିଥିଲା। ଏବେ ପୁଲ୍ ଶୀର୍ଷରେ ରହିବା ପାଇଁ ଭାରତକୁ ବୃହତ୍ ବ୍ୟବଧାନରେ ହରାଇବା ଅପରିହାର୍ଯ୍ୟ ହୋଇ ପଡିଛି।

# ମାଲେସିଆ-ପାକିସ୍ତାନ ମ୍ୟାଚ ଡ୍ର

ଭୁବନେଶ୍ୱର, ୫।୧୨ (କ୍ରୀଡ଼ା ପ୍ରତିନିଧି)

ହକି ବିଶ୍ୱକପର କଳିଙ୍ଗ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ମାଲେସିଆ-ପାକିସ୍ତାନ ପୁଲ୍'ଡି' ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ଫଳରେ ଦୁଇ ଦଳ ପଏଣ୍ଟ ଭାଗ କରିଛନ୍ତି। ତେଣୁ ଏଥିରୁ ଗୋଟିଏ ଦଳ ପୁଲ୍ ପର୍ଯ୍ୟାୟରୁ ବିଦାୟ ନେବା ନିଶ୍ଚିତ ହୋଇଛି। ଅନ୍ୟପକ୍ଷରେ ଏହି ମ୍ୟାଚର ଫଳାଫଳ ନେଦରଲାଣ୍ଡସ୍କୁ ଫାଇଦାରେ ମଧ୍ୟ ରଖିଛି। କାରଣ ପୁଲ୍'ଡି'ରେ ଜର୍ମାନୀ ୨ ମ୍ୟାଚରୁ ୬ ପଏଣ୍ଟ ସହିତ ଟେବୁଲର ଶୀର୍ଷରେ ରହିଥିବାବେଳେ ନେଦରଲାଣ୍ଡସ୍ ସମାନ ମ୍ୟାଚରୁ ୩ ପଏଣ୍ଟ ପାଇଥିବାରୁ ସିଧାସଳଖ କ୍ୱାର୍ଟର ଫାଇନାଲ ପ୍ରବେଶ ସମ୍ଭାବନା ଉଜ୍ଜୀବିତ କରିଛି। ଅନ୍ୟପକ୍ଷରେ ପାକିସ୍ତାନ ଓ ମାଲେସିଆ ୧ ପଏଣ୍ଟ ଲେଖାଏ ପାଇଥିବାରୁସେମାନଙ୍କ ଭାଗ୍ୟ ଶେଷ ମ୍ୟାଚର ଫଳାଫଳ ଉପରେ ନିର୍ଭର କରିବ। ପୁଲ୍‌ର ଦ୍ୱିତୀୟ ଓ ତୃତୀୟ ସ୍ଥାନୀୟ ଦଳ କ୍ରସ୍ ଓଭର ଖେଳିବାକୁ ଯୋଗ୍ୟ ବିବେଚିତ ହେବେ। ୪ର୍ଥ ସ୍ଥାନୀୟ ଦଳ ପୁଲ୍ ପର୍ଯ୍ୟାୟରୁ ବିଦାୟ ନେବ। ତେଣୁ ନେଦରଲାଣ୍ଡସ୍ ୩ ପଏଣ୍ଟ ପାଇ ସାରିଥିବାରୁ ଅତିକମ୍‌ରେ ପୁଲ୍ ପର୍ଯ୍ୟାୟରୁ ବାଦ୍ ପଡ଼ିବା ସମ୍ଭାବନାକୁ ଏଡ଼ାଇ ଦେଇ ପାରିଛି। ମାଲେସିଆ ଏହାର ପ୍ରଥମ ମ୍ୟାଚରେ ନେଦରଲାଣ୍ଡସ୍‌ଠାରୁ ୦-୭ ଗୋଲରେ ହାରିଥିଲା। ସେହିପରି ପାକିସ୍ତାନ ୦-୧ ଗୋଲରେ ଜର୍ମାନୀଠାରୁ ପରାଜିତ ହୋଇଥିଲା। ପାକିସ୍ତାନ ଏହାର ଶେଷ ପୁଲ୍ ମ୍ୟାଚରେ ୯ ତାରିଖରେ ନେଦରଲାଣ୍ଡସ୍କୁ ଭେଟିବ। ସେହିଦିନ ମାଲେସିଆ ଓ ଜର୍ମାନୀ ମଧ୍ୟରେ ମୁକାବିଲା ହେବ।

ବିଶ୍ୱ ର୍ୟାଙ୍କିଙ୍ଗର ୧୨ ନମ୍ବର ମାଲେସିଆ ଓ ୧୩ ନମ୍ବର ର୍ୟାଙ୍କ୍‌ପ୍ରାପ୍ତ ପାକିସ୍ତାନ ସମକକ୍ଷ ଦଳ ହୋଇଥିବାରୁ ଆରମ୍ଭରୁ ପରସ୍ପର ଉପରେ ଚାପ ପକାଇବାକୁ ଚେଷ୍ଟା କରିଥିଲେ। ୪ର୍ଥ ମିନିଟରେ ଅଗ୍ରଣୀ ନେବାପାଇଁ ମାଲେସିଆ ନିକଟରେ ସୁଯୋଗ ଆସିଥିଲା ମାତ୍ର ଦଳ ପେନାଲ୍ଟି କର୍ନରର ସଦୁପଯୋଗ କରିପାରି ନ ଥିଲା। ଏହାର କିଛି କ୍ଷଣ ପରେ ଅର୍ଥାତ୍ ସେହି ୪ର୍ଥ ମିନିଟରେ ପାକିସ୍ତାନକୁ ଲଗାତର ୨ଟି ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ଏହା ମଧ୍ୟ ବେକାର ଯାଇଥିଲା। କଡ଼ା ସଂଘର୍ଷସତ୍ତ୍ୱେ ପ୍ରଥମ ତିନି କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ତେଣୁ ଅନ୍ତିମ କ୍ୱାର୍ଟରରେ ଗୋଲ ସ୍କୋରିଂ ଉପରେ ଉଭୟ ଦଳ ଗୁରୁତ୍ୱ ଦେଇଥିଲେ। ୫୧ତମ ମିନିଟରେ ଆତିକ୍ ମହମ୍ମଦ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚରେ ଉଷ୍ମତା ଭରିଥିଲେ। ମାତ୍ର ଏହାର ୪ ମିନିଟ ପରେ ଅର୍ଥାତ୍ ୫୫ତମ ମିନିଟରେ ମାଲେସିଆକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ସାରି ଫୈଜଲ ମ୍ୟାଚକୁ ୧-୧ ସ୍ଥିତିକୁ ନେଇ ଆସିଥିଲେ। ଶେଷରେ ଫୈଜଲ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ମଧ୍ୟ ବିବେଚିତ ହୋଇଥିଲେ। ଖେଳ ଶେଷ ହେବାର ଶେଷ ମୁହୂର୍ତ୍ତରେ ପାକିସ୍ତାନ ପେନାଲ୍ଟି କର୍ନର ପାଇଁ ଏକ ରେଫରାଲ ମାଗିଥିଲା। ମାତ୍ର ତାହା ନାକଚ ହୋଇ ଯାଇଥିଲା। ପାକିସ୍ତାନର ମହମ୍ମଦ ଅନ୍‌ସାରି ୩୯ ଓ ମାଲେସିଆର ସୁମନ୍ତ୍ରୀ ନୁର୍‌ସ୍ୟାଫିକ୍ ୪୮ତମ ମିନିଟରେ ଗ୍ରୀନ୍ କାର୍ଡ ପାଇଥିଲେ। ମ୍ୟାଚରେ ମାଲେସିଆ ୫୪.୫୦ ଓ ପାକିସ୍ତାନ ୪୫.୫୦ ଭାଗ ବଲ୍‌କୁ ନିଜ ନିୟନ୍ତ୍ରଣରେ ରଖିବାରେ ସକ୍ଷମ ହୋଇଥିଲେ। ମାଲେସିଆ ୧୮ ଥର ପାକିସ୍ତାନ ସର୍କଲରେ ପଶିଥିବାବେଳେ ପାକିସ୍ତାନ ୧୩ଥର ମାଲେସିଆ ରକ୍ଷଣଭାଗ ଭେଦ କରିବାରେ ସକ୍ଷମ ହୋଇଥିଲା। ମାଲେସିଆ ୭ଟି ଓ ପାକିସ୍ତାନ ୪ଟି ପେନାଲ୍ଟି କର୍ନର ପାଇଥିଲା। ସେଥିରୁ ମାଲେସିଆ କେବଳ ଗୋଟିଏକୁ ଗୋଲରେ ପରିଣତ କରି ପାରିଥିଲା। ଏହାକୁ ମିଶାଇ ମାଲେସିଆ-ପାକିସ୍ତାନ ମ୍ୟାଚ ବିଶ୍ୱକପରେ ୩ୟ ଥରପାଇଁ ଡ୍ର ରହିଛି। ୧୫ ମୁକାବିଲାରୁ ମାଲେସିଆ ୪ ଓ ପାକିସ୍ତାନ ୮ ମ୍ୟାଚରେ ବିଜୟୀ ହୋଇଛି।




ମାଲେସିଆ-ପାକିସ୍ତାନ ମଧ୍ୟରେ ବୁଧବାର ଅନୁଷ୍ଠିତ ମ୍ୟାଚ।

**ଗୋଲ ସ୍କୋରର**

**ପାକିସ୍ତାନ-୧**
- ଆତିକ୍ ମହମ୍ମଦ: ୫୧ତମ ମିନିଟ

**ମାଲେସିଆ-୧**
- ସାରି ଫୈଜଲ: ୫୫ତମ ମିନିଟ




ଜଣେ କୁନି ପ୍ରଶଂସକ।



ଫ୍ୟାନ ଭିଲେଜରେ କିଛି ବିଦେଶୀ ପ୍ରଶଂସକ।

## ସଂକ୍ଷେପରେ

### ଟେଷ୍ଟରୁ ହାଫିଜଙ୍କ ଅବସର ଘୋଷଣା

ଆବୁଧାବି,୫।୧୨- ଖରାପ ଫର୍ମ ସହ ସଂଘର୍ଷ କରୁଥିବା ପାକିସ୍ତାନ ଦଳର ଓପନର ମହମ୍ମଦ ହାଫିଜ ଟେଷ୍ଟ କ୍ରିକେଟରୁ ଅବସର ନେବାକୁ ଯାଉଛନ୍ତି। ଚଳିତ ନ୍ୟୁଜିଲାଣ୍ଡ ବିପକ୍ଷ ୩ୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ତାଙ୍କ ଟେଷ୍ଟ କ୍ୟାରିୟରର ଅନ୍ତ କରିବେ। ଏ ନେଇ ୩୮ ବର୍ଷୀୟ ବ୍ୟାଟ୍ସମ୍ୟାନ ସୂଚନା ଦେଇଛନ୍ତି। ଦୀର୍ଘ ୨ ବର୍ଷର ବ୍ୟବଧାନ ପରେ ପାକିସ୍ତାନ ଦଳକୁ ଫେରିବା ପରେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟରେ ଶତକ ମାରିଥିଲେ। ଏହାପରେ ସେ ୭ଟି ଇନିଂସରୁ ମାତ୍ର ୬୬ ରନ୍ କରିବାକୁ ସକ୍ଷମ ହୋଇଛନ୍ତି। ଆବୁଧାବି ଟେଷ୍ଟ ହାଫିଜଙ୍କ କ୍ୟାରିୟରର ୫୫ତମ ମ୍ୟାଚ୍। ୨୦୦୩ରେ ବାଂଲାଦେଶ ବିପକ୍ଷରେ ପଦାର୍ପଣ କରିବା ପରେ ଅଭିଜ୍ଞ ବ୍ୟାଟ୍ସମ୍ୟାନ ଏପର୍ଯ୍ୟନ୍ତ ୧୦ ଶତକ ଓ ୧୨ ଅର୍ଦ୍ଧଶତକ ସହ ମୋଟ ୩୬୪୪ ରନ୍ କରିଛନ୍ତି। ମୁଁ ଟେଷ୍ଟ କ୍ରିକେଟରୁ ଅବସର ନେବା ଲାଗି ଗତ ଦୁଇ ସପ୍ତାହ ହେଲା ଚିନ୍ତା କରୁଥିଲି। ଭାବୁଛି, ୫ ଦିନିଆ ଫର୍ମାଟରୁ ଅଲ୍‌ବିଦା କରିବାକୁ ସମୟ ଆସିଯାଇଛି। ଟେଷ୍ଟ କ୍ରିକେଟରେ ମୁଁ ଯେଉଁ ସଫଳତା ପାଇଛି, ସେଥିରେ ସନ୍ତୁଷ୍ଟ। କିନ୍ତୁ ମୁଁ ସୀମିତ ଓଭର କ୍ରିକେଟରେ ଖେଳିବା ଜାରି ରଖିବି। ଏହା ସମ୍ପୂର୍ଣ୍ଣ ବ୍ୟକ୍ତିଗତ ନିଷ୍ପତ୍ତି ବୋଲି ହାଫିଜ କହିଛନ୍ତି। ସେ ୨୦୧୫ରେ ବାଂଲାଦେଶ ବିପକ୍ଷରେ କ୍ୟାରିୟରର ଶ୍ରେଷ୍ଠ ୨୨୪ ରନ୍‌ର ଇନିଂସ ଖେଳିଥିଲେ। ଉଲ୍ଲେଖଥାଉ କି, ହାଫିଜ ଟେଷ୍ଟ ବ୍ୟତୀତ ୨୦୩ ଦିନିକିଆ ଓ ୮୯ ଟି୨୦ ଖେଳିଛନ୍ତି।

### କିଙ୍ଗ୍ସ ଏକାଦଶର ବୋଲିଂ କୋଚ୍ ର୍ୟାନ ହାରିସ

ନୂଆଦିଲ୍ଲୀ,୫।୧୨- ଆଇପିଏଲ ଫ୍ରାଞ୍ଚାଇଜ କିଙ୍ଗ୍ସ ଏକାଦଶ ପଞ୍ଜାବ ଦଳରେ ପରବର୍ତ୍ତୀ ସଂସ୍କରଣ ଲାଗି ଜୋରଦାର ପ୍ରସ୍ତୁତି ଜାରି ରଖିଛି। ପୂର୍ବତନ ଅଷ୍ଟ୍ରେଲିଆନ ପେସର ର୍ୟାନ ହାରିସଙ୍କୁ ଦଳର ବୋଲିଂ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ତାଙ୍କ ପୂର୍ବରୁ ଭେଙ୍କଟେଶ ପ୍ରସାଦ ଏହି ଦାୟିତ୍ୱରେ ଥିଲେ। ଗତ ସଂସ୍କରଣରେ ଦଳ ୭ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ଏହାପରେ ଦଳୀୟ କୋଚିଂ ଷ୍ଟାଫ୍‌ରେ ବ୍ୟାପକ ପରିବର୍ତ୍ତନ କରାଯାଇଛି। ମୁଖ୍ୟ କୋଚ୍ ପଦରୁ ବ୍ରାଡ ହଜ ବିଦା ହେବା ପରେ ମେଣ୍ଟର ଦାୟିତ୍ୱରେ ଥିବା ପୂର୍ବତନ ଭାରତୀୟ ଓପନର ବୀରେନ୍ଦ୍ର ସେହ୍ୱାଗ, ବୋଲିଂ କୋଚ୍ ଭେଙ୍କଟେଶ ପଦ ତ୍ୟାଗ କରିଥିଲେ। ଏହାପରେ ହଜଙ୍କ ସ୍ଥାନରେ ପୂର୍ବତନ ନ୍ୟୁଜିଲାଣ୍ଡ କୋଚ୍ ମାଇକ ହେସନଙ୍କୁ ନିଯୁକ୍ତ କରାଯାଇଛି। ଏହାବାଦ୍ ନ୍ୟୁଜିଲାଣ୍ଡର କ୍ରେଗ ମ୍ୟାକମିଲନଙ୍କୁ ଫିଲ୍ଡ କୋଚ୍, ବ୍ରେଟ ହାରୋପ (ଫିଜିଓ), ଶ୍ରୀଧରନ ଶ୍ରୀରାମ (ବ୍ୟାଟିଂ କୋଚ୍) ଓ ପ୍ରସାନା ରାମନ (ହାଇପରଫର୍ମାନ୍ସ କୋଚ୍)ଙ୍କୁ ବିଭିନ୍ନ ଦାୟିତ୍ୱ ଦିଆଯାଇଛି। କେବଳ କୋଚିଂ ଷ୍ଟାଫ୍‌ରେ ନୁହେଁ ଦୁଇ ବିଦେଶୀଙ୍କ ସମେତ ୧୧ ଜଣ ଖେଳାଳିଙ୍କୁ ମଧ ଦଳରୁ ବିଦା କରାଯାଇଛି।

### ଅଷ୍ଟ୍ରେଲିଆ ଓପନରେ ଖେଳିବେ ନାଡାଲ, ସେରେନା, ମୁରେ

ମେଲବୋର୍ନ,୫।୧୨- ମହିଳା ସିଙ୍ଗଲ୍ସ ବର୍ଗର ଚାମ୍ପିୟନ ଖେଳାଳି ସେରେନା ୱିଲିୟମ୍ସ ୨୦୧୯ ଅଷ୍ଟ୍ରେଲିଆ ଓପନରେ ଖେଳିବେ। ୨୦୧୭ ସଂସ୍କରଣ ପରେ ପ୍ରଥମ ଥର ଏଠାରେ ଖେଳିବାକୁ ଯାଉଛନ୍ତି। ତାଙ୍କ ବ୍ୟତୀତ ପୂର୍ବତନ ପୁରୁଷ ସିଙ୍ଗଲ୍ସ ବର୍ଗର ଶୀର୍ଷ ର୍ୟାଙ୍କଧାରୀ ଖେଳାଳି ରାଫାଲ ନାଡାଲ ଓ ଆଣ୍ଡି ମୁରେ ମଧ ଏଥିରେ ଅଂଶଗ୍ରହଣ କରିବେ। ଏ ନେଇ ବୁଧବାର ଆୟୋଜକ କମିଟି ସ୍ପଷ୍ଟ କରିଛନ୍ତି। ଏହି ଟୁର୍ନାମେଣ୍ଟରେ ସେରେନା ରେକର୍ଡ ୨୫ ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଲକ୍ଷ୍ୟରେ ରହିବେ। ଅନ୍ତିମ ଥର ୟୁଏସ୍ ଫାଇନାଲରେ ହାରିବା ପରଠାରୁ ସେ ପଡ଼ିଆକୁ ଓହ୍ଲାଇ ନ ଥିଲେ।



"ସୀମିତ ଓଭର କ୍ରିକେଟରେ ମନୋନିବେଶ ପାଇଁ ମୁଁ ପ୍ରଥମଶ୍ରେଣୀ କ୍ରିକେଟରୁ ଅବସର ନେବାକୁ ଚାହେଁନା ।

–ଦୀନେଶ କାର୍ତ୍ତିକ, ଭାରତୀୟ କ୍ରିକେଟର



"ଗୁରୁବାରଠାରୁ ଆରମ୍ଭ ହେବାକୁଥିବା ଟେଷ୍ଟ ସିରିଜରେ ଆମ ଭଳି ଭାରତୀୟ ଦଳ ମଧରେ ଚାପରେ ରହିବ ।

–ଜଷ୍ଟିନ ଲାଙ୍ଗର, ଅଷ୍ଟ୍ରେଲୀୟ କ୍ରିକେଟ କୋଚ୍

# ଭାରତ-ଅଷ୍ଟ୍ରେଲିଆ ଟେଷ୍ଟ ସିରିଜ ଆଜିଠାରୁ

ଆଡିଲେଡ୍, ୫।୧୨(ପି.ଟି.)

ଭ୍ରମଣକାରୀ ଭାରତ ଓ ଅଷ୍ଟ୍ରେଲିଆ କ୍ରିକେଟ ଦଳ ମଧରେ ବହୁପ୍ରତୀକ୍ଷିତ ଟେଷ୍ଟ ସିରିଜ ଗୁରୁବାରଠାରୁ ଆରମ୍ଭ ହେଉଛି। ଚାରି ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ସ୍ଥାନୀୟ ଆଡିଲେଡ୍ ଓଭାଲଠାରେ ଖେଳାଯିବ। ଏଥିଲାଗି ଉଭୟ ଭାରତ ଓ ଅଷ୍ଟ୍ରେଲିଆ ଦଳ ଜୋର୍‌ଦାର ଅଭ୍ୟାସ ଚଳାଇଛନ୍ତି। ଭାରତୀୟ କ୍ରିକେଟ ଦଳ ୭୦ ବର୍ଷର ଇତିହାସରେ ଅଷ୍ଟ୍ରେଲିଆ ମାଟିରେ ୧୧ଟି ଟେଷ୍ଟ ସିରିଜ ଖେଳିଛି। ସେଥିରୁ ଭାରତ ୨ଟି ସିରିଜ ଡ୍ର ରଖିଥିବାବେଳେ ଗୋଟିଏ ବି ଜିତିବାରେ ସଫଳ ହୋଇନାହିଁ। ୧୯୮୦-୮୧ ଗସ୍ତରେ ସୁନୀଲ ଗାଭାସ୍କର ଓ ୨୦୦୩-୦୪ ଗସ୍ତରେ ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱରେ ଭାରତ ଏହି ୨ଟି ସିରିଜ ଡ୍ର ରଖିଥିଲା। ବଲ୍ ଟ୍ୟାମ୍ପରିଂ ଘଟଣାରେ ଅଷ୍ଟ୍ରେଲିଆର ଦୁଇ ବରିଷ୍ଠ ଖେଳାଳି ଡେଭିଡ୍ ୱାର୍ନର ଓ ଷ୍ଟିଭେନ ସ୍ମିଥ୍ ବାସନ୍ଦ ହୋଇଥିବାରୁ ସେମାନଙ୍କ ଅନୁପସ୍ଥିତିରେ ଭାରତ ଚଳିତ ଗସ୍ତରେ ଏହି



ଟ୍ରଫି ସହ ଦୁଇ ଦଳର ଅଧିନାୟକ ବିରାଟ କୋହଲି ଓ ଟିମ୍ ପାଇନ୍।

### ଆଡିଲେଡ୍ ଓଭାଲରେ ଭାରତର ରେକର୍ଡ

ଭାରତ ଓ ଅଷ୍ଟ୍ରେଲିଆ ମଧରେ ସିରିଜର ପ୍ରଥମ ମ୍ୟାଚ୍ ଆଡିଲେଡ୍ ଓଭାଲ ଗ୍ରାଉଣ୍ଡରେ ଖେଳାଯିବ। ଏହି ଗ୍ରାଉଣ୍ଡରେ ଭାରତର ପ୍ରଦର୍ଶନ ସେତେଟା ଉତ୍ସାହଜନକ ରହିନାହିଁ। ୧୯୪୮ରୁ ଭାରତ ଏହି ଗ୍ରାଉଣ୍ଡରେ ଟେଷ୍ଟ ମ୍ୟାଚ୍ ଖେଳିବା ଆରମ୍ଭ କରିଥିଲା। ବର୍ତ୍ତମାନ ସୁଦ୍ଧା ଭାରତ ଏଠାରେ ୧୧ଟି ମ୍ୟାଚ୍ ଖେଳିଥିବାବେଳେ ମାତ୍ର ଗୋଟିଏ ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ୭ଟି ମ୍ୟାଚ୍‌ରେ ଭାରତକୁ ପରାଜୟର ସାମ୍ନା କରିବାକୁ ପଡ଼ିଥିବାବେଳେ ୩ଟି ଟେଷ୍ଟ ଡ୍ର ରହିଥିଲା। ୨୦୦୩-୦୪ ଗସ୍ତରେ ରାହୁଲ ଦ୍ରାବିଡ୍ ଭାରତକୁ ଏହି ସ୍ମରଣୀୟ ବିଜୟ ଭେଟି ଭାରତକୁ ଦେଇଥିଲେ।

**ଭାରତୀୟ ଦଳ (୧୨ ଜଣିଆ):** ବିରାଟ କୋହଲି (ଅଧିନାୟକ), ଲୋକେଶ ରାହୁଲ, ମୂରଲୀ ବିଜୟ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ, ରୋହିତ୍ ଶର୍ମା, ହନୁମା ବିହାରୀ, ରିଷଭ ପନ୍ତ (ଉଇକେଟ୍‌କିପର), ରବିଚନ୍ଦ୍ରନ ଅଶ୍ୱିନ, ଇଶାନ୍ତ ଶର୍ମା, ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ ସାମି।

**ଅଷ୍ଟ୍ରେଲିଆ ଦଳ (ଚୂଡ଼ାନ୍ତ ଏକାଦଶ):** ଟିମ୍ ପାଇନ୍ (ଅଧିନାୟକ ଓ ଉଇକେଟ୍‌କିପର), ମାର୍କସ ହାରିସ, ଆରୋନ୍ ଫିଞ୍ଚ, ଉସମାନ ଖ୍ୱାଜା, ଟ୍ରାଭିସ ହେଡ୍, ଶନ୍ ମାର୍ଶ, ପିଟର ହ୍ୟାଣ୍ଡ୍ସକମ୍ବ, ନାଥନ ଲିୟନ, ମିଚେଲ ଷ୍ଟାର୍କ, ପ୍ୟାଟ୍ କମିନ୍ସ ଓ ଜୋଶ୍ ହାଜେଲଉଡ୍।

- **ମ୍ୟାଚ୍ ଆରମ୍ଭ: ସକାଳ ୫ଟା ୩୦**
- **ପ୍ରସାରଣ: ସୋନୀ ସ୍ପୋର୍ଟ୍ସ ନେଟ୍‌ୱାର୍କ**

### ଅଷ୍ଟ୍ରେଲିଆ ଦଳରୁ ମିଚେଲ ମାର୍ଶ ବାଦ୍

ଆଡିଲେଡ୍,୫।୧୨

ଭାରତୀୟ ଦଳ ଭଳି ଆଡିଲେଡ୍ ଟେଷ୍ଟ ପାଇଁ ଅଷ୍ଟ୍ରେଲିଆ ଦଳ ମଧ ଘୋଷିତ ହୋଇଯାଇଛି। ଦଳରୁ ଅଲରାଉଣ୍ଡର ମିଚେଲ ମାର୍ଶଙ୍କୁ ବାଦ୍ ଦିଆଯାଇଛି। ତାଙ୍କ ବଦଳରେ ବ୍ୟାଟ୍ସମ୍ୟାନ ଉସମାନ ଖ୍ୱାଜା ଦଳକୁ ଫେରିଛନ୍ତି। ସେ ଆହତ ସମସ୍ୟା ଯୋଗୁ ପାକିସ୍ତାନ ବିପକ୍ଷ ଅନ୍ତିମ ଟେଷ୍ଟରୁ ବାଦ୍ ପଡ଼ିଥିଲେ। ତାଙ୍କ ଭାଇ ଗତ ମଙ୍ଗଳବାର ଗିରଫ ହୋଇଥିବାରୁ ସେ ବୁଧବାର ନେଟ୍ସରେ ବ୍ୟାଟିଂ ଅଭ୍ୟାସ କରିବାକୁ ଓହ୍ଲାଇ ନ ଥିଲେ। ଉଇକେଟକିପର ଟିମ ପେଇନଙ୍କ ନେତୃତ୍ୱାଧୀନ ଦଳରେ ଟ୍ରାଭିସ ହେଡ, ପିଟର ହାଣ୍ଡସ୍କମ୍ବ, ମାର୍କସ ହାରିସ, ଶନ ମାର୍ଶ ଓ ଆରୋନ ଫିଞ୍ଚଙ୍କ ଭଳି ବ୍ୟାଟ୍ସମ୍ୟାନ ରହିଛନ୍ତି। ଦଳରେ ବୋଲର ଭାବେ ଜୋଶ ହାଜେଲଉଡ, ମିଚେଲ ଷ୍ଟାର୍କ, ପାଟ କୁମିନ୍ସ ଓ ସ୍ପିନର ନାଥନ ଲିଓନ ସ୍ଥାନ ପାଇଛନ୍ତି। ଅଷ୍ଟ୍ରେଲିଆ ଦଳ: ଟିମ ପେଇନ (ଅଧିନାୟକ), ଆରୋନ ଫିଞ୍ଚ, ଉସମାନ ଖ୍ୱାଜା, ଶନ ମାର୍ଶ, ମାର୍କସ ହାରିସ, ଟ୍ରାଭିସ ହେଡ, ପିଟର ହାଣ୍ଡସ୍କମ୍ବ, ଜୋଶ ହାଜେଲଉଡ, ପାଟ କୁମିନ୍ସ ଓ ନାଥନ ଲିଓନ।

### ହ୍ୟାଟ୍ରିକ ବିଜୟ ଲକ୍ଷ୍ୟରେ ଆର୍ଜେଣ୍ଟିନା

ଭୁବନେଶ୍ୱର, ୫।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ପୁଲ ଏ'ରେ ଗୁରୁବାର ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍‌ରେ ଫେଭରାଇଟ ଆର୍ଜେଣ୍ଟିନା ଅପେକ୍ଷାକୃତ ଦୁର୍ବଳ ଫ୍ରାନ୍ସକୁ ଭେଟିବ। ବିଶ୍ୱର ୨ ନମ୍ବର ଦଳ ଆର୍ଜେଣ୍ଟିନା ଏପର୍ଯ୍ୟନ୍ତ ଦୁଇଟି ମ୍ୟାଚ୍ ଖେଳି ଦୁଇଟିରେ ବିଜୟ ହାସଲ କରି ୬ ପଏଣ୍ଟ ପାଇ ଅଧିକ ଗୋଲ ବ୍ୟବଧାନ ବଳରେ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛି। ପ୍ରଥମ ମ୍ୟାଚ୍‌ରେ ଆର୍ଜେଣ୍ଟିନା ୪-୩ ଗୋଲରେ ସ୍ପେନ୍‌କୁ ହରାଇ ବିଜୟ ଅଭିଯାନ ଆରମ୍ଭ କରିଥିଲା। ଏହା ପରେ ଦ୍ୱିତୀୟ ମ୍ୟାଚ୍‌ରେ ୩-୦ ଗୋଲରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଥିଲା। ପ୍ରଥମ ମ୍ୟାଚ୍‌ରେ ବିଜୟୀ ହେବା ପାଇଁ ଆର୍ଜେଣ୍ଟିନାକୁ ବେଶ୍ ସଂଘର୍ଷ କରିବାକୁ ପଡିଥିଲା। ତେବେ ଦ୍ୱିତୀୟ ମ୍ୟାଚ୍‌ରେ ଆର୍ଜେଣ୍ଟିନା କୌଣସି ତ୍ରୁଟି କରି ନ ଥିଲା। କ୍ରମାଗତ ଦୁଇଟି ବିଜୟ ପରେ ପୁଲ୍ ପର୍ଯ୍ୟାୟର ତୃତୀୟ ମ୍ୟାଚ୍ ଜିତି ଆର୍ଜେଣ୍ଟିନା ପୂରା ଢଙ୍ଗରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ଲକ୍ଷ୍ୟରେ ରହିଛି। ଏହି ମ୍ୟାଚ୍‌ରେ ଆର୍ଜେଣ୍ଟିନା ଫେଭରାଇଟ ମନେ ହେଉଛି।

ଅପରପକ୍ଷରେ ଫ୍ରାନ୍ସ ପୁଲ ଏ'ରେ ଦୁଇଟି ମ୍ୟାଚ୍ ଖେଳି ଗୋଟିଏ ଡ୍ର ଓ ଗୋଟିଏ ପରାଜୟ ସହ ୧ ପଏଣ୍ଟ ପାଇ ସର୍ବନିମ୍ନ ସ୍ଥାନରେ ରହିଛି। ପ୍ରଥମ ମ୍ୟାଚ୍‌ରେ ଫ୍ରାନ୍ସ ୨-୧ ଗୋଲରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ସ୍ପେନ୍ ବିପକ୍ଷରେ ଫ୍ରାନ୍ସ ୧-୧ ଗୋଲରେ ମ୍ୟାଚ୍ ଅମୀମାଂସିତ ରଖିଥିଲା। କ୍ରସ୍ ଓଭର ମ୍ୟାଚ୍ ଖେଳିବାକୁ ହେଲେ ଏବେ ଫ୍ରାନ୍ସକୁ ବୃହତ୍ ବ୍ୟବଧାନରେ ଆର୍ଜେଣ୍ଟିନାକୁ ପରାସ୍ତ କରିବାକୁ ହେବ। ତେବେ ଏହା ଆଦୌ ସହଜ ନୁହେଁ ବୋଲି ଫ୍ରାନ୍ସ ଅବଗତ ହୋଇଥିଲା। ତେବେ ଦଳ ଏହି ମ୍ୟାଚ୍‌ରେ ଉଚ୍ଚକୋଟୀର ପ୍ରଦର୍ଶନ କରିବ ବୋଲି ଫ୍ରାନ୍ସ କୋଚ୍ ଜୋରେନ ହେଲମି ଓ ଅଧିନାୟକ ଭିକ୍ଟର ଚାର୍ଲେଟ କହିଛନ୍ତି। ଫ୍ରାନ୍ସ ପାଇଁ ଏହି ମ୍ୟାଚ୍ ଜିତିବା ନିହାତି ଜରୁରୀ ହୋଇ ପଡିଛି। ଫଳରେ ଆର୍ଜେଣ୍ଟିନା ଏହି ମ୍ୟାଚ୍‌କୁ ଯଥେଷ୍ଟ ଗୁରୁତ୍ୱ ଦେବ ଓ ଫ୍ରାନ୍ସକୁ ଆଦୌ ହେୟ ମନେକରିବ ନାହିଁ ବୋଲି କୋଚ୍ ଜର୍ମାନ ଓରୋଜୋକ କହିଛନ୍ତି। ଦଳ ପୂରା ସାମର୍ଥ୍ୟ ସହ ପଡିଆକୁ ଓହ୍ଲାଇବ ବୋଲି ଆର୍ଜେଣ୍ଟିନା ଅଧିନାୟକ ପେଡ୍ରୋ ଆଇବାରା କହିଛନ୍ତି। ଫଳରେ ପୁଲର ଏହି ଅନ୍ତିମ ମ୍ୟାଚ୍ ସଂଘର୍ଷ ପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।

### ସ୍ପେନ୍-ନ୍ୟୁଜିଲାଣ୍ଡ ମୁକାବିଲା

ଭୁବନେଶ୍ୱର, ୫।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ହକି ବିଶ୍ୱକପ୍‌ର ଚଳିତ ୧୪ତମ ସଂସ୍କରଣରେ ବୁଧବାର ପୁଲ ଏ'ରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍‌ରେ ସ୍ପେନ୍ ଓ ନ୍ୟୁଜିଲାଣ୍ଡ ମୁହାଁମୁହିଁ ହେବେ। ସେହିପରି ଦ୍ୱିତୀୟ ମ୍ୟାଚ୍ ପୁଲ୍ ତଥା ବିଶ୍ୱକପ୍‌ର ଅନ୍ୟତମ ଫେଭରାଇଟ ଦଳ ଆର୍ଜେଣ୍ଟିନା ଓ ଫ୍ରାନ୍ସ ପରସ୍ପରକୁ ଭେଟିବେ। ସ୍ପେନ୍ ଅପେକ୍ଷାକୃତ ଶକ୍ତିଶାଳୀ ମନେ ହେଉଥିଲେ ମଧ ପଏଣ୍ଟ ଟେବୁଲରେ ନ୍ୟୁଜିଲାଣ୍ଡ ତଳେ ରହିଛି। ଏପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡ ଦୁଇଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ଗୋଟିଏ ପରାଜୟ ସହ ୩ ପଏଣ୍ଟ ପାଇଁ ପୁଲ ଏ' ପଏଣ୍ଟ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ତେବେ ସ୍ପେନ୍ ଦୁଇଟି ମ୍ୟାଚ୍ ଖେଳି ଗୋଟିଏ ପରାଜୟ ଓ ଗୋଟିଏ ଡ୍ର' ୧ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି। ଫଳରେ କ୍ୱାର୍ଟର ଫାଇନାଲ ଦୌଡରେ ସାମିଲ ହେବା ପାଇଁ ଉଭୟ ଦଳକୁ ଏହି ମ୍ୟାଚ୍ ଜିତିବା ଜରୁରୀ ହୋଇ ପଡିଛି।

ସ୍ପେନ୍ ତାର ପ୍ରଥମ ମ୍ୟାଚ୍‌ରେ ଲଢେଇ କରି ଆର୍ଜେଣ୍ଟିନାଠାରୁ ୪-୩ ଗୋଲରେ ପରାସ୍ତ ହୋଇଥିଲା। ସେହିପରି ଫ୍ରାନ୍ସ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌କୁ ସ୍ପେନ୍ ୧-୧ ଗୋଲରେ ଅମୀମାଂସିତ ରଖିଥିଲା। ଫ୍ରାନ୍ସ ଅପେକ୍ଷାକୃତ ଦୁର୍ବଳ ହୋଇଥିଲେ ମଧ ସ୍ପେନ୍ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲା। ଫଳରେ ମ୍ୟାଚ୍ ଡ୍ର' ରହିଥିଲା। ଏହି ମ୍ୟାଚ୍‌ର ଫଳାଫଳ ଏବେ ସ୍ପେନ୍ ପାଇଁ ମହଙ୍ଗା ସାବ୍ୟସ୍ତ ହେବାକୁ ଯାଉଛି। ସ୍ପେନ୍ ସିଧାସଳଖ କ୍ୱାର୍ଟର ଫାଇନାଲକୁ ଉଠିବା ଆଶା ଆଦୌ ନାହିଁ। କିନ୍ତୁ ବିଜୟୀ ହେଲେ କ୍ରସ୍ ଓଭର ମ୍ୟାଚ ଖେଳିବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ବିଜୟୀ ହେବା ପାଇଁ ଉଭୟ ଦଳ ପ୍ରାଣପଣେ ଚେଷ୍ଟା କରିବେ।

ସ୍ପେନ୍ ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍‌ଆଇଏଚ୍) ର୍ୟାଙ୍କିଙ୍ଗ୍‌ର ଅଷ୍ଟମସ୍ଥାନରେ ରହିଥିବା ବେଳେ ନ୍ୟୁଜିଲାଣ୍ଡ ଗୋଟିଏ ସ୍ଥାନ ତଳକୁ ରହି ନବମସ୍ଥାନରେ ରହିଛି। ନ୍ୟୁଜିଲାଣ୍ଡ କୋଚ ଡାରେନ ସ୍ମିଥ୍ ଓ ଅଧିନାୟକ ବ୍ଲେୟାର ଟାରେଣ୍ଟ ଦଳର ପ୍ରଦର୍ଶନ ନେଇ ବେଶ୍ ଆଶାବାଦୀ ଅଛନ୍ତି। ସେହିପରି ସ୍ପେନ୍ କୋଚ୍ ଫ୍ରେଡେରିକ ସୋଏଜ ଓ ଅଧିନାୟକ ମିଗୁଏଲ ଡେଲାସ ଦଳ ବିଜୟୀ ହେବାପାଇଁ ସବୁମତେ ଚେଷ୍ଟା କରିବ ବୋଲି କହିଛନ୍ତି। ସବୁ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଦୁଇ ଦଳ ସାମର୍ଥ୍ୟ ଓ ଦକ୍ଷତା ଦୃଷ୍ଟିକୋଣରୁ ପାଖାପାଖି ସମାନ ମନେ ହେଉଛନ୍ତି। ଫଳରେ ଏହି ମ୍ୟାଚ୍‌ରେ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।



ବ୍ଲେୟାର ଟାରେଣ୍ଟ

# ଭିଭି କରାଟେ ସ୍କୁଲକୁ ସଫଳତା

ଭୁବନେଶ୍ୱର, ୫।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ଦକ୍ଷିଣ ଆଫ୍ରିକାର ଡର୍ବାନଠାରେ ଗତ ନଭେମ୍ବର ୨୯ରୁ ଡିସେମ୍ବର ୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା କମନ୍‌ୱେଲଥ୍ କରାଟେ ଚାମ୍ପିୟନଶିପ୍‌ର ୯ମ ସଂସ୍କରଣରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ଭାଲେନା ଭାଲେଣ୍ଟିନା (ଭିଭି) କରାଟେ ସ୍କୁଲ ସଫଳତା ଅର୍ଜନ କରିଛି। ଭାଲେନା ଭାଲେଣ୍ଟିନା ସିନିୟର ମହିଳା ବ୍ୟକ୍ତିଗତ କାଟାରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିଭଳି ସତ୍ୟଭାମାପୁର ବିଜେଇଏମ୍ ସ୍କୁଲର ୩ୟ ଶ୍ରେଣୀର ଛାତ୍ରୀ ଆଲିସା ସୁବୁଦ୍ଧି ବ୍ୟକ୍ତିଗତ କାଟା ସ୍ୱର୍ଣ୍ଣ ଓ ଫାଇଟିଂରେ ରୌପ୍ୟ ପଦକ ହାସଲ କରିଛନ୍ତି। ବ୍ୟକ୍ତିଗତ କାଟା ଓ ଟିମ୍ କାଟାରେ ବିଦ୍ୟା କିରଣ ଓ ଅଂଶିକା ମହାପାତ୍ର ୨ଟି ଲେଖାଏ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେହିଭଳି ଜସ୍ମିନ ପି. ମିଶ୍ର ୨ଟି ଏବଂ ଦିବ୍ୟ ନାୟକ ଓ ରୁଦ୍ର ପ୍ରସାଦ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ହାସଲ କରିଥିବାବେଳେ ବେଦାନ୍ତ ଦାସ ବ୍ୟକ୍ତିଗତ କାଟାରେ ରୌପ୍ୟ ପଦକ ଜିତିଛନ୍ତି। ବାଳିକା ଟିମ୍ କାଟାରେ ଭି.ଭି. କରାଟେ ସ୍କୁଲ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ବାଳକ ଦଳ ବ୍ରୋଞ୍ଜ ପଦକ ପାଇଥିଲା। ଭି.ଭି. କରାଟେ ସ୍କୁଲର ଏହି ସଫଳତା ଲାଗି ଚାରିଆଡୁ ଶୁଭେଚ୍ଛା ସୁଅ ଛୁଟିବାରେ ଲାଗିଛି।



ପଦକ ବିଜୟୀ କୃତୀ ପ୍ରତିଯୋଗୀମାନେ।

# ଓଟିପିଏଲ୍ ସିଜନ-୨ ଜାନୁୟାରୀ ୯ରୁ

ଭୁବନେଶ୍ୱର, ୫।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ନୀଳାଚଳ ଟେନିସ୍ ଏକାଡେମୀ ଦ୍ୱାରା ଆୟୋଜିତ ଓଡ଼ିଶା ଟେନିସ୍ ପ୍ରିମିୟର ଲିଗ୍ (ଓଟିପିଏଲ୍)ର ଦ୍ୱିତୀୟ ସଂସ୍କରଣ ଆସନ୍ତା ଜାନୁୟାରୀ ୯ ରୁ ୧୩ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ। ସମାଜର ସମସ୍ତ ଯୁବବର୍ଗଙ୍କ ମଧରେ ଟେନିସ୍ ଖେଳ ପ୍ରତି ଏକ ସ୍ୱତନ୍ତ୍ର ମନୋଭାବ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଆର୍ଥିକ ଅନଗ୍ରସର ଶ୍ରେଣୀ ତଥା ପ୍ରତିଭାସମ୍ପନ୍ନ ଯୁବବର୍ଗଙ୍କୁ ପ୍ରୋତ୍ସାହନ ଯୋଗାଇବା ନିମନ୍ତେ ନୀଳାଚଳ ଟେନିସ୍ ଏକାଡେମୀ ପକ୍ଷରୁ ନିୟମିତ ବ୍ୟବଧାନରେ ଦେଶର ବିଭିନ୍ନ ସ୍ଥାନରେ ଏହି ପ୍ରକାର ବିଭିନ୍ନ କ୍ରୀଡ଼ାଭିତ୍ତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଅଛି। ନୂଆଦିଲ୍ଲୀସ୍ଥିତ ହୋଟେଲ ଅଶୋକଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅମରେନ୍ଦ୍ର ଖଟୁଆ, ମହାନିର୍ଦ୍ଦେଶକ (ଆଇସିସିଆର୍) ତଥା ସେକ୍ରେଟାରୀ (ସ୍ପେଶାଲ ଆସାଇନ୍‌ମେ), ଗୋକୁଳ ପଟ୍ଟନାୟକ, ଆଇଏଏସ୍(ଅବସରପ୍ରାପ୍ତ), ନିଶ୍ଚିନ୍ତ ବର୍ଦୋଲୋଇ (ପୂର୍ବତନ କ୍ରିକେଟର) ଏବଂ ଆଦିତ୍ୟ ଖାନ୍ନା (ଟେନିସ୍ ଖେଳାଳି)ଙ୍କ ଉପସ୍ଥିତିରେ ଏହି ଓଟିପିଏଲ୍ ସିଜନ-୨ ଟ୍ରଫିକୁ ଉନ୍ମୋଚନ କରାଯାଇଛି।

ଏହି ସଂସ୍କରଣରେ ଅନୁଗୁଳ ଏକର୍ସ, ଭଦ୍ରକ ଭିକ୍ଟରର୍ସ, କଟକ କନ୍‌କର୍ସ, ଖୋର୍ଦ୍ଧା ୱାରିୟର୍ସ, କେନ୍ଦ୍ରାପଡ଼ା କଣ୍ଟେଣ୍ଡର୍ସ, ପୁରୀ ୱେଭର୍ସ, ସମ୍ବଲପୁର ସୁଟର୍ସ ଏବଂ ସୁନ୍ଦରଗଡ଼ ବିରାନ୍ସକୁ ମିଶାଇ ୮ଟି ଦଳ ଅଂଶଗ୍ରହଣ କରିବେ ବୋଲି ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଦିଲୀପ ମହାନ୍ତି ଏହି ଅବସରରେ କହିଥିଲେ। ଏହି ୮ଟି ଦଳରେ ୪୦ ଜଣ ଖେଳାଳି (୧୬ ଜଣ ପୁରୁଷ, ୮ ଜଣ ମହିଳା ଏବଂ ୧୬ ଜଣ ବରିଷ୍ଠ ଖେଳାଳି) ଭାଗ ନେଉଛନ୍ତି। ପୁରୁଷ ସିଙ୍ଗଲ୍ସ, ମହିଳା ସିଙ୍ଗଲ୍ସ, ପୁରୁଷ ଡବଲ୍ସ, ମିକ୍ସଡ ଡବଲ୍ସ ଓ ସିନିୟର ଡବଲ୍ସରେ ମ୍ୟାଚ୍ ଖେଳାଯିବ। ଏଥିରେ ଏଟିପି, ଡବ୍ଲ୍ୟୁଟିଏ, ଆଇଟିଏଫ୍ ଏବଂ ଏଆଇଟିଏର ବହୁ ଅଭିଜ୍ଞ ଖେଳାଳି ଭାଗ ନେବେ। ସେମାନଙ୍କ ମଧରୁ ବିଷ୍ଣୁ ବର୍ଦ୍ଧନ, ନିକ୍କି ପୁନାଚ୍ଚା, ସୂରଜ ପ୍ରବୋଧ, କୁନାଲ ଆନନ୍ଦ, ମୋହିତ ମୟୂର, ଦଲୱିନ୍ଦର ସିଂ, ପ୍ରଜ୍ୱଳ ଦେବଙ୍କ ପରି ଆହୁରି ଅନେକ ବରିଷ୍ଠ ଖେଳାଳି ରହିଛନ୍ତି।




ଅତିଥିଙ୍କ ଦ୍ୱାରା ଓଟିପିଏଲ୍ ସିଜନ-୨ର ଟ୍ରଫି ଉନ୍ମୋଚନ କରାଯାଉଛି।



www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ଡିସେମ୍ବର ୬/୨୦୧୮ Sambalpur, Thursday, December 6/ 2018

## ସଂକ୍ଷେପରେ

■ମସିଗାଁ ଧରମୁ ବେହେରୁକ ହତ୍ୟାକାଣ୍ଡ ଘଟଣା

### ଅଭିଯୁକ୍ତ ସ୍ୱାମୀ ସ୍ତ୍ରୀଙ୍କୁ ଆଜୀବନ କାରାଦଣ୍ଡ

ଧର୍ମଗଡ / ଜୁନାଗଡ଼, ୫।୧୨ (ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ତଳମଲା ପଞ୍ଚାୟତ ମସିଗାଁ ଗ୍ରାମରେ ଘଟିଥିବା ଧରମୁ ବେହେରୁକ ହତ୍ୟା ଘଟଣାର ରାୟ ବୁଧବାର ପ୍ରକାଶ ପାଇଛି। ଧର୍ମଗଡ ଅତିରିକ୍ତ ଜିଲା ଦୌରା ଜଜ୍ ରାମକୃଷ୍ଣ ଚୌଧୁରୀ ଅଭିଯୁକ୍ତ ରାଜିନ୍ଦ୍ର ବେହେରୁକ ଓ ତାଙ୍କ ସ୍ତ୍ରୀ ପୁଷ୍ପା ବେହେରୁକଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି। ପ୍ରକାଶ ଯେ, ଗତ ୨୦୧୪ରେ ସ୍ତ୍ରୀସ୍ୱାମୀ ତାଙ୍କ ପୁତୁରା ଧରମୁଙ୍କୁ ଘରୋଇ କଳହକୁ ନେଇ ହତ୍ୟା କରିଥିଲେ। ଏ ନେଇ ଜୁନାଗଡ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସର ତଦନ୍ତ ରିପୋର୍ଟ ଓ ବିଭିନ୍ନ ଲୋକଙ୍କ ସାକ୍ଷୀ ପ୍ରମାଣକୁ ଭିତ୍ତି କରି ଜଜ୍ ତାଙ୍କ ରାୟରେ ଅଭିଯୁକ୍ତ ସ୍ତ୍ରୀସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଦିଗାମ୍ବର ଦୁରିଆ ଓ ସରକାରଙ୍କ ପକ୍ଷରୁ ଧିରେନ୍ଦ୍ର ପାତ୍ର ମାମଲା ପରିଚାଳନା କରିଥିଲେ।

ଦୋକାନୀ ଜଳିଯିବା ଘଟଣାର ପର୍ଦ୍ଦାଫାଶ

# ପେଟ୍ରୋଲ ଢାଳି ଜିଅନ୍ତା ଜାଳିଥିଲେ, ୨ ଗିରଫ

ବଲାଙ୍ଗୀର ଅଫିସ, ୫।୧୨

ବଲାଙ୍ଗୀର ପିପି ଏକାଡେମୀ ଛକରେ ଗତ ୨୭ତାରିଖ ରାତିରେ ଉଠାଦୋକାନ ସହ ଦୋକାନୀ ଜଳିଯିବା ଘଟଣାର ପର୍ଦ୍ଦାଫାଶ କରିଛି ବଲାଙ୍ଗୀର ଟାଉନ୍ ଥାନା ପୋଲିସ। ସୂରଜ କ୍ଷେତୀ (୩୩) ନିଜ ଉଠା ଦୋକାନରେ ଶୋଇଥିବା ବେଳେ ମାଳପଡ଼ାର ଅଶୋକ ମେହେର (୩୩) ଓ ଟିକ୍ରାପଡ଼ାର ଅରୁଣ ନାଏକ (୨୨) ଦୋକାନରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଫଳରେ ସୂରଜ ଦୋକାନ ସହ ଜିଅନ୍ତା ଜଳିଯାଇଥିଲେ। ଏହି ଲୋମଟାଙ୍କୁରା ହତ୍ୟାକାଣ୍ଡରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତ ଅଶୋକ ଓ ଅରୁଣଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ପୂର୍ବଶତ୍ରୁତା ଓ ନିଶା କାରବାର ହତ୍ୟାକାଣ୍ଡ ପଛର କାରଣ ବୋଲି ପୋଲିସ ସୂଚନା ଦେଇଛି। ପିପି ଏକାଡେମୀ ଛକ ତଥା ଆଇନ ମହାବିଦ୍ୟାଳୟ ପାଚେରି କଡ଼ରେ ସୂରଜ ଏକ କ୍ୟାବିନରେ ପାନ ଦୋକାନ କରିଥିଲେ। ଅଭିଯୁକ୍ତ ଅଶୋକ ମେହେର ଏହି କ୍ୟାବିନରେ ପୂର୍ବରୁ ଦୋକାନ କରିଥିଲେ। ପରେ ତାହାକୁ ସୂରଜଙ୍କୁ ଭଡ଼ାରେ ଦେଇ ସେହି ଅଞ୍ଚଳରେ କଫ୍ ସିରପ୍ ଓ ଡ୍ରଗ୍ସ ବେପାର ଚଳାଇଥିଲେ। ପ୍ରାୟ ମାସକ ତଳେ ବଲାଙ୍ଗୀର ଟାଉନ୍ ଥାନା ପୋଲିସ ଏହି ଅଞ୍ଚଳରେ ଚଢ଼ାଉ କରି କଫ୍ ସିରପ ଜବତ କରିବା ସହ ଅଶୋକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କିଛିଦିନ ଜେଲରେ ରହିବା ପରେ ଅଶୋକ ଜାମିନ୍‌ରେ ମୁକୁଳିଥିଲେ। ତେବେ ଅଶୋକଙ୍କ ନିଶାଦ୍ରବ୍ୟ କାରବାର ସମ୍ପର୍କରେ ସୂରଜ ପୋଲିସକୁ ସୂଚନା ଦେଇଥିବା ସନ୍ଦେହ କରି ଅଶୋକ ତାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ଜେଲରୁ ବାହାରିବା ପରେ ନଭେମ୍ବର ୨୭ ତାରିଖ ରାତିରେ ସୂରଜ ନିଜ ଉଠାଦୋକାନରେ ଶୋଇଥିବା ଖବର ପାଇ ଦୋକାନ ସହ ତାଙ୍କୁ ପୋଡ଼ି ମାରିଦେବାକୁ ଅଶୋକ ଯୋଜନା କରିଥିଲେ। ଅନ୍ୟତମ ଅଭିଯୁକ୍ତ ଅରୁଣଙ୍କୁ ଏହି ହତ୍ୟା ଯୋଜନା ସମ୍ପର୍କରେ କହିବା ସହ ଏଥିରେ ସହଯୋଗ କଲେ ତାଙ୍କୁ ୪୦ ହଜାର ଟଙ୍କା ଦେବାକୁ ଅଶୋକ ପ୍ରତିଶ୍ରୁତି ଦେଇଥିଲେ। ଅରୁଣ ଏଥିରେ ରାଜି ହୋଇଯାଇଥିଲେ। ଯୋଜନା ମୁତାବକ ଅଭିଯୁକ୍ତ ଦ୍ୱୟ ନିକଟରେ ଥିବା ଏକ ପେଟ୍ରୋଲ ପମ୍ପରୁ ଉକ୍ତଦିନ ପେଟ୍ରୋଲ କିଣି ରଖିଥିଲେ। ରାତି ପ୍ରାୟ ୧୨ଟାରେ ଅଶୋକ ଓ ଅରୁଣ ସୂରଜଙ୍କ ଦୋକାନ ପାଖକୁ ଆସି ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇ ଫେରାର ହୋଇଥିଲେ। ଫଳରେ ସୂରଜ ଜିଅନ୍ତା ଜଳିଯାଇ ମୃତ୍ୟୁବରଣ କରିଥିଲେ। ଦୋକାନରେ ନିଆଁ ଲାଗିଥିବା ଖବର ପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସେତେବେଳକୁ ସୂରଜଙ୍କ ମୃତ୍ୟୁ ହୋଇସାରିଥିଲା। ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ତେବେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସୂରଜଙ୍କ ବଡ଼ଭାଇ କାହ୍ନା କ୍ଷେତୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଅଶୋକ ଓ ଅରୁଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଆଇଆଇସି ଗୋକୁଳାନନ୍ଦ ସାହୁ ବୁଧବାର ଟାଉନ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

**ପୂର୍ବଶତ୍ରୁତା, ନିଶାଦ୍ରବ୍ୟ କାରବାର ହତ୍ୟାକାଣ୍ଡର କାରଣ**



ସୂରଜ କ୍ଷେତୀ ହତ୍ୟା ମାମଲାରେ ଗିରଫ ଦୁଇ ଅଭିଯୁକ୍ତ।

ରାଜ୍ୟ ଟେନିସ ବଲ କ୍ରିକେଟ

## ପ୍ରତିଯୋଗିତା ଉଦ୍‌ଘାଟିତ

ରାଉରକେଲା ଅଫିସ,୫।୧୨

ସେକ୍ଟର-୮ ଦୁର୍ଗାପୂଜା ପଡ଼ିଆରେ ୟୁଥ ସ୍ପୋର୍ଟସ ଆସୋସିଏଶନ ପକ୍ଷରୁ ୪ର୍ଥ ରାଜ୍ୟ ଟେନିସ ବଲ କ୍ରିକେଟ ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୋଟ ୧୬ଟି ଟିମ୍ ଭାଗ ନେଇଛନ୍ତି। ଖେଳ ଆସନ୍ତା ୧୬ରେ ଉଦ୍‌ଯାପିତ ହେବ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଆରଡିଏ ଅଧ୍ୟକ୍ଷ ସାରଦା ନାୟକ ଯୋଗଦେଇ ଉଦ୍‌ଘାଟନୀ ମ୍ୟାଚର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ରୂପେ ସାମାଜିକ କର୍ମୀ ପପୁ ଜୟସ୍ୱାଲ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ମ୍ୟାଚ୍ ରେଞ୍ଜର ଓ ସେନୁ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ସେନୁ ଏକାଦଶ ୩ ଉଇକେଟରେ ବିଜୟ ହାସଲ କରିଥିଲା। ଏଥିରେ ବିମଳ ମାଝି, ଅରବିନ୍ଦ ସେଠୀ ଓ ପ୍ରତାପ ସୁନା ଖେଳ ପରିଚାଳନା କରିଥିବାବେଳେ ସୁଧାଂଶୁ ଜେନା, ଅବିନାଶ ନାୟକ, ଅଭିଷେକ ଜେନା, ସୌମ୍ୟ ଜେନା ଓ ରାକେଶ ସାମଲ ପ୍ରମୁଖ ସହଯୋଗ ଥିଲେ।

ଖାସବାହାଲ, ଦୋହେଲପଡ଼ା ପଞ୍ଚାୟତକୁ ମରୁଡ଼ି ଘୋଷଣା ଦାବି

# ଖଡ଼ିଆଳ-ଭବାନୀପାଟଣା ରାସ୍ତା ଅବରୋଧ

■ରାସ୍ତାକୁ ଓହ୍ଲାଇଲା ଚାଷୀମୂଲିଆ ସଂଗଠନ

■ଯାନବାହନ ଚଳାଚଳ ବାଧାପ୍ରାପ୍ତ

■ଦାବି ପୂରଣ ପାଇଁ ଲିଖିତ ପ୍ରତିଶ୍ରୁତ



ଖଡ଼ିଆଳ,୫।୧୨(ଡି.ଏନ୍.ଏ.)

ଖାସବାହାଲ, ଦୋହେଲପଡ଼ା ପଞ୍ଚାୟତକୁ ମରୁଡ଼ି ଘୋଷଣା ଦାବିରେ ନିଖିଳ ଉତ୍କଳ ଚାଷୀମୂଲିଆ ସଂଗଠନ ପକ୍ଷରୁ ବୁଧବାର ଖଡ଼ିଆଳ-ଭବାନୀପାଟଣା ୧୬ନଂ ରାଜ୍ୟ ରାଜପଥକୁ ଦୋହେଲପଡ଼ା ଗ୍ରାମଠାରେ ଅବରୋଧ କରାଯାଇଛି। ଚାଷୀମୂଲିଆ ସଂଗଠନ ଆବାହକ କେଶବଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଶତାଧିକ ଚାଷୀ ସକାଳ ୬ଟାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ରାସ୍ତା ଅବରୋଧ କରିଥିଲେ। ଫଳରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ରାସ୍ତାରେ ଶହ ଶହ ଗାଡ଼ି ଅଟକି ରହିଥିଲା। ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଖାସବାହାଲ ଓ ଦୋହେଲପଡ଼ା ପଞ୍ଚାୟତରେ ୨୦୧୫ରୁ ଲଗାତର ଫସଲ ଉଜୁଡ଼ି ମରୁଡ଼ି ପରିସ୍ଥିତି ଦେଖାଦେଇଛି। ହେଲେ ଏହାର ପ୍ରତିକାର ଦିଗରେ ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ। ଏହି ଦୁଇ ପଞ୍ଚାୟତର ଉପର ମୁଣ୍ଡରେ ରାଣୀମୁଣ୍ଡା ଓ ଖାସବାହାଲରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅଛି। ହେଲେ ତାହା ଚାଷୀଙ୍କ କୌଣସି କାମରେ ଆସୁନାହିଁ। ଏଥିସହ ଖଡ଼ିଆଳ ଅଞ୍ଚଳର ମରୁଡ଼ି ପରିସ୍ଥିତିକୁ ଦୃଷ୍ଟିରେ ରଖି ୨୦୦୦ରୁ ଖଡ଼ିଆଳ ସହରଠାରୁ ୧୫ କିଲୋମିଟର ଦୂର ତିଖାଲି ଗ୍ରାମଠାରେ ନିର୍ମାଣ ହୋଇଛି ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ। ହେଲେ ଖାସବାହାଲ ଓ ବଡ଼ଦୋହେଲ ପଞ୍ଚାୟତର ଚାଷୀଙ୍କୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଉ ନାହିଁ। ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପରୁ ଜଳସେଚନ ସୁବିଧା ଯୋଗାଇ ଦେବା ପାଇଁ ଚାଷୀମାନେ ବାରମ୍ବାର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ଏତିକି ନୁହେଁ, ବାରମ୍ବାର ମରୁଡ଼ି ସତ୍ତ୍ୱେ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ମିଳୁନାହିଁ। ଏପରିସ୍ଥଳେ ଜଣେ ଭିଏଲ୍‌ଡବ୍ଲ୍ୟୁ ନିୟୋଜିତ ଥିବାବେଳେ ସେ ନିଷ୍କ୍ରିୟତା ପ୍ରକାଶ କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏଥିପାଇଁ ଚାଷୀମାନଙ୍କୁ ଇନ୍‌ପୁଟ ସବ୍‌ସିଡି ମିଳିପାରୁନାହିଁ। ଯେଉଁମାନଙ୍କ ନାଁରେ ଜମି ନାହିଁ ସେମାନଙ୍କ ନାଁରେ ଜମି ଥିବା ଦର୍ଶାଇ କ୍ଷତିପୂରଣ ରାଶି ଦେବାକୁ ଭିଏଲ୍‌ଡବ୍ଲ୍ୟୁ ରିପୋର୍ଟ ଦେଉଥିବା ଅଭିଯୋଗ ହେଉଛି। ଏ ନେଇ ବାରମ୍ବାର ଜିଲା କୃଷି ଅଧିକାରୀଙ୍କୁ ଅବଗତ କଲେ ସୁଦ୍ଧା କୌଣସି ସୁଫଳ ନ ମିଳିବାରୁ ବୁଧବାର ଚାଷୀଙ୍କ ମଧ୍ୟରେ ପୁଞ୍ଜିଭୂତ ଅସନ୍ତୋଷ ଉଗ୍ରରୂପ ନେଇଥିଲା। ଚାଷୀମାନେ ରାଜ୍ୟ ରାଜପଥ ଅବରୋଧ କରିଥିବା ଖବର ପାଇ ଖଡ଼ିଆଳ ପୋଲିସ ସେଠାରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲା। ହେଲେ ନିର୍ଭରଯୋଗ୍ୟ ତଥା ଲିଖିତ ପ୍ରତିଶ୍ରୁତି ନ ମିଳିଲେ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ଚାଷୀ ଜିଦ୍ ଧରିଥିଲେ। ପୂର୍ବାହ୍ନ ୧୧ଟାରେ ମାଜିଷ୍ଟ୍ରେଟ୍ ତଥା ଅତିରିକ୍ତ ତହସିଲଦାର ସୁଶାନ୍ତ ବରାଳ, ଜିଲା କୃଷି ଅଧିକାରୀ, ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ କେନାଲ ଡିଭିଜନ ନିର୍ବାହୀ ଯନ୍ତ୍ରୀ ସୁରେଶ ପାଢ଼ୀ ପ୍ରମୁଖ ଆନଦୋଳନସ୍ଥଳରେ ପହଞ୍ଚି ଦାବିଗୁଡ଼ିକ ସମ୍ପର୍କରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ଲିଖିତ ପ୍ରତିଶ୍ରୁତି ଦେବା ପରେ ମଧ୍ୟାହ୍ନ ସମୟରେ ରାସ୍ତାରୋକୋ ହଟିଥିଲା। ଆନ୍ଦୋଳନରେ ଚାଷୀମୂଲିଆ ସଂଗଠନ ପକ୍ଷରୁ କୁନୁଚନ୍ଦ୍ର ବେହେରା, ଲକ୍ଷ୍ମଣ ଠେଲା, ଚୂଡ଼ାମଣି ବେହେରା, ଦିବ୍ୟଲୋଚନ ବେହେରା, ସୁବାସ ବନ୍ଦିଛୋର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପୋଲିସ ପ୍ରଶାସନ ପକ୍ଷରୁ ଆଇଆଇସି ସଦାନନ୍ଦ ପୂଜାହାରୀ, ଏସ୍‌ଆଇ ଆଦିତ୍ୟ ମହାକୁଡ଼, ଜିତୁ ମୋହନ ବେଣ୍ଟ୍ରା ପ୍ରମୁଖ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ।

ମଣ୍ଡି ଖୋଲିବାର ୪୮ ଘଣ୍ଟା ବିତିଲା

# ଉଠିପାରୁନି ଧାନ

## ଚାଷୀ-ମିଲର୍ସ ମଧ୍ୟରେ କଟନିଛଟନି ବିବାଦ

କର୍ଲାମୁଣ୍ଡା,୫।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ମଣ୍ଡିଠାରେ ମଣ୍ଡି ଖୋଲିବାର ୪୮ ଘଣ୍ଟା ବିତିଯାଇଥିଲେ ହେଁ ମିଲର୍ସଙ୍କ କଟନି ଛଟନିର ସମାଧାନ ହେଉ ନ ଥିବାରୁ ମଣ୍ଡିରୁ ଧାନ ପାରୁ ନାହିଁ। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ତେବେ ବୁଧବାରଠାରୁ ଚାଷୀମାନେ ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେଉଥିଲେ। ସ୍ଥାନୀୟ ତହସିଲଦାର ଅବନିକାନ୍ତ ସାହୁ, ବିଜେଡି ନେତା ତଥା ମ.ରାମପୁର ଜିଲା ପରିଷଦ ସଭ୍ୟ ପୁଷ୍ପେନ୍ଦ୍ର ସିଂଦେଓ (ପୁଷ୍ପ), ସମବାୟ ନିରୀକ୍ଷକ ଭବନାଥ ରାୟଗୁରୁ, ସହକାରୀ ନିବନ୍ଧକ ସନ୍ତୋଷ କୁମାର ପଣ୍ଡା, ଗ୍ରାମ୍ୟ କୃଷି କର୍ମୀ ଧମେନ୍ଦ୍ର ଶବର, ସମବାୟ ସମିତି ସଭାପତି ଗୋବର୍ଦ୍ଧନ ଭୋଇ, ସମିତି ସଭ୍ୟ ଯଶୋବନ୍ତ ସାହୁ, ପର୍ଶୁ ସାହୁ ପ୍ରମୁଖ ଚାଷୀମାନଙ୍କ ସହ ଯ୍ୟାଲୋଚନା କରିଥିଲେ। ବୁଧବାର ଗୋଟିଏ ଦିନ ପାଇଁ ଅପେକ୍ଷା କରିବା ପାଇଁ ଅଧିକାରୀମାନେ ଅନୁରୋଧ କରିବା ପରେ ଚାଷୀଙ୍କ ଆନ୍ଦୋଳନ ବନ୍ଦ ରହିଥିଲା। ଅନ୍ୟପକ୍ଷେ ରିଷିଡା ଓ ଯୋରାଡବରା ଧାନ ମଣ୍ଡିରେ ମଧ ଅନୁରୂପ ଅବସ୍ଥା ଦେଖିବାକୁ ମିଳିଛି। ଏହି ଦୁଇ ମଣ୍ଡିରେ ମଧ ଗତ ସୋମବାରଠାରୁ ଚାଷୀମାନେ ଧାନ ବିକ୍ରୀ ପାଇଁ ଧାନ ଆଣି ରଖିଥିଲେ ହେଁ ଧାନ ଉଠିପାରିନାହିଁ। ଫଳରେ ୩ ଦିନ ହେଲା ପ୍ରଚଣ୍ଡ ଶୀତକାକରରେ ରାତିସାରା ଚାଷୀ ଧାନ ମଣ୍ଡିରେ ପଡିରହିଛନ୍ତି। ଅନ୍ୟପଟେ ପ୍ରଶାସନ କୌଣସି ଆଶୁ ସମାଧାନ କରିପାରି ନ ଥିବା ବେଳେ ଜିଲାପାଳଙ୍କ ନୀତିନିୟମରେ ମିଲର୍ସ ବି ଚୁପ ରହିଯାଉଛି। ଚାଷୀ ମଣ୍ଡିକୁ ଧାନ ଆଣି ଗଦାଇଲା ପରେ ମିଲର୍ସ ତାକୁ ବସ୍ତାରେ ଭର୍ତ୍ତି କରି ତାର ମାପ କରି ନେବାକୁ କଳାହାଣ୍ଡି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି ଏବଂ ପ୍ରତ୍ୟେହ ବସ୍ତାରେ ୪୦ କେଜି ୬୫୦ଗ୍ରାମ ଲେଖାଏଁ ଧାନଭର୍ତ୍ତି କରିବାକୁ ସେ ପରାମର୍ଶ ଦେଇଛନ୍ତି। ଧାନକୁ ଅଖାରେ ଭର୍ତ୍ତି କରିବା ପାଇଁ କୁଲିମାନେ ରାଜିହେବ ନାହିଁ ବୋଲି ମିଲର୍ସମାନେ କହୁଛନ୍ତି। ଚାଷୀ ମଧ୍ୟ ଏଥିପାଇଁ ଆଗ୍ରହ ଦେଖାଉ ନ ଥିବା ଜଣାଯାଇଛି। ପୂର୍ବପରି ଧାନ ମାପ କରି ନେବାକୁ ମତ ପ୍ରକାଶ ପାଉଛି। ପ୍ରକାଶ ଥାଉକି ରିଷିଡା ଧାନମଣ୍ଡିରେ ୧୯ଜଣ ଚାଷୀଙ୍କ ୯୧୦ କୁଇଣ୍ଟାଲ ଧାନ ପଡିଥିବା ବେଳେ କର୍ଲାମୁଣ୍ଡା ମଣ୍ଡିରେ ୨୫ଜଣ ଚାଷୀଙ୍କ ୧ ହଜାର କୁଇଣ୍ଟାଲ ଧାନ ପଡିରହିଛି। କର୍ଲାମୁଣ୍ଡା ମଣ୍ଡିରେ ମିଲର୍ସମାନେ ୮କେଜି କଟନି ଛଟନି କରିବା ପାଇଁ ଅଡି ବସିଥିବାରୁ ଚାଷୀଧାନ ଦେବା ପାଇଁ ଚାହୁଁନାହାନ୍ତି। ଯଦି ତୁରନ୍ତ ଧାନମଣ୍ଡିରୁ ଧାନ ନ ଉଠେ ତେବେ ଜୋରଦାର ଆନ୍ଦୋଳନ ହେବ ବୋଲି କର୍ଲାମୁଣ୍ଡା ବ୍ଲକ କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଗ୍ରାମାଞ୍ଚଳ କ୍ରିକେଟ: ନୂଆଗଡ଼ ଚାମ୍ପିୟନ



ଫାଇନାଲ ମ୍ୟାଚ୍‌ର ଖେଳାଳିମାନଙ୍କ ଗହଣରେ ବିଧାୟକ ପଦ୍ମନାଭ ବେହେରାଙ୍କ ସହ ଅନ୍ୟାନ୍ୟ ଅତିଥିବୃନ୍ଦ।

ବୀରମହାରାଜପୁର, ୫।୧୨(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଭାଲିଆପଦର ଖେଳ ପଡିଆରେ ବିଜୁ ଯୁବ ବାହିନୀ ତରଫରୁ ଆୟୋଜିତ ଦୁଇଦିନିଆ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ଟୁର୍ନାମେଣ୍ଟରେ ଦେଉଲି, ବାଗବର, ନୂଆଗଡ,କେନ୍ଦୁପାଲି, ଲୁମୁରଜେନା, ଷଣ୍ଢୋ, ନୂଆପାଲି, ଦେଉଲମୁଣ୍ଡା, ଭାଲିଆପଦର, କୁମୁରସିଂଘା ଓ ଫୁଲଚରା ଆଦି ୧୧ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ ନୂଆପାଲି ଓ ନୂଆଗଡ ଦଳ ମଧ୍ୟରେ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ନୂଆପାଲି ୧୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୮୦ ରନ୍ କରିଥିଲା। ଯବାବରେ ନୂଆଗଡ ୫ ଉଇକେଟ୍ ହରାଇ ୮୧ ରନ୍ କରି ବିଜୟୀ ହୋଇଥିଲା। ଦେବରଞ୍ଜନ ଦାସ ଓ ପ୍ରଭନ ମଲ୍ଲିକ ଖେଳ ପରିଚାଳନା କରିଥିଲେ। ଖେଳ ଶେଷରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧକ୍ଷ ରଞ୍ଜିତ କୁମାର ରଥ, ବ୍ରଜ ବିହାରୀ ପଧାନ, ଉଲୁଣ୍ଡା ବ୍ଲକ ବିଜେଡି ସମ୍ପାଦକ ବିହାରୀଲାଲ୍ ମିଶ୍ର ଓ ବୀରମହାରାଜପୁର ବ୍ଲକ ବିସେଜେଡି ସଭାପତି ଭଗବାନ କର୍ଣ୍ଣ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅରବିନ୍ଦ ଝାଙ୍କରଙ୍କୁ ମ୍ୟାନ୍ ଅପ୍ ଦି ସିରିଜ୍ ପୁରସ୍କାର ପ୍ରଦାନ କାରାଯାଇଥିଲା। ବିଜୁ ଯୁବ ବାହିନୀର ସଭାପତି ଆଲୋକ କୁମାର ଦେହୁରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମାରୋହରେ ସମ୍ପାଦକ ଚିତ୍ତରଞ୍ଜନ ଦାଶ, କୋଷାଧକ୍ଷ ରାଜେଶ ମିଶ୍ରଙ୍କ ସମେତ ଯୁବ ବାହିନୀର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ମଙ୍ଗଳବାର ପୂର୍ବାହ୍ନରେ ଉକ୍ତ ଟୁର୍ନାମେଣ୍ଟକୁ ସ୍ଥାନୀୟ ସରପଞ୍ଚ ବ୍ୟମକେଶ ପଣ୍ଡା ଉଦ୍‌ଘାଟନ କରିଥିଲେ। ପୂର୍ବତନ ସରପଞ୍ଚ ଶ୍ୟାମସୁନ୍ଦର ପଣ୍ଡା ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ।

ଚନ୍ଦନପୁରରେ ଆନ୍ତଃରାଜ୍ୟ ଫୁଟବଲ୍ ଟୁର୍ନାମେଣ୍ଟ

# ଉଦ୍‌ଘାଟନୀ ମ୍ୟାଚ୍‌ରେ ସମ୍ବଲପୁର ବିଜୟୀ

ଲାଞ୍ଜିଗଡ,୫।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ ଚନ୍ଦନପୁରଠାରେ ଆନ୍ତଃରାଜ୍ୟ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଶିବରାମ ଯୁବକ ସଂଘ ସଭାପତି ହରିଶ୍ଚନ୍ଦ୍ର ପ୍ରଧାନୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଟୁର୍ନାମେଣ୍ଟ ପ୍ରଥମ ଦିବସରେ ଜଗା ୟୁନିଟେଡ୍ କ୍ଲବ ଭୁବନେଶ୍ୱର ଓ ସମ୍ବଲପୁର ଇଲେଭେନ ମଧ୍ୟରେ ଚିତ୍ତାକର୍ଷକ ଖେଳ ହୋଇଥିଲା। ଦୁଇଟି ଟିମ୍ ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଗୋଲ କରିପାରି ନ ଥିଲେ। ପେନାଲ୍ଟିକ୍‌ରେ ୫/୩ ଗୋଲରେ ସମ୍ବଲପୁର ଇଲେଭେନ ବିଜୟୀ ହୋଇଥିଲା। ପ୍ରଥମ ଦିବସରେ କିଶୋର ଘଡେଇ ଓ ବି.ତିରୁପତି ପାତ୍ର ଖେଳର ଧାରା ବିବରଣି ପ୍ରଦାନ କରିଥିଲେ। ଚନ୍ଦନପୁର ଶିବରାମ ଯୁବକ ସଂଘ ଓ ଲାଞ୍ଜିଗଡ଼ ବେଦାନ୍ତର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ଟୁର୍ନାମେଣ୍ଟର ଉଦଘାଟନୀ ଉତ୍ସବରେ ଲାଞ୍ଜିଗଡ ବିଧାୟକ ବଳଭଦ୍ର ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନୀ ମ୍ୟାଚର ୨ଟି ଟିମ୍‌କୁ ଅଭିନନ୍ଦନ ଜଣାଇଥିଲେ। ବେଦାନ୍ତର ବାହ୍ୟ ସମ୍ପର୍କ ନିର୍ଦ୍ଦେଶକ ସଞ୍ଜୀବ କୁମାର, ସିଏସ୍‌ଆର୍ ମୁଖ୍ୟ ହରମିତ ସେହେରା, ଚମ୍ପାଦେଇପୁର ସରପଞ୍ଚ ଫୁଲମତି ମାଝି, ଚନ୍ଦନପୁର ଗଉନ୍ତିଆ, କରୁଣାକର ପ୍ରଧାନି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆସନ୍ତା ୧୧ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସଂଘର ସଭାପତି ସୂଚନା ଦେଇଛନ୍ତି। ଶିବରାମ ଯୁବକ ସଂଘର ଦେବରାଜ ପ୍ରଧାନି, ହିତେଶ ପ୍ରଧାନି, ପ୍ରଭାକର ପ୍ରଧାନି, ଭାସ୍କର ପ୍ରଧାନିଙ୍କ ସମେତ ସମସ୍ତ ସହଯୋଗ କରିଥିଲେ। ଏହି ଟୁର୍ନାମେଣ୍ଟରେ ୪ଟି ରାଜ୍ୟର ୮ଟି ଟିମ୍ ଅଂଶ ଗ୍ରହଣ କରିଛନ୍ତି। ଟୁର୍ନାମେଣ୍ଟରେ ଅଞ୍ଚଳର ମହିଳାମାନଙ୍କୁ ଉତ୍ସାହିତ କରିବା ପାଇଁ ୭ ତାରିଖରେ ଲେଡିସ ହଷ୍ଟେଲ ଝାରସୁଗୁଡା ଓ ଲେଡିସ ହଷ୍ଟେଲ ସମ୍ବଲପୁରର ମହିଳା ଫୁଟବଲ୍ ଖେଳାଳିଙ୍କୁ ନେଇ ଏକ ମିତ୍ରତାପୂର୍ଣ୍ଣ ଖେଳର ଆୟୋଜନ କରାଯାଇଛି। ଏହି ଅଞ୍ଚଳରେ ପ୍ରଥମ କରି ଆନ୍ତଃରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ହେଉଥିବାରୁ ପଡିଆରେ ହଜାର ହଜାର ଦେଖଣାହାରିଙ୍କ ଭିଡ ଜମିଥିଲା।

ଚିକିତ୍ସା ଲାଗି ଟଙ୍କା ବାଧକ୍

# ପୁଓର ଆଁଖିରେ ବଢ଼ୁଛେ ଆବୁ, ଚିନ୍‌ତାରେ ମା'ବାପ୍

ଲୋଇସିଂହା,୫।୧୨(ଡି.ଏନ.ଏ)

ସ୍କୁଲରେ ପାଠ୍ ପଢ଼ବାର ଇଛା, ଗାଁ ଖୁଲିରେ ସାଂଗସାଥିକର ସଂଗେ ଖେଲବାର ଇଛା। ହେଲେ ଦୁଖର କଥା ଅଜିତ ଥପ୍ପା(୧୪)କଁର ଭୁଜନି ଆଏଁଖିଥି ବଢ଼ୁଥିବାର ଗୁଟେ ଆବୁ ତାହାକୁ ସବୁଥିରୁ ବଁଚିତ କରୁଛେ। ଅଜିତର ଚିକିତ୍ସା କରେଇ କରେଇ ଗରିବ୍ ମା'ବାପ୍ ଝଲା ହେଇଗଲେନ। ହେଲେ ଅଜିତ ଭଲ ନାଇଁହେବାର। ତାହାକୁ ଭଲ କରବାକେ ହେଲେ ଗୁଟେ ବଡ଼ ଧରନର ଅପରେଶନ ଲାଗି ବହୁତ ଟଁକା ଦରକାର। ହେଲେ ପୁଓର ଚିକିତ୍ସାରେ ଟଁକା ବାଧକ୍ ସାଜିଛେ।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ୍ କୁଶମେଲ ପଁଚେତ୍ ଜାମୁଟିଆ ଗାଁର ପୂର୍ଣ୍ଣମୀ ଆର ଭାଗିରଥୀ ଥପ୍ପାକଁର ୩ ଛୁଆପିଲା ଭିତରେ ଅଜିତ ସବାସାନ। ଅଜିତ ୨୦୦୪ ସାଲେ ଜନମ ହେଇଥିଲେ, ଜନମବେଲେ ସବୁ ଠିକ୍‌ଠାକ୍ ଥିଲା। ହେଲେ ତାହାକୁ ଯେତେବେଲେ ୬ ମାସ ହେଲା ଭୁଜ୍‌ନି ଆଏଁଖିଥୁ ପାଏନ୍ ଝରବାର ଆରମ୍ ହେଲା। ଇତାର ପରେ ଆଏଁଖିଥି ଗୁଟେ ଫୁଟ୍‌କା ହେଇଥିଲା, ମା'ବାପ୍ ବଲାଙ୍ଗୀର ନେଇ ଚିକିତ୍ସା କରାଲେ। ପଛେ ବୁର୍ଲା ନେଇ ଦେଢ଼ବଛର ବଏସେ ଅଜିତର ଅପରେଶନ କରାଲେ। ହେଲେ ଦିନାକେତେ ଉତାରୁ ଆବୁ ଫେନ୍ ବଢ଼୍‌ଲା, ଏଥରକ ପୁଓର ଗୁଲଗୁଲା ଦେଖି ଗରିବ୍ ମା'ବାପ୍ ଚିନ୍‌ତାରେ ପଡ଼ିଗଲେ। ଇ ନିହାତି ଗରିବ ସୁଖବାସୀ ପରିବାର ଧାର ଉଧାର କରି ପୁଓକେ ଫେନ୍ କଟକ, ଭୁବନେଶ୍ୱର ନେଇ ଚିକିତ୍ସା କରାଲେ। ଡାକ୍‌ତରକଁର ପରାମର୍ଶ୍ ହିସାବେ ଅଜିତର ଦୁଟିଅ ଥର ଅପରେଶନ ହେଲା। ହେଲେ ଦୁଖର କଥା ଲକ୍ଷାଧିକ୍ ଟଁକା ଧାର ଉଧାରରେ ହେଇଥିବାର ଇ ଦୁଟିଅ ଅପରେଶନ ବି ଅସଫଳ ହେଲା। କଥାଟା ଜାନ୍‌ଲା ଉତାରୁ ଗରିବ୍ ମା'ବାପ୍‌ର ପାଦ୍ ତଲୁ ମାଏଟ୍ ଖସ୍‌ରି ଗଲା। ଏନ୍‌ତାଥି କାଣା କରବେ, କାହାକେ ଗୁହାରବେ ଚିନ୍‌ତାରେ ହରମେଶା ଘାରି ହେଉଛନ୍ ଗରିବ୍ ମା'ବାପ୍। ଇଆଡ଼େ ପୁଓର ଆବୁ ବଢ଼ତେଲ ଯାଉଛେ, ଦରଦ୍‌ରେ ଛଟପଟ ହେଉଛନ୍ ଅଜିତ। ପାଖ୍‌ପଡ଼ିଶା ଆର ଗାଁବାସୀକର ସହଯୋଗରେ ଅଜିତର ଚିକିତ୍ସା ଲାଗି ମା'ବାପ୍ ବିଡିଓ ଆର ଜିଲାପାଳକୁଁ ଭେଟି ଗୁହାରି କରିଥିଲେ। ଜିଲାପାଳକଁର ନିର୍‌ଦେଶରେ ବିଡିଓ ଗଲା ୨୬ ଅକ୍ଟୋବରରେ ଭାଗିରଥୀକଁର ଆକାଉଣ୍ଟରେ ୨୦ ହଜାର ଟଁକା ଜମା କରିଛନ୍। ହେଲେ ଜମା ଟଁକାରେ ଅଜିତର ଅପରେଶନ ସମ୍ଭବ ନୁହେ। ଇ କଥା ଜାନଲା ଉତାରୁ ପଡ଼ିଶା ଚନ୍ଦନଭାଟିର ବିଂଗ୍‌ହ୍ୟୁମାନର କରମକରତାମାନେ ସହଯୋଗ୍‌ର ହାତ୍ ବଢ଼େଇଛନ୍। ରାୟପୁରରେ ଅଜିତର ଆଏଁଖ୍ ଅପରେଶନ କରବାର ଉଦିଅମ ଆରମ୍ ହେଇଛେ। ସଂଗଠନ୍‌ର କରମକରତାମାନେ ଅଜିତର ଅପରେଶନ ଲାଗି ଟଁକା ଯୁଗାଡ଼ରେ ଲାଗିଛନ୍। ସେନ୍‌ତା ଯେନ୍ ସହୃଦ୍ ଲୋକମାନେ ଅଜିତକେ ସାହାଯ୍ କରବାକେ ଚାହୁଁଛନ୍ ସେମାନେ ତାକର ବାପା ଭାଗିରଥୀକଁର କୁଶଙ୍ଗ ଏସବିଆଇ ଶାଖାରେ ଥିବାର ଆକାଉଣ୍ଟ ନମ୍ବର ୩୩୫୬୪୫୩୭୯୮୯ରେ ଟଁକା ଜମାକରବାକେ ଅନୁରୋଧ କରିଛନ୍।



ମା'ର ସଂଗେ ଅଜିତ।


ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ

**ହକି ଓଡ଼ିଶାରେ ବିଶ୍ୱ**

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡ୍‌ୱର୍କ ନୁହେଁ ସ୍ମାର୍ଟ୍‌ୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍‌କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ମୂଲ୍ୟ: ୮୦**

**ଯୋଗାଯୋଗ:** ମନୋଜ ମହାନ୍ତି (ସମ୍ବଲପୁର-୭୦୦୮୫୦୬୮୧୦)

**ସମ୍ବଲପୁର/ବୌଦ୍ଧ/ଦେବଗଡ଼:** ଶ୍ରଦ୍ଧାଂଶୁ ମହାପାତ୍ର (୭୦୦୮୯୨୧୭୯୧), **ବରଗଡ଼/ବଲାଙ୍ଗୀର/ସୋନପୁର:** ନରୋତ୍ତମ ଜେନା (୯୩୪୮୨୦୯୫୩୪), **କଳାହାଣ୍ଡି/ନୂଆପଡ଼ା:** ଶୁଭ୍ରାନ୍ତ ସ୍ୱାଇଁ (୮୪୮୦୨୨୯୬୦୫), **ସୁନ୍ଦରଗଡ଼/ରାଉରକେଲା/ଝାରସୁଗୁଡ଼ା:** ଶ୍ରୀକାନ୍ତ ମହାନ୍ତି (୯୦୪୦୭୧୬୫୮୬)

ଦୂରଭାଷ: ୦୬୬୪-୨୫୮୦୧୦୧/୨୫୪୯୩୦୨


Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଆଜିର କାମ ଆସନ୍ତା କାଲିକୁ ବାକି ରଖି ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।
- ଟମାସ କାର୍ଲାଇଲ୍



## ସଂକ୍ଷେପରେ

### କରମସାନୀ ପୂଜାର ସୁବର୍ଣ୍ଣ ଜୟନ୍ତୀ

ପାଇକମାଲ,୫।୧୨(ଡି.ଏନ.ଏ.): ବରଗଡ ଜିଲା ପାଇକମାଲ ବ୍ଲକ ବିଜାଡିହି ଗ୍ରାମରେ ୪ ଦିନ ଧରି ଚାଲିଥିବା କରମସାନୀ ପୂଜାର ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ବିଜାଡିହି ଗ୍ରାମରେ ଦୀର୍ଘ ୭୫ ବର୍ଷ ହେଲା ଏହି ପରମ୍ପରାକୁ ଜୀବିତ ରଖି ମହାସମାରୋହରେ ପାଳିତ ହୋଇ ଆସୁଛି। ଏହି ଅବସରରେ ୪ସକେତନ ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ, ମୁଖ୍ୟବକ୍ତା ପଦ୍ମଶ୍ରୀ ହଳଧର ନାଗ, ସମ୍ମାନିତ ଅତିଥି ରଜନୀ କୁମାର ମହାନ୍ତି ଯୋଗଦେଇ କରମସାନୀ ପୂଜାର ଐତିହ୍ୟ ଉପରେ ବର୍ଣ୍ଣନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳରୁ ଆସିଥିବା କରମସାନୀ ନାଚ ଓ ଗୀତ ପରିବେଷଣ କରାଯାଇଥିଲା। ଏଥିରେ ବଲାଙ୍ଗୀର ଗୀତାଲୀ ମୁଦୁଲୀ ଓ ସାଥୀ, ବିଜେପୁରର ଦୁଆରୁ ଭୋଏ ଓ ସାଥୀ, ଅତାବିରାର ଉତ୍ତର ଭୋଏ ଓ ସାଥୀ କରମସାନୀ ନାଚ ପରିବେଷଣ କରିଥିଲେ। ସଂକୀର୍ତ୍ତନ ଭୋଏ ଏବଂ ସାଥି ଛତ ନାଚ, ଖଇରା ଓ ବିଜାଡିହିର କଲଙ୍ଗି ନାଚ, ବିଜାଡିହିର ବାଜା ମୁହୁରୀରେ ମଞ୍ଚ ଦୁଲୁକି ଉଠିଥିଲା। କାର୍ଯ୍ୟକ୍ରମକୁ ମେଘରାଜ ପାଣ୍ଡେ, ପିତାମ୍ବର ସାହୁଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।

# ୧୭ରେ କୋସଲ ମହାବନ୍ଦ

## ଗାଁଠୁ ସହର ସବୁଠି ବନ୍ଦ ପାଇଁ ଆହ୍ୱାନ

**ବରଗଡ଼ ଅଫିସ୍,୫।୧୨**

ସ୍ୱତନ୍ତ୍ର କୋସଲ ପ୍ରଦେଶ ଦାବିରେ ଆସନ୍ତା ୧୭ତାରିଖ କୋସଲ ମହାବନ୍ଦ ହେବ। କୋସଲ ରାଜ୍ୟ ସମନ୍ୱୟ ସମିତି ଦ୍ୱାରା ଆହୂତ ଏହି ମହାବନ୍ଦ ପାଳନ ପ୍ରସ୍ତୁତି ନେଇ ବୁଧବାର ବରଗଡ଼ ପୁରୋହିତ ଭବନରେ ଜିଲାସ୍ତରୀୟ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କୋସଲ ରାଜ୍ୟ ସମନ୍ୱୟ ସମିତି ଅଧ୍ୟକ୍ଷ ପ୍ରମୋଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସାଧାରଣ ସମ୍ପାଦକ ସୁନୀଲ ପୁରୋହିତ, ଜିଲା କାର୍ଯ୍ୟକାରୀ ସଭାପତି କେଦାର ମିଶ୍ର, ବରଗଡ଼-ଝାରସୁଗୁଡ଼ା ଜୋନ ସଂଯୋଜକ ନରେନ୍ଦ୍ର ହୋତା ପ୍ରମୁଖ ମଞ୍ଚାସୀନ ଥିଲେ। ବରଗଡ଼ ଜିଲାର ସମସ୍ତ ବ୍ଲକ ପ୍ରତିନିଧି ତଥା କୋସଲ ଯୁବ ସମନ୍ୱୟ ସମିତିର କେନ୍ଦ୍ରୀୟ ଓ ଜିଲା ନେତୃତ୍ୱ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଲୋଚନା ପ୍ରାରମ୍ଭରେ ଅଧ୍ୟକ୍ଷ ମିଶ୍ର ମହାବନ୍ଦ ପାଇଁ ଆବଶ୍ୟକୀୟ ପ୍ରସ୍ତୁତି ଏବଂ ବନ୍ଦ ପୂର୍ବରୁ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରତ୍ୟେକ ଗ୍ରାମରେ ଯେଭଳି ବନ୍ଦ ପାଳନ କରାଯାଇ ପାରିବ, ସେନେଇ ପ୍ରୟାସ କରିବାକୁ ସେ ଅନୁରୋଧ କରିଥିଲେ। ଏପରି କି ପ୍ରତ୍ୟେକ ରାଜନୈତିକ ଦଳର ଜନ ପ୍ରତିନିଧିଙ୍କୁ ସାକ୍ଷାତ କରି କୋସଲ ଆନ୍ଦୋଳନକୁ ସମର୍ଥନ ସହିତ ମହାବନ୍ଦରେ ସାମିଲ ହେବା ପାଇଁ ଆହ୍ୱାନ କରିଥିଲେ। ଆଲୋଚନାରେ ସମସ୍ତ ବ୍ଲକରୁ ଆସିଥିବା ପ୍ରତିନିଧିମାନେ ନିଜ ବ୍ଲକରେ କରିଥିବା ପ୍ରସ୍ତୁତି ସମ୍ବନ୍ଧରେ ଆଲୋଚନା କରିଥିଲେ । କୋସଲ ଯୁବ ସମନ୍ୱୟ ସମିତି ଆସନ୍ତା ୯ତାରିଖରୁ ବାଇକ୍ ରାଲି ମାଧ୍ୟମରେ ସୋହେଲା, ବିଜେପୁର, ଗାଇସିଲେଟ୍, ପଦ୍ମପୁର ଆଦି ବ୍ଲକରେ ବନ୍ଦ ପାଇଁ ଜନ ଜାଗରଣ କରିବ ବୋଲି ମିଶ୍ର ସୂଚନା ଦେଇଥିଲେ। ସାଧାରଣ ସମ୍ପାଦକ ସୁନୀଲ ପୁରୋହିତ ସୂଚନା ଦେଇଥିଲେ ଯେ, ବନ୍ଦ ଦିନ ବିଭିନ୍ନ ଇଞ୍ଜିନିୟରିଂ ତଥା ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଷୟରେ ପରୀକ୍ଷା ଥିବା ଯୋଗୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ପତ୍ର ଦ୍ୱାରା ପରୀକ୍ଷା ଘୁଞ୍ଚାଇବାକୁ ଅନୁରୋଧ କରାଯାଇଛି। ଯଦି କର୍ତ୍ତୃପକ୍ଷ ପରୀକ୍ଷା ତାରିଖ ନ ଘୁଞ୍ଚାନ୍ତି, ତେବେ ପରୀକ୍ଷାର୍ଥୀମାନଙ୍କୁ ପରୀକ୍ଷାକେନ୍ଦ୍ରକୁ ଯିବା ପାଇଁ ବ୍ୟବସ୍ଥା କରିବାକୁ ପୁରୋହିତ ଅନୁରୋଧ କରିଥିଲେ। ସେହିପରି ସମସ୍ତ ଜରୁରୀକାଳୀନ ସେବାରେ ଯିବା, ଆସିବା କ୍ଷେତ୍ରରେ କେହି ବାଧା ସୃଷ୍ଟି ନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଆଲୋଚନାରେ ନିଷ୍ପତ୍ତି ଗ୍ରହଣ କରାଗଲା ଯେ, ବନ୍ଦ ଦିନ ସମସ୍ତ ବ୍ଲକରେ ବିଭିନ୍ନ ସଭା ଓ କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତ ବୁଦ୍ଧିଜୀବୀମାନଙ୍କୁ ସାମିଲ କରାଯିବ । ଜରୁରୀକାଳୀନ ସେବା ବ୍ୟତୀତ ଗାଁରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସମସ୍ତ ଦୋକାନ, ବଜାର, ଅଫିସ୍, ଯାନବାହନ ଚଳାଚଳ ବନ୍ଦ ରହିବ। ବରଗଡ଼ ଜିଲା ସଭାପତି ଅମୂଲ୍ୟ ପତି, ବେଣୁଧର ମହାପାତ୍ର, ପ୍ରତାପ ସୁନା, ମନସୁର ଭୋପଲା, ଦିପକ ରଥ, କାହ୍ନୁଚରଣ ପୃଷ୍ଟି, ଅଶୋକ କୁମାର ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।



ପ୍ରସ୍ତୁତି ବୈଠକରେ କୋସଲ ମହାବନ୍ଦ ପାଇଁ ଆହ୍ୱାନ କରାଯାଉଛି ।

### ଗାଇସିଲେଟରେ ବିଶ୍ୱ ମୃତ୍ତିକା ଦିବସ

**ଗାଇସିଲେଟ,୫।୧୨(ଡି.ଏନ.ଏ.)**

ଗାଇସିଲେଟ କୃଷି ବିଭାଗ କାର୍ଯ୍ୟାଳୟ ପରିସରରେ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କୃଷି ବିଭାଗ ପକ୍ଷରୁ କୃଷକମାନଙ୍କୁ ମାଟି ପରୀକ୍ଷାର ଉପାଦେୟତା ସମ୍ପର୍କରେ ବୁଝାଯାଇଥିଲା। ଏପରି କି କେଉଁ ମାଟିରେ କିଭଳି ଭାବେ ଚାଷ କଲେ ଚାଷୀମାନେ ଲାଭବାନ ହୋଇପାରିବେ ସେନେଇ ବୁଝାଯାଇଥିଲା। ବରଗଡ଼ ଜିଲା କୃଷି ଅଧିକାରୀ ବ୍ରଜ କିଶୋର ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରଗଡ଼ ଜିଲା ପରିଷଦ ଉପାଧ୍ୟକ୍ଷ ମଦନ ଦୀପ ମୁଖ୍ୟଅତିଥି, ସମ୍ମାନୀୟ ଅତିଥି ଭାବେ ତହସିଲଦାର ଭଗତ ସେଠ, ପ୍ରାଣୀଧନ ଚିକିତ୍ସକ ଡା. ରାମୁ ଦାସ, ପଶୁ ଡାକ୍ତର ନୀଳାଞ୍ଚଳ ପଣ୍ଡା, କୃଷି ସମ୍ପ୍ରସାରଣ ନରେଶ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ରହି ସରକାରଙ୍କ ପକ୍ଷରୁ ରହିଥିବା ସୁବିଧା ସୁଯୋଗ ସମ୍ପର୍କରେ ଚାଷୀଙ୍କୁ ଅବଗତ କରାଇଥିଲେ।

### ସ୍ଥାୟୀ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ପ୍ରସଙ୍ଗ

## ୧୪ରେ ଏକାଠି ହେବେ ଓକିଲ ସଂଘ ସମୂହ


ବୈଠକରେ ଜିଲା ଓକିଲ ସଂଘର କାର୍ଯ୍ୟକର୍ତ୍ତାବୃନ୍ଦ ।

**ବରଗଡ଼ ଅଫିସ୍,୫।୧୨**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି । ଏହି ଦାବିରେ ବରଗଡ଼ ଜିଲା ଓକିଲ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଥିବା ବେଳେ ସ୍ଥାନୀୟ କୋର୍ଟ ସମ୍ମୁଖରେ ଧାରଣା ଦିଆଯାଉଛି । ତେବେ ଆନ୍ଦୋଳନକୁ ତୀବ୍ର କରିବା ପାଇଁ ପଶ୍ଚିମ ଓଡ଼ିଶାର ସମସ୍ତ ଓକିଲ ସଂଘକୁ ପୁଣି ଏକଜୁଟ୍ କରିବା ପାଇଁ ବରଗଡ଼ ଜିଲା ଓକିଲ ସଂଘ ନିଷ୍ପତ୍ତି ନେଇଛି। ଏହି କ୍ରମରେ ଆସନ୍ତା ୧୪ତାରିଖ ବରଗଡ଼ରେ ପଶ୍ଚିମ ଓଡ଼ିଶାର ଓକିଲ ସଂଘ ସମୂହକୁ ନେଇ ଏକ ସମାବେଶ ତଥା ବୈଠକର କାର୍ଯ୍ୟକ୍ର ରହିଛି। ସେହିପରି ବୁଧବାର ସନ୍ଧ୍ୟାରେ ଜିଲା ଓକିଲ ସଂଘ ପରିସରରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ରାଜନୈତିକ ଦଳର ନେତା ଏବଂ ବିଭିନ୍ନ ସଂଗଠନର କାର୍ଯ୍ୟକର୍ତ୍ତା ଯୋଗ ଦେଇ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ସମର୍ଥନ ଜଣାଇଥିଲେ। ଜିଲା ଓକିଲ ସଂଘ ସଭାପତି ଅଶୋକ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ସାଧୁ ନେପାକ, ଭାଜପା ଜିଲା ସଭାପତି ଡା. ଅରୁପାନନ୍ଦ ସାହୁ, ପ୍ରଭାତ ଆଦିତ୍ୟ ମିଶ୍ର, ଦେବବ୍ରତ ମିଶ୍ର, ପ୍ରଦୀପ ଦେବତା ପ୍ରମୁଖ ଯୋଗ ଦେଇଥିଲେ । ବୈଠକରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଆଗାମୀ ଆନ୍ଦୋଳନ ତଥା ପଦକ୍ଷେପର ରୂପରେଖ ଉପରେ ଆଲୋଚନା ହୋଇଥିଲା । ଓକିଲ ସଂଘର ସମ୍ପାଦକ ଲିପ୍ସିତ ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ। ଅନ୍ୟପକ୍ଷେ ବରଗଡ଼ ଜିଲା ଓକିଲ ସଂଘର ସଭ୍ୟମାନେ ବିଭିନ୍ନ ଦଳରେ ବିଭକ୍ତ ହୋଇ ଜିଲା ବାହାର ଓକିଲ ସଂଘକୁ ଆସନ୍ତା ୧୪ ତାରିଖ ବୈଠକରେ ଯୋଗଦେବାକୁ ଅନୁରୋଧ ପାଇଁ ଯାଇଥିବା ସୂଚନା ମିଳିଛି।

## କ୍ରିକେଟ ପ୍ରତିଯୋଗିତା: ଅରେଇଗୁଡ଼ି ଦଳ ଚାମ୍ପିୟନ

**ଭେଡ଼େନ, ୫।୧୨(ଡ଼ି.ଏନ.ଏ.)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ବିଜୁ ଯୁବବାହିନୀ କ୍ରିକେଟ ପ୍ରତିଯୋଗିତାରେ ଅରେଇଗୁଡ଼ି ଦଳ ଚାମ୍ପିୟନ ହୋଇଛି। ବୁଧବାର ଭେଡ଼େନ ରଣଜିତା ଷ୍ଟାଡ଼ିୟମରେ ଖେଳା ଯାଇଥିବା ଫାଇନାଲ ମ୍ୟାଚରେ ଅରେଇଗୁଡ଼ି ଦଳ ରୁଷୁଡ଼ା ଦଳକୁ ୬ ଉଇକେଟରେ ପରାସ୍ତ କରି ଏହି ସଫଳତା ହାସଲ କରିଛି। ଫାଇନାଲ ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ରୁଷୁଡ଼ା ଦଳ ୧୦ ଓଭରରେ ୭ ଉଇକେଟ ହରାଇ ୮୭ ରନ୍ କରିଥିଲା। ଜବାବରେ ଅରେଇଗୁଡ଼ି ଏକାଦଶ ୮.୫ ଓଭରରେ ୪ ଉଇକେଟ ହରାଇ ବିଜୟ ପାଇଁ ଆବଶ୍ୟକ ୮୮ ରନ୍ ସଂଗ୍ରହ କରିଥିଲା। ବିଜୟୀ ଦଳର ଅନିଲ କରନ ୧୧ ବଲ୍‌ରେ ୪୦ ରନ୍ କରି ମ୍ୟାନ ଅଫ ଦି ଫାଇନାଲ ଭାବେ ପୁରସ୍କୃତ ହୋଇଥିଲେ। ପୂର୍ବରୁ ଅରେଇଗୁଡ଼ି ଦଳ ପ୍ରଥମ ସେମିଫାଇନାଲରେ ସଂକ୍ରିଡ଼ାକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ସଂକ୍ରିଡ଼ା ଦଳ ୮ ଓଭରରେ ୯ ଉଇକେଟ ହରାଇ ୫୫ ରନ୍ କରିଥିଲା। ଜବାବରେ ଅରେଇଗୁଡ଼ି ଦଳ ୬.୨ ଓଭରରେ ୪ଉଇକେଟ ହରାଇ ବିଜୟ ପାଇଁ ଆବଶ୍ୟକ ୫୬ ରନ୍ କରି ମ୍ୟାଚ ଜିତିଥିଲା। ସେପରି ଦ୍ୱିତୀୟ ସେମିଫାଇନାଲରେ ରୁଷୁଡ଼ା ଦଳ ସୁନାଲରମ୍ଭାକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ସୁନାଲରମ୍ଭା ଦଳ ୮ ଓଭରରେ ୪ ଉଇକେଟ ହରାଇ ୮୦ ରନ୍ କରିଥିଲା। ଜବାବରେ ରୁଷୁଡ଼ା ଦଳ ୫.୫ ଓଭରରେ ୧ ଉଇକେଟ ହରାଇ ବିଜୟ ପାଇଁ ଆବଶ୍ୟକ ୮୪ ରନ୍ କରି ବିଜୟୀ ହୋଇଥିଲେ। ଖେଳଗୁଡ଼ିକୁ ଅମ୍ପାୟର ଜ୍ଞାନ ରଞ୍ଜନ ପଣ୍ଡା, ପ୍ରଶୁନ ଶତପଥୀ ପ୍ରମୁଖ ପରିଚାଳନା କରିଥିଲେ। ରାଜ୍ୟ ହସ୍ତତନ୍ତ ଓ ବୟନ ଶିଳ୍ପମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଭେଡ଼େନ ବ୍ଲକ ଅଧ୍ୟକ୍ଷ ଡ଼ୋଲାମଣି କ୍ଷେତି, ବ୍ଲକ ବିଜେଡ଼ି ସଭାପତି ହରିଶଙ୍କର ବେହେରା, ଭେଡ଼େନ ବିଡ଼ିଓ ମୂରଲୀଧର ନାୟକ, ବିଜୁ ଯୁବବାହିନୀ ସଂଯୋଜକ ଅରବିନ୍ଦ ହୋତା ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।


ଭେଡ଼େନ ବିଜୁ ଯୁବବାହିନୀ କ୍ରିକେଟ ପ୍ରତିଯୋଗିତାର ଉଦ୍‌ଯାପାନୀ ଉତ୍ସବରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

### ବରଗଡ଼ ଧନୁଯାତ୍ରା ମହୋତ୍ସବ

## ଏଥର ଗୋପପୁର ଯାତ୍ରା ଆକର୍ଷଣୀୟ

**ବରଗଡ଼ ଅଫିସ୍,୫।୧୨**

ବୃହତ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ୨୦୧୯ ଜାନୁୟାରୀ ୧୧ରୁ ୨୧ତାରିଖ ପର୍ଯ୍ୟନ୍ତ ଚାଲିବ । ତେବେ ଏଥିରେ ଗୋପପୁର ଯାତ୍ରା ମହୋତ୍ସବର ଏକ ଭିନ୍ନ ଅଂଶ। ଗୋପପୁର ଯାତ୍ରା ବିନା ଧନୁଯାତ୍ରା ମହୋତ୍ସବର କଳ୍ପନା କରାଯାଇ ନ ପାରେ। ଫଳରେ ଅନ୍ୟ ବର୍ଷ ତୁଳନାରେ ଏଥର ଗୋପପୁର ଯାତ୍ରାକୁ ମଧ୍ୟ ଅଧିକ ଆକର୍ଷଣୀୟ କରାଯିବ ବୋଲି ବୁଧବାର ଅମ୍ବାପାଲି(ଗୋପପୁର)ରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଧନୁଯାତ୍ରା ମହୋତ୍ସବ ସମିତି ସଭାପତି ତଥା ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ଏସ୍‌ପି ମୁକେଶ କୁମାର ଭାମୁ, ଆବାହକ ସୁରେଶ୍ୱର ଶତପଥୀ, ଗୋପପୁର ଯାତ୍ରା କମିଟିର ସୁଶିଳ ମହାପାତ୍ର, କୃଷ୍ଣଚନ୍ଦ୍ର ମହାପାତ୍ର, ଦୟାନିଧି ପ୍ରଧାନ, ରବୀନ୍ଦ୍ର ପୂଜାରୀ, ସତ୍ୟନାରାୟଣ ପୋଡ଼, ମୀନକେତନ ଭୋଇ, ଈଶ୍ୱର ବାଗ ପ୍ରମୁଖ ଉପସ୍ଥିତ ଥିଲେ । ଗୋପପୁର ଯାତ୍ରା କମିଟି ଗହଣରେ ଜିଲାପାଳ, ଏସ୍‌ପି ଏବଂ ଅନ୍ୟମାନେ ଗୋପପୁର ଯାତ୍ରା ଉପରେ ଆଲୋଚନା କରିବା ସହିତ ନନ୍ଦ ମଣ୍ଡପ, ନନ୍ଦ ଭବନ, କାଳିନ୍ଦୀ ହ୍ରଦ(ପୋଖରୀ), ଜୀରାନଦୀ କୂଳ ବୃନ୍ଦାବନ ପଡ଼ିଆ ଆଦି ସ୍ଥାନ ବୁଲି ଦେଖିଥିଲେ। ଗୋପପୁର ଯାତ୍ରାର ଦୃଶ୍ୟାଭିନୟକୁ ଅନ୍ୟବର୍ଷ ତୁଳନାରେ ଏଥର ଯେତେ ଅଧିକ ବାସ୍ତବତା ଦିଆଯାଇ ପାରିବ, ସେଥିପ୍ରତି ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଡ଼ିପିଓ ସୁରେଶ କୁମାର ନାଏକ, ଉପଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦ, ରାଜଗୋପାଳ ଦାଶ, ଦେବଦତ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଗୋପପୁର ଯାତ୍ରା ପାଇଁ ଜିଲାପାଳ ଓ ଏସ୍‌ପି ଗୋପପୁର ପରିଦର୍ଶନ କରୁଛନ୍ତି।

### ବଇଦପାଲିରେ ହାତୀ ଆତଙ୍କ ବୋରୱେଲ ଭାଙ୍ଗି, ୬ ଏକର ଫସଲ ନଷ୍ଟ

**ପଦ୍ମପୁର,୫।୧୨(ଡି.ଏନ.ଏ.)**

ବରଗଡ଼ ଜିଲା କନସିଂହା ପଞ୍ଚାୟତ ବଇଦପାଲି ଗ୍ରାମରେ ହାତୀ ଆତଙ୍କ ଦେଖାଦେଇଛି। ଗ୍ରାମରେ ଏକ ହାତୀପଲ ପଶି ନିଳକଣ୍ଠଙ୍କ ଜମିରେ ଥିବା ଏକ ବୋରୱେଲ ଭାଙ୍ଗି ଦେଇଥିବା ବେଳେ ୬ ଏକରରୁ ଊର୍ଦ୍ଧ୍ୱ ଧାନ ଫସଲ ନଷ୍ଟ କରି ଦେଇଥିବା ଅଭିଯୋଗ ହୋଇଛି। ହାତୀପଲରେ ୨୫ରୁ ଊର୍ଦ୍ଧ୍ୱ ହାତୀ ଥିବା ଜଣାପଡିଛି। ସନ୍ଧ୍ୟା ହେଲେ ହାତୀପଲ ଗାଁ ମୁହାଁଉଥିବାରୁ ଗ୍ରାମବାସୀ ଭୟଭୀତ ହୋଇ ରହୁଛନ୍ତି। ଏପରି କି ହାତୀପଲ ଗ୍ରାମର ଚିନ୍ତାମଣି ବନଛୋରର ଏକ ଧାନ ଗଦାକୁ ଦଳିଚକଟି ନଷ୍ଟ କରି ଦେଇଥିବା ଅଭିଯୋଗ ହୋଇଛି। ବନ ବିଭାଗ କ୍ଷୟକ୍ଷତିର ଆକଳନ କରି ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଚାଷୀ ମହଲରେ ଦାବି ହୋଇଛି।

## ବିଭିନ୍ନ ସ୍ଥାନରେ ବିଶ୍ୱ ମୃତ୍ତିକା ଦିବସ

**ଭେଡ଼େନ,୫।୧୨(ଡ଼ି.ଏନ.ଏ.)**

ବରଗଡ଼ ଜିଲା ଭେଡ଼େନ ସ୍ଥିତ କୃଷି କାର୍ଯ୍ୟାଳୟ ପରିସରରେ ବ୍ଲକ ଆତ୍ମା କମିଟି ପକ୍ଷରୁ ବିଶ୍ୱ ମୃତ୍ତିକା ଦିବସ ଶନିବାର ପାଳିତ ହୋଇଯାଇଛି। ଆତ୍ମା କମିଟି ସଭାପତି ହରିଶଙ୍କର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ଲକ ଅଧ୍ୟକ୍ଷ ଡ଼ୋଲାମଣି କ୍ଷେତି ମୁଖ୍ୟଅତିଥି ଭାବେ ଯୋଗଦେଇ ମୃତ୍ତିକା ସଂରକ୍ଷଣ ସକାଶେ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଥିଲେ। ସଭାରେ ବ୍ଲକ ସହାୟକ କୃଷି ଅଧିକାରୀ ଆନନ୍ଦ ଭୋଇ ବିଶ୍ୱ ମୃତ୍ତିକା ଦିବସର ମହତ୍ତ୍ୱ ସମ୍ପର୍କରେ ବ୍ୟକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ୨୦ଜଣ ଚାଷୀଙ୍କୁ ମୃତ୍ତିକା ପରୀକ୍ଷା କାର୍ଡ଼ ବଣ୍ଟନ କରାଯାଇଥିଲା।

**ବିଜେପୁର, (ଡି.ଏନ.ଏ)**

ବରଗଡ ଜିଲା ବିଜେପୁର ବ୍ଲକ ବାଉଁଶପୋଲାରେ ବ୍ଲକସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ବୁଧବାର ପାଳିତ ହୋଇଯାଇଛି । ଆତ୍ମାର ଅଧ୍ୟକ୍ଷ ଆଦିତ୍ୟ ବୁଡେକ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ବ୍ଲକ ସହକାରୀ କୃଷି ଅଧିକାରୀ ଲକ୍ଷ୍ମୀପ୍ରସାଦ ପଟେଲଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ଜିଲା ପରିଷଦ ସଭ୍ୟା ସବିତା ସାହୁ, ଚାରପାଲି ସମିତି ସଭ୍ୟ ସର୍ଜନ ଚିରଗୁଣ, ଟି.ଗଣ୍ଡପାଲି ସରପଞ୍ଚ ଭିକାରୀ ମେହେର, ବିଡିଓ ଡା. ଗିରିଧାରୀ ଭୋଇ, ସହକାରୀ ଉଦ୍ୟାନ ଅଧିକାରୀ ସତ୍ୟବ୍ରତ ସାହୁ, ସହକାରୀ କୃଷି ଅଧିକାରୀ କଳ୍ପନା ପ୍ରଧାନ, ସହକାରୀ ମତ୍ସ୍ୟ ଅଧିକାରୀ ମଧୁସ୍ମିତା ସେଠ ପ୍ରମୁଖ ମଞ୍ଚାସୀନ ଥିଲେ । ମୃତ୍ତିକାର ଉନ୍ନତି ପାଇଁ ଆବଶ୍ୟକୀୟ ପଦ୍ଧତି ଅବଲମ୍ବନ କରିବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ୧୦୦ଜଣ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ କୃଷୀ କର୍ମଚାରୀମାନେ ସହଯୋଗ କରିଥିଲେ।

## ଦିବ୍ୟାଙ୍ଗ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍,୫।୧୨**

ବରଗଡ଼ ଜିଲା ପେରେଣ୍ଟସ୍ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଆନ୍ତର୍ଜାତିକ ଦିବ୍ୟାଙ୍ଗ ଦିବସ ପାଳନ କରାଯାଇଥିଲା । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଡାଙ୍ଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବରଗଡ଼ର ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ, ତୋରା ମିଶନ ସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ମାରୱାଡ଼ି ଯୁବାମଞ୍ଚର ପୂର୍ବତନ ରାଜ୍ୟ ସଭାପତି ଶ୍ୟାମ ସୁନ୍ଦର ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବାପୁଜି ସ୍ୱତନ୍ତ୍ର ବିଦ୍ୟାଳୟର ମେଘନାଦ ସାହୁ, ଅଭୟ ପ୍ରଧାନ, କିଶୋର ସାହୁ, ମାରୱାଡ଼ି ମହିଳା ମଞ୍ଚ ଜାଗୃତି ଶାଖାର ସପ୍ନା ଅଗ୍ରୱାଲ, ସମ୍ପାଦିକା ଅନୁରାଗ ଅଗ୍ରୱାଲ, ମାରୱାଡ଼ି ଯୁବାମଞ୍ଚର ଉପସଭାପତି ରାଜେନ୍ଦ୍ର ଅଗ୍ରୱାଲ ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ପେରେଣ୍ଟସ୍ ଆସୋସିଏଶନର ସମ୍ପାଦକ ସାନନ୍ଦ ନାଗ ସଂଗଠନ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ମହେନ୍ଦ୍ର କୁମାର ଦାସ, ହିରନ କୁମାର ତାଣ୍ଡି, ସେବକରାମ ତାଣ୍ଡି, ହିମାଂଶୁ ବାରିକ, ଅଶୋକ ଭୋଇ, କୁଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖ୍ୟ କିରାଣି ନିଲମ୍ବିତ

**ବରଗଡ଼ ଅଫିସ୍,୫।୧୨**

ବରଗଡ଼ ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ ମୁଖ୍ୟ କିରାଣି କୁମାର ଶଙ୍କର ହଂସଙ୍କୁ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ନିଲମ୍ବିତ କରିଛନ୍ତି । ଜିଲାପାଳ ତାଙ୍କ ଆଦେଶ ପତ୍ର ସଂଖ୍ୟା-୨୦୩୦ ତା୪।୧୨।୨୦୧୮ରେ ତାଙ୍କୁ ନିଲମ୍ବନ କରିଛନ୍ତି । ବିଶୃଙ୍ଖଳିତ ଆଚରଣ ଯୋଗୁ ମୁଖ୍ୟ କିରାଣି ହଂସଙ୍କ ବିରୋଧରେ ଜିଲାପାଳ ତ୍ରିପାଠୀ ଏଭଳି କାର୍ଯ୍ୟାନୁଷ୍ଠାନ ନେଇଥିବା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି ।

### ବରଗଡ଼ରେ ବିଶ୍ୱ ମୃତ୍ତିକା ଦିବସ

## ସମନ୍ୱିତ ଖାଦ୍ୟସାର ପରିଚାଳନାରେ ଗୁରୁତ୍ୱ

**ବରଗଡ଼ ଅଫିସ୍,୫।୧୨**

ବରଗଡ଼ ଜିଲାର ୮୫ପ୍ରତିଶତ ଜମିର ମାଟି ଅମ୍ଳ ଅଟେ । ସେହିପରି ଏଠାକାର ୫୦ ପ୍ରତିଶତ ମାଟିରେ ଅଣୁସାର ଅଭାବ ରହିଛି । ଏଭଳି ସ୍ଥିତିରେ ସମନ୍ୱିତ ଖାଦ୍ୟସାର ପ୍ରୟୋଗର ଆବଶ୍ୟକତା ରହିଛି। ବରଗଡ଼ ସହର ଉପକଣ୍ଠ ଏକାମ୍ର ଛକସ୍ଥିତ ମୃତ୍ତିକା ପରୀକ୍ଷାଗାରରେ ବୁଧବାର ଅନୁଷ୍ଠିତ ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସରେ ଏହି ମତ ପ୍ରକାଶ ପାଇଛି । ଜିଲା କୃଷି ଉପନିର୍ଦ୍ଦେଶକ(ଡିଡିଏ) ଦୀନବନ୍ଧୁ ଗାନ୍ଧୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ଲୋକସଭା ଏମ୍‌ପି ଡ. ପ୍ରଭାସ ସିଂ ମୁଖ୍ୟଅତିଥି ଏବଂ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ମୁଖ୍ୟଅତିଥି ଡ. ସିଂ ଭାଷଣରେ ଜୈବିକ ଚାଷ କରିବା ପାଇଁ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ମୃତ୍ତିକା ପରୀକ୍ଷା ପରେ ଅନୁମୋଦିତ ଖତ, ସାର ପ୍ରୟୋଗକୁ ସେ ଗୁରୁତ୍ୱ ଦେଇଥିଲେ। ସେହିପରି ସମ୍ମାନୀତ ଅତିଥି ସାହୁ କମ୍ ଖର୍ଚ୍ଚରେ ଚାଷୀମାନେ ଯେଭଳି ଅଧିକ ଲାଭବାନ ହୋଇ ପାରିବେ, ସେ ଉପରେ ଆଲୋକପାତ କରିଥିଲେ। ଜିଲାର ମାଟିରେ ଅମ୍ଳ ପରିମାଣ ଅଧିକ ଏବଂ ଅଣୁସାରର ଅଭାବ ରହିଥିବା ଯୋଗୁ ରାସାୟନିକ ସାର କମ୍ ପ୍ରୟୋଗ କରିବାକୁ ସେ ପରାମର୍ଶ ଦେଇଥିଲେ । ଡିଡିଏ ଗାନ୍ଧୀ ମୃତ୍ତିକା ପରୀକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସାର କିଣାବିକାରେ ମୃତ୍ତିକା ସ୍ୱାସ୍ଥ୍ୟଗତ କାର୍ଡ଼ ସଂଯୋଗ ହେଉଥିବା ଯୋଗୁ ଚାଷୀମାନେ ଏଥିପ୍ରତି ଦୃଷ୍ଟି ଦେଇ ସଚେତନ ହେବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି ମୃତ୍ତିକା ରସାୟନବିତ୍ ଯଯାତି କେଶରୀ ଜେନା ବିଶ୍ୱ ମୃତ୍ତିକା ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ବରଗଡ଼ ଜିଲାର ମୃତ୍ତିକାରେ ଅମ୍ଳ ପରିମାଣ ୮୫ପ୍ରତିଶତ ରହିଥିବା ଏବଂ ଅଣୁସାର ୫୦ ପ୍ରତିଶତ ରହିଥିବା ଯୋଗୁ ଜମିରେ ସମନ୍ୱିତ ଖାଦ୍ୟ ସାର ପରିଚାଳନାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର କୃଷି ବୈଜ୍ଞାନିକ ସୁଶ୍ରିତା ସାହୁ, ଡିପିଡି ନରସିଂହ ବେହେରା, ବିହନ ପ୍ରମାଣନ ଅଧିକାରୀ ପ୍ରସନ୍ନ ମହାନ୍ତି, ସିଡ୍ସ ପାଥୋଲୋଜିଷ୍ଟ ଡ. ବିଭୁତି ଭୂଷଣ ମିଶ୍ର, ବରଗଡ଼ ଜିଲା କୃଷି ଅଧିକାରୀ ବିନୋଦ ଲାକ୍ରା, ସହକାରୀ କୃଷିଯନ୍ତ୍ରୀ ସଞ୍ଜୀବ କୁମାର ଜେନା, ସଞ୍ଜୁକ୍ତା ମୁଣ୍ଡା, ସୀତାଂଶୁ ଶେଖର ବେହେରା, ସହକାରୀ କୃଷି ଉପନିର୍ଦ୍ଦେଶକ ସୁଶିଳ କୁମାର ସେଠ ପ୍ରମୁଖ ଯୋଗଦେଇ କୃଷି ଆନୁସଙ୍ଗିକ ବିଭାଗ ତଥା ମୃତ୍ତିକା ପରୀକ୍ଷାର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ସହକାରୀ କୃଷି ଅଧିକାରୀ ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସରେ ଡିଡିଏ ବକ୍ତବ୍ୟ ରଖୁଛନ୍ତି ।



କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ
- ଆର. ଡବ୍ଲ୍ୟୁ. ଇମରସନ



# କର୍ମଚାରୀଙ୍କ ମଧ୍ୟରେ ସୀମିତ ରହିଲା ମୃତ୍ତିକା ଦିବସ

ବୌଦ୍ଧ,୫।୧୨(ସ୍ୱ.ପ୍ର.)

ବୌଦ୍ଧ ଜିଲା କୃଷି ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର ଓ ଇକ୍ରିସାଟର ମିଳିତ ସହଯୋଗରେ ବୌଦ୍ଧ ସହରର ବନ୍ୟା ଆଶ୍ରୟସ୍ଥଳୀଠାରେ ବିଶ୍ୱ ମୃତ୍ତିକା ଦିବସ ବୁଧବାର ପାଳିତ ହୋଇଯାଇଛି । ଜିଲା କୃଷି ଉପନିର୍ଦ୍ଦେଶକ ମନୋରଞ୍ଜନ ମଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଦିବସରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ଭୋଇ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ସୁତନୁ ଶତପଥି, ଅତିରିକ୍ତ ଉଦ୍ୟାନ ନିର୍ଦ୍ଦେଶକ ସୂର୍ଯ୍ୟମଣୀ ମହାରଣା, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ରାଘବ ମଲିକ, ଇକ୍ରିସାଟର କନସଲଷ୍ଟାଣ୍ଟ ପି.କେ ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ସରକାର କୃଷି ଉପରେ ଗୁରୁତ୍ୱ ଦେଇ ଆସୁଥିବାବେଳେ କିନ୍ତୁ କୃଷି ଭିତ୍ତିକ ଜିଲାରେ କୃଷି ବିଭାଗ ପକ୍ଷରୁ ସେପରି ଗୁରୁତ୍ୱ ଦିଆଯାଉ ନ ଥିବା ମନେ ହେଉଛି । ବୁଧବାର ବିଶ୍ୱ ମୃତ୍ତିକା ଦିବସ ପାଳନକୁ ଦେଖିଲେ ଏହା କେବଳ ନାମକୁ ମାତ୍ର ପାଳନ କରାଯାଉଥିବା ଦେଖିବାକୁ ମିଳିଛି । ମୃତ୍ତିକା ଦିବସରେ ଚାଷୀଙ୍କୁ ମାଟି ପ୍ରତି ଗୁରୁତ୍ୱ ଦେବା ପାଇଁ ଅଧିକାରୀମାନେ ନିଜର ମତବ୍ୟକ୍ତ କରିଥିବାବେଳେ କନ୍ତୁ ସଭାରେ ଶୁଣିବାକୁ ହାତଗଣତି ଚାଷୀଙ୍କ ଦେଖାଥିଲା । ବୌଦ୍ଧରେ ୮୦ ପ୍ରତିଶତ ଲୋକମାନେ ଚାଷ ଉପରେ ନିର୍ଭର କରୁଥିବାବେଳେ କିନ୍ତୁ ମୃତ୍ତିକାଦିବସରେ କାହାଁ ଚାଷୀଙ୍କୁ ବୈଠକରେ ଦେଖିବାକୁ ମିଳିଥିଲା । ଏହି ଦିବସ କେବଳ କୃଷି କର୍ମଚାରୀମାନଙ୍କ ମଧ୍ୟରେ ସୀମୀତ ରହିଥିବା ମଧ ଦେଖିବାକୁ ମିଳିଥିଲା । ଏଣୁ ପ୍ରଶାସନ ଆଗକୁ ଏହା ଉପରେ ଗୁରୁତ୍ୱ ଦେବା ସହ ଚାଷୀଙ୍କୁ ଯେପରି ସାମିଲ କରାଯାଇପାରିବ ସେଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।




ବିଶ୍ୱ ମୃତ୍ତିକା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିଗଣ ।

# କୁକୁଡ଼ାଚିଆଁ ବଣ୍ଟନରେ ଅନିୟମିତତା ଅଭିଯୋଗ

ଘଣ୍ଟାପଡା,୫।୧୨(ଡି.ଏନ.ଏ.)

ବୌଦ୍ଧ ଜିଲା କଣ୍ଟାମାଳ ଘଣ୍ଟାପଡା ଗ୍ରାମ ପଞ୍ଚାୟତ ପରିସରରେ ଥିବା ୭ଟି ଗ୍ରାମ ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରାଣୀଚିକିତ୍ସା (ପଶୁ) ବିଭାଗ ତରଫରୁ ଓଡିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ଉମା ପ୍ରାଣୀଧନ ଚିକିତ୍ସକଙ୍କ ଅଧିନରେ କୁକୁଡାଚିଆଁ(ଛୁଆ) ବଣ୍ଟନ କରାଯାଇଥିଲା । ଉକ୍ତ ବଣ୍ଟନ କାର୍ଯ୍ୟକ୍ରମରେ ଚିକିତ୍ସକଙ୍କ ଅନିୟମିତତା ଅଭିଯୋଗ କରାଯାଉଥିବା ଅଭିଯୋଗ ହୋଇଛି। ସେ ପ୍ରତ୍ୟେକ ଚାଷୀଙ୍କଠାରୁ ୧୦, ୨୦ଟଙ୍କା ଆଦାୟ କରୁଥିଲେ । ସରକାରଙ୍କ ଗାଇଡ୍ ଲାଇନ୍ ଅନୁଯାୟୀ ୨୦୧୬-୧୭ଚକଡା ରୋଗପୋକରେ କ୍ଷତିଗ୍ରସ୍ତ ଲୋକଙ୍କୁ ଜୀବିକା ନିର୍ବାହ ପାଇଁ ୨୫ଟି କୁକୁଡା ଛୁଆ ଦିଆଯିବାର ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । କିନ୍ତୁ ଚାଷୀଙ୍କ କ୍ଷୟକ୍ଷତି ତାଲିକା ରାଜସ୍ୱ ବିଭାଗକୁ ଦାୟିତ୍ୱ ନଦେଇ ପଞ୍ଚାୟତ ଦ୍ୱାରା ତାଲିକା ପ୍ରସ୍ତୁତ କରାଯାଇଛି । ଯାହା ଫଳରେ ପ୍ରକୃତ ହିତାଧିକାରୀଙ୍କ ତାଲିକାରେ ନାମ ନ ଥିବା ହେତୁ ଅନେକ ଚାଷୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତାଲିକାନୁସାରେ ପ୍ରତ୍ୟେକ ଚାଷୀଙ୍କୁ ୨୫ଟି ଛୁଆ ବଦଳରେ ୨୦ଟି ଛୁଆ ଦିଆଯାଇଥିଲା । ଏହାକୁ ନେଇ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଛି । ଏ ନେଇ ଚାଷୀମାନେ ଉମା ଚିକିତ୍ସକଙ୍କୁ ପଚାରିବାରୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଆଦେଶ ୨୦ଟି ଛୁଆ ଦିଆଯିବ । ଟଙ୍କା କାହିଁକି ନେଉଛ ବୋଲି ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କହିଲେ ଯେ, ଆମେ କଣ ଭୋକ ଉପାସରେ ମରିବୁ । ଆମ୍ଭେ ଖାଇବା ପାଇଁ ତୁମ୍ଭଠାରୁ ଟଙ୍କା ନେଉଛୁ । ଉଚ୍ଚକର୍ତ୍ତୃପକ୍ଷଙ୍କ ନିରପେକ୍ଷ ତଦନ୍ତ ପାଇଁ ସଚେତନତା ନାଗରୀକଗଣ ଦାବି କରିଛନ୍ତି। ଏପରିସ୍ଥଳେ ଅଧେ ଚାଷୀ କୁକୁଡା ନପାଇ ଫେରିଯାଇଛନ୍ତି । ଗୋଟିଏ ଗାଡି ଛୁଆ କଣ୍ଟାମାଳ ଫେରେଇଦେଇ ସବୁ ଛୁଆ ମରିଗଲେ ବୋଲି ପ୍ରାଣୀଧନ ଚିକିତ୍ସକ କହିଥିଲେ ।


**Bhubaneswar Smart City Limited**
Bhubaneswar Smart City Limited, Block 1, II Floor, BMC-Bhawani Mall, Bhubaneswar-751007

No. 5772 Date: 03.12.18

**1st Corrigendum to Tender Call Notice Vide bid Identification No. 5733/BSCL/187/2018, dated 28.11.2018**

**No.371-C:-** The Notice Inviting Bid No. 5733/BSCL/187/2018, dated 28.11.2018 towards "Development of cycle track corridor in Bhubaneswar Smart City has been revised as below."

| | | |
|---|---|---|
| 1. | Period of completion | 06 (Six Months) |
| 2. | Date and time for availability of bid in web | 14.12.2018 |
| 3. | Date of Pre-Bid Meeting | 21.12.2018 at 11.00 AM |
**ଅମରପାଲି, ୫।୧୨ (ଡି.ଏନ.ଏ.):** ବୀରମହାରାଜପୁର ବ୍ଲକ ଭୁଡିଆପାଲି ଗ୍ରାମରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଦ୍ୱାରା ପରିଚାଳିତ ଗାଁ କଲ୍ୟାଣ ସମିତି ଆନୁକୂଲ୍ୟରେ ପୁରୁଷ ବନ୍ଧ୍ୟାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁର୍ଷୁଣ୍ଡୀ ଗ୍ରାମ ପଞ୍ଚାୟତର ନାଏବ ସରପଞ୍ଚ ସୁଦାମ ଗରିଆ ଅଧକ୍ଷତା କରିଥିଲେ। ବହଲପଦର ସେକ୍ଟର ସୁପରଭାଇଜର ଗିରିଧାରୀ ସାହୁ ମୁଖ୍ୟଅତିଥି, ମସିଣାପାଲି ପୁରୁଷ ସ୍ୱାସ୍ଥ୍ୟ କର୍ମୀ ପ୍ରିୟବ୍ରତ ଜଗଦଲା ସମ୍ମାନୀତ ଅତିଥିଭାବେ ଯୋଗଦେଇ ଉପସ୍ଥିତ ସଭ୍ୟମାନଙ୍କୁ ପୁରୁଷ ବନ୍ଧ୍ୟାକରଣ ଉପରେ ସଚେତନ କରିଥିଲେ। ପୁରୁଷ ବନ୍ଧ୍ୟାକରଣ ହେଲେ ସରକାରଙ୍କ ତରଫରୁ ୨ହଜାର ଟଙ୍କା ଓ ଗାଁ କଲ୍ୟାଣ ସମିତି ପକ୍ଷରୁ ୧ହଜାର ଟଙ୍କା ସହାୟତା ପ୍ରଦାନ କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଥିଲା। ଗ୍ରାମରେ ଏକ ସଚେତନାତ୍ମକ ଶୋଭାଯାତ୍ରା କରି ଗ୍ରାମ୍ୟ ପରିକ୍ରମା କରାଯାଇଥିଲା। ଗ୍ରାମର ୫ଜଣ ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ଭାବେ କାଉନସେଲିଂ କରାଯାଇ ଆଗାମୀ ଦିନରେ ଏହି ପଦ୍ଧତି ଆପଣାଇବାକୁ ପରାମର୍ଶ ଦିଆଯାଇଥିଲା।

ବିଶ୍ୱ ମୃତ୍ତିକା ଦିବସ ସମାରୋହ

# ସୁସ୍ଥ ମାଟି ସୁସ୍ଥ ଜୀବନର ମେରୁଦଣ୍ଡ

**ବଲାଙ୍ଗୀର ଅଫିସ, ୫।୧୨**

ବଲାଙ୍ଗୀର କୃଷି ବିଜ୍ଞାନ କେନ୍ଦ୍ର ଓ ଜିଲା କୃଷି ବିଭାଗ ମିଳିତ ଆନୁକୂଲ୍ୟରେ ବିଶ୍ୱ ମୃତ୍ତିକା ଦିବସ ସମାରୋହ ବୁଧବାର ସ୍ଥାନୀୟ କୃଷି ବିଭାଗ ପରିସରରେ ପାଳନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧକ୍ଷା ଭାରତୀ ମହାନନ୍ଦ, ସମ୍ମାନିତ ଅତିଥି ବଲାଙ୍ଗୀର ବ୍ଲକ ଅଧକ୍ଷ ଗୋଲାପ ବାଗ୍ ଓ ଆଗଲପୁର ବ୍ଲକ୍ ସଦସ୍ୟା ସୁକୁମାରୀ ଧରୁଆ ମଞ୍ଚାସୀନ ଥିଲେ। କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ଆଶିଷ ଦାସ, କୃଷି ଉପନିର୍ଦ୍ଦେଶକ ଶ୍ରୀଧର ଦାସ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ପ୍ରଫୁଲ୍ଲ ସ୍ୱାଇଁ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ସୌମେନ୍ଦ୍ର ମିଶ୍ର, ମତ୍ସ୍ୟ ଅଧିକାରୀ ଅନୀଲ ପୁରୋହିତ, ମୃତ୍ତିକା ରସାୟନବିତ୍ ସୁନନ୍ଦା ସାହୁ ସମେତ ଜିଲାର ବିଭିନ୍ନ ବିଭାଗର ଅଧିକାରୀ, କ୍ଷେତ୍ର କର୍ମଚାରୀ ଓ ୨୫୦ରୁ ଉର୍ଦ୍ଧ୍ୱ ଚାଷୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କୃଷି ବୈଜ୍ଞାନିକ ଆଶିଷ ଦାସ ସ୍ୱାଗତ ଅଭିଭାଷଣ ଦେଇ ମାଟି ପରୀକ୍ଷାର ଗୁରୁତ୍ୱ ଓ ମାଟିର



ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରାଯାଉଛି।

ଜୀବନ୍ତ ମାନ ବଜାୟ ରଖିବାରେ ବିଭିନ୍ନ ଅଣୁଜୀବର ଭୂମିକା ଉପରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଜିଲା ପରିଷଦ ଅଧକ୍ଷା ମହାନନ୍ଦ ବକ୍ତବ୍ୟ ରଖି ରସାୟନିକ ବିଷ ଓ ସାର ପ୍ରୟୋଗ ଯଥେଷ୍ଟ କମ୍ କରି ମାଟି ସ୍ୱାସ୍ଥ୍ୟର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ସୁସ୍ଥ ମାଟି ହିଁ ସୁସ୍ଥ ଜୀବନର ମେରୁଦଣ୍ଡ ବୋଲି ସେ କହିଥିଲେ। ଉଦ୍ୟାନ ଉପନିର୍ଦ୍ଦେଶକ ସ୍ୱାଇଁ ଧାନକଟା ପରେ ପୁଆଳ ଓ ନଡାର ବିଘଟନ କରାଯାଇ କିପରି ଜିଆଖତ କରାଯାଇ ମାଟିର ସ୍ୱାସ୍ଥ୍ୟରକ୍ଷା ଓ ଅଧିକ ଫସଲ ଅମଳ କରାଯାଇ ପାରିବ କହିଥିଲେ। ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ମିଶ୍ର ଦୂଷିତ ପାଣି କିପରି ମାଟିକୁ ଖରାପ କରୁଛି କହିଥିଲେ। ଜେ ଫାର୍ମ ଆପ ଜରିଆରେ ଭଡାରେ କିଭଳି କୃଷି ଯନ୍ତ୍ରପାତି ମିଳିପାରିବ ଓ ଏହା ୧୦ କିଲୋମିଟର ଭିତରେ ଚାଷୀମାନେ କିଭଳି ଲାଭ ଉଠାଇ ପାରିବେ କୃଷି ଯାନ୍ତ୍ରିକ ଅଧିକାରୀ ସୂଚନା ଦେଇଥିଲେ। ଡିଡିଏ ଶ୍ରୀଧର ଦାସ ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷାଗାର କିଭଳି ଗାଁ ଗାଁ ବୁଲି ବିନାଦେୟରେ ମାଟି ପରୀକ୍ଷା କରିପାରିବ ତାହା ଉପରେ କହିଥିଲେ। ଏହା ସହିତ ଇ-ପେଷ୍ଟ ସର୍ବେକ୍ଷଣ, ପ୍ରଧାନମନ୍ତ୍ରୀ କୃଷିବୀମା ଯୋଜନା, ଚକଡା ପୋକ ପରିଚାଳନା, ମିଲେଟ୍ ମିଶନ, ମାଟି ପରୀକ୍ଷା ଉପରେ ସୂଚନା ଦେଇଥିଲେ। କୁଡାସିଂହାର ଅଗ୍ରଣୀ ଚାଷୀ ଋଷି ପଟେଲ, ତୁଷରାର ଲକ୍ଷ୍ମଣ ମହାକୁଡ, ମଧୁପାଲିର ପାର୍ଥ ସା, ଦେଓଗାଁର ମାଧବ ତାଣ୍ଡି ବକ୍ତବ୍ୟ ରଖି ମାଟିର ଯତ୍ନ ଓ କୃଷକଙ୍କ ଅନ୍ୟାନ୍ୟ ସମସ୍ୟା ଉପରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ୧୦୦ ଜଣ ଚାଷୀଙ୍କ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରାଯାଇଥିଲା। ଶେଷରେ କୃଷି ଅଧିକାରୀ ତଥା ମୃତ୍ତିକା ରସାୟନବିତ୍ ସୁନନ୍ଦା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବୈଜ୍ଞାନିକ ସସ୍ମିତା ପୁରୋହିତ, ଡ ତପନ ପଲାଇ, ସାର୍ଥକ ପଟ୍ଟନାୟକ, ରବି ଶତପଥି, ସାଗରିକା ସୁନା, ରାହୁଲ ବେହେରା ଓ ସୁଧାକର ନନ୍ଦ ପରିଚାଳନା କରିଥିଲେ।

**୧୦୦ ଜଣ ଚାଷୀଙ୍କୁ ବଣ୍ଟନ କରାଗଲା ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ**



ବିଶ୍ୱ ମୃତ୍ତିକା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

## ମାଟିର ସ୍ୱାସ୍ଥ୍ୟ ପରୀକ୍ଷା ଉପରେ ଗୁରୁତ୍ୱ

**ଖପ୍ରାଖୋଲ, ୫।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ସହକାରୀ କୃଷି ଅଧିକାରୀ କାର୍ଯ୍ୟାଳୟ ତାଲିମ ଗୃହଠାରେ ବିଶ୍ୱ ମୃତ୍ତିକା ଦିବସ ବୁଧବାର ପାଳିତ ହୋଇଯାଇଛି। କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଖପ୍ରାଖୋଲ ଓ ଆତ୍ମା ବଲାଙ୍ଗୀରର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସହକାରୀ କୃଷି ଅଧିକାରୀ ତୁଷାର ରଞ୍ଜନ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣମାସୀ ବରିହା, ସମ୍ମାନିତ ଅତିଥି ତହସିଲଦାର ଆନନ୍ଦ ପଣ୍ଡା, ବିଡିଓ ଡା. ସୁଜିତ କୁମାର ଶତପଥୀ, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ସତ୍ୟେନ୍ଦ୍ର ଏକ୍କା, ସହକାରୀ କୃଷି ଅଧିକାରୀ ସୁଜିତ କୁମାର ଭୋଇ ପ୍ରମୁଖ ଯୋଗଦେଇଥିଲେ। ଚାଷ କଲାବେଳେ ମାଟିର ସ୍ୱାସ୍ଥ୍ୟ ପରୀକ୍ଷା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ମନଇଚ୍ଛା ସାର ଏବଂ କୀଟନାଶକ ପ୍ରୟୋଗ ନ କରି ମାଟି ଯେଉଁ ଉପାଦାନର ସାର ଆବଶ୍ୟକ କରୁଛି ତାହା ସୁଷମ ଭାବରେ ପ୍ରୟୋଗ କରିବାକୁ ପରାମର୍ଶ ଦେଇଥିଲେ। ଅମ୍ଳାକ୍ତ ମାଟିରେ କାଗଜ କଲମଣ୍ଡ ପ୍ରୟୋଗ କରି ମାଟିକୁ ଚାଷ ଉପଯୋଗୀ କରିବାକୁ ଚାଷୀମାନେ ଆଗେଇ ଆସିବାକୁ ସେମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ ଭୋଇ, ଏଫଆଇଏସି ଚେୟାରମ୍ୟାନ ଜୟକୃଷ୍ଣ ସାହୁ, ରଘୁନାଥ ସିଂ ବରିହାଙ୍କ ସମେତ ଅଗ୍ରଣୀ ଚାଷୀ, କୃଷି କର୍ମଚାରୀ, କୃଷକ ସାଥି ଉପସ୍ଥିତ ଥିଲେ।

ଭାରତର ଦୀର୍ଘତମ ସେତୁ ବୋଗିବିଲ୍ ବ୍ରିଜ୍

# ୨୫ରେ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୫।୧୨ (ପି.ଟି.)**

ଭାରତର ଦୀର୍ଘତମ ରେଳ-ସଡ଼କ ସେତୁ କୁହାଯାଉଥିବା ବୋଗିବିଲ୍ ବ୍ରିଜ୍ ଚଳିତ ମାସ ୨୫ ତାରିଖ 'ଗୁଡ୍ ଗଭର୍ନାନ୍ସ ଡେ'ରେ ଉଦ୍‌ଘାଟିତ ହେବ। ବ୍ରହ୍ମପୁତ୍ର ନଦୀର ଉତ୍ତର ଏବଂ ଦକ୍ଷିଣକୁ ସଂଯୋଗ କରୁଥିବା ଏହି ୪.୯୪ କିମି ଲମ୍ବର ସୁଦୀର୍ଘ ସେତୁକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ। ୧୯୯୭ ଜାନୁୟାରୀରେ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍. ଡି. ଦେବଗୌଡ଼ ଆସାମ ଓ ଅରୁଣାଚଳ ପ୍ରଦେଶର ପୂର୍ବାଞ୍ଚଳରେ ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏପ୍ରିଲ ୨୦୦୨ରେ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ସେତୁ ନିର୍ମାଣ କାର୍ଯ୍ୟର ଶୁଭ ପକାଇଥିଲେ। ମାତ୍ର ବିଗତ ୧୬ ବର୍ଷ ଧରି ବାରମ୍ବାର କାର୍ଯ୍ୟ ଶେଷହେବାର ସମୟ ସୀମାରେ ବ୍ୟତିକ୍ରମ ହୋଇ ଆସୁଥିଲା। ଡିସେମ୍ବର ୩ ତାରିଖରେ ପ୍ରଥମଥର ନବନିର୍ମିତ ସେତୁରେ ମାଲ୍‌ଗାଡ଼ି ଚଳାଚଳ କରିଥିଲା। ଅରୁଣାଚଳ ପ୍ରଦେଶ ସୀମାବର୍ତ୍ତୀ ଅଞ୍ଚଳଗୁଡ଼ିକୁ ସାମଗ୍ରୀ ପରିବହନରେ ହେଉଥିବା ସମସ୍ୟାକୁ ଦୃଷ୍ଟିରେ ରଖି ଭାରତ ସରକାରଙ୍କ ଭିତ୍ତିଭୂମି ପ୍ରୋଜେକ୍ଟ ଅନ୍ତର୍ଗତ ଏହି ବୋଗିବିଲ୍ ବ୍ରିଜ୍‌ର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି ବ୍ରିଜ୍ ହେବା ଦ୍ୱାରା ବ୍ରହ୍ମପୁତ୍ର ନଦୀ ସମେତ ଏହାର ଶାଖା ନଦୀଗୁଡ଼ିକୁ ସଡ଼କ ଓ ରେଳ ସଂଯୋଗ ସମ୍ଭବ ହୋଇପାରିଛି।



## ପନ୍ଚେଇ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବୀରମହାରାଜପୁର, ୫।୧୨(ଡି.ଏନ୍.ଏ.)**

ବୀରମହାରାଜପୁର ବ୍ଲକ କେଞ୍ଜରିଆପାଲି ଗ୍ରାମରେ ନବନିର୍ମିତ ପନ୍ଚେଇ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ବୁଧବାର ସମ୍ପନ୍ନ ହୋଇଛି। ଏହି ଅବସରରେ ଦେବୀଙ୍କ ବିଗ୍ରହ ସ୍ଥାପନ କରାଯାଇଛି। ଉତ୍ସବ ଉପଲକ୍ଷେ ପାରମ୍ପରିକ ପୂଜାର୍ଚ୍ଚନା ଓ ହୋମଯଜ୍ଞାଦି ସହ ବ୍ୟାସ ଦଇତାରି ବିଶିଙ୍କ ଦଳ ରାମାୟଣ ସୁନ୍ଦରାକାଣ୍ଡ ପାରାୟଣ କରିଥଲେ।

## ଇନ୍‌ଷ୍ଟାଗ୍ରାମ୍‌ରେ ମୋଦି ସର୍ବାଧିକ ଲୋକପ୍ରିୟ



**ନୂଆଦିଲ୍ଲୀ,୫।୧୨(ପି.ଟି.)**

ସୋସିଆଲ୍ ମିଡ଼ିଆରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜର ଏକ ସ୍ୱତନ୍ତ୍ର ପରିଚିତି ସୃଷ୍ଟି କରିପାରିଛନ୍ତି। ସେ ଟ୍ୱିଟରରେ ଜଣେ ଜଣାଶୁଣା ବ୍ୟକ୍ତିତ୍ୱ ଭାବେ ଚହଳ ସୃଷ୍ଟି କରିଥିବାବେଳେ ଇନ୍‌ଷ୍ଟାଗ୍ରାମ୍‌ରେ ଲୋକପ୍ରିୟତାରେ ବିଶ୍ୱର ସବୁଠୁ ପ୍ରଭାବଶାଳୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ପୋପ୍ ଫ୍ରାନ୍ସିସ୍‌ଙ୍କୁ ପଛରେ ପକାଇଛନ୍ତି। ଇନଷ୍ଟାଗ୍ରାମ୍‌ରେ ୨୦୧୮ରେ ବିଶ୍ୱର ସର୍ବାଧିକ ଚର୍ଚ୍ଚିତ ନେତା ଓ ବ୍ୟକ୍ତିତ୍ୱ ତାଲିକାରେ ମୋଦି ସର୍ବାଗ୍ରେ ରହିଛନ୍ତି। ମଙ୍ଗଳବାର ଜନସମ୍ପର୍କ ଏବଂ ଯୋଗାଯୋଗ ସଂସ୍ଥା ବିସିଡବ୍ଲ୍ୟୁ, ଗ୍ଲୋବାଲ୍‌ର 'ଟ୍ୱିପ୍ଲୋମାସି' ଷ୍ଟଡି ଅନ୍ତର୍ଗତ ପ୍ରକାଶ ପାଇଥିବା ତାଲିକା ଓ ତଥ୍ୟ ଅନୁଯାୟୀ ପ୍ରଧାନମନ୍ତ୍ରୀ ମୋଦିଙ୍କ ୧୫.୪ ମିଲିୟନ ଅନୁଗାମୀ ରହିଛନ୍ତି। ଆଶ୍ଚର୍ଯ୍ୟର ବିଷୟ ହେଉଛି, ଚଳିତବର୍ଷ ଇନ୍‌ଷ୍ଟାଗ୍ରାମରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ୧,୫୫୬ ଫଟୋ ଏବଂ ଭିଡିଓ ପୋଷ୍ଟ କରିଥିଲାବେଳେ ମୋଦି ମୋଟ ୮୦ (ଫଟୋ ଏବଂ ଭିଡିଓ) ଅପ୍‌ଲୋଡ଼ କରିଛନ୍ତି। ଏହାସତ୍ତ୍ୱେ ପାରସ୍ପରିକ ଆଦାନପ୍ରଦାନ କ୍ରିୟାରେ ସେ ତାଙ୍କ ପ୍ରତିପକ୍ଷ ଟ୍ରମ୍ପଙ୍କଠାରୁ ଅଧିକ ଲୋକପ୍ରିୟ ଓ ସଫଳ ବ୍ୟକ୍ତିତ୍ୱ ହୋଇପାରିଛନ୍ତି। ଇନ୍‌ଷ୍ଟାଗ୍ରାମ୍‌ରେ ଟ୍ରମ୍ପଙ୍କ ଆଦାନପ୍ରଦାନ ହାର ୧.୫୮ ରହିଥିବାବେଳେ ମୋଦିଙ୍କର ୭.୧୧ ରହିଛି। ମୋଦିଙ୍କୁ ତାଙ୍କ ପ୍ରତି ଫଟୋ ଓ ଭିଡିଓ ପୋଷ୍ଟ ପାଇଁ ହାରାହାରି ୮୭୩,୩୦୨ ପ୍ରତିକ୍ରିୟା ମିଳିଥିବା ଜଣାଯାଇଛି। ସେହିପରି ୨୦୧୯ ନିର୍ବାଚନ ଓପିନିୟନ୍ ପୋଲ୍ ସର୍ଭେ ଅନୁଯାୟୀ, ମୋଦି ତାଙ୍କ ପ୍ରତିପକ୍ଷ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କଠାରୁ ଆଗରେ ରହିଥିବା ଉକ୍ତ ଷ୍ଟଡି ରିପୋର୍ଟରେ ଦର୍ଶାଯାଇଛି।

ଇନ୍‌ଷ୍ଟାଗ୍ରାମ ଚର୍ଚ୍ଚିତ ତାଲିକାରେ ମୋଦି ଶୀର୍ଷରେ ରହିଥିବାବେଳେ ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋ (ଦ୍ୱିତୀୟ), ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ (ତୃତୀୟ), ପୋପ୍ ଫ୍ରାନ୍ସିସ୍ (ଚତୁର୍ଥ), ଜୋର୍ଡାନ ରାଣୀ (ପଞ୍ଚମ) ଏପରି କି ଇଂଲଣ୍ଡର ରାଜ ପରିବାର (ଅଷ୍ଟମ) ସ୍ଥାନରେ ରହିଛନ୍ତି।

## ଡିଗ୍ରୀ କଲେଜରେ ଆତ୍ମରକ୍ଷା ତାଲିମ ଶିବିର

**ବୀରମହାରାଜପୁର, ୫।୧୨(ଡି.ଏନ୍.ଏ.)**

ବୀରମହାରାଜପୁର ବ୍ଲକ ସୁବଳୟାସ୍ଥିତ ଆଞ୍ଚଳିକ ଡିଗ୍ରୀ କଲେଜରେ ଅଧ୍ୟୟନରତ ଛାତ୍ରୀମାନଙ୍କ ସକାଶେ ଆତ୍ମ ସୁରକ୍ଷା ତାଲିମ ଶିବିର ବୁଧବାର ଆରମ୍ଭ ହୋଇଛି। ୯୦ଜଣ ଛାତ୍ରୀଙ୍କୁ ନେଇ ଆରମ୍ଭ କରାଯାଇଥିବା ଶିବିରରେ ଜିଲା ଉଚ୍ଚଶିକ୍ଷା ପରାମର୍ଶଦାତା ଡ. ପ୍ରଫୁଲ୍ଲ କୁମାର ରଥ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। କଲେଜ ଅଧକ୍ଷ ବଳଦେବ ପୂଜାହାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଅଧ୍ୟାପିକା ବିଣାପାଣୀ ଦାସ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ।


ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
O/o Sr. General Manager Construction, Zone-II, Sambalpur
At-132/33 Kv Grid S/S, Ganesh Nagar, Bhoidar Nuapali, PO- Sankarma, Sambalpur-7680006
Telephone : (0663) 2540039, Email : sgm.con2.sbp@optcl.co.in
No /SGM(TP&C)/Publication/Gaz/ 2526 Date : 04.12.2018

NOTIFICATION

In accordance with section- 164 of Indian Electricity Act., 2003 and in exercise of the power conferred upon OPTCL vide Department of Energy, Government of Odisha Order No. 2353-R&R-II-10.2006,dated the 9th March 2006 , the following transmission scheme which are intended to be undertaken by the Odisha Power Transmission Corporation Limited for execution are published for general information. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager, Construction Zonal Office-II, OPTCL, Sambalpur-768006 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), as mentioned against the work on any working day during office hours.

| Sl. No. | Name of the Work & Scope | Name of the village in which the line will pas | Tentative estimated amount | Name of the Executive Engineer to be contacted | Perceived benefit that may accrue. |
|---|---|---|---|---|---|
| 01 | Construction of 132KVLILO from existing 132KV DC Budhipadar- Tarkera line (Ckt-II) and construction of 220KV LILO from existing 220KV DC Budhipadar-Tarkera line (Ckt- II) both in 220KV Multicircuit tower tp proposed 220/132/33KV Grid S/s Bamra (Total length of ine: 7.409 Kms) | **Tehsil:-** Bamra **R.I.Circle:-** Govindpur (Bamra) **Revenue Village:** Bamphei, Gurla, Baunsalaga, Govindpur Town Unit No. 02 (Dumermunda Bada) | Rs. 15 crores (Approx.) | Deputy General Manager (Elect.), EHT (Construction) Division, Jharsuguda. | To develope quality power supply in & around areas of Bamra |

Sd./- Chief General Manager (Const.), Zone-II, OPTCL, Sambalpur

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
O/o Sr. General Manager Construction, Zone-II, Sambalpur
At-132/33 Kv Grid S/S, Ganesh Nagar, Bhoidar Nuapali, PO- Sankarma, Sambalpur-7680006
Telephone : (0663) 2540039, Email : sgm.con2.sbp@optcl.co.in
No /SGM(TP&C)/Publication/Gaz/ 2527 Date : 04.12.2018

NOTIFICATION

In accordance with section- 164 of Indian Electricity Act., 2003 and in exercise of the power conferred upon OPTCL vide Department of Energy, Government of Odisha Order No. 2353-R&R-II-10.2006,dated the 9th March 2006 , the following transmission scheme which are intended to be undertaken by the Odisha Power Transmission Corporation Limited for execution are published for general information. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager, Construction Zonal Office-II, OPTCL, Sambalpur-768006 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), as mentioned against the work on any working day during office hours.

| Sl. No. | Name of the Work & Scope | Name of the village in which the line will pass | Tentative esti-mated amount | Name of the Executive Engineer to be contacted | Perceived benefit that may accrue. |
|---|---|---|---|---|---|
| 01 | Construction of 132KVD/C (4 Conductor) line from proposed 220/132/33KV Grid S/s Bamra to Proposed RTSS Dhutra (Total length of ine: 38.338 Kms)) | **Tehsil;-** Bamra, **R.I.Circle:-** Govindpur (Bamra) **Revenue Village:** Govindpur Town Unit No. 02 (Dumermunda Bada), Mithupada, Govindpur Town Unit No. 01 . **Tehsil:-** Sundargarh **R.I.Circle:-** Kulta., **Revenue Village:** Kaputikira, Kulta, Phiringi Bahal, Kheria kani. **Tehsil:-** Sundargarh R.I.Circle:- Majhapara **Revenue Village:** Dharuadihi, Budelkani, Suanmal, Ledhimanga,, **Tehsil:-** Kirmira, **R.I.Circle:-** Jharmunda. **Revenue Village:** Jharmunda, Handatupa, Teladihi. **Tehsil:-** Kirmira, **R.I.Circle:-** Bandhapali. **Revenue Village:** Tumbadihi, Sarasmal, Kadobahal, Panpali, Aghria, Bagdihi, Jharmal, Bhalupatra, Bandhpali, Bhursimal, Sialrama, Siarmal, Thakurpada **Tehsil :** Kirmira, **R.I.Circle -** Kirmira, **Revenue Village :** Bidmal **Tehsil :** Kirmira, **R.I.Circle :** Arda, **Revenue Village :** Arda, Saraspali, Dhutura | Rs 15.5 crores (Approx.) | Deputy General Manager (Elect.), EHT (Const-ruction) Division, Jharsuguda. | To develope quality power supply RTSS Garposh |

Sd./- Chief General Manager (Const.), Zone-II, OPTCL, Sambalpur

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
O/o Sr. General Manager Construction, Zone-II, Sambalpur
At-132/33 Kv Grid S/S, Ganesh Nagar, Bhoidar Nuapali, PO- Sankarma, Sambalpur-7680006
Telephone : (0663) 2540039, Email : sgm.con2.sbp@optcl.co.in
No /SGM(TP&C)/Publication/Gaz/ 2528 Date : 04.12.2018

NOTIFICATION

In accordance with section- 164 of Indian Electricity Act., 2003 and in exercise of the power conferred upon OPTCL vide Department of Energy, Government of Odisha Order No. 2353-R&R-II-10.2006,dated the 9th March 2006 , the following transmission scheme which are intended to be undertaken by the Odisha Power Transmission Corporation Limited for execution are published for general information. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager, Construction Zonal Office-II, OPTCL, Sambalpur-768006 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), as mentioned against the work on any working day during office hours.

| Sl. No. | Name of the Work & Scope | Name of the village in which the line will pass | Tentative estimated amount | Name of the Executive Engineer to be contacted | Perceived benefit that may accrue. |
|---|---|---|---|---|---|
| 01 | Construction of 132KV D/C (4 Conductor) line from proposed 220/132/33KV Grid S/s Bamra to existing RTSS Bamra (Total length of ine: 1.794Kms)) | **Tehsil:-** Bamra **R.I.Circle** :- Govindpur (Bamra) **Revenue Village:** Govindpur Town Unit No. 02 (Dumermunda Bada) | Rs. 1 crore (Approx.) | Deputy General Manager (Elect.), EHT (Construction) Division, Jharsuguda. | To develope quality power supply RTSS Bamra |

Sd./- Chief General Manager (Const.), Zone-II, OPTCL, Sambalpur

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
O/o Sr. General Manager Construction, Zone-II, Sambalpur
At-132/33 Kv Grid S/S, Ganesh Nagar, Bhoidar Nuapali, PO- Sankarma, Sambalpur-7680006
Telephone : (0663) 2540039, Email : sgm.con2.sbp@optcl.co.in
No /SGM(TP&C)/Publication/Gaz/ 2529 Date : 04.12.2018

NOTIFICATION

In accordance with section- 164 of Indian Electricity Act., 2003 and in exercise of the power conferred upon OPTCL vide Department of Energy, Government of Odisha Order No. 2353-R&R-II-10.2006,dated the 9th March 2006 , the following transmission scheme which are intended to be undertaken by the Odisha Power Transmission Corporation Limited for execution are published for general information. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager, Construction Zonal Office-II, OPTCL, Sambalpur-768006 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), as mentioned against the work on any working day during office hours.

| Sl. No. | Name of the Work & Scope | Name of the village in which the line will pass | Tentative estimated amount | Name of the Executive Engineer to be contacted | Perceived benefit that may accrue. |
|---|---|---|---|---|---|
| 01 | Construction of 132KV D/C (4 Conductor) line from proposed 220/132/3 3KV Grid S/s Bamra to Proposed RTSS Garposh (Total length of ine: 18.424Kms)) | **Tehsil:-** Bamra **R.I.Circle:-** Govindpur (Bamra) **Revenue Village:** Govindpur Town Unit No. 02 (Dumermunda Bada), Baunsalaga, Nuian munda, Kechupani, Baragada, Bhagapada, Uchhuka pat, Lolobiera. **R.I.Circle:-** Garposh. Revenue Village: Titiripashi, Mahulachhapala, Pindapathara, Garposh, Dehuripada, Bada Phiringi, bahal, Bundukamala, Manapali, Dehuri Pada. | Rs 8.37 crores (Approx.) | Deputy General Manager (Elect.), EHT (Constructio n) Division, Jharsuguda. | To develope quality power supply RTSS Garposh |

Sd./- Chief General Manager (Const.), Zone-II, OPTCL, Sambalpur



ଜୀବନରେ ଭୟ କରିବାର କିଛି ନାହିଁ। କେବଳ ଜୀବନକୁ ବୁଝିପାରିଲେ ଭୟ ଆପେ ଦୂର ହୋଇଯିବା।
- ମେରି କ୍ୟୁରୀ



## ସଂକ୍ଷେପରେ

### ପୌର ପ୍ରଶାସକ ହେଲେ ଜିଲାପାଳ, ଅତିରିକ୍ତ ଜିଲାପାଳ

ଝାରସୁଗୁଡ଼ା ଅଫିସ,୫ା୧୨- ଡିସେମ୍ବର ୩ରେ ରାଜ୍ୟର ଅଧିକାଂଶ ପୌର ପରିଷଦର କାର୍ଯ୍ୟକାଳ ଶେଷ ହୋଇଯାଇଛି। ସେହିକ୍ରମରେ ଝାରସୁଗୁଡ଼ା ଜିଲା ୩ଟି ପୌରପାଳିକା ମଧ୍ୟରୁ ଝାରସୁଗୁଡ଼ା ଏବଂ ବ୍ରଜରାଜନଗର ପୌରପାଳିକାର କାର୍ଯ୍ୟକାଳ ଶେଷ ହୋଇସାରିଛି। ପୌରପାଳିକା ଆଇନ୍ ମୁତାବକ ବର୍ତ୍ତମାନ ଝାରସୁଗୁଡ଼ା ପୌରପାଳିକାର ପ୍ରଶାସକ ଭାବେ ଜିଲାପାଳ ଏବଂ ବ୍ରଜରାଜନଗର ପୌରପାଳିକାର ପ୍ରଶାସକ ଭାବେ ଅତିରିକ୍ତ ଜିଲାପାଳ ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ନଂ-୩୦୮୧୦/୨୦୧୮ ଅନୁସାରେ ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକଙ୍କୁ ଝାରସୁଗୁଡ଼ା ପୌର ପ୍ରଶାସକ ଏବଂ ଅତିରିକ୍ତ ଜିଲାପାଳ ତ୍ରିଲୋଚନ ମାଝୀ ବ୍ରଜରାଜନଗର ପୌର ପ୍ରଶାସକ ନିୟୋଜିତ କରାଯାଇଛି। ମଙ୍ଗଳବାର ଏହି ଦୁଇ ଅଧିକାରୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ, ବେଲପାହାଡ ପୌର ପରିଷଦର ନିର୍ବାଚନ ବିଳମ୍ବରେ ହୋଇଥିବାରୁ ଏହା ପୂର୍ବଭଳି କାର୍ଯ୍ୟକ୍ଷମ ରହିଛି।

### ସଡ଼କ ଦୁର୍ଘଟଣା, କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ମୃତ

ରାଉରକେଲା ଅଫିସ,୫ା୧୨-ମଙ୍ଗଳବାର ବିଳମ୍ବିତ ରାତିରେ କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ମନୋଜ ନାୟକଙ୍କ ମୃତ୍ୟୁ ଘଟିଛି। ରାତି ୧୨ଟାରେ କୁଆଁରମୁଣ୍ଡାରୁ ସେ କାର ଚଳାଇ ସେକ୍ଟର-୧୯ ସ୍ଥିତ ଘରକୁ ଫେରୁଥିଲେ । ରାଉରକେଲା ବିର୍ଶା ଛକ ନିକଟ ଡିଭାଇଡରରେ ତାଙ୍କ କାର ପିଟି ହୋଇଯିବାରୁ ସେ ଗୁରୁତର ଆହତ ହୋଇଥିଲେ । କିଛି ସମୟ ମଧ୍ୟରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ବୁଧବାର ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ବହୁ ବରିଷ୍ଠ ପୋଲିସ ଅଧିକାରୀ ତାଙ୍କ ଶେଷ ଦର୍ଶନ କରିଥିଲେ । ଜଣେ ଦକ୍ଷ ପୋଲିସ ଅଧିକାରୀ ଭାବେ ସେ ପରିଚିତ ଥିଲେ ।

### ଧଉରାଅଡା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ସୁନ୍ଦରଗଡ, ୫ା୧୨(ଡି.ଏନ୍.ଏ) -ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ଧଉରାଅଡା ଲକ୍ଷ୍ମୀ ନାରାୟଣ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଦ୍ୱିଦିବସୀୟ ୫୩ତମ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ ଜୟ ଜଗନ୍ନାଥ କ୍ଲବ ଧଉରାଅଡା ଓ ଏସଟି କ୍ଲବ ଟାଙ୍ଗରମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଫୁଲଧୁଡି ଦଳର ଶୁଭମ ବଡେଇଙ୍କ ଏକମାତ୍ର ଗୋଲରେ ୧-୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲା ଭାଜପା ସଭାପତି ବଟକିଶୋର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

{ ଆଜି କ'ଣ କେଉଁଠି ସ୍ଥାନରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

# ରେଳରୋକୋ ପରେ ଚେତାପଶିଲା

## ବେଲପାହାଡ଼ର ଦାବିକୁ ରେଲୱେର ସକାରାତ୍ମକ ଦୃଷ୍ଟିଭଙ୍ଗୀ

ଝାରସୁଗୁଡ଼ା ଅଫିସ,୫ା୧୨

ଝାରସୁଗୁଡ଼ା ଜିଲା ବେଲପାହାଡ ବନ୍ଦ ପରେ ରେଳ ବିଭାଗର ଚେତା ପଶିଲା। ବୁଧବାର ଦକ୍ଷିଣ-ପୂର୍ବ-କେନ୍ଦ୍ରୀୟ ରେଳପଥ ଅଧୀନ ବିଳାସପୁର ଡିଭିଜନର ଡିଆରଏମ୍ ଆର. ରାଜଗୋପାଳ ବେଲପାହାଡ ନାଗରିକ ମଞ୍ଚର ଦାବି ସମ୍ପର୍କରେ ଆଲୋଚନା କରିଛନ୍ତି। କେତେକ ଦାବି ମାନି ନେଇଥିବା ବେଳେ ପ୍ରମୁଖ ଦାବିଗୁଡିକୁ ରେଳୱେ ବୋର୍ଡ ଉପରେ ଛାଡି ଦେଇଛନ୍ତି। ପ୍ରମୁଖ ଦାବି ସମ୍ପର୍କରେ ରେଳ ବୋର୍ଡକୁ ଅବଗତ କରି ଦାବି ପୂରଣ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ବୁଧବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ହୋଇଥିବା ବୈଠକରୁ ସ୍ପଷ୍ଟ ହୋଇଛି।

ବେଲପାହାଡ ଏବଂ ବ୍ରଜରାଜଗନର ଦେଇ କୋଇଲା ପରିବହନ ହେଉଥିବାରୁ ରେଲୱେ ଏଠାରୁ ଏକ ସିଂହଭାଗ ରାଜସ୍ୱ ପାଉଛି। ହେଲେ ଏଠାକାର ଲୋକଙ୍କୁ ଯାତ୍ରୀବାହୀ ଟ୍ରେନ୍ ସୁବିଧା ଯୋଗାଇବାରେ ପାତରଅନ୍ତର କରୁଛନ୍ତି। ଏହାକୁ ନେଇ ନଭେମ୍ବର ୧୬ ତାରିଖରେ ବେଲପାହାଡ ନାଗରିକ ମଞ୍ଚ ବନ୍ଦ ଡାକରା ଦେଇଥିଲା। ଏପରି କି ଉତ୍ତ୍ୟକ୍ତ ଲୋକେ ରେଳରୋକୋ କରିଥିଲେ। ବେଲପାହାଡ ଲୋକଙ୍କ ପାଇଁ ଷ୍ଟେଶନରେ ସାଉଥବିହାର ଏକ୍ସପ୍ରେସ୍‌ର ଷ୍ଟପେଜ୍, ରାୟଗଡ-ଦୁର୍ଗ ଜନଶତାବ୍ଦୀ ଏବଂ ରାୟଗଡ-ବିଳାସପୁର ପାସେଞ୍ଜରକୁ ଝାରସୁଗୁଡ଼ା ସମ୍ପ୍ରସାରଣ ସହ ବେଲପାହାଡରେ ରହଣି, ଷ୍ଟେଶନର ନବୀକରଣ, ସବ୍-ୱେ, ଅଣ୍ଡରପାସ୍, ଏସ୍କାଲେଟର, ର୍ୟାମ୍ପ, ଲିଫ୍ଟ ଭଳି ସୁବିଧା ଦାବି କରି ବନ୍ଦ ଡାକରା ଦେଇଥିଲେ। ଏହି ବନ୍ଦ ପରେ ବିଳାସପୁର ଡିଭିଜନର ବରିଷ୍ଠ ବାଣିଜ୍ୟିକ ଅଧିକାରୀ ଝାରସୁଗୁଡ଼ା ଆସି ନାଗରିକ ମଞ୍ଚ ସହ ଆଲୋଚନା କରିଥିଲେ। ହେଲେ ସେଥିରୁ କିଛି ନିଷ୍କର୍ଷ ବାହାରି ପାରି ନ ଥିଲା। ବୁଧବାର ବରଗଡ ଏମ୍‌ପି ପ୍ରଭାସ ସିଂ, ବିଳାସପୁର ଡିଆରଏମ୍ ଆର. ରାଜଗୋପାଳ, ଜିଲାପାଳ ଏବଂ ନାଗରିକ ମଞ୍ଚର ଶ୍ୟାମ ସୁନ୍ଦର ଶତପଥୀ, ଅନିଲ ଅଗ୍ରୱାଲ, ହିତେଶ ଠକ୍କର, ଗୁଣନିଧି ପତି ମଧ୍ୟରେ ଆଲୋଚନା ହୋଇଥିଲା। ଆଲୋଚନା ବେଳେ ଡିଆରଏମ୍ ଷ୍ଟେଶନର ନବୀକରଣ, ସବ୍-ୱେ, ଅଣ୍ଡରପାସ୍, ଏସ୍କାଲେଟର, ର୍ୟାମ୍ପ, ଲିଫ୍ଟ ଭଳି ସୁବିଧା ଖୁବଶୀଘ୍ର ପୂରଣ କରାଯିବ ବୋଲି କହିଥିଲେ। ଏହାସହ ବେଲପାହାଡ-ବ୍ରଜରାଜନଗର ତୃତୀୟ ଏବଂ ଚତୁର୍ଥ ଲାଇନ୍ ନିର୍ମାଣ ଚାଲିଥିବାରୁ ଉକ୍ତ ଦୁଇ ଷ୍ଟେଶନର ସୌନ୍ଦର୍ଯ୍ୟକରଣ ପାଇଁ ଏମ୍‌ସିଏଲକୁ ଅନୁରୋଧ କରାଯିବ ବୋଲି ଡିଆରଏମ୍ କହିଛନ୍ତି। ଅନ୍ୟ ଦାବିଗୁଡିକ ଅନୁମୋଦନ ପାଇଁ ରେଳୱେ ବୋର୍ଡକୁ ପଠାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।



ବେଲପାହାଡ ନାଗରିକ ମଞ୍ଚ, ଜିଲା ପ୍ରଶାସନ ଓ ରେଳ ଅଧିକାରୀଙ୍କ ମଧ୍ୟରେ ଅନୁଷ୍ଠିତ ଆଲୋଚନା।

# ବର୍ଷା ଅଭାବରୁ ଧାନ ଅମଳ ପ୍ରଭାବିତ

## ଏକର ପିଛା ୫ କୁଇଣ୍ଟାଲ ଧାନ ସଂଗ୍ରହ ଦାବି

ଝାରସୁଗୁଡ଼ା ଅଫିସ,୫ା୧୨

ଚଳିତ ବର୍ଷ ବର୍ଷା ଅଭାବରୁ ଧାନ ଅମଳ ପ୍ରଭାବିତ ହୋଇଛି। ଏସବୁ ଜାଣିଶୁଣି ସରକାର ଏକର ପିଛା ଅଣଜଳସେଚିତ ଜମିରୁ ୧୩ କୁଇଣ୍ଟାଲ ଏବଂ ଜଳସେଚିତ ଜମିରୁ ୧୯ କୁଇଣ୍ଟାଲ ଲେଖାଏଁ ଧାନ ଚାଷୀଙ୍କଠାରୁ କ୍ରୟ କରିବାକୁ କୁହାଯାଇଛି। ଯଦି ଏପରି ହୁଏ ତେବେ କଳାବଜାରୀ କରି ପଞ୍ଜୀକୃତ ଚାଷୀଙ୍କ ନାଁରେ ଧାନ କିଣାଯିବ ଏବଂ ଚାଷୀ ଫସଲବୀମା ଓ ଇନପୁଟ୍ ସବସିଡି ପାଇବାରୁ ବଞ୍ଚିତ ହେବେ। ତେଣୁ ସରକାର ମରୁଡ଼ି ପ୍ରଭାବିତ ଅଞ୍ଚଳର ଚାଷୀଙ୍କଠାରୁ ଏକର ପିଛା ୫ କୁଇଣ୍ଟାଲ ଧାନ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ବୁଧବାର ଚାଷୀମାନେ ଜିଲାପାଳଙ୍କୁ ଭେଟି ଦାବି ଜଣାଇଛନ୍ତି। ବିଧାୟକ ନବ ଦାସ ଏବଂ ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି ପ୍ରସଙ୍ଗରେ ଚାଷୀମାନେ ଆଲୋଚନା କରିଛନ୍ତି। ଧାନ ସଂଗ୍ରହ ପରିମାଣ ଧାର୍ଯ୍ୟ କରିବା ଜିଲା ପ୍ରଶାସନର ପରିସରଭୁକ୍ତ ନ ଥିବାରୁ ଏ ବିଷୟରେ ରାଜ୍ୟ ସରକାରଙ୍କୁ ଅବଗତ କରିବେ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଚାଷୀ ପ୍ରତିନିଧି ସୁରେଶ ପଟେଲ, ଲକ୍ଷ୍ମଣ ସାହୁ, ଟଙ୍କଧର ନାଏକ, ଦିଲୀପ ବଡେଇ, ବିଜୁ ଗୌନ୍ତିଆ, ସୋମୟ ପଟେଲ ପ୍ରମୁଖ ଜିଲାପାଳଙ୍କୁ ଦାବିପତ୍ର ଦେଇ ଆଲୋଚନା କରିଛନ୍ତି।

## ହୀରାକୁଦ ବିସ୍ଥାପିତଙ୍କୁ ଘରଡିହ ଜମି ପଟ୍ଟା ଦିଅ

# ବୁଡି ଅଞ୍ଚଳ ସଂଗ୍ରାମ ସମିତି ପକ୍ଷରୁ ଆନ୍ଦୋଳନ ଚେତାବନୀ

ଲଖନପୁର,୫ା୧୨(ଡି.ଏନ୍.ଏ.)

ହୀରାକୁଦ ବିସ୍ଥାପିତଙ୍କୁ ଘରଡିହ ଜମି ପଟ୍ଟା ପ୍ରଦାନ ଉପରେ ହୀରାକୁଦ ବୁଡି ଅଞ୍ଚଳ ସଂଗ୍ରାମ ସମିତି ଗୁରୁତ୍ୱାରୋପ କରିଛି । ସଂଗ୍ରାମ ସମିତି ସଭାପତି ବାସୁଦେବ ଭୋଇଙ୍କ ଅଧ୍ୟକ୍ଷତାରେ ବୁଧବାର ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ବନ୍ଧବାହାଲରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ସମିତି ସାଧାରଣ ସମ୍ପାଦକ ଗୋପୀନାଥ ମାଝି, ସଦସ୍ୟ ଦ୍ୱାରିକା ପ୍ରସାଦ ସା ପ୍ରମୁଖ ଉପସ୍ଥିତ ଥିଲେ । ସଂଗ୍ରାମ ସମିତି ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛି ସହରାଞ୍ଚଳ ଓ ପୌରାଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ସରକାର ଘରଡିହ ପଟ୍ଟା ଯୋଗାଇଦେବେବୋଲି ଘୋଷଣା କରିଛନ୍ତି । କିନ୍ତୁ ଏହା ପୂର୍ବରୁ ସରକାର ହୀରାକୁଦ ନଦୀବନ୍ଧ ଯୋଜନାରେ ବିସ୍ଥାପିତ ହୋଇଥିବା ଲୋକଙ୍କୁ ୧୦ଡିସିମିଲ୍ ଘରଡିହ ଜମି ପଟ୍ଟା ଯୋଗାଇଦେବାପାଇଁ ଘୋଷଣା କରିଥିଲେ । ଏଇମଧ୍ୟରେ ଦୀର୍ଘ ୬୦ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଲାଣି । ବିସ୍ଥାପିତମାନେ ଘରଡିହ ଜମିପଟ୍ଟା ଖଣ୍ଡେ ପାଇନାହାଁନ୍ତି । ଏନେଇ ହୀରାକୁଦ ବୁଡି ଅଞ୍ଚଳ ସଂଗ୍ରାମ ସମିତି ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଲଢେଇ କରିଆସୁଛି । ଏନେଇ ସରକାରଙ୍କ ତରଫରୁ କୁଆଡେ କୁହାଯାଉଥିଲା ଝାରସୁଗୁଡ଼ା ଜିଲାରେ ହୀରାକୁଦ ବିସ୍ଥାପିତଙ୍କ କୌଣସି ସମସ୍ୟା ନାହିଁ । ଏହା ଜାଣିବାପରେ ସଂଗ୍ରାମ ସମିତି ସରକାରଙ୍କ ଏପରି ମନ୍ତବ୍ୟକୁ ବିରୋଧ କରି ପୁନର୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଯାହା ଫଳରେ ସରକାର ପୁନର୍ବାର ବିସ୍ଥାପିତଙ୍କ ଦାବିକୁ ବିଚାରକୁ ନେଇ ପ୍ରଶାସନ ନିକଟରେ ପ୍ରମାଣପତ୍ର ଦାଖଲ କରିବା ପାଇଁ ବିସ୍ଥାପିତଙ୍କୁ ନିର୍ଦ୍ଦେଶ ଜାରିଛନ୍ତି । ଦୀର୍ଘବର୍ଷ ପରେ ବିସ୍ଥାପିତ ଲୋକମାନେ ନିଜର ପ୍ରମାଣପତ୍ର ସଂଗ୍ରହକରି ପ୍ରଶାସନ ନିକଟରେ ଜମାକରିବା ସମ୍ଭବପର ହେଉନାହିଁ । ଫଳରେ ପଟ୍ଟା ପ୍ରଦାନ ପ୍ରକ୍ରିୟାରେ ବିଳମ୍ବ ହେଉଛି । ଏଦିଗରେ ସରକାର ନିଜ ତରଫରୁ ବିସ୍ଥାପିତଙ୍କ ସମ୍ପର୍କରେ ସର୍ଭେ କରି ଘରଡିହ ଜମିପଟ୍ଟା ପ୍ରଦାନ କରିବାପାଇଁ ସଂଗ୍ରାମ ସମିତି ଦାବି କରିଛି । ଏନେଇ ସରକାର ତତ୍ପରତା ପ୍ରକାଶ ନ କଲେ ଆଗାମୀ ଦିନରେ ବିସ୍ଥାପିତ ଲୋକଙ୍କୁ ନେଇ ସଂଗ୍ରାମ ସମିତି ଆନ୍ଦୋଳନ ପନ୍ଥା ଗ୍ରହଣ କରିବ ବୋଲି ଚେତାବନୀ ଦେଇଛି।

ସୂଚନାଯୋଗ୍ୟ, ହୀରାକୁଦ ନଦୀବନ୍ଧ ଯୋଜନାରେ ବିସ୍ଥାପିତ ହୋଇଥିବା ଲୋକେ ବସତି କରି ନୂଆ ଅଡାପଡାରେ ଦୀର୍ଘବର୍ଷ ହେଲାଣି ବସବାସ କରିଆସୁଛନ୍ତି । ରାଜସ୍ୱ ବିଭାଗ ତରଫରୁ ଏହି ଅଣରାଜସ୍ୱ ଗ୍ରାମକୁ ରାଜସ୍ୱ ଗ୍ରାମଭାବେ ଘୋଷଣା କରାଯାଇଛି। କିନ୍ତୁ ଅଦ୍ୟାବଧି ଗ୍ରାମବାସୀଙ୍କୁ ଘରଡିହ ଜମି ପଟ୍ଟା ପ୍ରଦାନ କରାଯାଇନାହିଁ । ଏହାକୁ ନେଇ ସଂଗ୍ରାମ ସମିତି ରାଜସ୍ୱ ବିଭାଗର ଅବହେଳାକୁ ଦାୟୀ କରିଛି ।





ଖବରଦାତା ସମ୍ମିଳନୀରେ ଉପସ୍ଥିତଥିବା ସଂଗ୍ରାମ ସମିତିର କର୍ମକର୍ତ୍ତାମାନେ ।

# ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପ୍ରହସନ: ଭାଜପା

## ରୋଗୀ ପାଉଛି ଯନ୍ତ୍ରଣା, ସରକାର କହୁଛନ୍ତି ଆଶ୍ୱସ୍ତ

ଝାରସୁଗୁଡ଼ା ଅଫିସ,୫ା୧୨

ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳନ ହେଉଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଗରିବ ରୋଗୀଙ୍କ ପ୍ରତି ପ୍ରବଞ୍ଚନା ବୋଲି ଅଭିଯୋଗ କରିଛି ଭାଜପା। ଗୋଟିଏ ପଟେ ସରକାର ବିଜ୍ଞାପନ ପ୍ରକାଶ କରି ରୋଗୀ ଆଶ୍ୱସ୍ତ ଥିବା ପ୍ରଦର୍ଶନ କରୁଥିବା ବେଳେ ଅନ୍ୟପଟେ ରୋଗୀ ଏବେ ବି ହସ୍ପିଟାଲ ବେଡରେ ଛଟପଟ ହେଉଛନ୍ତି। ଏଭଳି ଘଟଣା ସାମ୍ନାକୁ ଆସିଛି ଝାରସୁଗୁଡ଼ା ଜିଲାରେ। ଏହି ଘଟଣା ସାମ୍ନାକୁ ଆସିବା ପରେ ବୁଧବାର ବ୍ରଜରାଜନଗର ବିଧାୟିକା ରାଧାରାଣୀ ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ଝାରସୁଗୁଡ଼ା ଡାକ୍ତରଖାନାକୁ ସେହି ରୋଗୀଙ୍କୁ ଭେଟିଥିଲେ । ପରେ ଏହି ଟିମ୍ ଜିଲାପାଳଙ୍କୁ ଭେଟି ଏ ସଂକ୍ରାନ୍ତରେ ଫେରାଦ ହୋଇଛନ୍ତି।

ଖବର ମୁତାବକ, ଝାରସୁଗୁଡ଼ା ସଦର ବ୍ଲକ୍‌ହିର୍ମା ପଞ୍ଚାୟତ ତରେଇକେଲା ଗାଁର ପର୍ଶୁରାମ ଜଗତ ଗତ ୨ ବର୍ଷ ହେବ କିଡନୀ ଏବଂ ପାକସ୍ଥଳୀ ଜନିତ ରୋଗରେ ପୀଡିତ ଅଛନ୍ତି। ଅସାଧାରଣ ଭାବେ ପର୍ଶୁରାମଙ୍କ ପେଟ ଫୁଲିଯିବା ସହ ପାଣି ଜମିଯାଏ ଏବଂ ପରିସ୍ରାରେ ରକ୍ତ କ୍ଷରଣ ହେଉଥିବା ତାଙ୍କ ସ୍ତ୍ରୀ କହିଛନ୍ତି। ଏହି ଦୁଇ ବର୍ଷରେ ପର୍ଶୁରାମଙ୍କ ପରିବାର ସରକାରୀ ଏବଂ ଘରୋଇ ଡାକ୍ତରଖାନାରେ ଦେଢଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ କରିସାରିଲେଣି। ଅଗଷ୍ଟ ୧୫ ତାରିଖରେ ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଯ୍ୟକାରୀ ହେବା ପରେ ସେ ଆଶ୍ୱସ୍ତ ଥିବା ନେଇ ସରକାର ପ୍ରକାଶ କରିଥିଲେ। ଏହାକୁ ଭାଜପା ପକ୍ଷରୁ ପ୍ରତାରଣା ବୋଲି ଦର୍ଶାଯିବା ସହ ବାସ୍ତବରେ ପର୍ଶୁରାମ ବର୍ତ୍ତମାନ ମଧ୍ୟ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ବେଳେ ଯନ୍ତ୍ରଣା ଭୋଗୁଥିବା ଅଭିଯୋଗ କରିଛନ୍ତି। ଗତ ଦୁଇମାସରେ ୫୦ ହଜାରରୁ ଅଧିକ ଟଙ୍କା ଖର୍ଚ୍ଚ କରିସାରିଥିବା ତାଙ୍କ ସ୍ତ୍ରୀ ରେଖା ଜଗତ କହିଛନ୍ତି। ଏହି ଘଟଣାକୁ ନେଇ ଜିଲା ଭାଜପା ଆପତ୍ତି ଉଠାଇବା ସହ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଜିଲାପାଳ ଘଟଣାର ତଦନ୍ତ କରିବେ ବୋଲି ଭାଜପାକୁ ପ୍ରତିଶ୍ରୁତି ଦେଇଛନ୍ତି।



ଡାକ୍ତରଖାନାରେ ଚିକିତ୍ସିତ ପର୍ଶୁରାମ ଜଗତ।

### ରାଜପୁର ଭାଟି ଉପରେ ପ୍ରଦୂଷଣ ବିଭାଗର ଚଢ଼ାଉ

ବ୍ରଜରାଜନଗର, ୫ା୧୨ (ଡି.ଏନ.ଏ.)

ରାଜପୁର ଗ୍ରାମ ନିକଟରେ ଥିବା ମଦଭାଟି ଉପରେ ବୁଧବାର ଅପରାହ୍ନ ୪ଟା ସମୟରେ ଜିଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇଥିଲା। ମଦ ତିଆରି ପରେ ବର୍ଜ୍ୟବସ୍ତୁ ଓ ପୋଚକୁ ଭାଟି ପଛରେ ଥିବା ଶିବ ମନ୍ଦିର ପଟକୁ ଛାଡି ଦିଆଯାଉଥିଲା। ଏଥିଯୋଗୁ ମନ୍ଦିର ଜଳାଶୟ ପ୍ରଦୂଷିତ ଅବସ୍ଥାରେ ରହିଥିଲା। ସେଥିରୁ ଦୁର୍ଗନ୍ଧ ବାହାରୁଥିବା ଗ୍ରାମବାସୀ ଜିଲା ପ୍ରଶାସନ ଓ ପ୍ରଦୂଷଣ ବିଭାଗକୁ ଅବଗତ କରିଥିଲେ । ଏନେଇ ସ୍ଥାନୀୟ ସମିତି ସଭ୍ୟ ଗଣେଶରାମ ବାଗ ଲିଖିତ ଭାବେ ଜଣାଇଥିଲେ। ବୁଧବାର ପ୍ରଦୂଷଣ ବିଭାଗ ମୁଖ୍ୟ ପି.କେ.ସାହୁ ସଦଳବଳେ ଘଟଣା ସ୍ଥଳ ଅନୁଧ୍ୟାନ କରି ତୁରନ୍ତ ପ୍ରଦୂଷିତ ପାଣି ଛାଡିବା ବନ୍ଦ କରିବା ପାଇଁ ଭାଟି ମ୍ୟାନେଜରକୁ ତାଗିଦ କରିଛନ୍ତି । ଯଦି ସେଥିରେ ଖିଲାପ କରାଯାଏ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ସୂଚନାଯୋଗ୍ୟ, ଉକ୍ତ ଗ୍ରାମର କେତେକ ବ୍ୟକ୍ତି ଭାଟି ମାଲିକଙ୍କଠାରୁ ମାସିକ ଚାନ୍ଦା ନେଇ ସହଯୋଗ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

# ଲୁଟ୍ ଚାଲିଛି ଜାତୀୟ ସମ୍ପତ୍ତି

## ପ୍ରଶାସନ ସାଜିଛି ନୀରବଦ୍ରଷ୍ଟା

ବ୍ରଜରାଜନଗର, ୫ା୧୨ (ଡି.ଏନ.ଏ)

ବ୍ରଜରାଜନଗର ଅଞ୍ଚଳରେ ଭାରତ ସରକାରଙ୍କର ବୃହତ୍ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମହାନଦୀ କୋଇଲା କମ୍ପାନୀରୁ ସର୍ବଦା କୋଟି କୋଟି ଟଙ୍କାର କୋଇଲା ହରିଲୁଟ ହେବାରେ ଲାଗିଛି । ବିଶେଷ କରି ରକ୍ଷକ ଏଠି ଭକ୍ଷକ ସାଜି ସ୍ପଷ୍ଟ ଦିବାଲୋକରେ କୋଇଲା ଚୋରି କରିବାରେ ଲାଗିଛନ୍ତି। କମ୍ପାନୀର ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରି ଚୋରମାନେ କୋଇଲା ପାର କରିବାରେ ସକ୍ଷମ ହେଉଛନ୍ତି । ସବୁ ପରେ ଜିଲା ପ୍ରଶାସନ ନୀରବ ଦ୍ରଷ୍ଟା ସାଜିବା ଜନସାଧାରଣଙ୍କୁ ଚକିତ କରିଛି । ଫଳସ୍ୱରୂପ ଏହି କୋଇଲା ଚୋରମାନେ ଦ୍ରୁତ ଗାଡି ଚାଳନା କରି ଅନ୍ୟମାନଙ୍କ ପାଇଁ ବିପଦ ସାଜିଛନ୍ତି । ସୂଚନାଯୋଗ୍ୟ, ମହାନଦୀ କୋଇଲା କମ୍ପାନୀର ଲଜକୁରା, ସମଲେଶ୍ୱରୀ ଖୋଲାମୁହଁ ଏବଂ ଲଜକୁରା ରେଳ ସାଇଡିଂରୁ ଦୈନନ୍ଦିନ ୨ଶହରୁ ଊର୍ଦ୍ଧ୍ୱ ବାଇକ ଯୋଗେ କୋଇଲା ଚୋରି ହେଉଛି । ସବୁ ଚୋରା କୋଇଲା ଗାଡ଼ିଗୁଡିକ ଗୋଲଛକ ଓ ଇଏସଆଇ ଛକ ଦେଇ ଯାଉଥିବାରୁ ରାସ୍ତା ଉପରେ ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟୁଛି। ବିଶେଷ କରି ସ୍କୁଲ ସମୟରେ ଏମାନେ ବହୁ ଅସୁବିଧା ସୃଷ୍ଟି କରୁଛନ୍ତି । କୋଇଲା ଚୋରମାନଙ୍କ ଦ୍ରୁତଗାଡି ଚାଳନା ଯୋଗୁ ଦୁର୍ଘଟଣା ବଢ଼ି ଚାଲିଛି । ଏନେଇ ବାରମ୍ବାର ପୋଲିସକୁ ଅବଗତ କରାଗଲା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। କୋଇଲା ଚୋରମାନେ ଗାନ୍ଧୀ ଛକ ଫାଣ୍ଡି ଓ ଥାନାରେ ମାସିକିଆ ବଟି ଦେଇ କୁଆଡ଼େ ଏହି କାମ ନିର୍ଭୟରେ ଚଳାଉ ଥିବା ସ୍ୱୀକାର କରିଛନ୍ତି । ଜିଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।





କୋଇଲା ଚାଲାଣବେଳେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି।

## ଫ୍ୟୁଜ୍ ବାନ୍ଧୁ ଥିବାବେଳେ ଲାଇନ୍‌ମ୍ୟାନ୍ ମୃତ୍ୟୁ ଘଟଣା

# ବିଦ୍ୟୁତ୍ ବିଭାଗକୁ ଦାୟୀକଲା କର୍ମଚାରୀ ସଂଘ

ଲଖନପୁର,୫ା୧୨(ଡି.ଏନ୍.ଏ.)

ଗତ ସୋମବାର ଝାରସୁଗୁଡ଼ା ଜିଲା ବେଲପାହାଡ ବିଦ୍ୟୁତ୍ ସବ୍‌ଡିଭିଜନ୍ ଅଧୀନ ଝାରୁପଡା ସବ୍‌ଷ୍ଟେଶନ୍ ରେଙ୍ଗାଲି ଗ୍ରାମ ଟ୍ରାନ୍ସଫର୍ମରରେ ଫ୍ୟୁଜ୍‌ବାନ୍ଧୁଥିବାବେଳେ ଲାଇନ୍‌ମ୍ୟାନ୍ କାହ୍ନୁଚରଣ ସାହୁ(୨୮)ଜଳିଯାଇ ପ୍ରାଣ ହରାଇଥିଲେ। ଏଭଳି ଅଭାବନୀୟ ଘଟଣା ପାଇଁ ହୀରାକୁଦ ବିଦ୍ୟୁତ୍ କର୍ମଚାରୀ ସଂଘ ବିଭାଗୀୟ ଅଧିକାରୀଙ୍କୁ ଦାୟୀ କରିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସଂଘ ଦାବି କରଛି। କର୍ମଚାରୀଙ୍କ ସୁରକ୍ଷା ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ଉପରେ ସଂଘ କର୍ମକର୍ତ୍ତା ଗୁରୁତ୍ୱାରୋପ କରିଛନ୍ତି । ତୁରନ୍ତ ଏ ସଂକ୍ରାନ୍ତରେ ପଦକ୍ଷେପ ଗ୍ରହଣ କରା ନ ଗଲେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

**କର୍ମଚାରୀଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ନ ଦେଲେ ଆନ୍ଦୋଳନ**

ଏନେଇ ସଂଘର ନେତା ବିରଞ୍ଚି ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ରଜରାଜନଗର ଓ ବେଲପାହାଡ ସବ୍‌ଡିଭିଜନ୍‌ର ଶତାଧିକ କର୍ମଚାରୀ ଉପସ୍ଥିତ ଥିଲେ । ବୈଠକରେ ପ୍ରଥମେ ମୃତ ଲାଇନ୍‌ମ୍ୟାନ୍ କାହ୍ନୁଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ମୃତକଙ୍କ ପରିବାରକୁ କ୍ଷତିପୂରଣ ସହାୟତା, ପରିବାର ଜଣଙ୍କୁ ଚାକିରି ଆଦି ସଂଘ ଦାବି କରିଛି । ଏହି ଦୁର୍ଘଟଣା ପାଇଁ ସଂଘ ବିଭାଗକୁ ସମ୍ପୂର୍ଣ୍ଣ ଦାୟୀକରି କହିଛି ସବ୍‌ଷ୍ଟେଶନ୍‌ରେ ଏବି ସୁଇଚ୍ ରହିଛି ସେସବୁ କାମ କରୁନାହିଁ । ସେହିଭଳି ପ୍ରତି ଟ୍ରାନ୍ସଫର୍ମର ନିକଟରେ ଏବି ସୁଇଚ୍ ରହିବା କଥା। କିନ୍ତୁ ବହୁ ଟ୍ରାନ୍ସଫର୍ମର ନିକଟରେ ଏବି ସୁଇଚ୍ ନାହିଁ । ଫଳରେ ବିଦ୍ୟୁତ୍ କର୍ମଚାରୀମାନେ ଲାଇନ୍ ମରାମତି କରିବା ସମୟରେ ଅସୁରକ୍ଷିତ ଭାବେ କାମ କରୁଥିବେଳେ ଦୁର୍ଘଟଣାର ଶିକାର ହେଉଛନ୍ତି । କାହ୍ନୁ ଫ୍ୟୁଜ୍ ବାନ୍ଧିବାକୁ ଯିବା ପୂର୍ବରୁ ନିଜେ ସବ୍‌ଷ୍ଟେଶନ୍‌ରୁ ବିଦ୍ୟୁତ ବିଚ୍ଛିନ୍ନ କରିଥିଲେ । ତା'ପରେ ଟ୍ରାନ୍ସଫର୍ମରେ ଚଢି କାମ କରିଥିଲେ । ଏହି ସମୟରେ କେହି ସବ୍‌ଷ୍ଟେଶନ୍‌ରେ ଲାଇନ୍ ସଂଯୋଗ କରିଦେବାରୁ ସେ ଜଳିଯାଇଥିଲେ । ଏହି ସମୟରେ ଯଦି ଟ୍ରାନ୍ସଫର୍ମର ନିକଟରେ ଏବି ସୁଇଚ୍ ରହିଥାନ୍ତା ତା'ହେଲେ ସେ ନିଜେ ଲାଇନ୍ ବିଚ୍ଛିନ୍ନ କରି ପାରିଥାନ୍ତେ । ସବ୍‌ଡିଭିଜନ୍ ଅଧୀନରେ ସବ୍‌ଷ୍ଟେଶନ୍‌ରେ ଆବଶ୍ୟକ କର୍ମଚାରୀ ନାହାଁନ୍ତି । ଏଥିପାଇଁ ସବୁବେଳେ କର୍ମଚାରୀମାନେ ଅତ୍ୟଧିକ ଚାପରେ ରହି କାମ କରୁଛନ୍ତି । ଏଭଳି ସ୍ଥିତିକୁ ଦୃଷ୍ଟିରେ ରଖି ସଂଘ ତରଫରୁ ୨୦୧୭ ଜୁନ୍ ୧୫ତାରିଖରେ ବିଭାଗୀୟ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏ ଦିଗରେ ବିଭାଗୀୟ ଅଧିକାରୀମାନେ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି ବୋଲି ସଂଘ ଅଭିଯୋଗ କରିଛି । ୧୫ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି । ସୂଚନାଯୋଗ୍ୟ କାହ୍ନୁଙ୍କ ମୃତ୍ୟୁ ଘଟଣାକୁ ନେଇ ବେଲପାହାଡ ସବ୍‌ଡିଭିଜନ୍ ଏସ୍‌ଡିଓ ସନ୍ତୋଷ କୁମାର ପୂଜାହାରୀ ଝାରୁପଡା ସବ୍‌ଷ୍ଟେଶନ୍‌ର କେତେକ କର୍ମଚାରୀଙ୍କୁ ଡାକି ପଚରା ଉଚରା କରିଥିବା ଜଣାପଡିଛି।



ବୈଠକରେ ଉପସ୍ଥିତ ଥିବା ହୀରାକୁଦ ବିଦ୍ୟୁତ କର୍ମଚାରୀ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ।



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବାସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ



## ସଂକ୍ଷେପରେ

### ସଡ଼କ ଦୁର୍ଘଟଣା, କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ମୃତ

ରାଉରକେଲା ଅଫିସ,୫।୧୨-ମଙ୍ଗଳବାର ବିଳମ୍ବିତ ରାତିରେ କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ମନୋଜ ନାୟକଙ୍କ ମୃତ୍ୟୁ ଘଟିଛି। ରାତି ୧୨ଟାରେ କୁଆଁରମୁଣ୍ଡାରୁ ସେ କାର ଚଳାଇ ସେକ୍ଟର-୧୯ ସ୍ଥିତ ଘରକୁ ଫେରୁଥିଲେ । ରାଉରକେଲା ବିର୍ଶା ଛକ ନିକଟ ଡିଭାଇଡରରେ ତାଙ୍କ କାର ପିଟି ହୋଇଯିବାରୁ ସେ ଗୁରୁତର ଆହତ ହୋଇଥିଲେ । କିଛି ସମୟ ମଧ୍ୟରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ବୁଧବାର ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ବହୁ ବରିଷ୍ଠ ପୋଲିସ ଅଧିକାରୀ ତାଙ୍କ ଶେଷ ଦର୍ଶନ କରିଥିଲେ । ଜଣେ ଦକ୍ଷ ପୋଲିସ ଅଧିକାରୀ ଭାବେ ସେ ପରିଚିତ ଥିଲେ ।

### ଧଉରାଅଡା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ସୁନ୍ଦରଗଡ, ୫।୧୨(ଡି.ଏନ୍.ଏ)** -ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ଧଉରାଅଡା ଲକ୍ଷ୍ମୀ ନାରାୟଣ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଦ୍ୱିଦିବସୀୟ ୫୩ତମ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ ଜୟ ଜଗନ୍ନାଥ କ୍ଲବ ଧଉରାଅଡା ଓ ଏସଟି କ୍ଲବ ଟାଙ୍ଗରମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଫୁଲଧୂଡି ଦଳର ଶୁଭମ ବଡେଇଙ୍କ ଏକମାତ୍ର ଗୋଲରେ ୧-୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲା ଭାଜପା ସଭାପତି ବଟକିଶୋର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

### ବିଜୁ ଯୁବ ବାହିନୀ ପକ୍ଷରୁ ହକି ପ୍ରତିଯୋଗିତା

**ସୁନ୍ଦରଗଡ଼, ୫।୧୨ (ଡି.ଏନ୍.ଏ)** -ସଦର ବ୍ଲକ ଅନ୍ତର୍ଗତ ଲହଣ୍ଡାବୁଡ ଗ୍ରାମପଞ୍ଚାୟତର ବାଗନିପାନି ଗ୍ରାମରେ ବିଜୁ ଯୁବ ବାହିନୀ ପକ୍ଷରୁ ପଞ୍ଚାୟତସ୍ତରୀୟ ହକି ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଛି। ସଦର ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦନ ନିଖଣ୍ଡିଆ ମୁଖ୍ୟ ଅତିଥି ଓ ଲହଣ୍ଡାବୁଡ ସରପଞ୍ଚ ରାଜକୁମାରୀ ଏକ୍କା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବିଜୁ ଯୁବ ବାହିନୀ ସଦର ବ୍ଲକ ସଂଯୋଜକ ଦୈତାରୀ ତାଜନ ଓ ସୁନ୍ଦରଗଡ ପୌରପାଳିକାର ବିଜୁ ଯୁବ ବାହିନୀ ସଂଯୋଜକ ଜଗନ୍ନାଥ ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ପ୍ରତିଯୋଗିତାରେ ଅଲଙ୍ଗ ପାନା, ଲହଣ୍ଡାବୁଡ, ସଲଙ୍ଗାବୁଡ, ବାଗନିପାନି ଓ କର୍ଲା ଗ୍ରାମର ହକିଦଳ ଭାଗ ନେଇଥିଲେ। ଫାଇନାଲରେ ଅଲଙ୍ଗପାନି ଓ ବାଗନିପାନି ମଧ୍ୟରେ ଖେଳ ହୋଇଥିଲା। ଏଥିରେ ବାଗନିପାନି ବିଜୟୀ ହୋଇଥିଲା। ଓଡିଶା ସରକାରଙ୍କ ଦ୍ୱାରା ଆୟୋଜିତ ହକି ବିଶ୍ୱକପ୍ -୨୦୧୮କୁ ଆଧାର କରି ସମସ୍ତ ବ୍ଲକ ଓ ପୌରପରିଷଦ ସ୍ତରରେ ହକି ପ୍ରେମୀଙ୍କୁ ଉତ୍ସାହିତ କରିବା ପାଇଁ ଓ ଲୁକ୍କାୟିତ ହକି ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି। ଏହି କାର୍ଯ୍ୟକ୍ରମକୁ ବିଜୁ ଯୁବ ବାହିନୀର ସଭାପତି ଭଗତ ସିଂଓ ଅନ୍ୟ ସଦସ୍ୟମାନେ ପରିଚାଳନା କରିଥିଲେ।




ଫିଲ୍ମ ଫେଷ୍ଟିଭାଲ୍ ପାଇଁ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା କଳାକାରମାନେ।

# ୭ରେ ଷ୍ଟିଲ୍‌ସିଟିରେ ଫିଲ୍ମ ଫେଷ୍ଟିଭାଲ

- ଭଞ୍ଜ ଭବନରେ ମିଳିତ ହେବେ ବହୁ କଳାକାର
- ପ୍ରଦର୍ଶିତ ହେବ ଏକାଧିକ କ୍ଷୁଦ୍ର ସିନେମା

ରାଉରକେଲା ଅଫିସ,୫। ୧୨

ଷ୍ଟିଲ ସିଟିର କଳା ଓ କଳାକାରଙ୍କୁ ପ୍ରୋତ୍ସାହିତ କରିବାକୁ ଫିଲ୍ମ କ୍ଲବ ଓ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ଫିଲ୍ମ ଫେଷ୍ଟିଭାଲ ସେକ୍ଟର-୫ ଭଞ୍ଜଭବନ ଠାରେ ଆସନ୍ତା ୭ ତାରିଖରେ ଆୟୋଜନ କରାଯାଇଛି । ଏନେଇ ଫେମ୍ ଡାଇରେକ୍ଟର ହୃଷୀକେଶ ନାୟକ ବୁଧବାର ସେକ୍ଟର-୩ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ଅନୁଷ୍ଠାନ ଆବାହକ ହୃଷୀକେଶ ମହାପାତ୍ର କହିଛନ୍ତି, ରାଉରକେଲା ହେଉଛି କଳା ଓ କଳାରକଙ୍କ ମାଟି। ଏଇ ମାଟିର ଅନେକ କଳାକାର ଆଜି ରାଜ୍ୟ ଓ ରାଜ୍ୟ ବାହାରେ ସୁନାମ ଅର୍ଜନ କରିଛନ୍ତି। ବହୁ କଳାକାର ବିଭିନ୍ନ କ୍ଷେତ୍ରରେ ରହି ନିଜ ଦକ୍ଷତା ବଳରେ ଦର୍ଶକଙ୍କୁ ବାନ୍ଧି ରଖିଛନ୍ତି। ତେବେ ଦୁଃଖର ବିଷୟ ସେହି କଳାକାରଙ୍କ ଉନ୍ନତି ପ୍ରତି କେହି ଦୃଷ୍ଟି ଦେଉ ନାହାଁନ୍ତି। ଜନତାଙ୍କ ମନୋରଞ୍ଜନ କରି ନିଜେ ପେଶି ହୋଇଯାଉଥିବା କଳାକାରଙ୍କୁ ସମ୍ମାନ ଦେବାର ସମୟ ଆସିଛି ବୋଲି ମହାପାତ୍ର କହିଥିଲେ। ଏନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଫେମ ଫିଲ୍ମ ଅନୁଷ୍ଠାନ ପକ୍ଷରୁ ଆସନ୍ତା ୭ରେ ସେକ୍ଟର-୫ ଭଞ୍ଜ ଭବନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହା ନୂତନ ଓ ନିଆରା ହେବା ସହ ଏଥିରେ ଅନେକ କଳାକାର ଯୋଗଦେବେ। ଏହି ଅବସରରେ ଏକାଧିକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବା ଓ ବହୁ କଳାକାରଙ୍କ ସମାଗମ ହେବ । ଏହି ଅବସରରେ ବହୁ ପ୍ରତିଭାଙ୍କୁ ସମ୍ମାନିତ କରାଯିବ। କେବଳ ରାଉରକେଲା ନୁହେଁ ସମଗ୍ର ପଶ୍ଚିମ ଓଡିଶାର କଳା ଓ କଳାକାରଙ୍କ ସାମୂହିକ ବିକାଶ ପାଇଁ ଆଗାମୀ ଦିନରେ ସମସ୍ତ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବ ବୋଲି ସେ ସୂଚନା ପ୍ରଦାନ କରିଥିଲେ। ଖବରଦାତା ସମ୍ମିଳନୀରେ ବିଭିନ୍ନ ଅନୁଷ୍ଠାନର କଳାକାରମାନେ ଉପସ୍ଥିତ ଥିଲେ।

## ଡିଜିଟାଲ ବ୍ୟାଙ୍କିଂ ସେବା ଉପରେ ଗୁରୁତ୍ୱାରୋପ

ରାଉରକେଲା ଅଫିସ,୫।୧୨

ଚାକିରିରେ ଯୋଗ ଦେଇଥିବା ନୂଆ କର୍ମଚାରୀଙ୍କୁ ନେଇ ବୁଧବାର ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସବିଆଇ) ପ୍ରଶିକ୍ଷଣ କେନ୍ଦ୍ର ପକ୍ଷରୁ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କେବଳ ଗୋଟିଏ ଆପ୍ସ ମାଧ୍ୟମରେ କିଭଳି ଗ୍ରାହକମାନେ ସମସ୍ତ ପ୍ରକାର ଆବଶ୍ୟକତା ପୂରଣ କରି ପାରିବେ ସେନେଇ ଏଥିରେ ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏହି ଶୋଭାଯାତ୍ରା ଉଦିତନଗରଠାରୁ ଡେଲି ମାର୍କେଟ ଛକ ପର୍ଯ୍ୟନ୍ତ ଆସିଥିଲା। ଏହି ଅବସରରେ ନୂତନ ଆପ୍ସ ୟୋନୋ(ୟୁ ଓନଲି ନିଡ ୱାନ)ର ସହଜ ଉପଯୋଗ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ନୂଆ ଆପ୍ସ ୟୋନୋ ଏମିତି ଏକ ସମନ୍ୱିତ ଡିଜିଟାଲ ବ୍ୟାଙ୍କିଂ ବ୍ୟବସ୍ଥା ଯାହା ଅତି ସହଜରେ ବିଭିନ୍ନ ପ୍ରକାର ଆର୍ଥିକ କାରବାର ସହ ଅନ ଲାଇନ ସପିଂ, ମେଡିକାଲ ବିଲ ପେମେଣ୍ଟ ଭଳି ଯାବତୀୟ ଆବଶ୍ୟକତା ପୂରଣ କରି ପାରିବ ବୋଲି ଏଥିରେ କୁହାଯାଇଥିଲା। ଏସବିଆଇ ପ୍ରଶିକ୍ଷଣ ଅଧିକାରୀ ରୁଦ୍ରପ୍ରସାଦ ଶତପଥି ଆପ୍ସ ବ୍ୟବହାର ନେଇ ଅଧିକ ଆଲୋଚନା କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ ଉଭୟ ଏସବିଆଇ ଡେବିଟ ଓ କ୍ରେଡିଟ କାର୍ଡ ମାଧ୍ୟମରେ ଅନଲାଇନ ସପିଂ ଦ୍ୱାରା ରିହାତି ସହ କ୍ୟାଶ ବ୍ୟାକ ସୁବିଧା ରହିଛି। ଇଲୋକ୍ଟ୍ରୋନିକ୍ସ, ଫେସନ, ଗୃହ ସାମଗ୍ରୀ, ଫର୍ଣ୍ଣିଚର, ଜୁଏଲାରୀ ଓ ହସ୍ପିଟାଲିଟି କ୍ଷେତ୍ରରେ ଏଭଳି ବ୍ୟବସ୍ଥା ଆଶାତୀତ ସୁଯୋଗ ପ୍ରଦାନ କରିବ ବୋଲି ଶତପଥୀ ଆଶା ବ୍ୟକ୍ତ କରିଥିଲେ। ଏଥିରେ ଅନ୍ୟତମ ଅଧିକାରୀ ବିଶ୍ୱକେତନ ଦାସ ବକ୍ତବ୍ୟ ପ୍ରଦାନ କରି ବ୍ୟବସ୍ଥା ସଂପର୍କରେ ସବିଶେଷ ଆଲୋଚନା କରିଥିଲେ। ଏହି ଅବସରରେ କିଛି ଗ୍ରାହକଙ୍କ ପ୍ରଶ୍ନର ସହଜ ଉତ୍ତର ପ୍ରଦାନ କରିଥିଲେ ଉପସ୍ଥିତ ବ୍ୟାଙ୍କ ଅଧିକାରୀ।




ଏସ୍‌ବିଆଇ ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଆମ୍ ଆଦ୍‌ମୀ ପାର୍ଟିର କର୍ମକର୍ତ୍ତାମାନେ।

## ନିର୍ବାଚନ ପୂର୍ବରୁ ବସ୍ତିବାସିନ୍ଦାଙ୍କୁ ପଟ୍ଟା ଦିଅ

- ଆମ ଆଦମୀ ପାର୍ଟି ପକ୍ଷରୁ ବିଶାଳ ଶୋଭାଯାତ୍ରା

ରାଉରକେଲା ଅଫିସ,୫।୧୨

ସହରାଞ୍ଚଳ ବସ୍ତି ବାସିନ୍ଦାଙ୍କୁ ରାଜ୍ୟ ସରକାର ଜମି ପଟ୍ଟା ପ୍ରଦାନ ନିଷ୍ପତ୍ତି ନେବା ପରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଏହାକୁ ଅସ୍ତ୍ର କରାଯାଉଛି। ଏନେଇ ଆମ ଆଦ୍‌ମୀ ପାର୍ଟି ବୁଧବାର ରାଜରାସ୍ତାକୁ ଓହ୍ଲାଇଛି । ପଟ୍ଟା ପାଇବା ଆଶାରେ ପ୍ରାୟ ୪ ହଜାର ବସ୍ତିବାସିନ୍ଦା ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ । ବିଶ୍ରା ଛକରୁ ଏକ ଶୋଭାଯାତ୍ରା ବାହାରି ମୁଖ୍ୟ ରାସ୍ତାଦେଇ ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲା। ଏଥିରେ ବରିଷ୍ଠ ନେତା ବିନୟ ତିୱାରୀଙ୍କ ସମେତ ସୁନ୍ଦରଗଡ଼ ଲୋକସଭା ପ୍ରଭାରୀ ବାସିଲ ଏକ୍କା, ରଘୁନାଥପାଲି ଆବାହକ ନବୀନ ବାଙ୍କ୍ରା, ଲମ୍ବୋଦର ମହାନ୍ତ, ଭରତ ବାଇ, ରମାକାନ୍ତ ନାୟକ, ମନିଷ ରାଉତ, ଅମିତ ସମାସୀ, ତବରେଜ ଅହମ୍ମଦ, ସନ୍ତୋଷ ରାଠୋର ଓ ସୁକାନ୍ତୀ ମାଝି ପ୍ରମୁଖ ଉଦ୍‌ବୋଧନ ଦେଇ କହିଥିଲେ, ଆମେ ଦାବି କରିବାରୁ ରାଜ୍ୟ ସରକାର ସହରାଞ୍ଚଳବାସୀଙ୍କୁ ଜମି ଅଧିକାର ଦେବାକୁ ନିଷ୍ପତ୍ତି ନେଇଛନ୍ତି। ନିର୍ବାଚନ ପୂର୍ବରୁ ଲୋକଙ୍କୁ ପଟ୍ଟା ଦିଅ । ଅନ୍ୟଥା ଏହାର ପରିଣତି ଭୋଗ କରିବାକୁ ପଡିବ ବୋଲି ବକ୍ତାମାନେ ଚେତାବନୀ ଦେଇଥିଲେ। ଅନ୍ୟପକ୍ଷେ ବସ୍ତି ବାସିନ୍ଦାଙ୍କ ମଧ୍ୟରୁ ଅନେକ ଆରଏସ୍‌ପି ଅଧିକୃତ ଜମି ଉପରେ ବସବାସ କରୁଥିବାରୁ ସେମାନଙ୍କୁ ପଟ୍ଟା କେମିତି ମିଳିବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଡିଏମ ମନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ତାଙ୍କ ପ୍ରତିନିଧି ନିଭାରାଣୀ ଭଟ୍ଟାଚାର୍ଯ୍ୟ ଦାବିପତ୍ର ଗ୍ରହଣ କରିଛନ୍ତି।

## କୁଲାମୁଣ୍ଡା ଡ୍ରିମ ହୋମ ସିଲ୍ ହେଉ: ଉପଜିଲାପାଳଙ୍କୁ ଦାବିପତ୍ର

ରାଉରକେଲା ଅଫିସ,୫।୧୨

ଜିଲା ଶିଶୁ ସୁରକ୍ଷା ଓ ଶିଶୁ ମଙ୍ଗଳ ଅଧିକାରୀଙ୍କ ନେତୃତ୍ୱରେ ମଙ୍ଗଳବାର ଲାଠିକଟା ଅନ୍ତର୍ଗତ ଏରଗେଡା କୁଲାମୁଣ୍ଡାରେ ଥିବା ଗୁଡ ନ୍ୟୁଜ ଇଣ୍ଡିଆ ଡ୍ରିମ ହୋମ ଯାଞ୍ଚ ନେଇ ପ୍ରଶ୍ନ ଉଠାଇଛନ୍ତି ବିଶ୍ୱ ହିନ୍ଦୁ ପରିଷଦ ନେତା ଶାନ୍ତନୁ କୁସୁମ। ଏନେଇ ସେ ପାନପୋଷ ଉପଜିଲାପାଳ ବିଶ୍ୱଜିତ ମହାପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରି ଏହାର ନିରପେକ୍ଷ ତଦନ୍ତ ଓ ଆଶ୍ରୟ ସ୍ଥଳ ବନ୍ଦ ନେଇ ଦାବି କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି, ଯାଞ୍ଚ କେବଳ ଲୋକ ଦେଖାଣିଆ ଥିଲା। ପ୍ରଶାସନିକସ୍ତରୀୟ ତଦନ୍ତ କରାଗଲେ ସତ୍ୟ ପଦାକୁ ଆସିବ। ଘଟଣାସ୍ଥଳକୁ ଯାଞ୍ଚ ଟିମ ଆସିବା ପୂର୍ବରୁ ସମ୍ପୃକ୍ତ ଅନୁଷ୍ଠାନ କର୍ମକର୍ତ୍ତା ଏମାନଙ୍କ ସ୍ୱାଗତ ପାଇଁ ଜଗି ରହିବା ସ୍ଥାନୀୟ ବାସିନ୍ଦାଙ୍କୁ ଆଚମ୍ବିତ କରିଥିଲା। ଏଭଳି ଏକ ସମ୍ବେଦନଶୀଳ ଘଟଣା ନେଇ ଯାଞ୍ଚ ସ୍ଥଳରେ ଅଧିକାରୀ ପହଞ୍ଚିବା ପୂର୍ବରୁ କଥା କିପରି ପ୍ରଘଟ ହେଲା ସେ ନେଇ ପ୍ରଶ୍ନ ଉଠାଇଛନ୍ତି। ଆଶ୍ରୟ ସ୍ଥଳ ଅନ୍ତେବାସୀଙ୍କୁ କିଏ ଆଗୁଆ ସୂଚନା ଦେଲା ତାର ତଦନ୍ତ ହେବା ଆବଶ୍ୟକ। ଗାଁ ଲୋକଙ୍କ ମତ ନିଆଯାଇ ନାହିଁ କିମ୍ବା ଏହାର ଆଭ୍ୟନ୍ତରୀଣ ବିଧି ବ୍ୟବସ୍ଥା ପ୍ରତି ନଜର ଦିଆଯାଇ ନାହିଁ। ନିଁକୁ ତଦନ୍ତ କରାଯାଇ ଜିଲାପାଳଙ୍କୁ ଏକ ମନଗଢା ରିପୋର୍ଟ ପ୍ରଦାନ ପାଇଁ ଯେଉଁ ଉଦ୍ୟମ କରାଯାଇଛି ତାହାକୁ କୁସୁମ ବିରୋଧ କରିଛନ୍ତି। ଅନୁଷ୍ଠାନ ପକ୍ଷରୁ ପିଲାଙ୍କୁ ଦିଆଯାଉଥିବା ଶିକ୍ଷା ସମ୍ପର୍କରେ ମଧ୍ୟ କୁସୁମ ପ୍ରଶ୍ନ ଉଠାଇଛନ୍ତି। ନିରପେକ୍ଷ ତଦନ୍ତ କରାଗଲେ ଆପଣା ଛାଏଁ ସତ୍ୟ ପଦାକୁ ଆସିବ ବୋଲି ସେ ପ୍ରକାଶ କରିଛନ୍ତି।

- ଚଞ୍ଚକତା କରି ଜୀବିତ ବ୍ୟକ୍ତିଙ୍କୁ ମୃତ ପ୍ରମାଣପତ୍ର ହାସଲ କରି ଜମିହଡପ ଘଟଣା

# ମୁଖ୍ୟ ଅଭିଯୁକ୍ତ ଗିରଫ, କୋର୍ଟ ଚାଲାଣ

ରାଜଗାଙ୍ଗପୁର, ୫।୧୨ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଥାନା ଅଧିନ ଲିପଲୋଇ ଗ୍ରାମର ସମରା ଓରାମ (୫୦) ନାମକ ଜଣେ ଜୀବିତ ବ୍ୟକ୍ତିଙ୍କୁ ମୃତ୍ୟୁ ପ୍ରମାଣପତ୍ର ହାସଲ କରି ଜମି ହଡପ ଯୋଜନାରେ ରାଜଗାଙ୍ଗପୁର ପୋଲିସ ମୁଖ୍ୟ ଅଭିଯୁକ୍ତ ଟିପନ ତିର୍କୀ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ପ୍ରକାଶ ଥାଉ ଯେ, ସମରା ଓରାମ ନାମକ ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ରାଜଗାଙ୍ଗପୁର ଲିପଲୋଇ ଗ୍ରାମରେ ବସବାସ କରନ୍ତି । ରାଜଗାଙ୍ଗପୁର ସହରର କେତେକ ଜମି ବ୍ୟବସାୟୀଙ୍କ ନଜର ତାଙ୍କ ୩ଏକର ୫ଡିସିମିଲ ଜମି ଉପରେ ପଡିଥିଲା। ସେମାନେ ଉକ୍ତ ଜମିକୁ ହଡପ କରିବାକୁ ଯୋଜନା କରି ରାଜଗାଙ୍ଗପୁର ସହରର ୭ନମ୍ବର ୱାର୍ଡ ବା କର୍ଲାକାନୀ ଗ୍ରାମର ଷ୍ଟିପନ୍ ତିର୍କୀଙ୍କ ଭୋଟର କାର୍ଡ ଲିଷ୍ଟ ନଂ. ଓଆର୍/୨୦/୧୩୭/୩୧୮୭୪୧ରେ ଥିବା ଟିପନ୍ ତିର୍କି ପିତା ଶିରିଲ ତିର୍କୀ ସ୍ଥାନରେ ଏକ ନକଲି ଭୋଟର କାର୍ଡ ନଂ. ଓଆର୍/୨୦/୧୩୭/୩୧୮୭୪୧ରେ ଷ୍ଟିପନ୍ ତିର୍କି ପିତା ସମରା ତିର୍କୀ ତିଆରି କରି ସମରା ଓରାମଙ୍କ ନାମରେ ଥିବା ଏକ ଜମି ପଟ୍ଟାର ସାର୍ଟିଫାଏ କପି ବାହାର କରି କୋଟରୁ ବେଲ ନେବା ଆଣିବା କାମ ଆରମ୍ଭ କରିଥିଲେ । ୨୦୧୫ ମସିହାରେ ଟିଫନ୍‌ଙ୍କ ବାପାଙ୍କ ମୃତ୍ୟୁ ହୋଇଯିବାରୁ ଟିଫନ୍‌ଙ୍କ ନକଲି ଫଟୋ କାଟି ଓ ସେହି ୭ନମ୍ବର କର୍ଲାକାନୀ ଗ୍ରାମର ଜୁନାସ ବାର୍ଲା ଓ ସୀତାରାମ ବାର୍ଲା ଲିପଲୋଇ ଗ୍ରାମର ବାସିନ୍ଦା ବୋଲି ମିଥ୍ୟା ସାକ୍ଷଦେଇ ରାଜଗାଙ୍ଗପୁର ପୌର କାର୍ଯ୍ୟାଳୟରୁ ଶିରିଲେ ତିର୍କୀ ପିତା ଶିଲାସ ତିର୍କୀ ସ୍ଥାନରେ ସମରା ତିର୍କୀ ପିତା ଲାଧୁ ତିର୍କୀ ନାମରେ ଏକ ମିଥ୍ୟା ପ୍ରମାଣପତ୍ର ହାସଲ କରି ନେଇଥିଲେ। ପରେ ଏହି ମିଥ୍ୟା ମୃତ୍ୟୁ ପ୍ରମାଣପତ୍ର ବଳରେ ଟିଫନ ନିଜକୁ ଲିପଲୋଇ ବାସିନ୍ଦା ଓ ତାଙ୍କ ମୃତ୍ୟୁ ପିତା ସମରା ତିର୍କି ପିତା ଲାଧୁ ତିର୍କି ଦର୍ଶାଇ ଜୀବିତ ସମରା ଓରାମଙ୍କ ଜମି ପଟ୍ଟାରେ ନିଜ ନାମ ବସାଇବା ପାଇଁ ରାଜଗାଙ୍ଗପୁର ତହସିଲଦାରଙ୍କଠାରେ ଏକ ଆବେଦନ କରିଥିଲେ । ଉକ୍ତ ଆବେଦନକୁ ବିଚାରକୁ ନେଇ ତହସିଲଦାର ଆପତ୍ତି ଅଭିଯୋଗ ପାଇଁ ଲିପଲୋଇ ଗ୍ରାମରେ ଏକ ନୋଟିସ ଲଗାଇଥିଲେ। ଏହି ନୋଟିସ ଦେଖିବା ପରେ ଗ୍ରାମବାସୀ ଓ ସମରା ଓରାମ ରାଜଗାଙ୍ଗପୁର ତହସିଲରେ ଏକ ଆପତ୍ତି ଅଭିଯୋଗ କରିଥିଲେ । ଉକ୍ତ ଅଭିଯୋଗ ପରେ ରାଜଗାଙ୍ଗପୁର ଥାନା ଅଧିକାରୀ ପ୍ରଦୀପ କୁମାର ଜେନା ତହସିଲଦାର, ରାଜଗାଙ୍ଗପୁର ଆରଆଇ, ଏଆରଆଇ ଟିଫନ୍ ତିର୍କୀଙ୍କୁ କର୍ଲାକାନି ଗ୍ରାମରୁ ଲିପଲୋଇ ଗ୍ରାମକୁ ଆଣି ତଦନ୍ତ କରିଥିଲେ । ଉକ୍ତ ତଦନ୍ତରେ ଟିଫନ୍ ତିର୍କୀ ଲିପଲୋଇ ବଦଳରେ କର୍ଲାକାନୀ ଗ୍ରାମର ବାସିନ୍ଦା ହୋଇଥିବା ବେଳେ ତା ବାପାଙ୍କ ନାମ ସମରା ଓରାମ ବଦଳରେ ଶରିଲ ତିର୍କୀ ଓ ଶିରିଲ ତିର୍କୀଙ୍କ ବାପାଙ୍କ ନାମ ଶିଲାସ ତିର୍କୀ ହୋଇଥିବା ଜାଣିବାକୁ ପାଇ ରାଜଗାଙ୍ଗପୁର ତହସିଲଦାର ଶୁକ୍ରବାର ବେହେରା ଟିଫନ୍‌ଙ୍କ ଦରଖାସ୍ତକୁ ଖାରଜ କରି ଟିଫନ୍ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ରାଜଗାଙ୍ଗପୁର ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ । ପରେ ସମରା ଓରାମ ଟିଫନ୍ ଚଞ୍ଚକତା କରିଥିବା ମୃତ୍ୟୁ ପ୍ରମାଣପତ୍ରକୁ ରଦ୍ଦ କରିବା ପାଇଁ ଆବେଦନ କରିବାରୁ ରାଜଗାଙ୍ଗପୁର ପୋଲିସ ଓ ରାଜଗାଙ୍ଗପୁର ପୌରପରିଷଦର ତଦନ୍ତ ରିପୋର୍ଟକୁ ଭିତ୍ତିକରି ରାଜଗାଙ୍ଗପୁର ତହସିଲଦାର ଟିଫନ୍ ହାସଲ କରିଥିବା ମୃତ୍ୟୁ ପ୍ରମାଣପତ୍ରକୁ ରଦ୍ଦ କରିବା ପାଇଁ ପୌରକାର୍ଯ୍ୟାଳୟକୁ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ନିର୍ଦ୍ଦେଶ ପରେ ପୌରପରିଷଦ ଟିଫନ୍ ହାସଲ କରିଥିବା ମିଥ୍ୟା ମୃତ୍ୟୁ ପ୍ରମାଣପତ୍ରକୁ ରଦ୍ଦ କରି ଦେଇଥିଲେ। ଟିଫନ ମିଥ୍ୟା ତଥ୍ୟ ଦେଇ ତାଙ୍କ ଜମିକୁ ହଡପ କରିବା ପାଇଁ ପ୍ରୟାସ କରୁଥିବା ସାଙ୍ଗକୁ ତାଙ୍କୁ ଜୀବନରେ ମାରିଦେବା ପାଇଁ ଧମକ ଦେଉଥିବା ନେଇ ସମରା କୋର୍ଟରେ ଏକ ପିଟିସନ୍ ଦେଇଥିଲେ । କୋର୍ଟ ପୋଲିସକୁ ଉକ୍ତ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେବାପରେ ରାଜଗାଙ୍ଗପୁର ପୋଲିସ ଟିପନ ତିର୍କୀକୁ ଗିରଫ କରି ଏକ କେସ ନଂ. ୧୯୬/୧୮ ରୁଜୁ କରି ୧୯୯, ୨୦୦, ୨୦୯, ୪୬୫, ୪୬୮, ୪୭୧, ୩୫୭, ୫୦୬, ୩୪ ଦଫା ଦେଇ କୋର୍ଟ ଚାଲାଣ କରିଥିଲେ । ଟିଫନ୍‌ଙ୍କ ଜମାନତ ନାକଚ ହୋଇଯିବାରୁ ତାଙ୍କୁ ଜେଲକୁ ପଠା ଯାଇଥିବା ଜଣାପଡିଛି। ହେଲେ ଉକ୍ତ ଘଟଣାର ଆହୁରି ଅନେକ ବ୍ୟକ୍ତି ରହିଥିବା ଚର୍ଚ୍ଚା ହେଉଥିବାରୁ ପୋଲିସ ତଦନ୍ତ କରି ଉଚିତ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି ।

# ମହାନଗରସ୍ତରୀୟ ହକି ପ୍ରତିଯୋଗିତା ଉଦ୍‌ଯାପିତ



ହକି ପ୍ରତିଯୋଗିତାରେ ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ରାଉରକେଲା ଅଫିସ, ୫। ୧୨**–ହକି ବିଶ୍ୱକପ୍ ନେଇ ସାରା ରାଜ୍ୟରେ ଉତ୍ସାହ ଲାଗି ରହିଥିବା ବେଳେ ପାନପୋଷ କ୍ରୀଡା ଛାତ୍ରାବାସ ପଡ଼ିଆରେ ଚାଲିଥିବା ମହାନଗରସ୍ତରୀୟ ହକି ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ବ୍ୟାସନଗର ଓ ରାଇଜିଂ ଷ୍ଟାର ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଇଜିଂ ଷ୍ଟାର ବ୍ୟାସନଗର ଦଳକୁ ୨-୧ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ରୂପେ ଯୋଗଦେଇ ଅର୍ଜୁନ ପୁରସ୍କାରପ୍ରାପ୍ତ ଖେଳାଳି ମିନତି ମହାପାତ୍ର, ରାଉରକେଲା ସ୍ମାର୍ଟସିଟି ଡେପୁଟି ସିଇଓ ନବୀନ ପଟେଲ, ଆରଏସ୍‌ପି ଜିଏମ୍(ଅପରେଶନ) ସଞ୍ଜୟ ନନ୍ଦ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ ଭୋଇ ଓ କ୍ରୀଡା ପ୍ରଶିକ୍ଷକ ମିଲଟନ ବିଲୁଙ୍ଗ ବିଜୟୀ ଦଳକୁ ପୁରସ୍କାର ବିତରଣ କରିଥିଲେ। ଚାମ୍ପିୟନ ଦଳ ରାଇଜିଂ ଷ୍ଟାରକୁ ୭ ହଜାର ଓ ରନର୍ସ ଅପ୍ ଦଳ ବ୍ୟାସ ନଗର ଦଳକୁ ୫ହଜାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏଥିସହ ଅନ୍ୟ କେତେକ ଖେଳାଳିଙ୍କୁ ମଧ୍ୟ ପୁରସ୍କାର ବିତରଣ କରାଯାଇଥିଲା। ଆସନ୍ତା ଜିଲାସ୍ତରୀୟ ପ୍ରତିଯୋଗିତାରେ ରାଇଜିଂ ଷ୍ଟାର ଦଳ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଥିବା ଏଥିରେ ଘୋଷଣା କରାଯାଇଥିଲା। ରାଉରକେଲା ମହାନଗର ପକ୍ଷରୁ ବିଜୁ ଯୁବ ବାହିନୀ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଖେଳରେ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ। ଏଥିରେ ପ୍ରୋଗ୍ରାମ ଅଫିସର ଅଭିଷେକ ମିଶ୍ର ଓ ପାର୍ଥ ସାରଥି ସାହୁ ଟିମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତ୍ରିପ୍ତିସୋନମ ଟପ୍ପୋ, ସ୍ୱରାଜଗୌରବ ପରିଡା ଓ ପ୍ରତିମା ସୋରେଙ୍ଗ ପ୍ରମୁଖ ସହଯୋଗ କରିଥିଲେ। ଆୟୋଜକ କମିଟି ପକ୍ଷରୁ ୪ର୍ଥ ବାଟାଲିୟନର ୮ଜଣ ଖେଳାଳିଙ୍କୁ ମ୍ୟାଚ ଅମ୍ପାୟାରିଂ ନେଇ ସମ୍ମାନିତ କରାଯାଇଥିବା ବେଳେ ମ୍ୟାଚ ପରିଚାଳନା ନେଇ ହକି ଛାତ୍ରାବାସର ଅଧିକାରୀ ମିଲଟନ ବିଲୁଙ୍ଗ, ଫ୍ଲୋରେନସିଆ ଏକ୍କା ଓ ଆର ଲାକ୍ରାଙ୍କୁ ମଧ୍ୟ ଅନୁଷ୍ଠାନ ପକ୍ଷରୁ ସମ୍ମାନୀତ କରାଯାଇଥିଲା। ଏଥିସହ ଖେଳ ସଫଳତା ନେଇ ବିପିନ ମହାପାତ୍ର ଓ ପ୍ରଶାନ୍ତ ନାୟକଙ୍କୁ ମଧ୍ୟ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଛି।

# ହାତୀ ଆଳରେ ବିଦ୍ୟୁତ୍ କାଟ୍

- ସାରା ରାତି ଅନ୍ଧକାର, ସନ୍ଧ୍ୟା ୬ରୁ ସକାଳ ୬
- ଗ୍ରାମବାସୀ କହିଲେ ବିଭାଗୀୟ ଅଧିକାରୀଙ୍କ ବାହାନା
- ଘେରାଉ କରାଯିବ ଲାଠିକଟା ସେକ୍ସନ ଅଫିସ

ରାଉରକେଲା ଅଫିସ,୫।୧୨

ହାତୀ ଆଳରେ ବେଆଇନ ବିଦ୍ୟୁତ୍ କାଟ୍ ଚାଲିଛି । ସାରା ରାତି ବିଭିନ୍ନ ପଞ୍ଚାୟତ ଅନ୍ଧକାରରେ ରହୁଛି। ଏଥିପାଇଁ ଗ୍ରାମବାସୀଙ୍କ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହେଉଛି । ବାରମ୍ବାର ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ହେଲେ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଉନି ବୋଲି ଅଭିଯୋଗ ହୋଇଛି। ବିଦ୍ୟୁତ୍ ବିଭାଗର ଏପରି ପଦକ୍ଷେପକୁ ସୁନ୍ଦରଗଡ଼ ଜିଲା କୁଚେଇତା, ବାଙ୍କି, ଲାଠିକଟା, ସିଉଡିହି, ରାମଯୋଡି ଓ ମୁଣ୍ଡାଯୋର ଭଳି ସୀମାନ୍ତ ପଞ୍ଚାୟତବାସୀ ବିରୋଧ କରିଛନ୍ତି।

ପରିସ୍ଥିତି ଏପରି ହୋଇଛି ଯେ, ଲାଠିକଟା ବିଦ୍ୟୁତ୍ ବିଭାଗ ଅଧିକାରୀ ପ୍ରତିଦିନ ସନ୍ଧ୍ୟା ୬ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଲାଇନ କାଟୁଛନ୍ତି। ଫଳରେ ରାତି ଅନ୍ଧାରରେ ଗାଁ ଭିତରକୁ ହାତୀ ପଶିଲେ ବି କେହି ଜାଣିପାରୁ ନାହାଁନ୍ତି। ସେଥିପାଇଁ ସନ୍ଧ୍ୟାପରେ ଗ୍ରାମବାସୀ କବାଟ ବନ୍ଦ କରି ଘରେ ରହୁଛନ୍ତି । ଏହି ସୁଯୋଗରେ ହାତୀପଲ କ୍ଷେତ ବାଡିରେ



ଏସ୍‌ପିଙ୍କୁ ଦାବିପତ୍ର ଦେବାକୁ ଆସିଥିବା ସାମାଜିକ କର୍ମୀ ଚାନ୍ଦମଣି ସାଣ୍ଡିଲ।

ପଶି ଫସଲ ଉଜାଡିବା ସାର ହୋଇଛି। ପ୍ରତି ଗାଁରେ ବିଦ୍ୟୁତ୍ ସରବରାହ ଥିଲେ ରାସ୍ତା ପାର୍ଶ୍ୱ ଖୁଣ୍ଟରେ ବଲ୍‌ବ ଜଳନ୍ତା, ଆଲୋକ ବ୍ୟବସ୍ଥା ଯୋଗୁ ହାତୀ ଆସିବା ସୁରାକ ମିଳିପାରନ୍ତା। ଏକଥା ବିଭାଗୀୟ ଅଧିକାରୀ ଜାଣୁଥିଲେ ବି ପଦକ୍ଷେପ ନେଉ ନାହାଁନ୍ତି ବୋଲି ଅଭିଯୋଗ ହୋଇଛି। ଏନେଇ ବୁଧବାର ସାମାଜିକ କର୍ମୀ ଚାନ୍ଦମଣି ସାଣ୍ଡିଲଙ୍କ ନେତୃତ୍ୱରେ ଏସ୍‌ପି ଡ.ଉମାଶଙ୍କର ଦାସଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ସେଥିରେ ଦର୍ଶାଯାଇଛି ଯେ, ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ମନମୁଖି କାରବାର ଯୋଗୁ ଆସନ୍ତା ୭ରେ ଲାଠିକଟା ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରାଯିବ। ମନମୁଖି ବିଦ୍ୟୁତ୍ କାଟ ବନ୍ଦ ଦାବି କରାଯିବ। ତଥାପି ଯଦି ବିଭାଗୀୟ ଅଧିକାରୀମାନେ କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ପରିଣତି ଭୟାବହ ହେବ ବୋଲି ସାଣ୍ଡିଲ କହିଛନ୍ତି।

ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟ ବଦଳାଇବା, ତାର ସୁରକ୍ଷା କରିବା ବିଭାଗୀୟ ଅଧିକାରଙ୍କ ଦାୟିତ୍ୱ । ତାହା ନ କରି ବିଭାଗୀୟ ଅଧିକାରୀମାନେ ବେଆଇନ ଭାବେ ବିଦ୍ୟୁତ୍ କାଟ କରିବା ଠିକ୍ ନୁହେଁ । ଏନେଇ ସୁନ୍ଦରଗଡ଼ ଜିଲାପାଳଙ୍କ ସମେତ ବନ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏହା ପରେ ବି ପୂର୍ବପରି ରାତିରେ ବିଦ୍ୟୁତ୍ କାଟ୍ ଚାଲିଛି । ହାତୀଙ୍କ ଉପଦ୍ରବ ପାଇଁ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡିଛି। ଏଥିପାଇଁ ଧାନ ଓ ପନିପରିବା ଫସଲ ନଷ୍ଟ ହେବାରେ ଲାଗିଛି। ହାତୀପଲ ଘର ଭାଙ୍ଗିବା ସହ ଲୋକଙ୍କୁ ଆକ୍ରମଣ କରୁଛନ୍ତି। ଏ ସଂକ୍ରାନ୍ତରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ଡିସେମ୍ବର ୬/୨୦୧୮



ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
- ସ୍ୱାମୀ ଦୟାନନ୍ଦ ସରସ୍ୱତୀ



### କିରେଇ କୃଷି ବିଜ୍ଞାନ କେନ୍ଦ୍ରରେ ବିଶ୍ୱମୃତ୍ତିକା ଦିବସ

# ସମନ୍ୱିତ କୃଷିପଦ୍ଧତି ଆପଣେଇବାକୁ ପରାମର୍ଶ

**ସୁନ୍ଦରଗଡ଼, ୫।୧୨ (ଡି.ଏନ୍.ଏ)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ ୩ଟି ପଞ୍ଚାୟତରେ ସାନି ମତଦାନ ପାଇଁ ପ୍ରସ୍ତୁତି ଶେଷ ହୋଇଛି। ଜୁନାଗଡ ବ୍ଲକର ସନ୍ୟାସୀ କୁଣ୍ଡାମାଲ ଓ ହାବସପୁର ପଞ୍ଚାୟତ ସରପଞ୍ଚ ପାଇଁ ଉପନିର୍ବାଚନ ହେଉଥିବା ବେଳେ କଲେଇ ଗାଁ ପଞ୍ଚାୟତର ୮ ନଂ. ୱାର୍ଡ ପାଇଁ ଉପ ନିର୍ବାଚନ ହେବ। କଲେଇ ଗାଁରେ ଦୁଇ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇ ଥିବା ବେଳେ ହାବସପୁର ସରପଞ୍ଚ ପ୍ରାର୍ଥୀ ପାଇଁ ୨ ଜଣ ଓ ସନ୍ୟାସୀ କୁଣ୍ଡାମାଲ ପାଇଁ ୬ ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ହାବସପୁରରେ ୧୫ଟି ବୁଥରେ ୫୧୮୦ ଜଣ ମତଦାନ କରିବାକୁ ଥିବା ବେଳେ ସନ୍ୟାସୀ କୁଣ୍ଡାମାଲରେ ୧୧ଟି ବୁଥରେ ୨୨୮୫ ଜଣ ଓ କଲେଇ ଗାଁର କୁଲିହାରୀ ଗ୍ରାମରେ ଗୋଟିଏ ବୁଥରେ ୨୪୭ ଜଣ ମତଦାନ କରିବେ। ଏଥିପାଇଁ ବୁଧବାର ସମସ୍ତ ପୋଲିଂ ଅଫିସରଙ୍କ ସମେତ ନିର୍ବାଚନ ପରିଚାଳନା କମିଟି ବୁଥରେ ପହଞ୍ଚିଛନ୍ତି। ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା କରାଯାଇଛି।



ବୁଥ୍‌ରେ ପହଞ୍ଚିବା ପରେ ନିର୍ବାଚନ ଅଧିକାରୀମାନେ ଭୋଟବାକ୍ସ ସଜାଡୁଛନ୍ତି।

# କଳାହାଣ୍ଡିରେ ୧୦୦ ନୂତନ ପେଟ୍ରୋଲ ପମ୍ପ ଖୋଲିବ

ଭବାନୀପାଟଣା,୫।୧୨(ଡି.ଏନ.ଏ.)

ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲଠାରେ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ, ଭାରତ ପେଟ୍ରୋଲିୟମ ଓ ହିନ୍ଦୁସ୍ଥାନ ପେଟ୍ରୋଲିୟମ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କଳାହାଣ୍ଡିରେ ୧୦୦ଟି ନୂତନ ପେଟ୍ରୋଲ ପମ୍ପ ଖୋଲିବ ବୋଲି ସୂଚନା ଦିଆଯାଇଛି । ଏଥିରେ ଆଇଓ ସିଏଲ ପକ୍ଷରୁ ଶରତ କୁମାର ସାହୁ, ମେହେଦି ହରସନ ସିନିୟର ମ୍ୟାନେଜର, ଅଖିଲେସ ବେହେରା ବି.ବି.ସି.ଏଲ ଓ ଜାବିୟର ଏକା ଏଚ.ପି.ସିଲ ଯୋଗଦେଇ ଦେଶରେ ବାର୍ଷିକ ପେଟ୍ରୋଲ ୮%, ଡିଜେଲ ୪ % ହାରରେ ବିକ୍ରୟ ବୃଦ୍ଧି ଘଟିଥିବାରୁ କଳାହାଣ୍ଡି ଜିଲାରେ କୃଷି କ୍ଷେତ୍ର ଏବଂ ଉଦ୍ୟୋଗ କେନ୍ଦ୍ରରେ ଥିବା ଗ୍ରାହକମାନଙ୍କ ସୁବିଧା ଓ ବୃଦ୍ଧି ପାଉଥିବା ଇନ୍ଧନର ଆବଶ୍ୟକତାକୁ ପ୍ରଥମିକତା ଦେବା ସ୍ୱରୁପ ତୈଳ ବିପଣନ କମ୍ପାନୀମାନଙ୍କ ଦ୍ୱାରା ଖୁଚୁରା ବିକ୍ରୟ କେନ୍ଦ୍ର ପେଟ୍ରୋଲ ପମ୍ପର ସମ୍ପ୍ରସାରଣ କରାଯାଉଛି । ଏଥିପାଇଁ ତୈଳ ବିପଣନ କମ୍ପାନୀମାନେ ଉପଯୁକ୍ତ ପ୍ରାର୍ଥୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରିଛନ୍ତି । ପେଟ୍ରୋଲ ପମ୍ପ ଡିଲର ଚୟନ ପ୍ରକ୍ରିଆକୁ ଏଜ ଅଫ ଡୁଇଙ୍ଗବିଜନେସ ଉପରେ ଗୁରୁତ୍ୱ ଆଧାରରେ ସରଳୀକରଣ କରାଯାଇଛି । ସହଜ ଓ ସରଳ ଉପାୟରେ ଅନଲାଇନରେ ଦରଖାସ୍ତ ଆବେଦନ ବ୍ୟବସ୍ଥା କରାଯିବା ସହ ଆବେଦନ ଦରଖାସ୍ତ ଫର୍ମକୁ ଆହୁରି ସରଳ କରାଯାଇଛି । ଦରଖାସ୍ତ ସହିତ ପୂର୍ବରୁ ବ୍ୟବସ୍ଥା ଥିବା ବହୁବିଧ କାଗଜ ପତ୍ର ଦେବା ଆବଶ୍ୟକତାକୁ କମ କରାଯାଇଛି । କେବଳ ପ୍ରାର୍ଥିଚୟନ ପରେ ସବୁ କାଗଜ ପତ୍ର ଦାଖଲର ବ୍ୟବସ୍ଥା କାରାଯାଇଛି । ବିନା ଜମିରେ ମଧ ପେଟ୍ରୋଲ ପମ୍ପ ନିମନ୍ତେ ଆବେଦନ କରାଯାଇପରିବ, ଯେପରିକି ଚୟନ ପ୍ରକ୍ରିୟା ସମୟରେ ସେମାନଙ୍କୁ ଜମି ପ୍ରଦାନ କରାଯିବ ବୋଲି କହିଥିଲେ ।

# ବଁଚବାର ରାହା ଖୁଜୁଛନ୍ ଆଦିବାସୀ ସମାଜ

କୋକସରା,୫।୧୨ (ଡି.ଏନ.ଏ.)

**ସରକାରୀ ଯୋଜ୍‌ନା ବାଟବନା**

କଳାହାଣ୍ଡି ଜିଲା କୋକସରା ବ୍ଲକ୍ ବରାଡୋଙ୍ଗା ପଁଚେତ୍‌ର ଝୁଲେନବର ଗାଁ । ଇ ଗାଁରେ ପାଖାପାଖି ୩୦ରୁ ୪୦ ଆଦିବାସୀ ପରିବାର ବାସ କରୁଥିଲାବେଲେ ସଭେ ଜଂଗଲଜାତ ଦରବ୍ ଉପରେ ନିରଭର କରି ଜୀବନ୍ ଜୀବ୍‌କା ଚଲଉଛନ୍। ଇମାନେ ଜଂଗଲରୁ ବାଉଁଶ ଆନି କୁଲା, ଭୁଗା, ଟୋପା, ଡଲା, ଝାଡୁ ତିଆର କରି ପାସର ଆମପାଣି, ପୂଝାରୀଗୁଡା ସାପ୍ତାହିକ ହାଟେ ବିକାଭଂଗା କରି ନିଜର କୁଟୁମ ପୁଷୁଛନ୍। ଫିଦିନ୍ ସଖାଲୁ ଗାଁର ଲୋକ୍‌ମାନେ ପାସର ଜଂଗଲରୁ ବାଉଁଶ ଅନୁଛନ୍। ସେଟାକେ ଘରର ମାଏକିନାମାନେ ଖରାରେ ଶୁଖେଇ, କଟାଛଟା କରି ଭିନେ ଭିନେ କିସମର ଘରେ ବେଭାର କଲା ସାମାନ ତିଆରୁଛନ୍। ଗାଁ ଯାକର ଲୋକ୍ ଇଟାକେ ନିଜର ମୁଖିଆ ବୁର୍ତି କରି ଦିନ୍‌ସାରା ଇ କାମେ ବାଇ ରହୁଛନ୍। ସବୁ ପରିବାର ହପ୍ତାକ ୮୦୦ରୁ ୧୦୦୦ ଟଁକାର ବାଉଁଶ ସାମାନ ବିକୁଛନ୍। ଇଆଡେ ସରକାର 'ଏମଜିଏନଆରଇଜିଏସ'ରେ ସବୁ ପଁଚେତ୍‌ରେ ଥିବାର ଶ୍ରମିକମାନକୁ ବଛରକ ଶହେ ଦିନର କାମ୍ ଯୁଗେଇ ଦେବାର କଥା କହୁଛନ୍। ହେଲେ ଆଏଜତକ ଇ ଗାଁରେ ସରକାରୀ ଯୋଜ୍‌ନା ଅପହଁଚ୍ ହେଇ ରହିଛେ। ମାଟି କାମ ଆଏଲେ ଶ୍ରମିକମାନକର ଜାଗାରେ ମେଶିନରେ କାମ ହେଉଥିବାର ଗାଁର ଲୋକ୍ ଅଭିଯୋଗ କରିଛନ୍। ଗାଁରେ ମିନି ଅଙ୍ଗନୱାଡି କନ୍ଦ୍ର ସଂଗେ ଗୁଟେ ପ୍ରାଥମିକ ସ୍କୁଲ ରହିଛେ। ହେଲେ ସଚେତନତା ଅଭାବ ଆର ମା'ବାପ ଅଶିକ୍ଷିତ ହେବାର ଲାଗି ପିଲାଛୁଆ ସ୍କୁଲ ଯିବାର ଜାଗାରେ ଘରର କାମ୍‌ଧଁଦାଥି ବାଇ ରହୁଛନ୍। ପିଲାମାନେ ଖାଲି ବେଲାକେ ମୁଠେ ଖାଏବାର ଲାଗି ମେଲା ଦିହେ ସ୍କୁଲ ଆଘେ ଭିଡ଼ ଜମାସନ୍। ଇ ବାବ୍‌ଦେ ବରଡୋଙ୍ଗା ସରପଁଚ୍ ଗୋକୁଲ ନାଏକଙ୍କୁ ପଚରାଲାରୁ ବାଉଁଶ ତିଆରି ସାମାନ ବିକ୍‌ବାର ଇମାନକର ବେଉସା ଆଏ। 'ଏମଜିଏନଆରଇଜିଏସ'ରେ କାମ ଯୁଗେଇ ଦେଲେ ବି ମଜୁରି ମିଲବାରେ ବିଲମ୍ ହେଉଛେ, ଯେନ୍‌ଥିରଲାଗି ଇମାନେ କାମ କରବାକେ ମନ୍ ନାଇଁକରବାର ବଲି ସେ କହିଛନ୍। ସେନ୍‌ତା ଇ ବାବ୍‌ଦେ କୋକସରା ବିଡିଓ ବସନ୍ତ କୁମାର ସେଠୀଙ୍କୁ ପଚରଲାରୁ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ସେମାନକର ହାତ୍ ତିଆରି ବାଉଁଶ ସାମାନ ବଜାରରେ ବିକାଭଂଗା ଲାଗି ବେବସ୍ତା କରାଯିବା ବଲି କହିଥିଲେ।



ବାଉଁଶ ସାମାନ ତିଆରିବାରେ ବାଇ ଗୁଟେ ପରିବାର।

# ୧୩୪ ଚାଷୀଙ୍କଠାରୁ ୫୬୨.୪୭ ମେଟ୍ରିକ ଟନ୍ ଧାନ ସଂଗ୍ରହ

ଭବାନୀପାଟଣା,୫।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ଧାନ ସଂଗ୍ରହ ପାଇଁ ଧାର୍ଯ୍ୟ ତାରିଖର ୨୮ ଦିନ ପରେ ଅର୍ଥାତ ନଭେମ୍ବର ୨୮ ତାରିଖରୁ ବିଧିବଦ୍ଧ ଭାବେ ମଣ୍ଡିଗୁଡିକ କାର୍ଯ୍ୟ ଆରମ୍ଭ ହୋଇଛି । ମୋଟ ୧୬୬ଟି ମଣ୍ଡିରୁ ମାତ୍ର ୯ଟି ମଣ୍ଡିରୁ ୧୩୪ ଜଣ ଚାଷୀଙ୍କଠାରୁ ଗତ ୨ ତାରିଖ ସୁଦ୍ଧା ୫୬୨.୪୭ ମେଟ୍ରିକ୍‌ଟନ୍‌ଧାନ ସଂଗ୍ରହ ହୋଇଛି । ଚଳିତବର୍ଷ ଜିଲାରେ ୭୪ଟି ପ୍ରାଥମିକ କୃଷି ସେବା ସମବାୟ ସମିତି ଜରିଆରେ ୧୬୬ଟି ମଣ୍ଡି ଖୋଲାଯାଇ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯାଉଛି। ଭବାନୀପାଟଣା ଉପଖଣ୍ଡରେ ୬୯ ଏବଂ ଧର୍ମଗଡ ଉପଖଣ୍ଡରେ ୯୭ ମଣ୍ଡି ଖୋଲାଯିବା ବଦଳରେ ବର୍ତ୍ତମାନ ସୁଦ୍ଧା ୯ଟି ମଣ୍ଡି, ୧୧ଟି ମିନି ଧାନ କ୍ରୟ କେନ୍ଦ୍ର କାର୍ଯ୍ୟକାରୀ ହେଉଛି । ଧାନ ଉଠାଣ ପାଇଁ ୭୫ ମିଲର୍ସ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ଗତ ୨ ତାରିଖ ସୁଦ୍ଧା ୧୮ଟି ରାଇସ ମିଲର୍ସ କାର୍ଯ୍ୟ କରୁଛନ୍ତି । ବର୍ତ୍ତମାନ ସୁଦ୍ଧା ୩୨୬୯.୧୦ ମେଟ୍ରିକ୍ ଟନ୍ ଧାନ ବିକ୍ରି ପାଇଁ ଚାଷୀମାନଙ୍କୁ ଟୋକନ ଦିଆଯାଇଛି । ଅପରପକ୍ଷେ ଧାନର ଏଫଏକ୍ୟୁମାନକୁ ନେଇ ମିଲର୍ସମାନେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ବେଳେ କୁଇଣ୍ଟାଲ ପିଛା ୫ ରୁ ୧୦ କେଜି ଯାଏଁ କଟନି ଚାଲିଥିବା ଅଭିଯୋଗ ହେଉଛି । ଯଦିଓ ଚଳିତବର୍ଷ ପ୍ରତ୍ୟେକ ମଣ୍ଡିରେ ଏନାଲାଇଜର ମେଶିନ ରଖାଯାଇଛି ଏବଂ ଚାଷୀଙ୍କ ଧାନ ମାନ ପରୀକ୍ଷା କରାଯାଉଛି ତାହା ସତ୍ତ୍ୱେ ମିଲରମାନେ ନିଜ ମନ ମୁତାବକ କୁଇଣ୍ଟାଲ ପିଛା ୫ ରୁ ୧୦ କେଜି ଧାନ କଟନି କରୁଥିବାରୁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି । ସେହିପରି ଅଗ୍ରୀମ ଟୋକନ ପାଇ ଚାଷୀ ଧାନ ଧରି ମଣ୍ଡିକୁ ଆସିଲେ ମଧ ମିଲର୍ସଙ୍କ ଦେଖା ନ ମିଳିବାରୁ ୨ ରୁ ୩ ଦିନ ଧରି ଚାଷ ଶୀତ କାକରରେ ମଣ୍ଡିରେ ପଡି ରହିଥିବା ଦେଖିବାକୁ ମିଳୁଛି । ଚଳିତବର୍ଷ ଜିଲାରେ ୭୨ ହଜାରରୁ ଊର୍ଦ୍ଧ୍ୱ ଚାଷୀ ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି । ଚାଷୀଙ୍କୁ ତାଙ୍କ ଖଳାରୁ ମଣ୍ଡି ପର୍ଯ୍ୟନ୍ତ ଧାନ ପରିବହନ ଖର୍ଚ୍ଚ ୨ ରୁ ୩ ଗୁଣ ବୃଦ୍ଧି ପାଉଥିବା ବେଳେ ମଣ୍ଡିରେ ମିଲର୍ସଙ୍କ ମର୍ଜିରେ ଧାନ କଟନି କରି ବିକ୍ରି କରିବାକୁ ଚାଷୀ ବାଧ ହେଉଛି । ଏ ସମ୍ପର୍କରେ ଜିଲା ଯୋଗାଣ ବିଭାଗ ଅଧିକାରୀ ଶିବରାମ ଦୋରାଙ୍କୁ ପଚାରିବାରୁ ଚଳିତ ବର୍ଷ ଧାନ ସଂଗ୍ରହ ନିର୍ଦ୍ଧାରିତ ତାରିଖଠାରୁ ୨୮ ଦିନ ବିଳମ୍ବ ହୋଇଛି । ଯେଉଁ ପରିମାଣରେ ଧାନ ମଣ୍ଡିକୁ ଆସିବା କଥା ତାହା ଆସିପାରିନାହିଁ । ଅନ୍ୟପଟେ ଚାଷୀମାନେ ନିଜର ଧାନକୁ ଶୁଖାଇ ଏବଂ ଓଡାଇବା ସହିତ ଏଫଏକ୍ୟୁ ମାନର ଧାନ ପ୍ରସ୍ତୁତ କରି ମଣ୍ଡିକୁ ଆଣିବା ପାଇଁ ପ୍ରଶାସନ ତରଫରୁ ବାରମ୍ବାର ଚାଷୀମାନଙ୍କୁ ଅନୁରୋଧ କରାଯାଇଛି । କିନ୍ତୁ ଚାଷୀମାନେ ତରତର ହୋଇ ସିଧା ଖଳାରୁ ଧାନ ମଣ୍ଡିକୁ ଆଣୁଛନ୍ତି । ଫଳରେ ଧାନରେ ଅଧିକ ପରିମାଣରେ ଆର୍ଦ୍ରତା, ଅଗାଡି ଓ ଅନ୍ୟାନ୍ୟ ବର୍ଜବସ୍ତୁ ରହୁଛି । ଏଣୁ ଚାଷୀମାନେ ନିଜର ଧାନକୁ ଏଫଏକ୍ୟୁ ମାନ ପ୍ରସ୍ତୁତ କରି ମଣ୍ଡିକୁ ଆଣି ସରକାରଙ୍କ ଏଫଏକ୍ୟୁ ମାନର ଧାର୍ଯ୍ୟ ମୂଲ୍ୟ ପାଇପାରିବେ । ଅନ୍ୟପଟେ ପୂର୍ବ ବର୍ଷ ଅପେକ୍ଷା କାଁ ଭାଁ କେଉଁ ମଣ୍ଡିରେ ୫ ରୁ ୭ କେଜି ଧାନ କୁଇଣ୍ଟାଲ ପିଛା କଟନି ହେଉଛି ବୋଲି ଅଭିଯୋଗ ଆସୁଛି । କିନ୍ତୁ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନିଆଯାଉଛି । ଜିଲାପାଳ ଗାଭାଲି ପରାଗ ହର୍ଷଦଙ୍କ କଡା ନିର୍ଦ୍ଦେଶରେ ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ଜିଲାରେ ଧାନ ମଣ୍ଡିରେ ଦଲାଲ ଓ ତୃତୀୟ ପକ୍ଷ ପ୍ରାଦୁର୍ଭାବ କମ ରହିଛି । ଚାଷୀମାନେ କିପରି ଧାନର ଉଚିତ୍ ମୂଲ୍ୟ ପାଇବେ ସେଥିପାଇଁ ଜିଲା ପ୍ରଶାସନ ତରଫରୁ ବିଭିନ୍ନସ୍ତରରେ ସ୍କାର୍ଡମାନ ଗଠନ କରିବା ସହିତ ନିଜେ ଜିଲାପାଳ, ଭବାନୀପାଟଣା ଓ ଧର୍ମଗଡ ଉପଜିଲାପାଳ ଏବଂ ଜିଲା ଯୋଗାଣ ବିଭାଗ ଅଧିକାର ବିଭିନ୍ନ ମଣ୍ଡିକୁ ଯାଇ ତଦାରଖ କରୁଥିବା ଦେଖିବାକୁ ମିଳୁଛି ।



ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୬ ଡିସେମ୍ବର, ୨୦୧୮



"କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।
- ଆର. ଡବ୍ଲ୍ୟୁ. ଇମରସନ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଗ୍ନି, ବ୍ୟାଧି, ରଣ;**
**ଏ ତିନିଙ୍କି ନ ରଖିବ ପୁଣ ।**

ଅଗ୍ନି ସବୁକିଛି ଜାଳିପୋଡ଼ି ଭସ୍ମ କରି ଦେଇଥାଏ। ରୋଗ ପୁରୁଣା ହୋଇଗଲେ ଭଲ ହେବା କଷ୍ଟକର ହୋଇଯାଏ। ସେହିପରି ଋଣ ଠିକ୍ ସମୟରେ ଶୁଝା ନ ଗଲେ ସୁଧମୂଳ ବଢ଼ିଯାଏ। ଚାଣକ୍ୟଙ୍କ ମତରେ ଅଗ୍ନି, ବ୍ୟାଧି ଓ ଋଣର ଶେଷ ରଖିବ ନାହିଁ। କାରଣ ଏଗୁଡ଼ିକ ପରେ ବଢ଼ି ବଢ଼ି ମଣିଷର ସର୍ବନାଶର କାରଣ ସାଜୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଇଲ ବନ୍ଧୁ ଭୁଲ କଲ**
**ବସିବାକୁ ନାହିଁ ଠାଆ,**
**ଯେଉଁ ବାଟେ ବାଟେ ଅଇଲ ବନ୍ଧୁ**
**ସେଇ ବାଟେ ବାଟେ ଯାଆ ।**

ବନ୍ଧୁ ଚର୍ଚ୍ଚା କରିବା ପାଇଁ କୁଣ୍ଠିତ ମନୋବୃତ୍ତି ଥିବା ଲୋକ ଦୁନିଆରେ ଅନେକ ଅଛନ୍ତି। ବନ୍ଧୁଟି ଅପେକ୍ଷାକୃତ ଗରିବ ହୋଇଥିଲେ ତା'ପ୍ରତି ହେୟଜ୍ଞାନ କରିବାକୁ ପଛାଇ ନ ଥାନ୍ତି। ଘରକୁ ସମାଗତ ବନ୍ଧୁକୁ ସତ୍କାର କରିବାରେ ଅନିଚ୍ଛା ପ୍ରକାଶ କରିବାକୁ ଯାଇ ବିଭିନ୍ନ ପ୍ରକାର ବାହାନା ପ୍ରଦର୍ଶନ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.



ଜନଶୁଣାଣି ଶିବିରରେ ଯୋଗଦେଇଥିବା ମଞ୍ଚାସୀନ ଅତିଥିଗଣ।

# ଏମ୍‌ଜିଏନ୍‌ଆରଇଜିଏସ୍ ଜନଶୁଣାଣି ଶିବିର

ବୋଡେନ,୫।୧୨ (ଡି.ଏନ.ଏ.)

ବୋଡେନ ବ୍ଲକର ପଞ୍ଚାୟତ ସମିତି ସଭାଗୃହଠାରେ ବ୍ଲକସ୍ତରୀୟ ଏମଜିଏନଆରଇଜିଏସ୍ ଜନଶୁଣାଣି ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ନୂଆପଡା ଉପଜିଲାପାଳ ତରୁଣିସେନ ନାଏକ, ବିଡିଓ ମନୋଜ ମହାନ୍ତି, ବ୍ଲକ ଅଧ୍ୟକ୍ଷା ପ୍ରେମଶିଳା ନାଗ, ଡିଏସଏ ମିଳନ ପତି, ସହକାରୀ ଯନ୍ତ୍ରି ଅଜିତ ଗଣିକ, ଏପିଓ ଜିତେନ୍ଦ୍ର ସାହୁ, ବୋଡେନ ସରପଞ୍ଚ ନୃପରାଜ ତାଣ୍ଡି ପ୍ରମୁଖ ମଞ୍ଚାସୀନଥିଲେ। ୨୦୧୮-୧୯ ବର୍ଷର ଆଜି ପର୍ଯ୍ୟନ୍ତ ଏମଜିଏନଆରଇଜିଏସ୍ ଯୋଜନାରେ ୪କୋଟି ୯୦ଲକ୍ଷ ଖର୍ଚ୍ଚ ହୋଇସାରିଛି । ମୋଟ ୧ଲକ୍ଷ ୯୭ହଜାର ୮ ସହ ଶ୍ରମିକମାନଙ୍କୁ ଶ୍ରମ ଦିବସ ଯୋଗାଇ ଦିଆଯାଇଛି ଏବଂ ମୋଟ ୪ ହଜାର ୧ ସହ ୫୩ ପ୍ରକଳ୍ପରୁ ୩୨୧ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇସାରିଛି । ଗ୍ରାମ ସଭାରେ ଅନୁମୋଦନ ହୋଇ ଆସିଥିବା ସମସ୍ତ ଅଭିଯୋଗ ଗୁଡିକୁ ସମାଧାନ କରାଯାଇଥିଲା । ଦାଦନ ରୋକିବା ପାଇଁ ମଧ୍ୟ ଆଲୋଚନା କରାଯାଇଥିଲା । ଏଥିରେ ବ୍ଲକର ସମସ୍ତ ପିଇଓ, ଜିଆରଏସ, ସରପଞ୍ଚ, ଜେଇ, ଜିପିଟିଏ, ଭିଆରପି, ଶ୍ରମିକ ମୁଖିଆ, ଅଣକୁଶଳି ଶ୍ରମିକମାନେ ଉପସ୍ଥିତଥିଲେ ।

# ଢେଙ୍ଗସର୍ଗି ଗୁଡ୍ ନ୍ୟୁଜ୍ ଡ୍ରିମ୍ ସେଣ୍ଟର ବନ୍ଦ

ସେରଗଡ଼,୫।୧୨ (ଡି.ଏନ.ଏ.)

ଢେଙ୍କାନାଳ ସଦର ବ୍ଲକ୍ ବେଲଟିକିରିସ୍ଥିତ 'ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର'ରେ ନାବାଳିକାଙ୍କୁ ଯୌନ ଶୋଷଣ ଘଟଣା ପଦାକୁ ଆସିବା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ବେନିୟମ ଭାବେ ଚାଲୁଥିବା ଏଭଳି ସେଣ୍ଟର ସିଲ କରାଯାଉଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲା ନର୍ଲା ବ୍ଲକ ଢେଙ୍ଗସର୍ଗିରେ ଥିବା ଗୁଡ ନ୍ୟୁଜ୍ ଡ୍ରିମ ସେଣ୍ଟରକୁ ବୁଧବାର ବନ୍ଦ କରାଯାଇଛି। ଫଳରେ ଉକ୍ତ ସେଣ୍ଟରରେ ଥିବା ୨୮ ଛାତ୍ର ଓ ୩୨ ଜଣ ଛାତ୍ରୀ ହଷ୍ଟେଲ ଛାଡି ଚାଲିଯାଇଛନ୍ତି। ସେଣ୍ଟରଟି ଗତ ୨୦୦୨ରୁ ଆଜି ପର୍ଯ୍ୟନ୍ତ ଚାଲୁଥିବା ବେଳେ ବିଭିନ୍ନ ସମୟରେ ଏହି ସେଣ୍ଟର ନାମରେ ଅଭିଯୋଗ ହୋଇଆସୁଥିଲା। ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିଲା । ୦୮।୦୯.୨୦୧୭ରୁ ୭।୦୯।୨୦୧୮ ପର୍ଯ୍ୟନ୍ତ ରେଜିଷ୍ଟ୍ରେସନ ହୋଇ ଗତ ସେପଟେମ୍ବର ୭ ତାରିଖରେ ନବୀକରଣ କରାଯିବା ନିୟମ ଥିଲେ ହେଁ ଆଜିକୁ ୨ ମାସରୁ ଊର୍ଦ୍ଧ୍ୱ ହୋଇଥିଲେ ସୁଦ୍ଧା ଏହା ନବୀକରଣ ନ କରି ଚାଲି ଆସୁଥିଲେ। କିନ୍ତୁ ସିଡବ୍ଲୁସି ବିନା ନବୀକରଣରେ ଚାଲୁଥିବା ସେଣ୍ଟର ଉପରେ କୌଣସି ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାରଙ୍କ ପକ୍ଷରୁ ବିଭିନ୍ନ ସେଣ୍ଟରେ ଚଢାଉ କରି ସିଲ୍ ହେବା ପରେ ତରବରିଆ ଭାବେ ଏହି ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଅଭିଭାବକମାନଙ୍କୁ ଡାକି ଛାତ୍ରୀଛାତ୍ରଙ୍କୁ ଘରକୁ ପଠାଇଦେଇଥିବା ଜଣାପଡିଛି। ଏ ନେଇ ସୁପରିଣ୍ଟେଣ୍ଡେଣ୍ଟ ଦିପ୍ତିପ୍ରକାଶ ଦୀପଙ୍କୁ ପଚାରିବାରୁ ବିନା ନବୀକରଣରେ ସେଣ୍ଟର ଚାଲୁଥିବା ସ୍ୱୀକାର କରିଥିଲେ ।

**Bhubaneswar Smart City Limited**
Bhubaneswar Smart City Limited, Block 1, II Floor, BMC-Bhawani Mall, Bhubaneswar-751007

No. 5772 Date: 03.12.18

**1st Corrigendum to Tender Call Notice Vide bid Identification No. 5733/BSCL/187/2018, dated 28.11.2018**

No.371-C:- The Notice Inviting Bid No. 5733/ BSCL/187/2018, dated 28.11.2018 towards "Development of cycle track corridor in Bhubaneswar Smart City has been revised as below."

| | | |
|---|---|---|
| 1. | Period of completion | 06 (Six Months) |
| 2. | Date and time for availability of bid in web | 14.12.2018 |
| 3. | Date of Pre-Bid Meeting | 21.12.2018 at 11.00 AM |
| 4. | Last date/ time for receipt of Bid in web portal | 05.01.2019 upto 5.00 PM |
| 5. | Date of submission of original documents, EMD, Bid document cost | 07.01.2019 upto 5.00 PM |
| 6. | Date of opening of technical Bid | 09.01.2019 at 11.30 AM |

The Revised Notice inviting tender along with other documents will be published in the e-procurement portal website http://tendersorissa.gov.in. Any addendum/ corrigendum/ cancellation of tender can be seen in the web mentioned above.

Sd./- Chief Executive Officer
13070/11/0041/1819 Bhubaneswar Smart City Limited

**ZILLA SWASTHYA SAMITI, KORAPUT**
**OFFICE OF THE CHIEF DISTRICT MEDICAL OFFICE, KORAPUT**
Phone No : 06852-252064,
Email- nhmkpt@gmail.com
Letter No. 576/NCD/KPT Date : 01.12.2018

**TENDER CALL NOTICE**

No.624-E: Sealed tenders are invited from registered or manufacturer or importer or authorized distributor or wholeseller agencies for supply of strecher for IMR & MMR programme under NHM, Koraput. The tender document should reach to the office of the undersigned by 21.12.2018, 1.00 P.M. through speed post / Regd. Post/ Courier along with all relevant documents and will be opened on the same day at 05.00 P.M. The details specifications, terms & conditions can be available in the district website : www.koraput.nic.in. The undersigned reserves the right to accept or reject without assigning any reason thereof.

10077/11/0023/1819 **Sd./- CDM & PHO, Koraput**

# ବିଜ୍ଞାନ କଂଗ୍ରେସର ଜିଲାସ୍ତରୀୟ ପ୍ରକଳ୍ପ ପ୍ରତିଯୋଗିତା

**୪ ପ୍ରକଳ୍ପ ରାଜ୍ୟସ୍ତରକୁ ଉନ୍ନୀତ**

ନୂଆପଡା ଅଫିସ,୫।୧୨




ଜିଲାସ୍ତରୀୟ ବିଜ୍ଞାନ କଂଗ୍ରେସର ପ୍ରକଳ୍ପ ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥିବୃନ୍ଦ ।

ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ବିଜ୍ଞାନ କଂଗ୍ରେସର ପ୍ରକଳ୍ପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାର ସମସ୍ତ ୫ଟି ବ୍ଲକର ବଛା ବଛା ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । କାର୍ଯ୍ୟକ୍ରମରେ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଚିତେଶ୍ୱରୀ ସାହୁ ସଭାପତିତ୍ୱ କରିଥିବା ବେଳେ ଜିଲା ବିଜ୍ଞାନ ନିରୀକ୍ଷକ ଅଶ୍ୱିନୀ କୁମାର ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ୪ଟି ପ୍ରକଳ୍ପ ରାଜ୍ୟସ୍ତରକୁ ଉନ୍ନୀତ ହୋଇଛି । ସେଗୁଡିକ ମଧ୍ୟରେ ରାଜାଏଟି ହାଇସ୍କୁଲ ଛାତ୍ର ପ୍ରଶାନ୍ତ ମେହେରଙ୍କ ପ୍ରକଳ୍ପ ପଲିଥିନ ମୁକ୍ତ ସହର ସ୍ୱପ୍ନ ଆମର ପ୍ରଥମ ସ୍ଥାନ ପାଇଥିବାବେଳେ ବରଗା ଉଚ୍ଚ ବିଦ୍ୟାଳୟର ସୌମ୍ୟରଞ୍ଜନ ରଣାଙ୍କ ପ୍ରକଳ୍ପ ଇଲେକ୍ଟ୍ରୋନିକ୍ସ ଡିଭାଇସ ଓ କମ୍ପ୍ୟୁଟର ପିଲାଙ୍କ ଉପରେ ପ୍ରଭାବ ଦ୍ୱିତୀୟ ଏବଂ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଡୁମେରପାଣିର ଲଳିତା ସାହୁଙ୍କ ପ୍ରକଳ୍ପ ସମସ୍ତ ଋତୁର ଫଳ ରୋଗୀଙ୍କୁ କରେ ସୁସ୍ଥ ସବଳ ତୃତୀୟ ଓ ମାଗୁରପାଣି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଛାତ୍ର ପରେଶନାଥ ନାୟକଙ୍କ ପ୍ରକଳ୍ପ ଋତୁକାଳୀନ ପ୍ରବାସୀ ଶ୍ରମିକଙ୍କ ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଓ ପୋଷାକର ଏକ ଆକଳନ ଶିର୍ଷକ ପ୍ରକଳ୍ପ ଚତୁର୍ଥ ସ୍ଥାନ ଅକ୍ତିଆର କରିଛି । ଏମାନେ ରାଜ୍ୟସ୍ତରୀୟ ପ୍ରତିଯୋଗୀତାକୁ ଉନ୍ନୀତ ହୋଇଛନ୍ତି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜ୍ଞାନ ଶିକ୍ଷକ ଅଶୋକ କୁମାର ବେହେରା, ମନୋହର ସାହୁ, ଶାରଦା ପ୍ରସନ୍ନ ବଳ, ଗିରିଧାରୀ ସା ପ୍ରମୁଖ ସହଯୋଗ କରିଥିଲେ।

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

**BERHAMPUR MUNICIPAL CORPORATION, GANJAM**
**INVITATION FOR BIDS (IFB)**
No.19877/XVIII.E6.12/18 Date : 03.12.2018
**INVITATION FOR BIDS**
**Bid Identification No. BMC (BAM)-182/2018-19** No.368-C

| | | | |
|---|---|---|---|
| 1. | The Municipal Commissioner, Berhampur, invites percentage rate bids in ONLINE MODE only, as per annexure "A" | | |
| 2. | Natue of Work | : | Electrical Works |
| 3. | No. of Work | : | 3 Nos |
| 4. | Bid Cost. | : | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5. | E.M.D. | : | The bidder shall remit online the Earnest Money Deposit/ Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha as per Annexure "A". |
| 6. | Class of Contractor | : | As per the Annexure "A" |
| 7. | Availability of Bid Documents in the website | : | From 15.00 hrs. of Dt. 05.12.2018 to 17.00 hrs. of 24.12.2018 |
| 8. | Date of opening of Bid | : | 11.30 hrs. onwards on Dt. 26.12.18. |
| 9. | Mode of submission of tender | : | Tender should be submitted on line in www.tendersorissa.gov.in |
| | The Bidders have to partcipate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum/ cancellation of tender can also be seen in the said website only. | | |

13035/11/0163/1819 **Sd./- Commissioner, Berhampur Municipal Corporation, Berhampur, Odisha**

OFFICE OF THE EXECUTIVE ENGINEER
RWS&S DIVISION, PURI – 752002
Phone (06752) 251276, Fax :- (06752) 251276, E-mail:-eerwss_puri@nic.in

**NATIONAL COMPETITIVE BIDDING THROUGH E-PROCUREMENT**

**Bid Identification No. RWSSPURI 70 /2018-19**

No.1117-O: The Executive Engineer, RWS&S Division, Puri on behalf of Governor of Odisha invites percentage rate price bids through e-procurement in single cover system according to the norms of e-procurement system, in on-line mode from eligible contractors.

| Sl. No. | Nature of work: | Piped Water Supply Scheme |
|---|---|---|
| 1. | No. of works: | 1 (ONE) |
| 2. | Time for completion: | Two months |
| 3. | Cost of bidding document: | Rs. 6000/- |
| 4. | Class of Contractors eligible: | D & C |
| 5. | Availability of bids on-line: | From 17 hour of 07.12.2018 to 17.00 hours of 17.12.2018 |
| 6. | Last date and time for seeking clarification: | 17.00 hours of 14.12.2018 |
| 7. | Date & time of opening of technical bids: | On dt 18.12.2018 at 12.00 hours in the office of the Executive Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 8. | Date and time of opening of financial bids: | To be decided |

Further details can be seen from the website **https://www.tendersorissa.gov.in**.

**Sd./- Executive Engineer, RWS&S Division, Puri**
25017/11/0087/1819

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
**GOLD CASH LTD**
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

**BALADEV FINANCE**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

**ମୁଦ୍ରିକା ଫାଇନାନ୍ସ ଲୋନ**
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

ସରକାରୀ ଜନଧନ ଯୋଜନା ଅଧୀନରେ
**DHANLAXMI FINANCE PVT. LTD.**
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ ।
2% ସୁଧ 50% ରିହାତି
Helpline Number
9499218982
Goudunipokhari, Pharsibandha, Bhadrak, Odisha - 756132

**FINANCE**
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

**Shri Ram Finance**
ସେବା ସମିତି ଋଣ ଅଫର୍
ପିଏମ୍ ଋଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟ, ପର୍ସନାଲ, ବିପିଏଲ୍ କାର୍ଡ । ବେରୋଜଗାର, ମହିଳା ଗ୍ରୁପ୍ ଋଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡି।
Helpline Numbers
9996568749
7497026992
Kutasingha, Tentuligaon, Bolangir, Orissa 767068

**କେମିତି ମଦ ଛାଡ଼ିବେ**
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8697980580

**କୁବେର ଫାଇନାନ୍ସ**
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ୍, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି।
Helpline
18002126755
08802683947
Dist: Khargaon, Madhyapradesh

**T.C.F. FINANCE**
(Govt. Registered)
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
(ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

**LOAN**
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

**LOAN**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
**MUDRA FINANCE**
ଆଗେ କାମ - ପରେ ଦାମ
ପର୍ସନାଲ, ପ୍ରପର୍ଟି ମାର୍କଶିଟ୍, ବ୍ୟବସାୟ ଯାନବାହନ, ଆଧାରକାର୍ଡ ରାଶନ କାର୍ଡ ସମସ୍ତ ଋଣ
2% ସୁଧ - 40% ରିହାତି
ଘରେ ବସି ଉପଲବ୍ଧ
7078300380
Ram Nagar, Narnel, Haryana

ନୂଆବର୍ଷର ଶୁଭ ଅବସରରେ
**GANAPATI FINANCE**
ଦ୍ୱାରା ଆଧାରକାର୍ଡ, ମାର୍କଶିଟ୍, ଗୃହ, ପର୍ସନାଲ, ବ୍ୟବସାୟ
ସମସ୍ତ ଋଣ ମାତ୍ର 4 ଘଣ୍ଟାରେ
1% ସୁଧ - 50% ରିହାତି
ମହିଳା / ସରକାରୀ କର୍ମଚାରୀଙ୍କ ପାଇଁ ରିହାତି
ଦ୍ରଷ୍ଟବ୍ୟ: ଆମର ଅନ୍ୟ କୌଣସି ଶାଖା ନାହିଁ
ଯୋଗାଯୋଗ: ସୁନିତା
8860416623, 8860412564
168, Sector 30, Jagatpura, Jaipur (Rajasthan)

ଭାରତର ନଂ.1 କମ୍ପାନୀ
**HI-TECH TOWER**
(GOVT. REGD.)
ଡିଜିଟାଲ ଉପକରଣ ଜମି, ଛାତ, ପ୍ଲଟ୍ କ୍ଷେତରେ ଲଗାନ୍ତୁ
ପାଆନ୍ତୁ 60 ଲକ୍ଷ ଅଗ୍ରିମ + ଭଡ଼ା 40 ହଜାର + 20,000/-ର ପ୍ରୋତ୍ସାହନ + ବାଇକ୍ + ଜୀବନ ବୀମା
(ଠକମାନଙ୍କ ପ୍ରତି ସାବଧାନ)
08818956614
09753490869
#908, Dhiman Line, Yamuna Nagar, Haryana.

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — **MORE SPACE • SAME PRICE** — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବ।

- ଭଲ୍‌ଟାୟାର



## ସଂକ୍ଷେପରେ

### ପୋଲରୁ ପଡ଼ି ଶ୍ରମିକ ମୃତ

**ଖଡିଆଲ/ସିନାପାଲି, ୫।୧୨ (ଡି.ଏନ.ଏ.)-** ନୂଆପଡା ଜିଲା ସିନାପାଲିଠାରୁ କଳାହାଣ୍ଡି ଜିଲା ଧର୍ମଗଡ ଦେଇ ଯାଉଥିବା ନିର୍ମାଣାଧୀନ ବିଜୁ କେବିକେ ଫର ୱେ ରାସ୍ତା କାମ ଚାଲୁଥିବା ବେଳେ ସିନାପାଲି ଥାନା ଧିଙ୍ଗିଆମୁଡା ଗାଁ ପାଖରେ ବ୍ରିଜରୁ ଖସି ପଡି ତଳେ ଥିବା ଏକ ମିକ୍ସର ମେଶିନରେ ପିଟି ହୋଇ କାମରେ ନିୟୋଜିତ ଶ୍ରମିକଙ୍କ ମୃତ୍ୟୁ ହୋଇଛି । ମୃତ ଶ୍ରମିକଙ୍କ ନାମ ଯାଦବ ଗୌଡ । ସେ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ରଜନାପୁର ଅଞ୍ଚଳର । ସୂଚନା ଅନୁସାରେ ଶ୍ରମିକ ଯାଦବ ମଙ୍ଗଳବାର ଅପରାହ୍ନରେ ଧିଙ୍ଗିଆମୁଣ୍ଡା ନିକଟରେ ଚାଲିଥିବା ବିଜୁ କେବିକେ ଫୋର ୱେ ରାସ୍ତା ବ୍ରିଜରେ କାମ କରୁଥିବା ବେଳେ କୌଣସି କାରଣପଶତଃ ଗୋଡ ଖସି ତଳେ ପଡିଯାଇଥିଲେ । ବ୍ରିଜ ତଳେଥିବା ମିକ୍ସର ମେଶିନରେ ପିଟି ହୋଇଥିଲେ । ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଧର୍ମଗଡ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ଏ ନେଇ ସିନାପାଲି ଆଇଆଇସି ଜ୍ୟୋତିରଞ୍ଜନ ଗୌଡଙ୍କୁ ପଚାରିବାରେ ଉକ୍ତ ଘଟଣା ସମ୍ପର୍କରେ ଅବଗତ ଅଛି କିନ୍ତୁ ଏ ନେଇ କୌଣସି ଅଭିଯୋଗ ଆସିନାହିଁ । ଯେହେତୁ ସିନପାଲି ଏବଂ ଗୋଲାମୁଣ୍ଡା ସୀମାରେ ଘଟଣା ଘଟିଛି । ଗୋଲାମୁଣ୍ଡା ଥାନା ସହ ଯୋଗାଯୋଗ କରାଯାଉଛି ବୋଲି ଆମ ସିନାପାଲି ପ୍ରତିନିଧିଙ୍କୁ ଜଣାଇଛନ୍ତି ।

# ମାଟି ସୁସ୍ଥ ରହିଲେ ଚାଷୀ ସୁସ୍ଥ ହେବ

**ନୂଆପଡା ଅଫିସ,୫।୧୨**

ଦିନକୁ ଦିନ ରାସାୟନିକ ପଦାର୍ଥର ବହୁଳ ବ୍ୟବହାର ଯୋଗୁ ମାଟି ମଧ୍ୟ ରୁଗ୍ଣ ହେବାରେ ଲାଗିଛି । ମାଟି ରୁଗ୍ଣ ହେଲେ ଉତ୍ତମ ଫସଲ ହେବ ନାହିଁ । ଫଳରେ ଚାଷୀଙ୍କ ମେରୁଦଣ୍ଡ ଦୋହଲିଯିବ । ତେଣୁ ମାଟିକୁ ସବୁବେଳେ ପରୀକ୍ଷା ନିରୀକ୍ଷା କରି ସୁସ୍ଥ ରଖିବାକୁ ପଦକ୍ଷେପ ନେବା ଜରୁରୀ ହୋଇପଡିଛି । ମାଟି ସୁସ୍ଥ ହେଲେ ଚାଷୀମାନେ ଆପେ ସୁସ୍ଥବାନ ହୋଇଯିବେ ବୋଲି ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଆୟୋଜିତ ବିଶ୍ୱ ମୃତ୍ତିକା ଦିବସ ପାଳନ ଅବସରରେ ବକ୍ତାମାନେ କହିଛନ୍ତି ।

ବୁଧବାର ପୂର୍ବାହ୍ନ ୧୧ଟାରେ କୃଷି ବିଜ୍ଞାନ କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା କୃଷି ଉପନିର୍ଦ୍ଦେଶକ ଜାହିଦ ଖାନ ସଭାପତିତ୍ୱ କରିଥିବାବେଳେ ସ୍ଥାନୀୟ ବିଧାୟକ ବସନ୍ତକୁମାର ପଣ୍ଡା ମୁଖ୍ୟଅତିଥି, ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ, ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, କେବିକେ ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ସ୍ୱାଗତିକା ଶ୍ରୀଚନ୍ଦନ, ଜିଲାପ୍ରାଣୀ ଚିକିତ୍ସାଧିକାରୀ ଡା.ରଞ୍ଜିତ କୁମାର ସାମନ୍ତରାୟ, ଜିଲା କୃଷି ଅଧିକାରୀ ଅଜୟ କୁମାର ସେନାପତି, ଏପିଡି ମୃତ୍ତିକା ସଂରକ୍ଷଣ ବିଭାଗ ପ୍ରସନ୍ନ କୁମାର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଜିଲା କୃଷି ଅଧିକାରୀ ସେନାପତି ମଞ୍ଚ ପରିଚଚାଳନା କରିଥିଲେ । ଏହି ଅବସରରେ ମୁଖ୍ୟଅତିଥି ଜିଲାର ସମସ୍ତ ଚାଷୀମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ସହ ଚାଷ ଏବଂ ଚାଷୀଙ୍କ ଉନ୍ନତି ସକାଶେ ସରକାର ବହୁବିଧ ଯୋଜନା ସବୁ କାର୍ଯ୍ୟକାରୀ କରୁଛନ୍ତି । ହେଲେ ସେମାନଙ୍କୁ ସଚେତନ ହୋଇ ଆଗକୁ ଆସିଲେ ସେସବୁରୁ ସୁଫଳ ମିଳିବବୋଲି କହିଛନ୍ତ। ସେହିଭଳି ମୃତ୍ତିକା ଦିବସ ପାଳନର ଉଦ୍ଦେଶ୍ୟ ଏବଂ ଆଭିମୁଖ୍ୟ ସମ୍ପର୍କରେ କେବିକେ ମୁଖ୍ୟ ଶ୍ରୀଚନ୍ଦନ କହିଥିଲେ । ମାଟି ଆମ ମା'ଠାରୁ ମଧ୍ୟ ବଳିୟାନ । ସେହିଭଳି ମୃତ୍ତିକାକୁ ସୁସ୍ଥ ରଖିବା ହିଁ ଉତ୍ତମ ଫସଲ ପାଇବାର ମୂଳ ମନ୍ତ୍ର ବୋଲି କହିଥିଲେ । ମୃତ୍ତିକାର ସ୍ୱାସ୍ଥ୍ୟକୁ ଠିକ ରଖି ସେଥିରୁ ଅଧିକ ଅମଳ ପାଇବାକୁ ହେଲେ ମାଟି ପରୀକ୍ଷା କରିବା ଜରୁରୀ। ପ୍ରତି ୨-୩ବର୍ଷରେ ମାଟିର ସ୍ୱାସ୍ଥ୍ୟ ପରୀକ୍ଷା କରିବା, ମାଟି ପରୀକ୍ଷାର ଫଳାଫଳ ଅନୁଯାୟୀ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଜରିଆରେ ଫସଲ ଚାଷ ନିମିତ୍ତ ଖତସାର, ଜୈବସାର ବ୍ୟବହାର କରିବାକୁ ବୈଜ୍ଞାନିକମାନେ ପରାମର୍ଶ କରିଥିଲେ। ଏହି ଅବସରରେ ୧୦ଜଣ ଚାଷୀଙ୍କୁ ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରାଯାଇଥିଲା । କୃଷି କ୍ଷେତ୍ରରେ ଉଲ୍ଲେଖନୀୟ କୃତୀତ୍ୱ ସକାଶେ ୪ଜଣ ଚାଷୀ ଆମୋଦିର ନରସିଂ ନାଏକ, ଗୋତମାର ଖିରାଜିନି ସାହୁ, ସାଲିହାର ମନୁଲାଲ ସାହୁ, ଚୁହରୀର ରୋହିତ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ଚାଷୀମାନଙ୍କ ଅବଗତି ସକାଶେ କୃଷି ବିଭାଗ ତରଫରୁ ବିଭିନ୍ନ ଷ୍ଟଲମାନଙ୍କରେ କୃଷି ସଂକ୍ରାନ୍ତୀୟ ସରଞ୍ଜାମ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୃତ୍ତିକା ବିଶେଷଜ୍ଞ ରାକେଶ ପାଣ୍ଡେ, ଉଦ୍ୟାନ ବିଭାଗରୁ ହୃଦାନନ୍ଦ ସୁନା, କେଭିକେରୁ ଲଖନଲାଲ ମୀନା, ବିଦ୍ୟାଧର ଟୁଡୁ, ଜଗନ୍ନାଥ ସେନାପତି, ନରେନ୍ଦ୍ର କୁମାର ମିଶ୍ର, ଅଙ୍କିତା ପ୍ରିୟଦର୍ଶୀନି ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।




ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

**ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ**

- ମା'ଠାରୁ ବଳିୟାନ ଆମ ମାଟି ମା'
- ୪ଜଣ କୃଷକ ସମ୍ମାନିତ

# ଏକଲବ୍ୟରେ ୬ଷ୍ଠ କ୍ରୀଡ଼ା ମହୋତ୍ସବ ଆରମ୍ଭ

**ନୂଆପଡା ଅଫିସ,୫।୧୨**

ସ୍ଥାନୀୟ ଏକଲବ୍ୟା ଆଦର୍ଶ ବିଦ୍ୟାଳୟର ୬ଷ୍ଠ ବାର୍ଷିକ କ୍ରୀଡା ମହୋତ୍ସବ ଆରମ୍ଭ ହୋଇଯାଇଛି । ବୁଧବାର ପୂର୍ବାହ୍ନ ୧୧ଟାରେ ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷ ଅମ୍ବିକା ପ୍ରସାଦ ପାଢୀ ସଭାପତିତ୍ୱ କରିଥିବା ବେଳେ ଜିଲା କ୍ରୀଡାଧିକାରୀ ଅଜୟ କୁମାର ପଟ୍ଟନାୟକ ମୁଖ୍ୟଅତିଥି, ୱେସ୍କୋ ନିର୍ବାହୀ ଯନ୍ତ୍ରୀ ଶୀଳାଭଦ୍ର ଅନୁପମ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ଶିବାନନ୍ଦ ରାଉତରାୟ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ପଟ୍ଟନାୟକ ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଖେଳକୁ ଖେଳାଳି ମନୋଭାବ ରଖି ଖେଳିବାକୁ ମୁଖ୍ୟଅତିଥି ପରାମର୍ଶ କରିଥିଲେ । ଏଥିରେ ବିଦ୍ୟାଳୟର ମୋଟ ୪ଶହ ଛାତ୍ରୀଛାତ୍ର ଭାଗ ନେଇଛନ୍ତି । ଏହା ଦୁଇ ଦିନ ଧରି ଚାଲିବ । କାର୍ଯ୍ୟକ୍ରମରେ ପଙ୍କଜ ଶୁକ୍ଳା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣ ଚନ୍ଦ୍ର, ବି.କେ. ରଶ୍ମୀତା, ଏସ. ଷଡଙ୍ଗୀ, ଆର. ମିଶ୍ର ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ପର୍ବବର୍ଷର ଚାମ୍ପିୟନ ଛାତ୍ର ରୁକଦେଓ ବିଶ୍ୱାଳ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଖେଳାଳିମାନେ ବିଭିନ୍ନ ଖେଳ ପ୍ରଦର୍ଶନ କରୁଛନ୍ତି ।

# ଧାନମଣ୍ଡି ଉଦ୍‌ଘାଟିତ

**ବୋଡେନ,୫।୧୨(ଡି.ଏନ.ଏ.)**

ବୋଡେନ ବ୍ଲକର ସାପ୍ତାହିକ ବଜାରଠାରେ ଥିବା ଆରଏମସି ପରିସରରେ ବୁଧବାର ଧାନମଣ୍ଡି କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ସେବା ସମବାୟ ସମିତିର ସଭାପତି ଲଛମନ ମାଝିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ଏହି କାର୍ଯ୍ୟକ୍ରମ । ସମ୍ପାଦକ ପ୍ରଜାପତି ବାଗ, ଆରଏମସି ଷ୍ଟାମ୍ପ ଆଲୋକ ରଞ୍ଜନ ବେହେରା, ଡାଇରେକ୍ଟର ସୁଗ୍ରିବ ଦଣ୍ଡସେନା, ଧନୁରଧର ବାଗ, ବିପିନ ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମ ଦିନରେ ୯ଜଣ ଚାଷୀଙ୍କଠାରୁ ୩୬୭,୯୭ କୁଇଣ୍ଟାଲ ଧାନ ବିକ୍ରି କରାଯାଇଥିଲା । ଏହି ମଣ୍ଡିରେ ତାରା ତାରିଣୀ ରାଇସମିଲ ପଦ୍ମପୁର ମିଲର୍ସ ରହିଥିଲେ ।

# ଅଭିନବ ଭାବେ ଫଟୋ ଭାଇରାଲ

**ଜୁନାଗଡ,୫।୧୨ (ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ ସହରରେ ଜଣେ ବିବାହିତା ମହିଳା ସହ ଜଣେ ଯୁବକଙ୍କ ଅନ୍ତରଙ୍ଗ ଫଟୋ ଭାଇରାଲ ହୋଇଛି। ତେବେ ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର ନ କରି ଏହି ଫଟୋ ଭାଇରାଲ ହୋଇଥିବା ଜୁନାଗଡରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଘଟଣାରୁ ପ୍ରକାଶ ସ୍ଥାନୀୟ ଅଞ୍ଚଳର ଜଣେ ବିବାହିତା ମହିଳା ତାଙ୍କ ବାପ ଘର ଗାଁରେ ଜଣେ ଅବିବାହିତ ଯୁବକ ସହିତ କିଛି ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଉତ୍ତୋଳନ କରିଥିଲେ। ତେବେ ପରେ କୌଣସି କାରଣ ବଶତଃ ଯୁବକ ଜଣକ ଉକ୍ତ ଫଟୋକୁ ଭାଇରାଲ କରି ମହିଳାଙ୍କୁ ବ୍ଲାକମେଲ କରିବା ଉଦ୍ଦେଶ୍ୟ ରଖି ଥିବା ସନ୍ଦେହ କରାଯାଇଛି। ଦୁଇ ଜଣ ଯୁବକ ଜଣକ ରାତି ପ୍ରାୟ ୧୨ଟାରେ ଜୁନାଗଡ ସହରକୁ ଆସି ଏ୪ ସାଇଜ ପେପରରେ ୪ଟି ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋକୁ ଛପାଇ ବିଭିନ୍ନ ଜନଗହଳିପୂର୍ଣ୍ଣ ଛକ ଓ ପଡା ମଧ୍ୟରେ ୩୦ରୁ ୫୦ କପି ଫଟୋ ଫିଙ୍ଗିଥିଲେ। ସ୍ଥାନୀୟ ଲୋକେ ସକାଳେ ପ୍ରାତଭ୍ରମଣ ଯିବା ବେଳେ ତହସିଲ ଛକ, ରେଲୱେ ଛକ, ଲକ୍ଷ୍ମୀସାଗରପଡା, ଗୋଡିପଡା, ଗନ୍ତାୟତପଡାରେ ଫଟୋ ବିଛେଇ ହୋଇ ପଡିଥିବା ଦେଖିଥିଲେ। ଏଭଳି ଉପାୟ ଅବଲମ୍ବନ କରି ଫଟୋ ଭାଇରାଲ ଚର୍ଚ୍ଚାର ବିଷୟ ପାଲଟିଛି । ଫଟୋରେ ଚିହ୍ନିତ ମହିଳା କିମ୍ବା ପୁରୁଷ ପକ୍ଷରୁ କୌଣସି ଅଭିଯୋଗ ଥାନାକୁ ଆସି ନ ଥିବା ଜୁନାଗଡ ଆଇଆଇସି ରାଜେନ୍ଦ୍ର କୁମାର ଦେହୁରୀ କହିଛନ୍ତି।

# ଆତ୍ମରକ୍ଷା ପ୍ରଶିକ୍ଷଣ ତାଲିମ ଶିବିର ଉଦ୍‌ଘାଟିତ

**ସିନାପାଲି,୫।୧୨(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟରେ ମହିଳା ଆତ୍ମରକ୍ଷା ପ୍ରଶିକ୍ଷଣ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧକ୍ଷ ଜନ୍ମେଜୟ ସେଠିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ଶିବିରରେ ସିନାପାଲି ବ୍ଲକ ଅଧକ୍ଷା ତପସ୍ୱିନୀ ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବା ବେଳେ କଲେଜ ସମ୍ପାଦକ ଜୟପାଳ ବାଗ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଇଂରାଜୀ ଅଧାପକ ପୂର୍ଣ୍ଣଚନ୍ଦ୍ର ଭୋଇ ଏବଂ ଇତିହାସ ଅଧାପକ ଉମ୍ବରୁଧର ଶବର ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଅଧକ୍ଷ ସେଠିଆ ସାମ୍ପ୍ରତିକ ମହିଳାମାନଙ୍କ ସାମାଜିକ ସ୍ଥିତି ଏବଂ ଆତ୍ମରକ୍ଷା ତାଲିମର ଗୁରୁତ୍ୱ ବିଷୟରେ ଅଭିଭାଷଣ ରଖିଥିଲେ । ଚଳିତ ମାସ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଶିବିରରେ ମାଷ୍ଟର ଟ୍ରେନର ମୌସୁମୀ ଜଗତ କଲେଜ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ଶିଖାଉଛନ୍ତି ।

# ଜୁନାଗଡ଼ ଷ୍ଟେଶନରୁ ସ୍ୱାଭାବିକ ହେଲା ଚାଉଳ ପରିବହନ



ସ୍ୱାଭାବିକ ହେବାପରେ ଟ୍ରକଗୁଡିକ ଲାଗିଛି ।

**ଜୁନାଗଡ,୫।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ଷ୍ଟେଶନରୁ ମାଲବାହୀ ଟ୍ରେନ ଯୋଗେ ଗତ ଜୁନ ମାସଠାରୁ ଚାଉଳ ପରିବହନ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ଏହାର କିଛି ଦିନ ପରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ରେଳ ଲାଇନକୁ ଲାଗି ରହିଥିବା କଂକ୍ରିଟ ରାସ୍ତା କଡର ମାଟି ଅତଡାଗୁଡିକ ଖସିଯିବାରୁ ରାସ୍ତା ଦବି ଯିବା ସହ ଭାଙ୍ଗିଯାଇଥିଲା। ଫଳରେ ଉକ୍ତ ରାସ୍ତା ଦେଇ ଟ୍ରକ ଗୁଡିକ ଯାତାୟାତ କରି ନ ପାରି ଚାଉଳ ପରିବହନ କାର୍ଯ୍ୟ ବନ୍ଦ ରହିଥିଲା। ଯୁଦ୍ଧକାଳୀନ ଭିତ୍ତିରେ ଏହି ରାସ୍ତା ମରାମତି କରାଯିବା ପରେ ଏବେ ଚାଉଳ ପରିବହନ ସ୍ୱାଭାବିକ ହୋଇଛି। ଯାହାକୁ ନେଇ ଏବେ କାର୍ଯ୍ୟରତ ଶ୍ରମିକ, ଟ୍ରକ ମାଲିକ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।

# ପ୍ରବୋଧ ରଥ ଇଜେଡସିସି ପାଇଁ ମନୋନୀତ

**ଭବାନୀପାଟଣା, ୫।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲାର ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ, ମଞ୍ଚ ଅଭିନେତା ତଥା ସଙ୍ଗଠକ ପ୍ରବୋଧ ରଥ ଇଜେଡସିସି (ଇଷ୍ଟରଜରନାଲ କଲଚରାଲ କାଉନସିଲ)ର କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି । ଏହା ଜଣାପଡ଼ିବା ପରେ ଜିଲାର କଳାପ୍ରେମୀ ଓ ଅନ୍ୟମାନଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଏହା ପୂର୍ବରୁ ରଥ ଓଡିଶା ସଙ୍ଗୀତ ନାଟକ ଏକାଡେମୀ କାର୍ଯ୍ୟାରୀ ସଦସ୍ୟ ଭାବେ ରହି ନିଜର ଭୂମିକା ସୂଚାରୁ ରୂପେ ତୁଲାଇଛନ୍ତି । ରଥ ଏ ପଦବୀରେ ମନୋନୀତ ହୋଇଥିବାରୁ ମହାବୀର ସାଂସ୍କୃତିକ ଅନୁଷ୍ଠାନ ସଭାପତି ଜୟନ୍ତ କୁମାର ବେହେରା, ସତ୍ୟନାରାୟଣ ସେଠି, କଳାହାଣ୍ଡି ଲେଖକ କଳା ପରିଷଦର ସଭାପତି ଉମେଶ ପଣ୍ଡା, ସୁଶାନ୍ତ ମହାପାତ୍ର, ଅକ୍ଷୟ ଦାସ, ନାଟ୍ୟ ନିର୍ଦ୍ଦେଶକ ପ୍ରଦୀପ ଡି ମାଝି, ପରମେଶ୍ୱର ମୁଣ୍ଡ, ସୁଧୀର ରଥ, ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ରଥ କଳାଳାଣ୍ଡି ଓଡିଶାର ମଞ୍ଚ ନାଟକର ଉନ୍ନତି ପାଇଁ ଅହରହ ଉଦ୍ୟମ ଜାରି ରଖିଛନ୍ତି ।


ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.

ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
O/o Sr. General Manager Construction, Zone-II, Sambalpur
At-132/33 Kv Grid S/S, Ganesh Nagar, Bhoidar Nuapali, PO- Sankarma, Sambalpur-7680006
Telephone : (0663) 2540039, Email : sgm.con2.sbp@optcl.co.in

No /SGM(TP&C)/Publication/Gaz/ 2526 Date : 04.12.2018

NOTIFICATION

In accordance with section- 164 of Indian Electricity Act., 2003 and in exercise of the power conferred upon OPTCL vide Department of Energy, Government of Odisha Order No. 2353-R&R-II-10.2006,dated the 9th March 2006 , the following transmission scheme which are intended to be undertaken by the Odisha Power Transmission Corporation Limited for execution are published for general information. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager, Construction Zonal Office-II, OPTCL, Sambalpur-768006 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), as mentioned against the work on any working day during office hours.

| Sl. No. | Name of the Work & Scope | Name of the village in which the line will pas | Tentative estimated amount | Name of the Executive Engineer to be contacted | Perceived benefit that may accrue. |
|---|---|---|---|---|---|
| 01 | Construction of 132KVLILO from existing 132KV DC Budhipadar- Tarkera line (Ckt-II) and construction of 220KV LILO from existing 220KV DC Budhipadar-Tarkera line (Ckt- II) both in 220KV Multicircuit tower tp proposed 220/132/33KV Grid S/s Bamra (Total length of ine: 7.409 Kms) | **Tehsil:-** Bamra **R.I.Circle:-** Govindpur (Bamra) **Revenue Village:** Bamphei, Gurla, Baunsalaga, Govindpur Town Unit No. 02 (Dumermunda Bada) | Rs. 15 crores (Approx.) | Deputy General Manager (Elect.), EHT (Construction) Division, Jharsuguda. | To develope quality power supply in & around areas of Bamra |

Sd./- Chief General Manager (Const.), Zone-II, OPTCL, Sambalpur



ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.

ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
O/o Sr. General Manager Construction, Zone-II, Sambalpur
At-132/33 Kv Grid S/S, Ganesh Nagar, Bhoidar Nuapali, PO- Sankarma, Sambalpur-7680006
Telephone : (0663) 2540039, Email : sgm.con2.sbp@optcl.co.in

No /SGM(TP&C)/Publication/Gaz/ 2527 Date : 04.12.2018

NOTIFICATION

In accordance with section- 164 of Indian Electricity Act., 2003 and in exercise of the power conferred upon OPTCL vide Department of Energy, Government of Odisha Order No. 2353-R&R-II-10.2006,dated the 9th March 2006 , the following transmission scheme which are intended to be undertaken by the Odisha Power Transmission Corporation Limited for execution are published for general information. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager, Construction Zonal Office-II, OPTCL, Sambalpur-768006 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), as mentioned against the work on any working day during office hours.

| Sl. No. | Name of the Work & Scope | Name of the village in which the line will pass | Tentative esti-mated amount | Name of the Executive Engineer to be contacted | Perceived benefit that may accrue. |
|---|---|---|---|---|---|
| 01 | Construction of 132KVD/C (4 Conductor) line from proposed 220/132/33KV Grid S/s Bamra to Proposed RTSS Dhutra (Total length of ine: 38.338 Kms)) | **Tehsil;-** Bamra, **R.I.Circle:-** Govindpur (Bamra) **Revenue Village:** Govindpur Town Unit No. 02 (Dumermunda Bada), Mithupada, Govindpur Town Unit No. 01 . **Tehsil:-** Sundargarh **R.I.Circle:-** Kulta., **Revenue Village:** Kaputikira, Kulta, Phiringi Bahal, Kheria kani. **Tehsil:-** Sundargarh R.I.CircIe:- Majhapara **Revenue Village:** Dharuadihi, Budelkani, Suanmal, Ledhimanga,, **Tehsil:-** Kirmira, **R.I.Circle:-** Jharmunda. **Revenue Village:** Jharmunda, Handatupa, Teladihi. **Tehsil:-** Kirmira, **R.I.Circle:-** Bandhapali. **Revenue Village:** Tumbadihi, Sarasmal, Kadobahal, Panpali, Aghria, Bagdihi, Jharmal, Bhalupatra, Bandhpali, Bhursimal, Sialrama, Siarmal, Thakurpada **Tehsil :** Kirmira, **R.I.Circle -** Kirmira, **Revenue Village :** Bidmal **Tehsil :** Kirmira, **R.I.Circle :** Arda, **Revenue Village :** Arda, Saraspali, Dhutura | Rs 15.5 crores (Approx.) | Deputy General Manager (Elect.), EHT (Const-ruction) Division, Jharsuguda. | To develope quality power supply RTSS Garposh |

Sd./- Chief General Manager (Const.), Zone-II, OPTCL, Sambalpur



ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.

ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
O/o Sr. General Manager Construction, Zone-II, Sambalpur
At-132/33 Kv Grid S/S, Ganesh Nagar, Bhoidar Nuapali, PO- Sankarma, Sambalpur-7680006
Telephone : (0663) 2540039, Email : sgm.con2.sbp@optcl.co.in

No /SGM(TP&C)/Publication/Gaz/ 2528 Date : 04.12.2018

NOTIFICATION

In accordance with section- 164 of Indian Electricity Act., 2003 and in exercise of the power conferred upon OPTCL vide Department of Energy, Government of Odisha Order No. 2353-R&R-II-10.2006,dated the 9th March 2006 , the following transmission scheme which are intended to be undertaken by the Odisha Power Transmission Corporation Limited for execution are published for general information. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager, Construction Zonal Office-II, OPTCL, Sambalpur-768006 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), as mentioned against the work on any working day during office hours.

| Sl. No. | Name of the Work & Scope | Name of the village in which the line will pass | Tentative estimated amount | Name of the Executive Engineer to be contacted | Perceived benefit that may accrue. |
|---|---|---|---|---|---|
| 01 | Construction of 132KV D/C (4 Conductor) line from proposed 220/132/33KV Grid S/s Bamra to existing RTSS Bamra (Total length of ine: 1.794Kms)) | **Tehsil:-** Bamra **R.I.Circle** :- Govindpur (Bamra) **Revenue Village:** Govindpur Town Unit No. 02 (Dumermunda Bada) | Rs. 1 crore (Approx.) | Deputy General Manager (Elect.), EHT (Construction) Division, Jharsuguda. | To develope quality power supply RTSS Bamra |

Sd./- Chief General Manager (Const.), Zone-II, OPTCL, Sambalpur



ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.

ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
O/o Sr. General Manager Construction, Zone-II, Sambalpur
At-132/33 Kv Grid S/S, Ganesh Nagar, Bhoidar Nuapali, PO- Sankarma, Sambalpur-7680006
Telephone : (0663) 2540039, Email : sgm.con2.sbp@optcl.co.in

No /SGM(TP&C)/Publication/Gaz/ 2529 Date : 04.12.2018

NOTIFICATION

In accordance with section- 164 of Indian Electricity Act., 2003 and in exercise of the power conferred upon OPTCL vide Department of Energy, Government of Odisha Order No. 2353-R&R-II-10.2006,dated the 9th March 2006 , the following transmission scheme which are intended to be undertaken by the Odisha Power Transmission Corporation Limited for execution are published for general information. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager, Construction Zonal Office-II, OPTCL, Sambalpur-768006 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), as mentioned against the work on any working day during office hours.

| Sl. No. | Name of the Work & Scope | Name of the village in which the line will pass | Tentative estimated amount | Name of the Executive Engineer to be contacted | Perceived benefit that may accrue. |
|---|---|---|---|---|---|
| 01 | Construction of 132KV D/C (4 Conductor) line from proposed 220/132/3 3KV Grid S/s Bamra to Proposed RTSS Garposh (Total length of ine: 18.424Kms)) | **Tehsil:-** Bamra **R.I.Circle:-** Govindpur (Bamra) **Revenue Village:** Govindpur Town Unit No. 02 (Dumermunda Bada), Baunsalaga, Nuian munda, Kechupani, Baragada, Bhagapada, Uchhuka pat, Lolobiera. **R.I.Circle:-** Garposh. Revenue Village: Titiripashi, Mahulachhapala, Pindapathara, Garposh, Dehuripada, Bada Phiringi, bahal, Bundukamala, Manapali, Dehuri Pada. | Rs 8.37 crores (Approx.) | Deputy General Manager (Elect.), EHT (Constructio n) Division, Jharsuguda. | To develope quality power supply RTSS Garposh |

Sd./- Chief General Manager (Const.), Zone-II, OPTCL, Sambalpur